



# ଗୁରୁ ପ୍ରାର୍ଥନା ମଞ୍ଜରୀ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,
ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

---

ଅନୁବାଦକ : **ରଘୁନାଥ ମାନସିଂହ**

---






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 110/-

# ଯୋଗୀଶ୍ୱରଙ୍କ ଗୃଞଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ !!
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ !!
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଦ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଗୁର୍ତିମ୍ପବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାତ୍କାଲିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୂତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଚମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଚ୍ଚତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୁ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିଯୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ଯୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୁବୁ-ପ୍ରଭୁତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୁଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଙ୍କତଲା)
୧୨୧. ଜ୍ଞାନମୁ କଵ୍ୱା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା !!
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

# ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଗୃଞ୍ଜଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୃଷ୍ଟଶକ୍ତିମାନେ ଭୟରେ ଗ୍ଲଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୂପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | | ପୃଷ୍ଠାଙ୍କ |
|---|---|---|---|
| 1. | ଗୁରୁ ପ୍ରାର୍ଥନା ମଞ୍ଜରୀ | – | 11 |
| 2. | ଗୁରୁ କିଏ ? | – | 21 |
| 3. | ଗୁରୁଙ୍କ ବାବଦରେ ବଡମାନେ କଅଣ କହିଛନ୍ତି ? | – | 27 |
| 4. | ଶ୍ରୀ ସଦ୍ଗୁରୁ ପାଦୁକା ସ୍ତବ | – | 30 |
| 5. | ଗୁରୁସ୍ତୋତ୍ର | – | 36 |
| 6. | ଗୁରୁଜ୍ଞାନକୁ ପ୍ରଜାମାନେ ଚିହ୍ନି ପାରନ୍ତି ? | – | 39 |
| 7. | ଗୁରୁଙ୍କୁ ମଣିଷ ସମ୍ମାନ ଦିଏ ? | – | 41 |
| 8. | ଗୁରୁଙ୍କ ଉପରେ ବୈରଭାବ ରଖୁଥିବା | – | 43 |
| 9. | ଗୁରୁ ଜଙ୍ଗଲରେ ରହନ୍ତି କି ଗାଆଁରେ ରହନ୍ତି ? | – | 50 |
| 10. | ଗୁରୁଙ୍କର ଶିଷ୍ୟମାନେ ଥାଆନ୍ତି ? | – | 53 |
| 11. | ଗୁରୁଙ୍କର ମାହାତ୍ମ୍ୟ ଥାଏ ? | – | 56 |
| 12. | ଗୁରୁ ରୋଗରେ ପଡନ୍ତି ? | – | 59 |
| 13. | କ'ଣ ଗୁରୁଙ୍କୁ କେହି ଚିହ୍ନି ପାରନ୍ତି ନାହିଁ ? | – | 61 |
| 14. | କଣ ଗୁରୁ ସମସ୍ତଙ୍କ ଭଳି ମୃତ୍ୟୁବରଣ କରନ୍ତି ? | – | 63 |
| 15. | ଗୁରୁ ପୌର୍ଣ୍ଣମି (ପୂର୍ଣ୍ଣିମା) | – | 67 |
| 16. | ଗୁରୁ – ପୌର୍ଣ୍ଣମି (ପୂର୍ଣ୍ଣିମା) | – | 71 |
| 17. | ଗୁରୁ | – | 81 |
| 18. | ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା | – | 90 |
| 19. | ମୋର ଶେଷକଥା | – | 101 |
| 20. | ଗୁରୁ ପ୍ରାର୍ଥନା ଶ୍ଳୋକ | – | 115 |
| 21. | ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ ! ! | – | 121 |

ଆଜିର ସମାଜ ଏବଂ ଗତ ପଚାଶବର୍ଷ ତଳର ସମାଜକୁ ଟିକିଏ ଅନୁଧ୍ୟାନ କଲେ, ଗୋଟିଏ ଦିଗରେ ପ୍ରପଞ୍ଚ ପଦ୍ଧତି (ଭୌତିକ ପଦ୍ଧତି)ରେ ହେଉ, ଅନ୍ୟ ଦିଗରେ ଐଶ୍ୱରୀୟ ପଦ୍ଧତିରେ ହେଉ ଅଗଣନୀୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପ୍ରପଞ୍ଚ ପଦ୍ଧତିରେ ଦେଖିଲେ ଆଧୁନିକ ଚଳଣି ସହିତ ମାନବ ଜୀବନରେ ଅନେକ ପ୍ରକାରର ଉପକରଣ, ଯନ୍ତ୍ରପାତି ଇତ୍ୟାଦି ସ୍ଥାନ ସଂରକ୍ଷଣ କରି ମାନବଜୀବନକୁ ସୁଖମୟ କରୁଛି, ଏହା ନିଃସନ୍ଦେହରେ କହିହୁଏ । ଉନ୍ନତ ବିଦ୍ୟା, ଅତ୍ୟାଧୁନିକ ଯନ୍ତ୍ରପାତି, ବେଗଗାମୀ ବାହାନ, ଅତ୍ୟୁନ୍ନତ ଗବେଷଣା, ଭୟଙ୍କର ମାରଣାସ୍ତ୍ର ଇତ୍ୟାତି ମାନବ ଜୀବନକୁ କେତେ ଉନ୍ନତ ସ୍ଥିତିକୁ ନେଇଯାଇଛି ତାହା ସମସ୍ତେ ଜାଣନ୍ତି । ପ୍ରପଞ୍ଚ ଦିଗରେ କେବଳ ଗତ ପଚାଶ ବର୍ଷ ଭିତରେ ଅତ୍ୟୁନ୍ନତ ସ୍ଥିତିରେ ପହଞ୍ଚିଥିବା ଭଳି ଦେଖାଯାଉଥିବା ମାନବ, ଅନ୍ୟ ଦିଗରେ ଥିବା ଐଶ୍ୱରୀୟ ପଦ୍ଧତି ବା ଆଧ୍ୟାତ୍ମିକରେ ଖୁବ୍ ପଛରେ ପଡିଯାଇଛି ବୋଲି ସ୍ପଷ୍ଟ ଜଣାଯାଏ । ଅର୍ଦ୍ଧଶତାବ୍ଦୀ ପଛୁଆ କାଳରେ ମଣିଷର ଥିବା ତତ୍ତ୍ୱଭାବ, ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ଈଶ୍ୱର ବିଶ୍ୱାସ ଆଜି ନଥିବା ଜଣାଯାଏ । ପ୍ରାପଞ୍ଚିକ ସ୍ତରରେ ଅତିଉଚ୍ଚରେ ଥିବା ମାନବ ଐଶ୍ୱରୀୟ ସ୍ତରରେ ଅତି ନିମ୍ନକୁ ଚାଲିଯାଇଛି, ଏହା ଆମ ଉଦ୍ଦେଶ୍ୟ ହୋଇଥିବାବେଳେ ଆଉକେତେକ କହନ୍ତି ଯେ, ମଣିଷ ଆଧୁନିକତାର ଚରମ ସୀମାରେ ପହଞ୍ଚିଛି ସତ, ହେଲେ ଐଶ୍ୱରୀୟମାର୍ଗରେ ମଣିଷ ପଛରେ ପଡିଯାଇଛି କହିବା କଥାକୁ ଆମେ ସ୍ୱୀକାର କରିବୁ ନାହିଁ । ଆହୁରି କହନ୍ତି ଯେ, ପୂର୍ବେ କେତେକ ଗାଆଁରେ ଗୋଟିଏ ରାମମନ୍ଦିର କିମ୍ବା ହନୁମାନ ମନ୍ଦିର ଥିଲା, କେତେକ ଗାଆଁରେ ନଥିଲା, କିନ୍ତୁ ଆଜି ପ୍ରତ୍ୟେକ ସହରରେ, ଗାଆଁରେ ସାଇବାବା ମନ୍ଦିର, ଶିବ ମନ୍ଦିର, ଦେବୀ ମନ୍ଦିର ଇତ୍ୟାଦି ଅନେକ ପ୍ରକାରର ମନ୍ଦିର ଦେଖାଯିବା ସହିତ ଅନେକ ନୂଆ ନୂଆ

ଦେବାଦେବୀଙ୍କ ମନ୍ଦିର ମଧ୍ୟ ତିଆରି ହୋଇଗଲାଣି । ଅନେକ ପୁରୁଣା ମନ୍ଦିରର ଉଦ୍ଧାର ମଧ୍ୟ ହେଲାଣି, ତେଣୁ କହି ପାରିବା ଯେ, ପୂର୍ବ ଅପେକ୍ଷା ଅଧିକ ମନ୍ଦିର, ନାନା ପ୍ରକାରର ପୂଜା ଇତ୍ୟାଦି ଆଜି ହେଉଛି । ତା'ଛଡା ଭକ୍ତିବିଧିକୁ ଆଜି ଅନେକ ସ୍ୱାମିଜୀମାନେ ମଣିଷକୁ ଜଣାଉଛନ୍ତି । ଆଜି ନାନା ମନ୍ଦିର, ନାନା ଦେବତାମାନଙ୍କ ଆରାଧନା, ସ୍ୱାମିଜୀମାନଙ୍କ ବାଣୀବୋଧ ଆଉ କେତେକେଉଁ ବାବାମାନଙ୍କର ଭକ୍ତିଚେତନା ସମାଜରେ ଦେଖାଦେବା ବେଳେ ଆପଣ କିପରି କହୁଛନ୍ତି ଯେ, ମଣିଷ ଦୈବମାର୍ଗରେ ପଛରେ ପଡିଯାଇଛି ? ଏଭଳି ପ୍ରଶ୍ନ ଆମକୁ ପଚାରିବା ବେଳେ ତା'ର ସମାଧାନ ହେଉଛି ! ଆଜି ନାନା ମନ୍ଦିର, ନାନା ଦେବତା, ଦେବାଳୟ, ଅନେକ ବାବା,ଅନେକ ସ୍ୱାମିଜୀମାନେ ସମାଜରେ ବଢିଯାଇଛନ୍ତି,ତାହା ସତକଥା । ଆଜି ମନ୍ଦିରମାନଙ୍କରେ ନାନା ପ୍ରକାରର ପୂଜା ଆରାଧନା ହେଉଛି ତାହା ମଧ୍ୟ ସତକଥା, କିନ୍ତୁ ମଣିଷ ଐଶ୍ୱରୀୟମାର୍ଗରେ ପଛରେ ପଡି ନାହିଁ, ଯେମିତି ଭୌତିକ ଅଭିବୃଦ୍ଧି କରିଛି ସେମିତି ଦୈବମାର୍ଗରେ ମଧ୍ୟ ଅଭିବୃଦ୍ଧି କରିଛି ବୋଲି କହିବା ଅସତ୍ୟ ବୋଲି ଆମେ କହୁଛୁ । କାରଣ ! କେତେକ ବିଷୟ ଉପରକୁ ସତ୍ୟ ବୋଲି ଲାଗୁଥିଲେ ମଧ୍ୟ ତାହା ସତ୍ୟ ଭାବିବା ମଧ୍ୟ ଭୂଲ୍ ହୋଇଥାଏ । ମରୀଚିକାକୁ ଦେଖି ସେଠାରେ କେତେ ପାଣି ଅଛି ଭାବି ଦୌଡିଲେ ମଧ୍ୟ ପାଖକୁ ଯାଇ ଦେଖିଲେ, ସେଠାରେ ପାଣି ଟୋପାଏ ମଧ୍ୟ ମିଳି ନଥାଏ । ଅଧୁନାତନ ଉପକରଣରେ, ଅତ୍ୟୁନତ ଯନ୍ତ୍ରପାତିରେ, ଯାନ ବାହାନରେ, ବୈଦ୍ୟ, ବିଦ୍ୟା ଇତ୍ୟାଦିରେ ମାନବର ଜୀବନ ସୁଖମୟ ହୋଇଥିବା ଭଳି ଦେଖାଗଲେ ମଧ୍ୟ, ମରୀଚିକା ଭଳି ମଣିଷ ଜୀବନରେ ସେତେବେଳ ଭଳି ଆଉ ସୁଖ ନାହିଁ । ସେହିଭଳି ନାନା ମନ୍ଦିର, ସ୍ୱାମିଜୀ, ବାବାଜୀ, ଆରାଧନା, ଅର୍ଚ୍ଚନା ଇତ୍ୟାଦି ସ୍ଥାନପାଇ ଆଧ୍ୟାତ୍ମିକ ଅତ୍ୟୁନ୍ନତ ଦେଖାଗଲେ ମଧ୍ୟ ବାସ୍ତବ ଆଧ୍ୟାତ୍ମିକତା ଆଜି ମଣିଷ ଜୀବନରେ ନାହିଁ ।

ମଣିଷର ସୁଖହେଉ, ଆଧ୍ୟାତ୍ମିକ ଚେତନାହେଉ ତାହା ବାହ୍ୟେ ରଙ୍ଗମଞ୍ଚ ସମ୍ବନ୍ଧୀୟ ନୁହେଁ । ତାହା ମଣିଷର ଅନ୍ତର୍ଭାଗ ବିଷୟ ବୋଲି କେହି ଭୂଲିବା ଉଚିତ୍ ନୁହେଁ । ତେଣୁ ମଣିଷର ସୁଖ କିମ୍ବା ଆଧ୍ୟାତ୍ମିକ ଉପର ଦେଖାଣିଆ ନୁହେଁ । ତେଣୁ ବାହ୍ୟ ଦୁନିଆରେ ନାନା ଯନ୍ତ୍ରପାତି, ନାନା ବେଗଗାମୀ ଯାନ ବାହାନ, ରାସାୟନିକ ଔଷଧ ଇତ୍ୟାଦି ଥିଲେ ମଧ୍ୟ ମଣିଷ ତାଦ୍ୱାରା ସୁଖ ଭୋଗ କରୁଛି ବୋଲି କହି ପାରିବା ନାହିଁ । ବାସ୍ତବରେ ଆଜି ସେସବୁ ଉପରକୁ ଦେଖାଯାଉଥିବା ସୁଖ ସାମଗ୍ରୀ ହେଲେ ମଧ୍ୟ, ମଣିଷ ତା'ଭିତରେ ନାନା ଅସଂତୃପ୍ତିରେ କାଳାତିପାତ କରୁଛି । ସେହିଭଳି ଆଜି ବାହାରକୁ ଦେଖାଯାଉଥିବା ଭକ୍ତିମାର୍ଗ ଅନେକ ଥିଲେ ହେଁ, ମଣିଷର ଭିତରେ ଆଧ୍ୟାତ୍ମିକତା ନାହିଁ ବୋଲି କହି ପାରିବା । ଆପଣ ଏଇଠାରେ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା ହେଲା ! ଉପରେ ମଣିଷ ସମାଜର ଅନେକ ଅଭିବୃଦ୍ଧି ଘଟିଛି, ମଣିଷର ସୁଖ ସାମଗ୍ରୀ, ନାନା ଯନ୍ତ୍ରପାତି, କଳ କାରଖାନା, ଔଷଧାଦିର ଅଭିବୃଦ୍ଧି ଘଟିଛି, କିନ୍ତୁ ଆପଣ କହୁଛନ୍ତି ଏସବୁ ଥିବା ସତ୍ତ୍ୱେ ଜୀବ ଅନ୍ତର୍ଗତଭାବରେ ଅସନ୍ତୃପ୍ତିରେ କାଳ କାଟୁଛି, ହେଲେ କାହିଁକି ? ଭକ୍ତି ମାର୍ଗରେ ଏତେ ମନ୍ଦିର, ଏତେ ଦେବତା ଆରାଧନା, ନାନା ପ୍ରକାରର ପୂଜା, ସ୍ୱାମିଜୀ, ବାବାଜୀମାନଙ୍କର ଭକ୍ତି ପ୍ରେରଣା ଥିଲେ ମଧ୍ୟ ମଣିଷ କାହିଁକି ଆଧ୍ୟାତ୍ମିକରେ ଉନ୍ନତି କରିପାରି ନାହିଁ ? ଏହି ପ୍ରଶ୍ନର ସମାଧାନ ହେଉଛି ! ଦୁନିଆରେ ମଣିଷ କେତେ ଉନ୍ନତି କରିଥିଲେ ମଧ୍ୟ ସେସବୁ ମଣିଷକୁ ଭିତରେ ସେତିକି ଅନୁନ୍ନତ ସ୍ଥିତିରେ ପହଞ୍ଚାଇଛି । ବାହାରର ସ୍ଥିତି ତା'ପାଇଁ ଅତି ଅନୁକୂଳ ହେଲେହେଁ ଭିତରେ ତା'ର କୌଣସି ପ୍ରୟୋଜନ ନାହିଁ । ମଣିଷ ପୂର୍ବ ଅପେକ୍ଷା ଅଧିକ ଚିନ୍ତାରେ ପଡିଛି, ପୂର୍ବରୁ ନଥିବା ଅନେକ ରୋଗ ଅନୁଭବ କରୁଛି । ପୂର୍ବରୁ ଥିବା ଶାନ୍ତି ମଣିଷର ଆଉ ନାହିଁ ବୋଲି ଅନେକ ବୟୋବୃଦ୍ଧମାନେ ସ୍ୱୀକାର କରୁଛନ୍ତି । ଶାସ୍ତ୍ରଜ୍ଞମାନେ କେତେ ନୂଆ ଔଷଧର ଠାବ କରିଥିଲେ

ମଧ୍ୟ ଆଜି ଆସୁଥିବା ନୂଆ ନୂଆ ରୋଗକୁ ତାହା ଭଲ କରିବାରେ ସକ୍ଷମ ହେଉନାହିଁ, ଆଗରୁ ନ ଥିବା ରୋଗ ଆଜି ଆସୁ ନାହିଁ ବୋଲି ମଧ୍ୟ କେହି କହି ପାରିବା ନାହିଁ । ଡାକ୍ତରମାନଙ୍କୁ ଜଣାନଥିବା ଅନେକ ରୋଗ ଆଜି ଆସିଛି ବୋଲି ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ । ପୂର୍ବେ ମଣିଷଠାରେ ନ ଥିବା ମାନସିକ ଆନ୍ଦୋଳନ ଆଜି ରହିଛି । ପୂର୍ବେ ନ ଥିବା ସ୍ୱାର୍ଥ ଆଜି ମଣିଷ ଭିତରେ ରହି ତା'ର ବାହାର ସୁଖ ଥିଲେ ମଧ୍ୟ ଭିତରର ସୁଖକୁ ବିନାଶ କରିଦେଇଛି । ଟିକିଏ ଭଲରେ ବିଚାର କରି ଦେଖିଲେ ଆମେ କହୁଥିବା କଥାକୁ ବିଶ୍ୱାସ କରିବାକୁ ପଡିବ । ଅନ୍ୟମାନଙ୍କ କଥା ଛାଡି ତୋ'କଥା ତୁ ଦେଖିଲେ ସେଦିନ ତୋ'ର ଜେଜେବାପା ପାଦରେ ଚାଲୁଥାଇ ଯେତିକି ସୁଖ ଅନୁଭବ କରୁଥିଲେ ଆଜି ତୁ କାର୍‌ରେ ଯାତ୍ରା କରୁଥିଲେ ମଧ୍ୟ ସେତିକି ସୁଖ ପାଇପାରୁ ନାହୁଁ ବୋଲି କହିପାରିବା । ସେମାନେ ଅନାଗରୀକ କାଳରେ ବା ଆଧୁନିକତା ନଥିବା କାଳରେ ଥିଲେ ମଧ୍ୟ ସେମାନଙ୍କର ରୋଗ ନିରୋଧକ ଶକ୍ତି ଅଧିକ ଥିଲା । ଆଜି ଅନେକ ଉନ୍ନତ ଔଷଧ, ବୈଦ୍ୟବିଦ୍ୟା ଥିଲେ ମଧ୍ୟ ମଣିଷ ତା'ର ରୋଗ ନିରୋଧକ ଶକ୍ତିକୁ ହାରାଇଛି ବୋଲି କହିପାରିବା । ଏସବୁକୁ ଦେଖିଲେ ବାହ୍ୟତଃ ସୁଖ ବଢିଥିଲେ ମଧ୍ୟ ଶରୀର ଭିତରେ ମଣିଷ ଅନେକ ଦୁଃଖ ଅନୁଭବ କରୁଛି ବୋଲି କହିବାକୁ ବାଧ୍ୟ ହେବା ।

ଆଜି ଦୈବଦିଗକୁ ନଜର ଫେରାଇ ଦେଖିଲେ, ପୂର୍ବାପେକ୍ଷା ଆଜି ଆରାଧନା, ଅର୍ଚ୍ଚନାଦି ଅଧିକ ଦେଖାଯାଉଥିଲେ ମଧ୍ୟ, ମଣିଷ ଦୈବ ଦିଗରେ ବା ଈଶ୍ୱରଙ୍କ ଦିଗରେ ଯାଇନପାରି ତାଙ୍କଠାରୁ ଦୂରେଇ ଯାଇଛି, ତାଛଡା ଆଜି ଆଧ୍ୟାତ୍ମିକର ଅର୍ଥ ହିଁ ଅନର୍ଥ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜି ଅନେକ ମନ୍ଦିର ମୁଣ୍ଡଟେକିଛି, ନାନା ଦେବତାମାନଙ୍କର ଆରାଧନା ହେଉଛି, ଦୈବମାର୍ଗର ଭକ୍ତି ବାବଦରେ ବୋଧ କରୁଥିବା ସ୍ୱାମିଜୀମାନେ ଅଧିକ ହେଲେଣି ବୋଲି ଆପଣ ଗୋଟିଏ ଦିଗରେ କହି

ଅନ୍ୟ ଦିଗରେ କହୁଛନ୍ତି ଯେ, ଏସବୁ ଥିବା ସତ୍ତ୍ୱେ ମଣିଷ ନିଶ୍ଚୟ ଆଧ୍ୟାତ୍ମିକରେ ତଳକୁ ଖସିଯାଇଛି ! ଅନେକ ମନ୍ଦିର, ଅନେକ ଦେବତା, ସ୍ୱାମିଜୀମାନେ, ଭକ୍ତମାନେ ଆଜି ବଢିଯାଇଥିଲେ ମଧ୍ୟ ମଣିଷର ଆଧ୍ୟାତ୍ମିକ ଜ୍ଞାନ କାହିଁକି ବଢିପାରି ନାହିଁ ବୋଲି ଅନେକଙ୍କଠାରେ ନିଶ୍ଚୟ ସନ୍ଦେହ ଆସୁଥିବ । ସେହି ସନ୍ଦେହଗୁଡିକର ସମାଧାନକୁ ବିବରଣାତ୍ମକ ଜଣାଇବା ହେଉଛି ଏହି ପୁସ୍ତକର ସାରାଂଶ । ଏହି ସାରାଂଶକୁ ଜାଣିବା ଆଗରୁ ଆମକୁ କେତେଗୋଟି ପ୍ରଶ୍ନ କରିବାକୁ ପଡିବ । ପ୍ରଥମଟି ହେଲା ଭକ୍ତି କଅଣ ? ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ କାହାକୁ କୁହାଯାଏ ? ତୃତୀୟ ପ୍ରଶ୍ନଟି ହେଲା ଗୁରୁ କିଏ ? ମୁଖ୍ୟତଃ ଏଇ ତିନି ପ୍ରଶ୍ନର ସମାଧାନକୁ ଆମେ ଜାଣିଗଲେ ଏହି ପୁସ୍ତକର ସାରାଂଶକୁ ଜାଣିଯିବା ଭଳି ହେବ । ଏବେ ସର୍ବ ପ୍ରଥମେ ଭକ୍ତି ବାବଦରେ ଜାଣିବା ।

ଭକ୍ତି ଶବ୍ଦର ଉପଯୁକ୍ତ ଅର୍ଥ ବିଶ୍ୱାସ ବୋଲି କହି ପାରିବା । ବିଶ୍ୱାସ କହିଲେ ମାନିବା ବୋଲି ମଧ୍ୟ କହି ପାରିବା । ଏଠାରେ ତୁ କାହାକୁ ମାନିବୁ ? ବୋଲି ପ୍ରଶ୍ନକଲେ ପ୍ରତି ମଣିଷ ନଦେଖି ମଧ୍ୟ ଈଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ୍ ବୋଲି ଜଣାପଡୁଛି । ଭୂପୃଷ୍ଠରେ କିଛି ବିଷୟକୁ ଦେଖିବା ପରେ ମାନିବାକୁ ହୋଇଥାଏ, ଆଉକିଛି ବିଷୟ ନଦେଖି ମାନିବାକୁ ହୋଇଥାଏ । ଈଶ୍ୱରଙ୍କ ବିଷୟକୁ ଗଲେ, ତାଙ୍କର ରୂପ, ନାମ ନଥିବାରୁ ତାଙ୍କୁ ନଦେଖି ହିଁ ବିଶ୍ୱାସ କରିବାକୁ ହେବ । ବିଶ୍ୱାସ ରହିବା ଉଚିତ୍ ସିନା ଅନ୍ଧବିଶ୍ୱାସ ନରହିବା ଉଚିତ୍ । ଅନ୍ଧବିଶ୍ୱାସ କହିଲେ ଅନ୍ଧକୁ ଦେଖାଯାଏ ନାହିଁ । ଅନ୍ଧାର ପଦରୁ ହିଁ ଅନ୍ଧ ପଦ ଆସିଛି । ଅନ୍ଧାରରେ କିଛି ମଧ୍ୟ ଦେଖାଯାଏ ନାହିଁ । ସେହିଭଳି ଅନ୍ଧକୁ କିଛି ଦେଖାଯାଏ ନାହିଁ । ଅନ୍ଧ ନଦେଖି ବିଶ୍ୱାସ କରିଥାଏ । ସେଥିଲାଗି ଅନ୍ଧଭଳି ଆଖିଥାଇ ମଧ୍ୟ ଯେଉଁମାନେ ନଦେଖି ବିଶ୍ୱାସ କରନ୍ତି ସେମାନଙ୍କ ବିଶ୍ୱାସକୁ ମୂଢ ବିଶ୍ୱାସ କହୁଛେ, ତେଣୁ ମୂଢ କହିଲେ ! ଅନ୍ଧତ୍ୱକୁ, ଅନ୍ଧାରକୁ ବୁଝାଏ । ଏଇ ଅର୍ଥ

ଅନୁସାରେ ଦେଖିଲେ ଆମ ନାସ୍ତିକମାନେ, ହେତୁବାଦୀମାନେ ବ୍ୟବହାର କରୁଥିବା ମୂଢ଼ବିଶ୍ୱାସ ବା ଅନ୍ଧବିଶ୍ୱାସ ଶବ୍ଦର ଅର୍ଥ ମଧ୍ୟ ଅନ୍ଧଭକ୍ତି ବା ମୂଢ଼ଭକ୍ତି । ଦୈବି ବିଷୟରେ ମଣିଷ ମୂଢ଼ବିଶ୍ୱାସୀ ହୋଇଯାଇଛି ବୋଲି କେତେକ କହିଥା'ନ୍ତି, ଅର୍ଥାତ୍ ଦେଖାଯାଉନଥିବା ଈଶ୍ୱରଙ୍କ ବାବଦରେ ମଣିଷ ଅନ୍ଧବିଶ୍ୱାସୀ (ଆଖି ନଥିବା ବିଶ୍ୱାସ) ହେବା ସହିତ କେତେକଙ୍କର ଆଖିଥିବା ବିଶ୍ୱାସ ମଧ୍ୟ ଅଛି ବୋଲି ଜଣାଯାଉଛି । ଏହି ଅନୁସାରେ ଆଖି ନଥିବା ଭକ୍ତିକୁ ଅନ୍ଧବିଶ୍ୱାସ କୁହାଯାଏ, ଏଭଳି ଭକ୍ତି ଦୈବି ବିଷୟରେ ରହିବା ଉଚିତ୍ ନୁହେଁ । ସେଥିପାଇଁ ଅନ୍ଧବିଶ୍ୱାସ ହେତୁବାଦକୁ ସମ୍ମୁଖୀନ କରିପାରିବ ନାହିଁ ବୋଲି ମଧ୍ୟ ଆମେ ଜଣାଉଛୁ । ଦୈବ ବା ଈଶ୍ୱର ଆଖିକୁ ଦେଖା ନ ଯାଇ ରହିଥିଲେ ମଧ୍ୟ ଈଶ୍ୱରଙ୍କ ବିଷୟରେ ରହିଥିବା ସମାଚାରକୁ ସବିବରଣ ଶାସ୍ତ୍ରବଦ୍ଧ ରୀତିରେ ଜାଣି ବିଶ୍ୱାସ କରିବାକୁ ଆମେ ଆଖିଥିବା ବିଶ୍ୱାସ ବା ପ୍ରକୃତ ବିଶ୍ୱାସ ବୋଲି କହୁଛୁ । ଆଜି ଦୈବିବିଷୟରେ ମଣିଷର ଆଖିଥିବା ଭକ୍ତି ଅଛି ? କି ଆଖି ନଥିବା ଅନ୍ଧଭକ୍ତି ଅଛି ? ବୋଲି ପ୍ରଶ୍ନକରି ଦେଖିଲେ, ମଣିଷଠାରେ ଈଶ୍ୱରଙ୍କ ପ୍ରତି ୯୯ପ୍ରତିଶତ ଲୋକଙ୍କର ଅନ୍ଧଭକ୍ତି ରହିଛି ବୋଲି କହି ପାରିବା । ତେଣୁ ଯାହାର ଆଖି ନାହିଁ ସେ ଗୋଟିଏ ଜିନିଷ ଧରି ଆଉ ଗୋଟିଏ ଜିନିଷ ଧରିଛି ଭାବିବା ଭଳି, ମଣିଷ ଅନ୍ଧଭକ୍ତି ବା ମୂଢ଼ଭକ୍ତି ଦ୍ୱାରା ଯାହା ଈଶ୍ୱର ନୁହଁନ୍ତି ତାହାକୁ ଈଶ୍ୱର ଭାବୁଛି । ଏଭଳି ଭାବିବା ଦ୍ୱାରା ପରମ ଆରାଧ୍ୟ ଈଶ୍ୱର ବା ପରମାତ୍ମାଙ୍କୁ ଛାଡି ଭୂତପ୍ରେତମାନଙ୍କର ପୂଜା କରିବା ଭଳି ହେଉଛି । ମୂଢ଼ଭକ୍ତି କାରଣରୁ ଦୈବି (ଐଶ୍ୱରୀୟ) ବିଷୟରେ ଭୂଲ୍ ବୁଝି ଯାହା ଦୈବ (ଈଶ୍ୱର) ନୁହେଁ ତାହାକୁ ଦୈବ ବୋଲି ଭାବୁଛି । ଏଭଳି ଭାବିବା ଦ୍ୱାରା ମାନବ ତା' ଜୀବନରେ ସବୁଠାରୁ ବଡ ଭୂଲ୍ କରିବସୁଛି । ପ୍ରପଞ୍ଚରେ ଆମକୁ ଯାହାସବୁ ଦେଖାଯାଉଛି ସେ ବାବଦରେ ଅନେକ ତଥ୍ୟକୁ ସବିବରଣ ଜାଣିବାକୁ ଇଚ୍ଛା କରୁଛେ, ଚେଷ୍ଟାକରି ଜାଣି ପାରୁଛେ ମଧ୍ୟ । ଏକ କମ୍ପ୍ୟୁଟର

ଆଖିକୁ ଦେଖାଯାଉଥିବା ଉପକରଣ ହେଲେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ତା' ବାବଦରେ ସଂପୂର୍ଣ୍ଣ ଜାଣିବା ପରେ କିଣୁଛେ । ସେହି କମ୍ପ୍ୟୁଟର ବାବଦରେ ଆମକୁ ଜଣାନଥିବାବେଳେ ଆମେ ଯାହା କିଣିଛେ ତାହା କମ୍ପ୍ୟୁଟର ନହୋଇ କମ୍ପ୍ୟୁଟର ଭଳି ଏକଖାଲିଡବା ମଧ୍ୟ ହୋଇପାରେ । କମ୍ପ୍ୟୁଟର ବାବଦରେ ନ ଜାଣି ବା କମ୍ପ୍ୟୁଟରର କାର୍ଯ୍ୟକଳାପ ନ ଜାଣି ଅନ୍ଧଭାବରେ ଏକ ଖାଲି ଡବାକୁ ଯଦି କମ୍ପ୍ୟୁଟର ଭାବିବା ତେବେ ତାହା ଯେମିତି ଏକ କମ୍ପ୍ୟୁଟର ନୁହେଁ, ସେହିଭଳି ଦୈବି ବିଷୟକୁ ବିବରଣାତ୍ମକ ନଜାଣି କୌଣସି ଦେବତାକୁ କିମ୍ବା ଆଉ କିଛିକୁ ଯଦି ଦୈବ (ଈଶ୍ୱର) ଭାବିବସିବା, ତେବେ ତାହା ଦୈବତ୍ୱ (ଈଶ୍ୱର ବା ପରମାତ୍ମା) ହେବନାହିଁ । ତୁ ଅନ୍ଧଭାବରେ ବିଶ୍ୱାସ କଲେ ତାହା ମିଛ ହୋଇପାରେ । ଯାହାକୁ ପରମାତ୍ମା ବୋଲି ଭାବୁଛୁ ତାହା ପରମାତ୍ମା ହୋଇ ନପାରେ । ସେଥିଲାଗି ପରମାତ୍ମାଙ୍କ ବିବରଣ ଜାଣି ବିଶ୍ୱାସ କରିବା ବେଳେ ତାହା ପ୍ରକୃତ ବିଶ୍ୱାସ ହୋଇଥାଏ, ନଚେତ୍ ଅନ୍ଧବିଶ୍ୱାସ ହିଁ ହୋଇଥାଏ ।

ଅନ୍ଧବିଶ୍ୱାସ ବା ମୂଢବିଶ୍ୱାସ ହେତୁବାଦୀମାନଙ୍କୁ ଜବାବ ଦେଇପାରେ ନାହିଁ । ଆଖିଥିବା ବିଶ୍ୱାସ (ସତ୍ୟ ବିଶ୍ୱାସ) କୌଣସି ବ୍ୟକ୍ତିକୁ ମଧ୍ୟ ଜବାବ ଦେଇପାରେ । ଆଖିଥିବା ବିଶ୍ୱାସୀର କଥାକୁ ଖଣ୍ଡନ କରୁଥିବା ବ୍ୟକ୍ତି ହେତୁବାଦୀ ନୁହେଁ, ତା'କୁ ନାସ୍ତିକବାଦୀ କୁହାଯାଏ । ତେଣୁ ଦୈବଭକ୍ତି ବାବଦରେ କଥାହେବାବେଳେ ହେତୁବାଦୀ ସହିତ କଥା ହୋଇପାରିବା ସିନା, ନାସ୍ତିକବାଦୀ ସହିତ କଥା ହୋଇପାରିବା ନାହିଁ । ଆଜି ପ୍ରଜାମାନଙ୍କ ଭିତରେ ଭକ୍ତି ଥିଲେ ମଧ୍ୟ, ତାହା ଅଧିକାଂଶ ମୂଢଭକ୍ତି ହୋଇ ରହିଛି । ପ୍ରାପଞ୍ଚିକ ସ୍ତରରେ ଅତି ମେଧାବୀ ହେଲେ ମଧ୍ୟ ଆଜି ଦୈବି ବିଷୟରେ ଅତି ମୂର୍ଖ ହୋଇ ଅନେକ ବ୍ୟକ୍ତି ରହିଛନ୍ତି, ଲୋକେ କୌଣସି ଆଲୋଚନା ନକରି ଅନ୍ଧ ଭାବରେ ବିଶ୍ୱାସ କରୁଛନ୍ତି, ଆମ ଭକ୍ତି ଉଚିତ୍ ଭକ୍ତି କି ନୁହେଁ ଟିକିଏ ପଛକୁ ଫେରି ଦେଖୁ ନାହାନ୍ତି । ଆମେ ଯାହା ବିଶ୍ୱାସ

କରିଛେ ତାହା ଦୈବ ? କି ତାହା ଦୈବସୃଷ୍ଟି ? ବୋଲି ପ୍ରଶ୍ନ କରି ଟିକିଏ ବିଚାର କରୁ ନାହାନ୍ତି । ଯାହା ପରମାତ୍ମା ବା ଦୈବ ନୁହେଁ ତାହା ଉପରେ ଭକ୍ତି କରି ନାନା ପ୍ରକାରର ଉପାସନା କରୁଛନ୍ତି, ନାନବିଧ ଆଚରଣ କରୁଛନ୍ତି । ଅନେକ ଲୋକ ଏହିଭଳି ଆଧ୍ୟାତ୍ମିକର ପ୍ରଥମଦଶା ହୋଇଥିବା ଭକ୍ତି ବିଷୟରେ ନଜାଣି ଅନ୍ଧଭକ୍ତି ବା ମୂଢଭକ୍ତି କରୁଛନ୍ତି । ଅନ୍ଧବିଶ୍ୱାସକୁ ଛାଡି, ଦୃଷ୍ଟିଯୁକ୍ତ ବିଶ୍ୱାସ କରି ତୋତେ, ମୋତେ, ଆଉ ସମସ୍ତଙ୍କୁ ଏବଂ ସବୁକିଛିକୁ ସୃଷ୍ଟି କରିଥିବା ଈଶ୍ୱରଙ୍କ ଉପାସନା କରିବା ହିଁ ଉପଯୁକ୍ତ ପଦ୍ଧତି ହୋଇଥାଏ ।

ଏବେ ଆଧ୍ୟାତ୍ମିକ ବାବଦରେ କିଛି ଆଲୋଚନା କରିବା । ଆଧ୍ୟାତ୍ମିକ ନାଆଁଟି ଆଜି ଅନେକ ଲୋକ ବ୍ୟବହାର କରିଥା'ନ୍ତି । ଆମ ସ୍ୱାମିଜୀମାନେ ଅଧିକ ବିନିଯୋଗ କରୁଥିବା ଶବ୍ଦ ହେଉଛି ଆଧ୍ୟାତ୍ମିକ । ଆଧ୍ୟାତ୍ମିକ ବାବଦରେ ଭଗବଦ୍ଗୀତାରେ ଭଗବାନ, ଆତ୍ମାକୁ ଜାଣିବା ହିଁ ଆଧ୍ୟାତ୍ମିକ ବୋଲି କହିଛନ୍ତି । ଆତ୍ମାକୁ ଅଧ୍ୟୟନ କରି ଜାଣିବା ନିୟମକୁ ଆଧ୍ୟତ୍ମିକ କୁହାଯାଏ । ଆଉଗୋଟିଏ ବାଟରେ କହିଲେ ଆତ୍ମାକୁ ଶାସ୍ତ୍ରବଦ୍ଧ ଭାବରେ କିମ୍ବା ଧର୍ମଯୁକ୍ତ ଭାବରେ ଜାଣିବାକୁ ଆଧ୍ୟାତ୍ମିକ କୁହାଯାଏ ବୋଲି କହିପାରିବା । ମୁଖ୍ୟଭାବରେ କହିବାକୁ ଗଲେ ଆଧ୍ୟାତ୍ମିକକୁ ଆମେ ଯେଉଁ ପ୍ରକାରରେ ଜାଣିଲେ ମଧ୍ୟ ଶେଷରେ ସେହି ଆତ୍ମା ବାବଦରେ ଜାଣିବାକୁ ହୋଇଥାଏ । ଆତ୍ମା ବାବଦରେ ଜାଣିଥିବା ବା ଶୁଣି ନଥିବା ଲୋକ କେହି ନାହାନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ! ଆଜି ପ୍ରତ୍ୟେକ ମତର ଲୋକମାନେ ଏହି ଶବ୍ଦକୁ ବ୍ୟବହାର କରୁଥିବା ଜଣାଯାଏ । ଏହି ଅନୁସାରେ ଆତ୍ମା ଶବ୍ଦଟି ସମସ୍ତଙ୍କର ଏକ ପରିଚିତ ଶବ୍ଦ ବୋଲି କହି ପାରିବା । ଆମେ ଆଜି ବ୍ୟବହାର କରୁଥିବା ଭାଷାରେ ଅନେକ ସନ୍ଦର୍ଭରେ ଆତ୍ମା ନାମକ ଶବ୍ଦଟିକୁ ବ୍ୟବହାର କରୁଛେ । ଜ୍ଞାନୀ ହେଉ କି ଅଜ୍ଞାନୀ ହେଉ ସମସ୍ତେ ବ୍ୟବହାର କରୁଥିବା ସେହି ଆତ୍ମା ସମ୍ବନ୍ଧୀୟ

ଶବ୍ଦଗୁଡିକ ଅନେକ ରହିଛି ଯଥା - **ଆତ୍ମଜ୍ଞାନ, ଆତ୍ମଦ୍ରୋହ, ଆତ୍ମହତ୍ୟା, ଆତ୍ମବଳ, ଆତ୍ମବିମର୍ଶ, ଆତ୍ମବନ୍ଧୁ, ଆତ୍ମଶୋକ, ଆତ୍ମଦର୍ଶନ, ଆତ୍ମସାକ୍ଷୀ, ଆତ୍ମାହୁତି, ଆତ୍ମସମର୍ପଣ, ଆତ୍ମଚୈତନ୍ୟ** ଇତ୍ୟାଦି, ଏଭଳି ଆହୁରି ଅନେକ ଶବ୍ଦ ଆମ ଭାଷାରେ ରହିଛି । ପ୍ରତ୍ୟେକ ମତ (ଧର୍ମ) ର ଲୋକମାନେ ଆତ୍ମା ଶବ୍ଦକୁ ନାନା ସନ୍ଦର୍ଭରେ କହୁଛନ୍ତି । ବିଚିତ୍ର ସତ୍ୟ ହେଉଛି ଅନେକଙ୍କ ଦ୍ୱାରା ଅନେକ ସନ୍ଦର୍ଭରେ କୁହାଯାଉଥିବା ଆତ୍ମା, ଦୈବଜ୍ଞାନରେ, ପ୍ରପଞ୍ଚଜ୍ଞାନରେ ବ୍ୟବହାର କରାଯାଉଥିଲେ ମଧ୍ୟ, ଆତ୍ମା କେଉଁଭଳି, ତାହା କେଉଁଠାରେ ଥାଏ, କ'ଣ କରେ, ତା'ର ସ୍ୱରୂପ କଅଣ, ତା'ର ସ୍ଥିତିଗତି କଅଣ ଭୂପୃଷ୍ଠରେ କେହି ମଧ୍ୟ ଜାଣି ନାହାନ୍ତି । ଏତେ ଲୋକ କହୁଥିବା ଏହି ଆତ୍ମା ବାବଦରେ ସ୍ୱାମିଜୀମାନେ ହୁଅନ୍ତୁ, ବାବାମାନେ କିମ୍ବା ବୋଧକମାନେ ହୁଅନ୍ତୁ କେହି ମଧ୍ୟ ଜାଣି ନାହାନ୍ତି । ମୋତେ ଆତ୍ମଜ୍ଞାନ ଜଣାଅଛି କହୁଥିବା ବୋଧକ ଆତ୍ମା ବାବଦରେ ଜାଣି ନାହିଁ କହିବା ବିଚିତ୍ର ଲାଗୁଥିବ! ହଁ ଏକଥା ନିଶ୍ଚୟ ବିଚିତ୍ର!! ମୁଁ ଆତ୍ମଜ୍ଞାନୀ, କ'ଣ ମୋତେ ଆତ୍ମା ବାବଦରେ ଜଣା ନାହିଁ ବୋଲି କେତେକ ଆଶ୍ଚର୍ଯ୍ୟ ମଧ୍ୟ ହୋଇଯାଉଥିବେ, ସେମାନେ ଯେତେ ଗଭୀର ଆଲୋଚନା କଲେ ମଧ୍ୟ, ସମସ୍ତଙ୍କୁ ଜଣା ନଥିବା ସତ୍ୟ ହେଉଛି **"ଆତ୍ମାକୁ କେହି ମଧ୍ୟ ଜାଣି ନାହାନ୍ତି"** ।

ଏକ ପ୍ରେତକୁ କି ଭୂତକୁ ଦେଖିଥିବା ଲୋକ ମୁଁ ଆତ୍ମାକୁ ଦେଖିଛି ବୋଲି କହୁଛି, କଣ ସେଇମାନଙ୍କୁ ଆତ୍ମା କହି ପାରିବା ? କହି ପାରିବା ନାହିଁ; ତଥାପି ସମସ୍ତେ କହୁଛନ୍ତି । କେତେକ ମତରେ ସେହି ଭୂତ, ପ୍ରେତ, ପିଶାଚ ଇତ୍ୟାଦିଙ୍କୁ ହିଁ ଆତ୍ମା କହିଥା'ନ୍ତି । ଆଉ କେତେକ ପରମାତ୍ମାଙ୍କୁ ଆତ୍ମା କହନ୍ତି, କିନ୍ତୁ **ଆତ୍ମା ଜୀବତ୍ମା ନୁହେଁ କି ପରମାତ୍ମା ନୁହେଁ ବୋଲି କାହାକୁ ବି ଜଣା ନାହିଁ** । ଆତ୍ମାକୁ ନଜାଣି ଆତ୍ମାର ଅଧ୍ୟୟନ କହିଲେ ତାହା

ଆଧ୍ୟାତ୍ମିକ ନୁହେଁ । ଆତ୍ମାର ଅଧ୍ୟୟନକୁ ଆଧ୍ୟାତ୍ମିକ କୁହାଯାଉଥିବା ବେଳେ, ଆତ୍ମା ବାବଦରେ ଜଣାନଥିବା ବାବା, ସ୍ୱାମିଜୀ, ବୋଧକମାନଙ୍କୁ ଆଧ୍ୟାତ୍ମିକ ଜଣା ଅଛି ବୋଲି କେମିତି କହିବା ? ଆତ୍ମାକୁ ଜାଣିନଥିବା ଲୋକ ଆଧ୍ୟାତ୍ମିକ ଜାଣି ନଥାଏ, ସୂତ୍ର ଅନୁସାରେ ଭୂପୃଷ୍ଠରେ ଆଜି କେତେଜଣ ଆଧ୍ୟାତ୍ମିକ ଜଣିଥିବା ଲୋକ ଅଛନ୍ତି ଆପଣ ହିସାବ କରି କୁହନ୍ତୁ । ଆମେ ଥିବା ସତ୍ୟକୁ କହୁଛୁ ସିନା, କାହାକୁ ତଳେପକାଇ କଥା କହୁ ନାହୁଁ । ଏତେ ଦୃଢ ବିଶ୍ୱାସର ସହିତ ଆପଣ ଏକଥା କିପରି କହୁଛନ୍ତି ? ବୋଲି ମୋତେ ମଧ୍ୟ ଆପଣ ପ୍ରଶ୍ନ କରିପାରନ୍ତି । ତା'ର ସମାଧାନ ହେଉଛି ! ମୁଁ ସୂତ୍ର ଅନୁସାରେ କହୁଛି ସିନା, ସୂତ୍ରକୁ ଛାଡି ଶାସ୍ତ୍ରବଦ୍ଧତାନଥିବା କଥା କହୁନାହିଁ । କିଛି ଲୋକ ଦୂରରୁ ପିଜୁଳି ଗଛକୁ ଦେଖି ଜାମୁକୋଳି ଗଛ ଭାବି ପାରନ୍ତି । ସେମାନେ ସେଭଳି ଭାବିଲେ ମଧ୍ୟ ପିଜୁଳି ଗଛ କେବେ ଜାମୁକୋଳି ଗଛ ହୋଇ ପାରିବ ? ହେବନିନା ! ସେହିଭଳି ଅନେକ ବ୍ୟକ୍ତି ଜୀବାତ୍ମାକୁ କିମ୍ବା ପରମାତ୍ମାଙ୍କୁ ଆତ୍ମା ଭାବିଛନ୍ତି, ତଦନୁଗୁଣ ବୋଧ ମଧ୍ୟ କରୁଛନ୍ତି, କିନ୍ତୁ ସେମାନେ ଭାବିଥିବା ଭଳି ଆତ୍ମା ଜୀବାତ୍ମା ନୁହେଁ କି ପରମାତ୍ମା ନୁହେଁ । ପରମାତ୍ମା କହିଥିବା ବାଣୀ ଅନୁସାରେ ହେଉ, ଭଗବଦ୍ଗୀତା ଅନୁସାରେ ହେଉ ଆତ୍ମା ତିନି ପ୍ରକାରର ବୋଲି ଜଣାଯାଇଛି । ସେହି ତିନି ଆତ୍ମା ବାବଦରେ ଭଗବଦ୍ଗୀତାରେ ଥିବା ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬/୧୭ ତମ ଶ୍ଳୋକରେ **କ୍ଷର, ଅକ୍ଷର, ପୁରୁଷୋତ୍ତମ** ବୋଲି କୁହାଯାଇଛି । ତାହା ହିଁ ଆମର **"ତ୍ରୈତ ସିଦ୍ଧାନ୍ତ"** । ସୂତ୍ର ଅନୁସାରେ ଯେଉଁମାନଙ୍କୁ ତ୍ରୈତସିଦ୍ଧାନ୍ତ ଜଣା ନାହିଁ, ତ୍ରୈତ କହିଲେ ତିନି ଆତ୍ମା ବୋଲି ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କୁ ଆତ୍ମା ବାବଦରେ କେବେ ମଧ୍ୟ ଜଣାପଡିବ ନାହିଁ, ସେମାନଙ୍କୁ କେବେ ମଧ୍ୟ ଆଧ୍ୟାତ୍ମିକ ଜଣାପଡିବ ନାହିଁ । ଭୂପୃଷ୍ଠରେ ଭଗବାନ ବୋଲି ନାଆଁ ନେଇ ରହିଥିବା ସ୍ୱାମିଜୀମାନେ ହୁଅନ୍ତୁ, ବାବାମାନେ ହୁଅନ୍ତୁ କି ଗୁରୁ

ବୋଲି ନାଆଁ କମାଇ ଥାଆନ୍ତୁ ସେମାନଙ୍କୁ ଆଧ୍ୟାତ୍ମିକ  ଜଣା ନାହିଁ । ଆତ୍ମା କ'ଣ  ସେମାନେ ଜାଣି  ନଥିବା ବେଳେ, ସେମାନେ ଜୀବାତ୍ମାକୁ ଦେଖି ପାରିବେ  ନାହିଁ କି ପରମାତ୍ମାଙ୍କୁ ଜାଣି ପାରିବେ ନାହିଁ, ଜୀବାତ୍ମା ବାବଦରେ କହିବାକୁ  ଗଲାବେଳେ, ତା' ସ୍ଥାନରେ ପରମାତ୍ମା  ବାବଦରେ  କିମ୍ବା ଆତ୍ମା ବାବଦରେ  କହିଥା'ନ୍ତି । ସେହିଭଳି ଆତ୍ମା ବାବଦରେ କହିବାକୁ ଗଲାବେଳେ  ସେମାନଙ୍କୁ ମାତ୍ର ଦୁଇଟି ଆତ୍ମା ଜଣାଥିବାରୁ ପରମାତ୍ମା ବାବଦରେ କିମ୍ବା ଜୀବାତ୍ମା ବାବଦରେ କହିଥାଆନ୍ତି । ତେଣୁ ସେମାନଙ୍କୁ କେବେ ମଧ୍ୟ ଜ୍ଞାନୀ କହି ପାରିବା ନାହିଁ । ବାସ୍ତବରେ ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କ ବାବଦରେ ଜାଣିଥିବା ବ୍ୟକ୍ତିକୁ ହିଁ ଜ୍ଞାନୀ କହି ପାରିବା ।

*****

# ଗୁରୁ କିଏ ?

ଏପର୍ଯ୍ୟନ୍ତ ଭକ୍ତି ବାବଦରେ କହିବାବେଳେ ମଣିଷର ଭକ୍ତି ମୂଢଭକ୍ତି ହେବା ଉଚିତ୍ ନୁହେଁ ବୋଲି କହିଥିଲୁ । ସେହିଭଳି ଏବେ **ଭଗବଦ୍ଗୀତାରେ ଥିବା ତ୍ରୈତ ସିଦ୍ଧାନ୍ତକୁ ଯିଏ ନଜାଣିଛି ତାକୁ ଆଧ୍ୟାତ୍ମିକ ଜଣା ନାହିଁ** ବୋଲି କହୁଛୁ । ଏବେ ସର୍ବ ପ୍ରଥମେ ଗୁରୁ ବାବଦରେ କହିବାକୁ ହେବ । ବିଦ୍ୟା ବୋଧ କରୁଥିବା ବ୍ୟକ୍ତିକୁ ଗୁରୁ ବୋଲି ଅନେକଲୋକ ଭାବିଥାନ୍ତି । ଆମେ ଏଠାରେ  ବିଦ୍ୟାକୁ  ଦୁଇ ଭାଗରେ ବିଭାଜନ  କରି  ତା  ମଧ୍ୟରୁ ଗୋଟିଏ ପ୍ରପଞ୍ଚବିଦ୍ୟା ବା ଭୌତିକବିଦ୍ୟା ଆଉ ଗୋଟିଏ ପରମାତ୍ମାବିଦ୍ୟା ବା ବ୍ରହ୍ମବିଦ୍ୟା ବୋଲି ଜାଣି ପାରିଛୁ । ପ୍ରପଞ୍ଚ ବିଦ୍ୟାରେ ଗୁରୁ ଥାଇ ପାରନ୍ତି କିମ୍ବା ନଥାଇ ପାରନ୍ତି, ହେଲେ ପରମାତ୍ମା ବିଦ୍ୟାରେ ନିଶ୍ଚୟ ଗୁରୁ ରହିଥା'ନ୍ତି ବୋଲି କହିଛୁ ।  ସେହି  ଅନୁସାରେ  ପରମାତ୍ମା ବିଦ୍ୟାରେ ଗୁରୁ କିପରି ଥାଆନ୍ତି ଆଉ ସେ ଗୁରୁ କିଏ ତାହା ଏବେ ଜାଣିବାକୁ ଚେଷ୍ଟା କରିବା ।

ବ୍ରହ୍ମବିଦ୍ୟା ବା ଦୈବିବିଦ୍ୟା ହୋଇଥିବା ପରମାତ୍ମା ଜ୍ଞାନକୁ ଯେଉଁମାନେ ବୋଧ କରିଥା'ନ୍ତି ସେମାନେ ଆଜି ଭୂପୃଷ୍ଟରେ ଅଧିକ ଅଛନ୍ତି । ହେଲେ କ'ଣ ସମସ୍ତଙ୍କୁ ଗୁରୁ କହିପାରିବା ? ବୋଲି ପ୍ରଶ୍ନକରି ଦେଖିଲେ, ଏକ ଅଞ୍ଚଳରେ, ଏକ କାଳରେ, ଏକ ବ୍ୟକ୍ତିଭାବରେ ଗୁରୁ ରହିଥା'ନ୍ତି, ଏହା ହିଁ ଗୁରୁଙ୍କୁ ଜାଣିବା ସୂତ୍ର । ଏହି ଅନୁସାରେ ଆମେ କହୁଛୁ ଯେ, ଗୁରୁ ନାମରେ ଅନେକ ପରିଗଣିତ ହେଉଥିଲେ ମଧ୍ୟ, ଯଦି ଗୁରୁ ଥାଆନ୍ତି ସେମାନଙ୍କ ଭିତରେ କେବଳ ଜଣେମାତ୍ର ପ୍ରକୃତ ଗୁରୁ ରହିଥାଇ ପାରନ୍ତି । ଉପର ସୂତ୍ର ଅନୁସାରେ ଏକ କାଳରେ କେହି ଜଣେ ଗୁରୁ ରହିଥା'ନ୍ତି ସିନା, ଅନେକ ଗୁରୁ ରହିବା ଅସମ୍ଭବ । ଯେହେତୁ ଏକ ଅଞ୍ଚଳରେ କହିଛୁ ସେହି ଅନୁସାରେ ସାରା ଭୂମଣ୍ଡଳକୁ ମିଶାଇ ଦେଖିଲେ କୌଣସି ଏକ ଦେଶରେ କେବଳ ଜଣେ ଗୁରୁ ରହିଥା'ନ୍ତି । ତେଣୁ କହି ପାରିବା ଯେ, ସାରା ବିଶ୍ୱର ଗୁରୁ କେବଳ ଜଣେ । ଦୈବଜ୍ଞାନ ଜଣାଉଥିବା ଲୋକମାନେ ଅନେକ ଥିଲେ ମଧ୍ୟ ସେମାନଙ୍କ ଭିତରେ କେବଳ ଜଣେମାତ୍ର ଗୁରୁ ଥାଇ ପାରନ୍ତି । ପରମାତ୍ମା ଜ୍ଞାନ କେବଳ ପରମାତ୍ମାଙ୍କ ବ୍ୟତୀତ କୌଣସି ଇତର ମଣିଷକୁ ଜଣା ନଥାଏ । ଦୈବଜ୍ଞାନ ମଣିଷ ଜଣାଇବାକୁ ହେଲେ ପରମାତ୍ମା ଭୂପୃଷ୍ଠରେ ଗୁରୁ ଭାବରେ ରହି ନିଜ ଜ୍ଞାନକୁ ନିଜେ କହିବାକୁ କହିବାକୁ ପଡିବ । ପରମାତ୍ମା ଏହି କାର୍ଯ୍ୟ ପାଇଁ ଯେତେବେଳେ ଭୂପୃଷ୍ଠକୁ ଆସିଥା'ନ୍ତି ସେତେବେଳେ ସେ ହିଁ ପ୍ରକୃତ ଗୁରୁ ହୋଇଥା'ନ୍ତି । ପରମାତ୍ମା ଭୂପୃଷ୍ଠକୁ କେତେବେଳେ ଆସିଥା'ନ୍ତି ? ପ୍ରଶ୍ନକଲେ, ଯେତେବେଳେ ଭୂପୃଷ୍ଠରେ ତାଙ୍କ ଧର୍ମ ଅଜଣା ରହିଯାଏ ସେତିକିବେଳେ ଆସିଥାନ୍ତି ବୋଲି କହିପାରିବା, ଏହି ସମୟରେ ପ୍ରଜାମାନଙ୍କ ଭିତରେ ଧର୍ମ ଲୁଚିଯାଇ ଅଧର୍ମ ବ୍ୟାପିଯାଇଥାଏ । ଅଧର୍ମକୁ ବିନାଶ କରି ଧର୍ମ ସ୍ଥାପନା କରିବା ପାଇଁ ନିଜେ ନିଜକୁ ସୃଷ୍ଟିକରି ପରମାତ୍ମା ଭୂପୃଷ୍ଠକୁ ଆସିଥା'ନ୍ତି, ସେହି ପରମାତ୍ମା ହିଁ ପ୍ରକୃତ ଗୁରୁ । ଧର୍ମ ଅଧର୍ମରେ ପରିଣତ ହେବାପାଇଁ ହଜାର ହଜାର କିମ୍ବା

ଲକ୍ଷ ଲକ୍ଷ ବର୍ଷ ଲାଗିଥାଏ । ତେଣୁ ଗୁରୁ ଭୂପୃଷ୍ଠକୁ ଆସିବାପାଇଁ ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷ ସମୟ ଲାଗିଥାଏ । ଭୂପୃଷ୍ଠରେ ଜ୍ଞାନ କହୁଥିବା ସମସ୍ତେ ଗୁରୁ ନୁହନ୍ତି । ଜ୍ଞାନ କହୁଥିବା ମଣିଷ ବୋଧକ ହୋଇପାରେ ସିନା, କଦାପି ଗୁରୁ ହୋଇ ପାରିବ ନାହିଁ । ଏଠାରେ କେତେକଙ୍କଠାରେ ବା କେତେକ ମତାବଲମ୍ବୀଙ୍କଠାରେ ଏକ ପ୍ରଶ୍ନ ଆସିପାରେ । ତାହା ହେଉଛି ! ପରମାତ୍ମା ପରମାତ୍ମା ଭାବରେ ରହିଥା'ନ୍ତି, ମଣିଷ ଭାବରେ କେବେ ମଧ୍ୟ ଆସି ନଥା'ନ୍ତି, ଯଦି ଭୂପୃଷ୍ଠରେ ଜ୍ଞାନର ଆବଶ୍ୟକ ହୁଏ ତେବେ ସେ ତାଙ୍କର ଦୂତକୁ ପଠାଇ ଜ୍ଞାନ କୁହାଇଥା'ନ୍ତି । ସେଭଳି ପରମାତ୍ମାଙ୍କ ଦ୍ୱାରା ପ୍ରେରିତ ହୋଇଥିବା ଦୂତଙ୍କୁ ଆମେ ପ୍ରବକ୍ତା କହୁଛୁ । ସେହି ପ୍ରବକ୍ତାଙ୍କୁ ଗୁରୁ କହି ପାରିବା, ହେଲେ ଆପଣ ପରମାତ୍ମା ଭୂପୃଷ୍ଠକୁ ଆସିଥା'ନ୍ତି ବୋଲି କହୁଛନ୍ତି ! ସେ କିପରି ଆସନ୍ତି ? ସେମାନଙ୍କର ଏହି ପ୍ରଶ୍ନର ସମାଧାନ ହେଉଛି ! **"ପରମ ପବିତ୍ର ପରିଶୁଦ୍ଧ ଗ୍ରନ୍ଥ ଭଗବଦ୍ଗୀତା"**ରେ ଶ୍ରୀକୃଷ୍ଣ ଜ୍ଞାନବୋଧ କରିବାକୁ ଯାଇ **ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ । ଧର୍ମ ସଂସ୍ଥାପନାୟ ସମ୍ଭବାମି ଯୁଗେ ଯୁଗେ ॥** ବୋଲି କହିଛନ୍ତି । ଏହାର ଅର୍ଥ ମନ୍ଦ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ରହିବାକୁ ନଦେଇ, ଉତ୍ତମ କାର୍ଯ୍ୟ କରୁଥିବା ଲୋକମାନଙ୍କର ଅଭିବୃଦ୍ଧି କରି ଧର୍ମ ପ୍ରତିଷ୍ଠା କରିବା ନିମନ୍ତେ ମୁଁ ଜନ୍ମ ହୋଇଥାଏ । ଏହି ହିସାବରେ ପରମାତ୍ମା ଯଦି ଭୂପୃଷ୍ଠକୁ ଆସିଥା'ନ୍ତି ତେବେ ତାଙ୍କର ଉଦ୍ଦେଶ୍ୟ କେବଳ ଧର୍ମ ସ୍ଥାପନ କରିବା ହୋଇଥାଏ ବୋଲି ଆମେ କହୁଥିବା ବେଳେ, କେତେକ ଶ୍ରୀକୃଷ୍ଣ ଯେ, ପରମାତ୍ମା ଏହାର କ'ଣ ପ୍ରମାଣ ଅଛି ? ବୋଲି ପଚାରୁଛନ୍ତି । ଏଭଳି ପ୍ରଶ୍ନ ଭବିଷ୍ୟତରେ ଆସିବ ବୋଲି ଜାଣିଥିବା ପରମାତ୍ମା, ସ୍ୱୟଂ ପରମାତ୍ମା ବୋଲି ମଣିଷ ଜାଣିପାରିବା ଭଳି ଅର୍ଜୁନଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇଥିଲେ । ତା'ଛଡା ଶ୍ରୀକୃଷ୍ଣ ହିଁ ପରମାତ୍ମା ବୋଲି ଜାଣି ପାରିଥିବା ଭୀଷ୍ମ ଶ୍ରୀକୃଷ୍ଣଙ୍କୁ ହିଁ ଜଗଦ୍ଗୁରୁ ବୋଲି ସମ୍ବୋଧନ କରିଥିଲେ ।

ଅନ୍ୟ ମତାବଲମ୍ବୀ ସୋଦରମାନେ ! ବଡମାନେ! ଏଠାରେ ଆପଣମାନେ ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି! ପରମାତ୍ମା ସାରା ବିଶ୍ୱରେ ଅଣୁ ଅଣୁ ହୋଇ ବ୍ୟାପିରହିଛନ୍ତି ବୋଲି ସମସ୍ତେ ଜାଣନ୍ତି, ସେ ସେଥିରୁ ସଂପୂର୍ଣ୍ଣ ନିଖୋଜ ହୋଇଯାଇ ମଣିଷ ଭାବରେ ଆସନ୍ତି ବୋଲି ଆମେ କହୁ ନାହୁଁ । ବିଶାଳ ପରମାତ୍ମାଙ୍କର ଏକ ଅଣୁମାତ୍ର ଅଂଶ (ଭାଗ) ବା ବିଶାଳ ପରମାତ୍ମା ଶକ୍ତିର ଏକ ଅଣୁମାତ୍ର ଶକ୍ତି ଦେଖାଯାଉଥିବା ମଣିଷ ଭାବରେ ଜନ୍ମହେଲେ ତାହା ପରମାତ୍ମାଙ୍କ ଅବତାର ହୋଇଥାଏ ବୋଲି କହୁଛୁ । **ପରମାତ୍ମାଙ୍କର ସେହି ଅଂଶକୁ ଭଗବାନ ବା ଗୁରୁ ବୋଲି କହୁଛୁ** । ପରମାତ୍ମାଙ୍କର ଥିବା କୋଟି କୋଟି ଅଂଶରୁ ମାତ୍ର ଏକ ଅଂଶ ଜନ୍ମ ହେଲେ ଜନ୍ମିତ ପାତ୍ରଙ୍କୁ ହିଁ ଗୁରୁ କୁହାଯାଏ ବୋଲି କହୁଛୁ । ଏତିକିବେଳେ ହିଁ ପରମାତ୍ମା ମଣିଷଭାବରେ ଆସିଥା'ନ୍ତି ବୋଲି କହିବାକୁ ପଡିଥାଏ । ପରମାତ୍ମା ମଣିଷଭାବରେ ଅର୍ଥାତ୍ ଗୁରୁଭାବରେ ଭୂପୃଷ୍ଠରେ ଦେଖାଦେଲେ ସେହି ସମୟରେ ମଣିଷକୁ ବାସ୍ତବ ଧର୍ମଯୁକ୍ତ ଜ୍ଞାନ ଜଣାପଡିଥାଏ, କିନ୍ତୁ ସେ ଗୁରୁ ହୋଇ ଆସିଛନ୍ତି ବୋଲି କେହି ଜାଣି ପାରନ୍ତି ନାହିଁ । **ପରମାତ୍ମା ମଣିଷକୁ ଜଣା ପଡନ୍ତୁ ବା ଜଣା ନପଡନ୍ତୁ, ସେହି ସମୟରେ ସେ ସାରାବିଶ୍ୱର ଗୁରୁ ବୋଲାଇଥା'ନ୍ତି** । ଏହିଭଳି ପରମାତ୍ମା ହିଁ ଗୁରୁ କିମ୍ବା ଗୁରୁ ହିଁ ପରମାତ୍ମା ବୋଲି କହି ପାରିବା । ସେଥିଲାଗି କୌଣସି ମଣିଷ ଗୁରୁ ହୋଇ ପାରିବ ନାହିଁ ବୋଲି କହିଛୁ । ଭୂପୃଷ୍ଠରେ ଦେଖାଯାଉ ନଥିବା ପରମାତ୍ମା ଦେଖାଯାଉଥିବା ଗୁରୁଭାବରେ ଆସିପାରନ୍ତି ସିନା, ଦେଖାଯାଉଥିବା ମଣିଷ ଗୁରୁଭାବରେ ବଦଳିପାରେ ନାହିଁ । ଗୁରୁ ହିଁ ପରମାତ୍ମା, ଈଶ୍ୱର ବା ଦୈବ, ତାଙ୍କ ଈଶ୍ୱରପଣିଆ ବାବଦରେ ପୂର୍ବେ ବଡମାନେ ଗୋଟିଏ ଶ୍ଳୋକରେ କହିବାକୁ ଯାଇ–

**"ଦୂର୍ଲଭଂ ତ୍ରିଷୁ ଲୋକେଷୁ ତଚ୍ଛଣୁଷ୍ୱ ପଦା ମ୍ୟହମ୍ ।**
**ଗୁରୁବ୍ରହ୍ମା ବିନା ନାନ୍ୟଃ ସତ୍ୟଂ ସତ୍ୟଂ ॥"**

**ଭାବାର୍ଥ –** ସର୍ବଲୋକରେ ବ୍ୟାପିରହି ଜଣିବା ଦୂର୍ଲଭ ହୋଇଥିବା ଦୈବଙ୍କ ବିଷୟରେ କହୁଛି ଶୁଣ୍ । ଦେଖାଯାଉଥିବା ଗୁରୁ ହିଁ ଦେଖାଯାଉ ନଥିବା ପରମାତ୍ମା । ସାରା ବିଶ୍ୱକୁ ହିସାବରେ ନେଇ ଦେଖିଲେ ଗୁରୁଙ୍କ ଛଡା ଆଉ କିଛି ମଧ୍ୟ ନାହିଁ । ଏକଥା ସତ୍ୟ ହିଁ ସତ୍ୟ ।

**ବିବରଣୀ–** ଏକୈକ ପରମାତ୍ମା ଦୂର୍ଲଭ । କାରଣ ! ତାଙ୍କର ଆକାର ନାହିଁ । ଯାହାର ରୁପ ନାମ ନାହିଁ ତାଙ୍କୁ ଜାଣିବା କ'ଣ ସହଜ ? ତାଙ୍କର ରୂପ, ନାମ ତ ନାହିଁ, ଯଦି କିଛି ଠିକଣା ଥାଆନ୍ତା ବୋଲି ଭାବିବା ସେ ଏଠାରେ ଅଛନ୍ତି ସେଠାରେ ନାହାନ୍ତି ବୋଲି କହିପାରିବା ନାହିଁ, କାରଣ ! ସେ ସାରା ବିଶ୍ୱର ଅଣୁଅଣୁରେ ବ୍ୟାପିରହିଛନ୍ତି । ନାମ, ଠିକଣା, ଆକାର, ସୌନ୍ଦର୍ଯ୍ୟ ନଥାଇ ସମସ୍ତଙ୍କଠାରେ ବ୍ୟାପିରହିଥିବା ପରମାତ୍ମା ତାଙ୍କର ଆବଶ୍ୟକ ବେଳେ ଏକ ମଣିଷ ଆକାର ଧାରଣ କରି ଭୂପୃଷ୍ଠକୁ ଆସିଥା'ନ୍ତି, ତାହାଙ୍କୁ ହିଁ ଗୁରୁ ବୋଲି କହୁଛୁ । ପରମାତ୍ମା ଗୁରୁ ହେବାବେଳେ ଗୁରୁଙ୍କଠାରୁ ବଳି ଏ ପ୍ରପଞ୍ଚରେ ଆଉ ବା କ'ଣ ଅଛି ! ଏକଥା ନିରାଟ ସତ୍ୟ ବୋଲି ବଡମାନେ କହିଛନ୍ତି । ସେଦିନ ବଡମାନେ କହିଥିବା କଥାକୁ ଆମେ ମଧ୍ୟ ବଳଦେଇ କହୁଛୁ ଯେ, କେବଳ ପରମାତ୍ମା ଗୁରୁ ହୋଇ ଆସନ୍ତି, କୌଣସି ମଣିଷ କେବେ ଗୁରୁ ହୋଇପାରିବ ନାହିଁ । ପରମାତ୍ମା ହିଁ ଗୁରୁ, ଗୁରୁ ହିଁ ପରମାତ୍ମା । ମଣିଷକୁ ଯଦି ଗୁରୁ କହିବା ତାହା ସଂପୂର୍ଣ୍ଣ ଅଜ୍ଞାନ ହେବ । ଯଦି କୌଣସି ମଣିଷ କହେ ଯେ, ମୁଁ ଗୁରୁ ତେବେ ତା'ଠାରୁ ବଳି ଅଜ୍ଞାନୀ ଆଉ ଏ ସଂସାରରେ ନାହିଁ ।

ଆଜିଯାଏ ଗୁରୁଙ୍କ ବାବଦରେ ଲେଖିଥିବା ଲୋକମାନେ ଏବେ ଆମେ କହିବା ଭଳି ଗୁରୁ ମଣିଷ ହୋଇ ଆସି ପାରନ୍ତି ନ କହି, ମଣିଷ ଗୁରୁ ହୋଇପାରେ ବୋଲି କହିଛନ୍ତି । ଜନ୍ମ ହୋଇଥିବା ମଣିଷ କଦାପି ଗୁରୁ ହୋଇ ପାରେ ନାହିଁ ବୋଲି ସେମାନେ ନ ଜାଣି ଏପରି ଲେଖିଥାଇ ପାରନ୍ତି । ଜନ୍ମ

ହୋଇଥିବା ମଣିଷ କେବେ ମଧ୍ୟ ଗୁରୁ ହୋଇ ପାରେ ନାହିଁ । ଯଦି ସମ୍ଭବ ହୁଏ ତେବେ ପରମାତ୍ମା ହିଁ କେବଳ ଗୁରୁ ହୋଇ ଜନ୍ମ ନେଇପାରନ୍ତି, ସେହି ଗୁରୁ ମଧ୍ୟ ସବୁବେଳେ ଭୂପୃଷ୍ଠରେ ରହିନଥା'ନ୍ତି, ଯେତେବେଳେ ତାଙ୍କର ଆବଶ୍ୟକ ହୁଏ ସେତେବେଳେ ସେ ଧର୍ମକୁ ଜଣାଇବା ପାଇଁ ଆସି ସମୟ ସନ୍ଦର୍ଭ ଦେଖି ତାଙ୍କ ଧର୍ମକୁ ଜଣାଇ ଚାଲିଯାଇଥା'ନ୍ତି । ଗୁରୁ ନିଜେ ଗୁରୁ ବୋଲି ଚିହ୍ନିତ ନହୋଇ ମଣିଷ ଭିତରେ ରହିଥା'ନ୍ତି, ସେତେବେଳେ ବୋଧ କରିଥିବା ଜ୍ଞାନ ଜାଣି ଏହା ସାଧାରଣ ମଣିଷ କହିଥିବା ଜ୍ଞାନ ନୁହେଁ, ଏହା କେବଳ ଗୁରୁଙ୍କ ଛଡା ଆଉ କେହି କହି ପାରିବେ ନାହିଁ । ଯଦି କେହି ଚତୁର ବ୍ୟକ୍ତି ଏହି ମଣିଷ ଭାବରେ ଥିବା ଗୁରୁଙ୍କୁ ଚିହ୍ନେ, ତେବେ ମଧ୍ୟ ସେ ବ୍ୟକ୍ତିର ଭାବକୁ ବଦଳାଇ ତାଙ୍କୁ ଚିହ୍ନି ନପାରିବା ଭଳି କରିଥା'ନ୍ତି । ଗୁରୁ କୃଷ୍ଣ ନାମକ ମଣିଷ ରୂପରେ ଆସିବା ବେଳେ, ସେ ହିଁ ପ୍ରକୃତ ଗୁରୁ ବୋଲି କେତେକ ଚିହ୍ନି ପାରିଥିବା ବେଳେ, ତାଙ୍କ ଆଚରଣ ଦେଖି ସେ ସାଧାରଣ ମଣିଷ ବୋଲି ଆଉ କେତେକିଏ କହିଥିଲେ, କେତେକ ଚୋର, ଠକ, ଲମ୍ପଟ ବୋଲି ଭାବିଥିଲେ, କେତେକ ସେ ଅତି ଚତୁରଲୋକ କହିଥିବା ବେଳେ, ଆଉ କେତେକ ସେ ମହାଜ୍ଞାନୀ ବୋଲି ଭାବିଥିଲେ ସିନା, କୃଷ୍ଣ ସ୍ୱୟଂ ଦୈବାଂଶ ଗୁରୁ ଭାବିନଥିଲେ । ସେ କାଳରେ ଭଗବଦ୍ଗୀତା ଶୁଣି, ବିଶ୍ୱରୂପକୁ ଦେଖିଥିବା ଅର୍ଜୁନଙ୍କଠାରେ ମଧ୍ୟ ସେ ପରମାତ୍ମା ନୁହନ୍ତି କି ? ବୋଲି ସନ୍ଦେହ ଆସିଥିଲା, ସେ ତାଙ୍କୁ ଜଣେ ମହା ମେଧାବୀ ଭାବିଥିଲେ ସିନା, କୃଷ୍ଣ ହିଁ ଗୁରୁ ବା ପରମାତ୍ମା ବୋଲି ଭାବିନଥିଲେ, କିନ୍ତୁ ଭୀଷ୍ମ ଭଗବଦ୍ଗୀତା ନଶୁଣି, ତାଙ୍କ ବିଶ୍ୱରୂପକୁ ନ ଦେଖି ମଧ୍ୟ ସେ ଅବ୍ୟକ୍ତ, ଗୁରୁ, ପରମାତ୍ମା, ସୃଷ୍ଟିକର୍ତ୍ତା, ଜଗଭର୍ତ୍ତା, ଜଗଦ୍ଗୁରୁ ବୋଲି ଜାଣି ପାରିଥିଲେ । ଅନେକ ସନ୍ଦର୍ଭରେ ସେ ଅନ୍ୟମାନଙ୍କୁ ମଧ୍ୟ ଶ୍ରୀକୃଷ୍ଣ ସାଧାରଣ ମଣିଷ ନୁହନ୍ତି ବୋଲି କହିଥିଲେ । ଭୀଷ୍ମଙ୍କର ସେହି ବିଶ୍ୱାସ ଆଗରେ କୌଣସି ମାୟା କାର୍ଯ୍ୟ କରି ନଥିଲା । ଏହି ଅନୁସାରେ କହି ପାରିବା ଯେ ବିଶ୍ୱାସରେ ତ୍ରୁଟି

ଥିଲେ କେହି ଗୁରୁଙ୍କୁ ଚିହ୍ନି ପାରନ୍ତି ନାହିଁ । ମାୟା ସେମାନଙ୍କଠାରେ କାର୍ଯ୍ୟ କରି ସେ ଗୁରୁ ନୁହନ୍ତି ବୋଲି ବିଶ୍ୱାସ ଅଣାଇଥାଏ । ସମ୍ପୂର୍ଣ୍ଣ ବିଶ୍ୱାସୀଙ୍କୁ ସେ କେବେ ମଧ୍ୟ ନିଜଠାରୁ ଦୂର କରନ୍ତି ନାହିଁ ବୋଲି ଜଣାଯାଉଛି । ଗୁରୁଙ୍କୁ ଭୂପୃଷ୍ଠରେ କେହି ଚିହ୍ନି ପାରନ୍ତି ନାହିଁ କହିବା ପାଇଁ ବାଟ ନାହିଁ, କାରଣ ! ଶ୍ରଦ୍ଧା ବିଶ୍ୱାସ ରଖି ଭୀଷ୍ମ ତାଙ୍କୁ ଜାଣି ପାରିଥିଲେ ବୋଲି ଏକ ପ୍ରମାଣ ରହିଯାଇଛି ।

*****

# ଗୁରୁଙ୍କ ବାବଦରେ ବଡମାନେ କଅଣ କହିଛନ୍ତି ?

**ଶ୍ଳୋ ॥ ଓଁ ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ**
**ଗୁରୁ ସାକ୍ଷାତ୍ ପରବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ**

**ଭାବାର୍ଥ :** ବ୍ରହ୍ମା ଗୁରୁ, ବିଷ୍ଣୁ ଗୁରୁ, ମହେଶ୍ୱର ମଧ୍ୟ ଗୁରୁ । ସତ କହିବାକୁ ଗଲେ ଗୁରୁ ଆତ୍ମାଠାରୁ ଭିନ୍ନ ତୃତୀୟ ପୁରୁଷ ପରମାତ୍ମା, ସେ ହିଁ ନିରାକାର, ସେ ହିଁ ସାକାର ହୋଇ ଆସିଥିବା ଗୁରୁ, ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ବିଶେଷାର୍ଥ :** ଦେବତାମାନଙ୍କର ସାକାର ରୂପ ଅଛି । ବ୍ରହ୍ମା, ଶିବ, ବିଷ୍ଣୁ ମଧ୍ୟ ଶରୀର ଧାରଣ କରି ଆତ୍ମା ଆଧାରରେ ବଞ୍ଚିଥା'ନ୍ତି । ଆତ୍ମା ସମସ୍ତଙ୍କ ଦେହରେ ରହଛି । ଗୁରୁ ହିଁ ଆତ୍ମା ସ୍ୱରୂପ ହୋଇ ବ୍ରହ୍ମାଙ୍କ ଶରୀରରେ, ବିଷ୍ଣୁଙ୍କ ଶରୀରରେ, ମହେଶ୍ୱରଙ୍କ ଶରୀରରେ ରହିଛନ୍ତି । ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ଶିବ ଭାବରେ କୁହାଯାଇଛି । ଗୁରୁ ପ୍ରଥମ ଆତ୍ମା (କ୍ଷର) ଭାବରେ, ଦ୍ୱିତୀୟ ଆତ୍ମା (ଅକ୍ଷର) ଭାବରେ, ତୃତୀୟ ଆତ୍ମା (ପରମାତ୍ମା)

ଭାବରେ ରହିଛନ୍ତି । ତେଣୁ ଗୁରୁ ସାକାର ଜୀବ, ନିରାକାର ଆତ୍ମା, ଏବଂ ଜୀବାତ୍ମା, ଆତ୍ମାଠାରୁ ଭିନ୍ନ ହୋଇଥିବା ପରମାତ୍ମାଭାବରେ ରହିଛନ୍ତି । ଯିଏ ତିନି ଆତ୍ମାଭାବରେ ରହିଛନ୍ତି ସେ ହିଁ ପ୍ରକୃତ ଗୁରୁ, ସେ ଧାରଣ କରିଥିବା ଶରୀର ଅତି ପବିତ୍ର, ସେହି ସାକାର ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଳୋ ॥ ଓଁ ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍**
**ତତ୍ପଦଂଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେନମଃ**

**ଭାବାର୍ଥ :** ଅଣ୍ଡ, ପିଣ୍ଡ, ବ୍ରହ୍ମାଣ୍ଡରେ ବ୍ୟାପିରହି ବିଶ୍ୱାକୃତି ହୋଇ ଯିଏ ଅଖଣ୍ଡ ରହିଛନ୍ତି, ସେ ସ୍ଥାବରଜଙ୍ଗମ ସମସ୍ତ ଜୀବରାଶିରେ, ବଦଳୁ ନଥିବା ପଞ୍ଚଭୂତରେ ବ୍ୟାପିରହିଛନ୍ତି, ତାଙ୍କର ସେହି ପରମାତ୍ମା ସ୍ଥିତିକୁ ଯିଏ ଜାଣିଛନ୍ତି ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଳୋ ॥ ଓଁ ମନ୍ନାଥୋ ଶ୍ରୀ ଜଗନ୍ନାଥ, ମଦ୍ଗୁରୁ ଶ୍ରୀ ଜଗଦ୍ଗୁରୁ**
**ମମାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀ ଗୁରବେନମଃ**

**ଭାବାର୍ଥ :** ମୋ'ର ନାଥ ହୋଇଥିବା ଗୁରୁ ସାରା ଜଗତର ନାଥ ଅଟନ୍ତି । ମୋ'ର ନାଥ ସେହି ଗୁରୁ ହିଁ ସର୍ବ ଜୀବରାଶିଙ୍କୁ ଜ୍ଞାନ ବୋଧ କରାଉଥିବା ଜଗଦ୍ଗୁରୁ, ମୋ' ଶରୀରରେ ଆତ୍ମାଭାବରେ ଥିବା ଗୁରୁ ହିଁ ସର୍ବ ଜୀବରାଶିର ଶରୀରରେ ଆତ୍ମାଭାବରେ ରହିଛନ୍ତି, ସେହି ଗୁରୁଙ୍କୁ ମୋ'ର ନମସ୍କାର ।

**ଶ୍ଳୋ ॥ ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା**
**ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେନମଃ**

**ଭାବାର୍ଥ :** ଅଜ୍ଞାନ ଅନ୍ଧକାରକୁ ଜ୍ଞାନ ନାମକ ଆଲୁଅରେ ଦୂର କରି, ଆତ୍ମାକୁ ଦୃଶ୍ୟରୂପରେ ଦେଖାଇପରୁଥିବା ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଳୋ ॥ ଓଁ ବ୍ରହ୍ମାନନ୍ଦଂ, ଅଚଳପୂର୍ଣ୍ଣଂ, ତ୍ରିଗୁଣାତୀତଂ,**
**ଆତ୍ମସାକ୍ଷାତ୍କାରଂ ଅଦ୍ୱୈତାନନ୍ଦମୂର୍ତ୍ତିଂ**
**ଆନନ୍ଦ ନିତ୍ୟ ସଦ୍ଗୁରୁଂ ତଂ ନମାମି ।**

**ଭାବାର୍ଥ :** ସର୍ବଶ୍ରେଷ୍ଠ ଆନନ୍ଦ, ଯିଏ ଅପରିବର୍ତ୍ତନୀୟ, ତିନି ଗୁଣର କର୍ମ ଯାହାକୁ ସ୍ପର୍ଶ କରେ ନାହିଁ, ଯିଏ ଆତ୍ମାଙ୍କୁ ସାକ୍ଷାତ୍ କରାଇଥାନ୍ତି, ଅଦ୍ୱିତୀୟ ପରମାତ୍ମାଙ୍କ ସହିତ ଯିଏ ସମ୍ବନ୍ଧୀତ ଏବଂ ନିତ୍ୟ ଆତ୍ମାନନ୍ଦରେ ଯିଏ ବୁଡି ରହିଛନ୍ତି, ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଳୋ ॥ ଓଁ ନିତ୍ୟାନନ୍ଦଂ,ପରମସୁଖଦଂ,କେବଳଂ ଜ୍ଞାନମୂର୍ତ୍ତିଂ,**
**ଦ୍ୱନ୍ଦାତୀତଂ,ଗଗନ ସଦୃଶଂ,ତତ୍ତ୍ୱମସ୍ୟାଦି ଲକ୍ଷ୍ୟଂ,**
**ଏକଂ ନିତ୍ୟଂ ବିମଲ ମଚଲଂ,ସର୍ବଧି ସାକ୍ଷୀଭୂତଂ,**
**ଭାବାତୀତଂ,ତ୍ରୀଗୁଣରହିତଂ ସଦ୍ଗୁରୁଂ ତଂ ନମାମି ।**

**ଭାବାର୍ଥ :** ଯିଏ ନିତ୍ୟଭାବରେ ଆତ୍ମା ନାମକ ଆନନ୍ଦରେ ବୁଡି ରହିଥାନ୍ତି, ଜୀବଠାରୁ ଭିନ୍ନଥିବା ଆତ୍ମାସୁଖକୁ ଯିଏ ଆଣିଦେଇଥାନ୍ତି, ଯିଏ ଆତ୍ମଜ୍ଞାନ ସ୍ୱରୂପ ହୋଇ ରହିଥାନ୍ତି, ଯିଏ ପାପପୁଣ୍ୟ ନାମକ ଦ୍ୱନ୍ଦରୁ ଅତୀତଭାବରେ ରହିଥାନ୍ତି, ଆକାଶ ଭଳି ରହି ଯିଏ କାହାକୁ ମଧ୍ୟ ସ୍ପର୍ଶ ନକରି ରହିଥାନ୍ତି, ତତ୍ତ୍ୱମସ୍ୟାଦି ବାକ୍ୟ ଯାହାର ନାମକୁ ସାର୍ଥକ କରନ୍ତି, ଯିଏ ସର୍ବଦା ଏକ ସ୍ୱରୂପ ହୋଇ ରହିଛନ୍ତି, ଯାହାର ପାପପୁଣ୍ୟାଦି କୌଣସି ମାଳିନ୍ୟ ନାହିଁ, ଯିଏ ଅଚଳ ଆଉ ସର୍ବଜୀବରାଶୀଙ୍କ ବୁଦ୍ଧିର ସାକ୍ଷୀ ହୋଇ ରହିଛନ୍ତି, ଯିଏ କୌଣସି ଭାବରେ ମଧ୍ୟ ମିଳନ୍ତି ନାହିଁ, ଯିଏ ଗୁଣାତୀତ ସେହି ସଦ୍ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଳୋ ॥ ଅନେକ ଜନ୍ମ ସଂପ୍ରାପ୍ତ କର୍ମବନ୍ଧ ବିଦାହୀନେ**
**ଜ୍ଞାନାନଳ ପ୍ରଭାବେନ ତସ୍ମୈ ଶ୍ରୀ ଗୁରବେନମଃ**

**ଭାବାର୍ଥ :** ଅନେକ ଜନ୍ମରୁ ରହି ଆସିଥିବା ପାପପୁଣ୍ୟକୁ ଜ୍ଞାନ ନାମକ ଅଗ୍ନି ଦ୍ୱାରା ଯିଏ ଦହନ କରିଦିଅନ୍ତି, ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଲୋକ ॥ ଓଁ ସଚିଦାନନ୍ଦ ରୂପାୟ ବ୍ୟାପିନେ ପରମାତ୍ମନେ**
**ନମଃ ଶ୍ରୀ ଗୁରୁ ନାଥାୟ ପ୍ରକାଶାନନ୍ଦ ମର୍ତ୍ତୟେ**

**ଭାବାର୍ଥ :** ଯିଏ ସତ୍, ଚିତ୍ ଆନନ୍ଦ (ଚିତ୍ତରେ ସତ୍ତାକୁ ଅନୁଭବ କରୁଥିବା ଆନନ୍ଦ) ସ୍ୱରୂପ ହୋଇ ରହିଛନ୍ତି, ଜୀବାତ୍ମା ଭାବରେ ରହିମଧ୍ୟ ଆତ୍ମା, ପରମାତ୍ମାଙ୍କ ସ୍ଥାନ ପର୍ଯ୍ୟନ୍ତ ଯିଏ ବ୍ୟାପିରହିଛନ୍ତି, ସମସ୍ତଙ୍କୁ ତେଜ ଦେଉଥିବା ଶକ୍ତିକୁ ଯିଏ ଅନୁଭବ କରିଛନ୍ତି, ସେହି ଗୁରୁଙ୍କୁ ମୁଁ ନମସ୍କାର କରୁଛି ।

**ଶ୍ଲୋକ ॥ ଓଁ ଗୁରୁରେକୋ ଜଗଦ୍ ସର୍ବଂ ବ୍ରହ୍ମା,ବିଷ୍ଣୁ,ଶିବାତ୍ମକଂ,**
**ଗୁରୁଃ ପରତରଂ ନାସ୍ତି ତସ୍ମୈ ଶ୍ରୀ ଗୁରବେ ନମଃ**

**ଭାବାର୍ଥ :** ଗୁରୁ ହିଁ ବ୍ରହ୍ମା, ବିଷ୍ଣୁ,ଶିବଙ୍କର ଆତ୍ମା ଭାବରେ ରହିଥା'ନ୍ତି, ଗୁରୁ ହିଁ ଜଗତର ସବୁକିଛି, ଗୁରୁଙ୍କଠାରୁ ବଳି ମୋକ୍ଷ ଆଉ କିଛି ନାହିଁ, ସେହି ଗୁରୁଙ୍କୁ ମୁଁ ସକଳଭାବରେ ପୂଜା କରୁଛି ।

*****

# ଶ୍ରୀ ସଦ୍ଗୁରୁ ପାଦୁକା ସ୍ତବ

**୧,ଶ୍ଲୋକ ॥ ଶ୍ରୀ ସମଞ୍ଚିତ ମବ୍ୟୟଂ ପରମ ପ୍ରକାଶମଗୋଚରଂ**
**ଭେଦବର୍ଜିତ ମପ୍ରମେୟ ମନନ୍ତ ମାଦ୍ୟମ କଲ୍ମଷଂ !**
**ନିର୍ମଳଂ ନିଗମାନ୍ତ ମଦ୍ୱୟ ମପ୍ରତର୍କ୍ୟମ ବୋଧକଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ଶୁଭଙ୍କରୀ, ଅବିନାଶୀ ତୋ'ଠାରୁ ଭିନ୍ନ ରହି, ତୋ'ର ଅଜାଣତରେ ରହି, ଭେଦ ରହିତଭାବରେ ସର୍ବତ୍ର ବ୍ୟାପିଥିବା, କୌଣସି ପ୍ରମାଣ ମିଳୁନଥିବା, ଆଦି ଅନ୍ତ ନଥିବା, ନିର୍ମଳ, ବେଦାନ୍ତ ସାର, ଦ୍ୱନ୍ଦହୀନ ଭାବରେ କହିବାକୁ ଗଲେ ବୁଦ୍ଧିର ଅସାଧ ହୋଇଥିବା ସେହି ଗୁରୁପାଦକୁ ପ୍ରାତଃ କାଳରେ ମନରେ ଧ୍ୟାନ କରୁଛି ।

**୨,ଶ୍ଳୋକ ॥ ନାଦବିନ୍ଦୁ କଳାତ୍ମକଂ ଦଶନାଦ ବିନୋଦକଂ**
**ମନ୍ତ୍ରରାଜ ବିରାଜିତଂ ନିଜମଣ୍ଡଳାନ୍ତର୍ଭାସିତମ୍ !**
**ପଞ୍ଚବର୍ଣ୍ଣମଖଣ୍ଡ ମଦ୍ଭୁତ ମାଦି କାରଣ ମଚ୍ୟୁତଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ଶବ୍ଦ, ରୂପ ନାମକ ତନ୍ମାତ୍ରକୁ ଶକ୍ତି ଦେଇ ଆତ୍ମାଭାବରେ ରହି, ଶବ୍ଦରେ ଦଶ ପ୍ରକାରର ନାଦ ଜନ୍ମ କରାଇ, ମନ୍ତ୍ରରାଜ 'ଓଁ' କାର ଶବ୍ଦକୁ ଜନ୍ମ ଦେଇ, ସେଥିରେ ପ୍ରକାଶିତ ହୋଇ, ସ୍ୱ ମଣ୍ଡଳ ବ୍ରହ୍ମନାଡୀରେ ନିବାସ କରି, ପଞ୍ଚଭୂତରେ ଅଖଣ୍ଡ ଏବଂ ଅଦ୍ଭୁତଭାବରେ ବ୍ୟାପୀ ମୂଳକାରଣ ହୋଇ ରହିଥିଲେ ହେଁ ବୁଝି ହେଉନଥିବା ସେହି ଗୁରୁପାଦକୁ ଏହି ନିର୍ମଳ ପ୍ରାତଃ କାଳରେ ପ୍ରଣାମ କରୁଛି ।

**୩,ଶ୍ଳୋକ ॥ ବ୍ୟୋମବଦ୍ଭହିରନ୍ତ ରସ୍ଥିତ ମକ୍ଷରଂ ନିଖିଳାତ୍ମକମ୍**
**କେବଳଂ ପରିଶୁଦ୍ଧମେକମଜନ୍ମହି ପ୍ରତି ରୂପକଂ !**
**ବ୍ରହ୍ମତତ୍ତ୍ୱବିନିଶ୍ଚୟଂ ନିରତାନୁ ମୋକ୍ଷ ସୁବୋଧକମ୍**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ସର୍ବ ଜୀବରାଶିରେ ଅବିନାଶୀ ହୋଇ, ଆକାଶ ଭଳି ଭିତରେ ବାହାରେ ବ୍ୟାପୀ, ସବୁକିଛିକୁ ନିଜ ରୂପ କରି, ବିଶ୍ୱରୂପ ହୋଇ, ପବିତ୍ର ଏବଂ ଦ୍ୱନ୍ଦହୀନଭାବରେ ଏକ ହୋଇ, ନିରନ୍ତର ମୋକ୍ଷ ବୋଧ କରି ବ୍ରହ୍ମପଦକୁ ନିର୍ଣ୍ଣୟ କରୁଥିବା ଗୁରୁପାଦକୁ ଆଦ୍ୟକାଳରେ ସ୍ମରଣ କରୁଛି ।

**୪,ଶ୍ଲୋକ ॥ ବୁଦ୍ଧିରୂପମ ବୁଦ୍ଧିକଂ ତ୍ରିତମୈକକୂଟ ନିବାସିନଂ**
**ନିଷ୍କଳଂ ନିରତ ପ୍ରକାଶକନିର୍ମଳଂ ନିଜମୂଳକମ୍ !**
**ପଶ୍ଚିମାନ୍ତର ଖେଳନଂ ନିଜ ସୁଦ୍ଧସଂଯମି ଗୋଚରଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ବୁଦ୍ଧିକୁ ଶକ୍ତି ଦେଉଥିଲେ ମଧ୍ୟ ବୁଦ୍ଧି ହୋଇ ନଥିବା, ତିନି ନାଡୀର ମିଳନ ସ୍ଥଳ ଭ୍ରୂମଧ୍ୟ ସ୍ଥାନରେ ନିବାସ କରୁଥିବା, ଅପରିବର୍ତ୍ତନୀୟ ଭାବରେ ନିରନ୍ତର, ନିର୍ମଳ କାରଣ ହୋଇ ପ୍ରକାଶିତ ହେଉଥିବା, ବ୍ରହ୍ମନାଡୀର ସହସ୍ରାର ଚକ୍ରରେ ରହିଥିବା, କୌଣସି ଗୁଣ ନଥିବା, ଶୁଦ୍ଧ ବ୍ୟକ୍ତିକୁ ଗୋଚର ହେଉଥିବା ସେହି ଗୁରୁପାଦକୁ ନିର୍ମଳ କାଳରେ ଧ୍ୟାନ କରୁଛି ।

**୫,ଶ୍ଲୋକ ॥ ହୃଦ୍‌ଗତଂ ବିମଳଂ ମନୋଜ୍ଞ ବିଭାସିତଂ ପରମାଣୁକଂ**
**ନୀଳ ମଧ୍ୟ ସୁନିଳ ସନ୍ନିଭ ମାଦିବିନ୍ଦୁ ନିଜାଂଶୁକମ୍ !**
**ସୂକ୍ଷ୍ମକର୍ଣ୍ଣିକ ମଧ୍ୟମସ୍ଥିତ ବିଦ୍ୟୁଦାଦି ବିଭାସିତଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ପ୍ରତି ଜୀବରାଶିର ହୃଦୟରେ ନିବାସ କରି, ମାଳିନ୍ୟହୀନ ଭାବରେ ରହି, ପରମାଣୁ ଭାବରେ ମନର ସାକ୍ଷୀ ହୋଇ କଳାରଙ୍ଗ ମଧ୍ୟରେ କଳା ହୋଇ, ପ୍ରଥମ ସ୍ୱରୂପ ହୋଇଥିବା ସ୍ୱାଂଶ ହୋଇ, ଶରୀରର ମଧ୍ୟ ଭାଗରୁ ମଧ୍ୟ ସୂକ୍ଷ୍ମ ଶବ୍ଦକୁ ଶୁଣୁଥିବା ମହାନ ଗୁରୁପାଦକୁ ମୁଁ ପ୍ରାତଃ କାଳରେ ସ୍ମରଣ କରୁଛି ।

**୬,ଶ୍ଲୋକ ॥ ପଞ୍ଚ ପଞ୍ଚ ହୃଷୀକ ଦେହ ମନଶ୍ଚ ତୁଷ୍କପରଷ୍ପରଂ**
**ପଞ୍ଚଭୂତସ କାମଷଟ୍‌କ ଶମୀର ଶବ୍ଦମୁ ଖେତରମ୍ !**
**ପଞ୍ଚକୋଶଗୁଣତ୍ରୟାଦି ସମସ୍ତ ଧର୍ମ ବିଲକ୍ଷଣଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ପାଞ୍ଚ ପାଞ୍ଚ ହୋଇ ପଚିଶିଗୋଟି ଇନ୍ଦ୍ରିୟ ଦ୍ୱାରା ତିଆରି ହୋଇଥିବା ମନ ଇତ୍ୟାଦି ଅନ୍ତଃକରଣଗୁଡ଼ିକରେ ପରସ୍ପର ସମ୍ବନ୍ଧ ରଖାଉଥିବା, ପଞ୍ଚଭୂତରେ ତିଆରି ହୋଇଥିବା କାମାଦି ଷଡଗୁଣ, ପଞ୍ଚବାୟୁ, ପଞ୍ଚ ତନ୍ମାତ୍ରଗୁଡ଼ିକଠାରୁ ସ୍ୱତନ୍ତ୍ର ହୋଇ ରହିଥିବା, ତିନି ଗୁଣର ଧର୍ମଠାରୁ ବିଲକ୍ଷଣ ହୋଇଥିବା ସେହି ଗୁରୁପାଦକୁ ସର୍ବପ୍ରଥମେ ପ୍ରାତଃ କାଳରେ ମୋ' ମନରେ ଭକ୍ତିର ସହିତ ଧ୍ୟାନ କରୁଛି ।

**୭, ଶ୍ଲୋକ ॥ ପଞ୍ଚମୁଦ୍ର ସୁଲକ୍ଷ୍ୟଦର୍ଶନ ଭାବମାତ୍ର ନିରୁପଣଂ**
**ବିଦ୍ୟୁଦାଦି, ଧଗଦ୍ଧଗିଦ୍ୱ ରୂଚିର୍ବିନୋଦ ବିବର୍ଦ୍ଧନମ୍ !**
**ଚିନ୍ମୁଖାନ୍ତର ବର୍ତ୍ତିନଂ ବିଲସଦ୍ୱିଲାସମ ମାୟକଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ଖେଚରୀ, ଭୂଚରୀ, ଷଣ୍ମୁକୀ ଇତ୍ୟାଦି ପଞ୍ଚମୂଦ୍ରାର ଲକ୍ଷ୍ୟାର୍ଥ ଦର୍ଶନ ଭାବ ଦ୍ୱାରା ନିରୂପଣ ହେଉଥିବା, ବିଜୁଳି ଭଳି ଚକ୍ ଚକ୍ କରୁଥିବା, ଜ୍ୟୋତି ସ୍ୱରୂପ ଦ୍ୱାରା ସନ୍ତୋଷ ଜାତ କରାଉଥିବା, ବ୍ରହ୍ମନାଡୀର ପ୍ରଥମ ଭାଗ ସହସ୍ରାର ଭିତରେ ଥିବା, ମାୟାରେ ପ୍ରକାଶିତ ହେଉଥିଲେ ହେଁ ମାୟାହୀନ ହୋଇଥିବା ସେହି ଗୁରୁପାଦକୁ ମୁଁ ପ୍ରାତଃ କାଳରେ ଧ୍ୟାନ କରୁଛି ।

**୮, ଶ୍ଲୋକ ॥ ପଞ୍ଚବର୍ଣ୍ଣ ଶୁଚିର୍ବିଚିତ୍ର ମନେକ ବର୍ଣ୍ଣମ ରୂପକଂ**
**ଚନ୍ଦ୍ରସୂର୍ଯ୍ୟଚିଦଗ୍ନି ମଣ୍ଡଳମଣ୍ଡିତଂ ଘନଚିନ୍ମୟମ୍ !**
**ଚିତ୍କଳା ପରିପୂର୍ଣ୍ଣମନ୍ତର ଚିତ୍ସମାଧି ନିରୀକ୍ଷଣଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ତତ୍ତ୍ୱବିଚାରରେ ମଧ୍ୟ ପଞ୍ଚଭୂତରେ ବିଚିତ୍ରଭାବରେ ରହିଥିବା,

ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଇତ୍ୟାଦିର ସାରାଂଶ ଅର୍ଥାତ୍ ସେଥିରେ ପ୍ରକାଶିତ ହେଉଥିବା ମୂଳ ପଦାର୍ଥ, ଚିତ୍‌କଳାପୂର୍ଣ୍ଣ, ଶରୀର ଭିତରେ ଜ୍ଞାନ ସମାଧି ଦ୍ୱାରା ଜଣା ପଡୁଥିବା ସେହି ଗୁରୁ ପାଦକୁ ଏହି ନିର୍ମଳ କାଳରେ ଭକ୍ତି ସହକାରେ ମନସ୍କାର କରୁଛି ।

**୯,ଶ୍ଳୋକ ॥ ହଂସଚରେ ମଖଣ୍ଡନାଦ ମନେକ ବର୍ଣ୍ଣମ ରୂପକଂ**
**ଶବ୍ଦଜାଲମୟଂ ଚରାଚରଜନ୍ତୁଦେହ ନିବାସିନମ୍ !**
**ଚକ୍ରରାଜମନାହତୋଭବମେକବର୍ଣ୍ଣ ମତଃ ପରଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ରୂପହୀନ, ଶ୍ୱାସରୂପରେ ଅଖଣ୍ଡ ନାଦ ହୋଇ ଜୀବରାଶିରେ ରହୁଥିବା, 'ସୋହଂ' ନାମକ ଶବ୍ଦ ଦ୍ୱାରା ଚରାଚର ଜୀବରାଶିର ଦେହରେ ନିବାସ କରୁଥିବା, ସମସ୍ତ ଜୀବରାଶିର ଅନାହତ ସ୍ଥାନରେ ଏକ ଭଳି ଜନ୍ମ ହୋଇ ତା'ଠାରୁ ଭିନ୍ନ ଥିବା ସେହି ଗୁରୁପାଦକୁ ନିର୍ମଳ କାଳରେ ଭକ୍ତି ସହକାରେ ପୂଜା କରୁଛି ।

**୧୦,ଶ୍ଳୋ ॥ ଜନ୍ମ କର୍ମ ବିଲୀନକାରଣ ହେତୁଭୂତମ ଭୂତକଂ**
**ଜନ୍ମ କର୍ମ ନିବାରକଂ ରୁଚିପୂରକଂ ଭବତାରକମ୍ !**
**ନାମରୂପ ବିବର୍ଜିତଂ ନିଜନାୟକଂ ଶୁଭଦାୟକଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ଜନ୍ମ କର୍ମ ବିନାଶର କାରଣ ହୋଇ ଜନ୍ମ ରହିତ ହୋଇ, ଜନ୍ମ କର୍ମ ନିବାରଣ କରୁଥିବା, ଏହି ସଂସାରସାଗରକୁ ପାରି କରାଇ ଦେଉଥିବା ପ୍ରକାଶିତ ଜ୍ଞାନ, ନାମ ରୂପହୀନ, ଶୁଭଙ୍କର ଏବଂ ସବୁଠାରୁ

ମୁଖ୍ୟ ନାୟକତ୍ୱ ବହନ କରୁଥିବା ଗୁରୁପାଦକୁ ମନାନ୍ତର୍ଭାଗରେ ଏହି ଶୁଭସକାଳରେ ମୁଁ ନମସ୍କାର କରୁଛି ।

**୧୧,ଶ୍ଲୋ ॥ ତପ୍ତକାଞ୍ଚନ ଦୀପ୍ୟମାନ ମହୋଣୁମାତ୍ରମ ରୂପକଂ**
**ଚନ୍ଦ୍ରିକାନ୍ତରକୈରବ ମୁଜ୍ଜ୍ୱଳଂ ପରମାସ୍ୱଦମ୍ !**
**ନିଳନିରଦ ମଧ୍ୟମସ୍ଥିତି ବିଦ୍ୟୁଦାଦି ବିଭାସିତଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ତରଳ କାଞ୍ଚନର ତେଜ, ସୂକ୍ଷ୍ମାଣୁ ରୂପ, ଚନ୍ଦ୍ର, ତାରାର କାନ୍ତିଠାରୁ, ଶୁଭ୍ର ସୌନ୍ଦର୍ଯ୍ୟଠାରୁ ସ୍ୱତନ୍ତ୍ର ହୋଇଥିବା, କଳାମେଘ ମଝିରେ ଝଟକୁଥିବା ବିଜୁଳି ଭଳି ପ୍ରକାଶିତ ସେହି ଗୁରୁପାଦକୁ ମୁଁ ମନରେ ଭାବନା କରି ଏହି ସକାଳର ପ୍ରଥମ ପ୍ରହରରେ ପୂଜା କରୁଛି ।

**୧୨,ଶ୍ଲୋ ॥ ସ୍ଥୁଳସୂକ୍ଷ୍ମ ସକାରଣାନ୍ତର ଖେଳନଂ ପରିପାଳନଂ**
**ବିଶ୍ୱତୈଜସପ୍ରାଜ୍ଞ ଚେତ ସମନ୍ତରାତ୍ମା ନିଜାଂଶୁକମ୍ !**
**ସର୍ବକାରଣମିଶ୍ୱରଂ ନିଟରାଳନ୍ତକରାଳ ବିହାରକଂ**
**ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!**

**ଭାବାର୍ଥ :** ସ୍ଥୁଳ, ସୂକ୍ଷ୍ମ, କାରଣ ଶରୀରରେ ବ୍ୟାପୀ, ବିଶ୍ୱ, ତୈଜସ, ପ୍ରାଜ୍ଞନିଦ୍ରା, ଜାଗ୍ରତ, ସ୍ୱପ୍ନ ଅବସ୍ଥାରେ ମଧ୍ୟ ସମସ୍ତ ଜୀବରାଶିରେ ନିବାସକରି, ସୂର୍ଯ୍ୟ, ଚନ୍ଦ୍ର ନାଡୀର ମଧ୍ୟରେ ଥିବା ବ୍ରହ୍ମନାଡୀରେ ରହି ସର୍ବ କାରଣ ହୋଇ ଈଶ୍ୱରଶକ୍ତି ଭାବରେ ଥିବା ଗୁରୁପାଦକୁ ମନରେ ଭାବି ମୁଁ ପ୍ରାତଃ କାଳରେ ପ୍ରଣାମ କରୁଛି ।

*****

# ଗୁରୁସ୍ତୋତ୍ର

**୧,ଶ୍ଲୋ ।।  କଳତ୍ରଂ ଧନଂ ପୁତ୍ରପୌତ୍ରାଦି ସର୍ବଂ**
**ଗୃହଂ ବାନ୍ଧବା ସର୍ବମେ ତଦ୍ଧିଜାତଂ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ସ୍ତ୍ରୀ, ଧନ, ପୁଅ, ନାତୀ, ବନ୍ଧୁ, ଗୃହ ଇତ୍ୟାଦି ମାନବର ଥିଲେ ମଧ୍ୟ, ଗୁରୁ ପାଦପଦ୍ମରେ ଯଦି ତା'ର ମନ ଲଗ୍ନ ହୋଇ ନାହିଁ ତେବେ ସେସବୁ ଥାଇ କି ଲାଭ ? କ'ଣ ବା ପ୍ରୟୋଜନ ? କ'ଣ ବା ପ୍ରୟୋଜନ ? କ'ଣ ବା ପ୍ରୟୋଜନ ?

**୨,ଶ୍ଲୋ ।।  ଷଡଙ୍ଗାଦି ବେଦୋ ମୁଖେଶାସ୍ତ୍ର ବିଦ୍ୟା**
**କବିତ୍ୱାଦି ଗଦ୍ୟଂ ସୁପଦ୍ୟଂ କରୋତି**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ଷଡଙ୍ଗାଦି ବେଦ, ଶାସ୍ତ୍ରବିଦ୍ୟାଦି କଣ୍ଠରେ ଥିଲେ ମଧ୍ୟ, କବିତାଦି, ଗଦ୍ୟ, ପଦ୍ୟକୁ ସହଜରେ ଗାଇଲେଖି ପାରୁଥିଲେ ମଧ୍ୟ ଯଦି ଗୁରୁ ପାଦପଦ୍ମରେ ମଣିଷର ମନ ଲଗ୍ନ ହୋଇ ନାହିଁ ତେବେ ସେବୁରେ କିଲାଭ ? କ'ଣ ବା ପ୍ରୟୋଜନ ? ତାହା କେଉଁଭଳି ସାର୍ଥକତା ? ସେସବୁ ବା କାହିଁକି ?

**୩,ଶ୍ଲୋ ।।  ବିଦେଶେଷୁ ମାନ୍ୟଃ ସ୍ୱଦେଶେଷୁ ଧନ୍ୟଃ**
**ସଦାଚ୍ଚରେ ନିତ୍ୟ ସୁବୃତିନ୍ନଚ୍ଚନ୍ୟଃ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ-** ମାନବ ବିଦେଶରେ ମହାପୂଜ୍ୟ ହୋଇଥିଲେ ମଧ୍ୟ, ନିଜ ଦେଶରେ ରହି ନିଜକୁ ଧନ୍ୟ ମନେ କରୁଥିଲେ ମଧ୍ୟ, ସବୁବେଳେ ସଦାଚାର, ସତ୍ପଥରେ ଚାଲୁଥିଲେ ମଧ୍ୟ ଗୁରୁ ପାଦପଦ୍ମରେ ଯଦି ମନଲଗ୍ନ କରି ନ ପାରିଲା ତେବେ ସେ କିପରି ଥିଲେ ମଧ୍ୟ ସେଥିରେ କ'ଣ ବା ମୂଲ୍ୟ ଅଛି ? କ'ଣ ବା ପ୍ରୟୋଜନ ? ତାହା କେଉଁଭଳି ସାର୍ଥକତା ? ସେସବୁ ବା କାହିଁକି ?

**୪,ଶ୍ଳୋ ॥ କ୍ଷମାମଣ୍ଡଳେ ଭୂପ ଭୂପାଳ ବୃନ୍ଦଂ**
**ସଦା ସେବ୍ୟତେ ଯସ୍ୟ ପାଦାରବିନ୍ଦଂ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ତୁ ଭୂପୃଷ୍ଠରେ ଚକ୍ରବର୍ତ୍ତୀ (ସମ୍ରାଟ) ହୋଇଥିଲେ ମଧ୍ୟ, ଛୋଟ ରାଜାମାନେ ତୋ'ର ପାଦସେବା କରୁଥିଲେ ମଧ୍ୟ ଗୁରୁ ପାଦପଦ୍ମରେ ଯଦି ମନଲଗ୍ନ କରି ନ ପାରିଲୁ ତେବେ ସେଥିରେ କ'ଣ ବା ଲାଭ ? କ'ଣ ବା ପ୍ରୟୋଜନ ? ତାହା କେଉଁଭଳି ସାର୍ଥକତା ? ସେସବୁ ବା କାହିଁକି ?

**୫,ଶ୍ଳୋ ॥ ସୁଭୋଗେ ନଯୋଗେ ନବାରାଜ୍ୟଭୋଗେ**
**ସକାନ୍ତା ମୁଖେନୈବ ବିତ୍ତେଷୁଯୁକ୍ତଃ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ଅନେକ ସୁଖଭୋଗ ଥିଲେ ମଧ୍ୟ, ମହାନ ଯୋଗୀ ହୋଇଥିଲେ ମଧ୍ୟ, ବଡ ରାଜ୍ୟଭୋଗ କରୁଥାଇ, ଅତି ସୁନ୍ଦରୀ ସ୍ତ୍ରୀ ସାଙ୍ଗତ୍ୟରେ ଥିଲେ ମଧ୍ୟ ଗୁରୁ ପାଦପଦ୍ମରେ ଯଦି ମନଲଗ୍ନ କରି ନ ପାରିଲୁ ତେବେ ସେଥିରେ କ'ଣ ବା ଲାଭ ? କ'ଣ ବା ପ୍ରୟୋଜନ ? ତାହା କେଉଁଭଳି ସାର୍ଥକତା ? ସେସବୁ କାହିଁକି ?

**୬, ଶ୍ଳୋ ॥ ଯଶୋମେଗତଂ ଦିକ୍ଷୁଦାନ ପ୍ରତାପ**
**ଜଗଦ୍ୱସ୍ତଂ ସର୍ବଂ କରେ ଯତ୍ ପ୍ରସାଦାତ୍**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ନିଜର କୀର୍ତ୍ତି, ପ୍ରତାପ, ଦାନଗୁଣାଦି ସବୁଦିଗକୁ ବ୍ୟାପିଥିଲେ ମଧ୍ୟ, ସାରା ଜଗତ ନିଜର ଅଧିନରେ ଥିଲେ ମଧ୍ୟ, ଗୁରୁ ପାଦପଦ୍ମରେ ଯାହାର ମନ ଲଗ୍ନ ହୋଇନାହିଁ ତା'ର ଯେତେ, ଯେମିତି ଥିଲେ ମଧ୍ୟ କ'ଣ ପ୍ରୟୋଜନ ? ସେଥିରେ କି ସାର୍ଥକତା ଅଛି ? କ'ଣ ଲାଭ ଅଛି ? କ'ଣ ଲାଭ ଅଛି ?

**୭, ଶ୍ଳୋ ॥ ଅରଣ୍ୟେ ନିବାସେ ସ୍ୱଗେହେଚ କାର୍ଯ୍ୟଃ**
**ନଦେହେ ମନୋ ବର୍ତ୍ତତେମେ ଅନାର୍ଵେ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ମାନବ ଅରଣ୍ୟରେ ରହୁ କିମ୍ବା ସ୍ୱଗୃହରେ ରହୁ ଅସ୍ଥିର ଶରୀର କାର୍ଯ୍ୟରେ ମନ ନ ରଖି ବିରକ୍ତ ହୋଇଯାଇଥିଲେ ମଧ୍ୟ ଗୁରୁ ପାଦ-ପଦ୍ମରେ ମନ ଲଗ୍ନ ହୋଇ ନପାରିଲେ କ'ଣ ବା ପ୍ରୟୋଜନ ? କ'ଣ ବା ସାର୍ଥକତା ? କ'ଣ ବା ଲାଭ ?

**୮, ଶ୍ଳୋ ॥ ଅନର୍ହ୍ୟାଣି ରତ୍ନାନି ଯୁକ୍ତାନି ସମ୍ୟକ୍**
**ସମାଲିଙ୍ଗିତା କାମିନି ଯାମିନିଷୁ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ଅମୂଲ୍ୟ ରତ୍ନର ଅଧିକାରୀ ହୋଇଥିଲେ ମଧ୍ୟ, ସୁନ୍ଦରୀ ସ୍ତ୍ରୀମାନଙ୍କୁ ଆଲିଙ୍ଗନ କରୁଥିଲେ ମଧ୍ୟ, ଗୁରୁ ପାଦପଦ୍ମରେ ମନ ନଥିଲେ ସେ ଯେମିତି ରହିଲେ ମଧ୍ୟ ସେଥିରେ କ'ଣ ବା ଲାଭ ? ସେସବୁରେ କ'ଣ ବା ପ୍ରୟୋଜନ ? ସେଥିରେ କି ସାର୍ଥକତା ଅଛି ?

**୯,ଶ୍ଳୋ ॥ ଶରୀରଂ,ସୁରୂପଂ,ତଥାବାକଳତ୍ରଂ**
**ଯଶଶ୍ଚାରୁ ଚିତ୍ରଂ ଧନଂ ମେରୁତୁଲ୍ୟଂ**
**ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ**
**ତତଃକିଂ ତତଃକିଂ ତତଃକିଂ ତତଃକିଂ !!**

**ଭାବାର୍ଥ :** ମାନବର ସୁନ୍ଦର ଶରୀର ଏବଂ ସୁଗୁଣା ସ୍ତ୍ରୀ, ବିଚିତ୍ର ମହାଯଶ, ମେରୁପର୍ବତଠାରୁ ଅଧିକ ଧନ ଥିଲେ ମଧ୍ୟ, ଗୁରୁ ପାଦପଦ୍ମରେ ମନ ନଥିଲେ ସେ ଯେମିତି ରହିଲେ ମଧ୍ୟ,ତା'ର ଯେତେ ଥିଲେ ମଧ୍ୟ, ସେଥିରେ କ'ଣ ବା ଲାଭ ? ସେସବୁରେ କ'ଣ ପ୍ରୟୋଜନ ? ସେଥିରେ ବା କି ସାର୍ଥକତା ଅଛି ?

*****

# ଗୁରୁଙ୍କାନକୁ ପ୍ରଜାମାନେ ଚିହ୍ନି ପାରନ୍ତି ?

ଯିଏ ଗୁରୁ ହୋଇ ଆସିଥା'ନ୍ତି ସେ ତାଙ୍କୁ କେହି ଚିହ୍ନି ନପାରିବା ଭଳି, ମାୟାରେ ମାୟାହୋଇ ଅଭିନୟ କରୁଥିଲେ ମଧ୍ୟ ଭୀଷ୍ମଙ୍କ ଭଳି ଲୋକମାନେ ମାୟାରେ ମାୟାଭଳି ଥିବା ମାୟାଧିପତି ଗୁରୁଙ୍କୁ ସହଜରେ ଚିହ୍ନି ପାରିଥା'ନ୍ତି । ହେଲେ ଭୀଷ୍ମଙ୍କ ଭଳି ଲୋକ ଭୂପୃଷ୍ଠରେ ମିଳିବା କଷ୍ଟ, ତେଣୁ ଗୁରୁଙ୍କୁ ଚିହ୍ନିବା ମଧ୍ୟ କଷ୍ଟ ବୋଲି କହି ପାରିବା । ଏପରି ଗୁରୁଙ୍କୁ ଚିହ୍ନି ନପାରିବାବେଳେ ତାଙ୍କ ବିଦ୍ୟାକୁ କିଏ ବା ଚିହ୍ନିବ ବୋଲି ପ୍ରଶ୍ନ କେତେକଙ୍କଠାରେ ଆସି ପାରେ, ସେଥିପାଇଁ ଆମର ସମାଧାନ ହେଉଛି !

ଆମ ଦେଶରେ ପ୍ରାୟ ୫ହଜାର ଏକଶହରୁ କିଛି ଅଧିକ ବର୍ଷ ପୂର୍ବେ ପରମାତ୍ମା ଭଗବାନ ଭାବରେ ଅର୍ଥାତ୍ ଗୁରୁ ହୋଇ ଆସିଥିଲେ ବୋଲି ଆଜି ଆମେ କହି ପାରୁଛେ । ସେଦିନ ଭଗବାନ ଶ୍ରୀକୃଷ୍ଣ ଭଗବଦ୍ଗୀତା କହିଥିଲେ ମଧ, ତାହା ଶୁଣି ନଥିବା ଭୀଷ୍ମ ଯୁଦ୍ଧର ଅଷ୍ଟମ ଦିନରେ ତଳେ ପଡିଯାଇଥିଲେ । ଅର୍ଜୁନଙ୍କୁ ଭଗବାନ ଗୀତା କହିଥିବା କଥା ମଧ ଭୀଷ୍ମଙ୍କୁ ଜଣା ନଥିଲା । କୃଷ୍ଣ କିଏ ବୋଲି ସେଦିନ ଭୀଷ୍ମଙ୍କ ଛଡା ଆଉ କାହାକୁ ଜଣା ନଥିଲା । କୃଷ୍ଣଙ୍କ ମୂଲ୍ୟ କ'ଣ କାହାକୁ ଜଣା ନଥିବାରୁ ସେ କହିଥିବା ବିଦ୍ୟାକୁ ବା ସେ କହିଥିବା ଜ୍ଞାନକୁ କେହି ଧ୍ୟାନ ଦେଇ ନଥିଲେ, ସେଦିନ ଅର୍ଜୁନଙ୍କଠାରୁ ଭଗବଦ୍ଗୀତା ଜାଣିପାରି, ତାହାକୁ ଶ୍ଳୋକରୂପରେ ଗ୍ରନ୍ଥ କରିଥିବା ବ୍ୟାସ ମଧ ଭଗବଦ୍ଗୀତାର ସାରକୁ ଗ୍ରହଣ କରିପାରି ନଥିଲେ । ସେଦିନ ବ୍ୟାସ ତାହା ଜାଣି ପାରି ନଥିବା ବେଳେ, ତାଙ୍କ ଭଳି ବିଦ୍ୟା ଅର୍ଜନ କରିନଥିବା ପ୍ରଜାମାନେ ଗୀତାସାରକୁ ଜାଣିଥିଲେ ବୋଲି କିପରି କହିବା ? ତେଣୁ ଗୁରୁ ଶରୀର ଧାରଣ କରି ରହିଥିବା ବେଳେ ସେ କହିଥିବା ବାଣୀ ଆମେ ଗ୍ରହଣ କରିପାରିବା ନାହିଁ, କିନ୍ତୁ ସେ ଚାଲିଗଲା ପରେ ଜାଣି ପାରିବା ସୁଯୋଗ ରହିଛି । ପ୍ରତ୍ୟକ୍ଷଭାବରେ ଥିବା ଲୋକ ଅପେକ୍ଷା ମୃତ୍ୟୁବରଣ କରି ଚାଲିଯାଇଥିବା ଲୋକକୁ ସମାଜରେ ଅଧିକ ପ୍ରାଧାନ୍ୟ ଦେଇଥା'ନ୍ତି । ତେଣୁ ସେହି ହିସାବରେ କହିପାରିବା ଯେ ଗୁରୁ ଆସି ଚାଲିଯିବା ପରେ ହୁଏତ ତାଙ୍କ ଜ୍ଞାନକୁ ଜାଣିବା ସୁଯୋଗ ଅଛି । କୃଷ୍ଣ ନାମେଧୟ ଗୁରୁ ଦ୍ୱାପର ଯୁଗରେ ଭଗବଦ୍ଗୀଗୀତା ନାମରେ ଜ୍ଞାନ କହିଥିବା ବେଳେ, ସେ କହିଥିବା ଗୀତାଜ୍ଞାନରେ ସଂପୂର୍ଣ୍ଣ ଧର୍ମ ରହିଥିଲେ ମଧ, ସେଦିନରୁ ଆଜିକୁ ପାଞ୍ଚହଜାର ବର୍ଷ ବିତି ଯାଇଥିଲେ ମଧ, ତାହା ସମ୍ପୂର୍ଣ୍ଣ ଭାବରେ ମଣିଷ ଜାଣିପାରି ନାହିଁ । ବୋଧହୁଏ ସେ ଆଉଥରେ ନଆସିଲେ ଆମକୁ ଗୀତାଜ୍ଞାନ କଦାପି ବୁଝାପଡିବ ନାହିଁ ।

*****

# ଗୁରୁଙ୍କୁ ମଣିଷ ସମ୍ମାନ ଦିଏ ?

ଜଣେ ମଣିଷର ମୂଲ୍ୟ ଆଉଜଣେ ମଣିଷ ଜାଣିଗଲେ ସେ ତା'କୁ ସମ୍ମାନ ଦିଏ । ଗୁରୁଙ୍କ ମୂଲ୍ୟ ସାଧାରଣ ପ୍ରଜାଙ୍କୁ ଜଣା ନାହିଁ, ତେଣୁ ତାଙ୍କୁ କିପରି ସମ୍ମାନ ଦେବେ ? ଗୁରୁ ଶରୀରରେ ରହି ଗୁଣଗୁଡିକରେ ସଞ୍ଚରଣ କରୁଥିବା ବେଳେ ସାଧାରଣମାନବକୁ ତାଙ୍କର ଗୁଣଯୁକ୍ତ କାର୍ଯ୍ୟଗୁଡିକ ହିଁ ଦେଖାଯାଏ । ଆମେ ମଧ୍ୟ ସମସ୍ତେ ଗୁଣଗୁଡିକ ଦ୍ୱାରା କାର୍ଯ୍ୟ କରୁଛେ । ତେଣୁ ଗୁରୁଙ୍କୁ ଗୁରୁଭାବରେ କେହି ଚିହ୍ନି ନପାରି ସାଧାରଣ ମଣିଷ ଭାବରେ ଚିହ୍ନିଥା'ନ୍ତି । ଗୁରୁଙ୍କ ମହିମା କେହି ଜାଣି ନଥିବା କାରଣରୁ କେତେକ ସନ୍ଦର୍ଭରେ ସେ ମଣିଷ ଦ୍ୱାରା ଅପମାନିତ ହୋଇଥାନ୍ତି, ଭଗବଦ୍ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗର ଏଗାରତମ ଶ୍ଳୋକରେ ସ୍ୱୟଂ ଭଗବାନ ଏକଥା କହିଛନ୍ତି ।

**ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତଂ ।**
**ପରଂଭାବ ମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥**

**ଭାବାର୍ଥ :** ସର୍ବଜୀବରାଶିର ମହେଶ୍ୱର ହୋଇଥିବା ମୋତେ ଏବଂ ମୋର ମହାନ ମାହିମାକୁ ଜାଣି ନପାରି, ମାନବଶରୀର ଧାରଣ କରିଥିବା ମୋତେ ଦେଖି ମୂଢମାନେ ଅବମାନ କରିଥା'ନ୍ତି ।

**ବିବରଣୀ :** ଭୂପୃଷ୍ଠର ସମସ୍ତ ଜୀବରାଶିଙ୍କୁ ସୃଷ୍ଟି କରିଥିବା ସୃଷ୍ଟିକର୍ତ୍ତା ହେଉଛନ୍ତି ପରମାତ୍ମା, **ସେହି ପରମାତ୍ମା ସାରା ବିଶ୍ୱରେ ବ୍ୟାପିରହି ତାଙ୍କ ଶକ୍ତିରୁ କିଛି ଅଂଶକୁ ଶରୀର ଧାରଣ କରି ଜନ୍ମହେବା ଭଳି କରିଥା'ନ୍ତି । ପରମାତ୍ମାଙ୍କଠାରୁ ଜନ୍ମ ହୋଇଥିବା ସେହି କିଛି ଅଂଶ ଧାରଣ କରିଥିବା ଆକାରକୁ ଭଗବାନ ବା ଗୁରୁ କହୁଛୁ** । ଗୁରୁ ବା ଭଗବାନ ସାକାର ଭାବରେ ଦେଖାଯାଇଥା'ନ୍ତି । ପରମାତ୍ମା ନିରାକାର

ଭାବରେ ଆଖିକୁ ଦେଖା ନଯାଇ ରହିଥା'ନ୍ତି । ଦେଖାଯିବା, ଦେଖା ନଯିବାର ଭିନ୍ନତା ଛଡା ପରମାତ୍ମା ଆଉ ଗୁରୁଙ୍କ ଭିତରେ କୌଣସି ଭିନ୍ନତା ନଥାଏ । ବିଶାଳ ଭାବରେ ଥିବା ସମୁଦ୍ରରୁ ଛିଟିକି ପଡିଥିବା ଜଳବିନ୍ଦୁ ଆଉ ସମୁଦ୍ରର ଜଳ ଭିତରେ କୌଣସି ଭିନ୍ନତା ନଥିବା ଭଳି, ପରମାତ୍ମା ଆଉ ଗୁରୁଙ୍କ ଭିତରେ କୌଣସି ଭିନ୍ନତା ନଥାଇ ଉଭୟ ଏକଶକ୍ତିହୋଇ ରହିଥା'ନ୍ତି । ଛିଟିକି ପଡିଥିବା ସମୁଦ୍ରର ଜଳବିନ୍ଦୁ ଆଉ ସମୁଦ୍ରଜଳର ଧର୍ମ ଏକ ହୋଇଥାଏ । ଗୁରୁ ଶରୀର ଧାରଣ କରି ଆଖିକୁ ଦେଖାଯାଉଥିବାରୁ, ଗୁରୁ ମଧ୍ୟ ନିଜର କର୍ମାନୁସାରେ ଅଜ୍ଞାନୀମାନଙ୍କ ଭଳି ଆଚରଣ କରିଥା'ନ୍ତି । ସେତେବେଳେ ଜ୍ଞାନହୀନ ମଣିଷ ତାଙ୍କୁ ସାଧାରଣ ମଣିଷ ଭାବି ତାଙ୍କର କାର୍ଯ୍ୟକଳାପ ଦେଖି ଅବମାନନା କରିଥାଏ ବା ନିନ୍ଦା ଦେଇଥାଏ । ଗୁରୁଙ୍କର ମହାନତାକୁ ଜାଣିନଥିବା ମଣିଷ ସେ କହୁଥିବା ଜ୍ଞାନକୁ ନଜାଣି, ନିଜେ ଯାହା ଜାଣିଛି ତାହା ହିଁ ଜ୍ଞାନ ଭାବି ଗୁରୁଙ୍କ ବାଣୀର ବ୍ୟତିରେକ କଥା କହି, ତୁ ଅଜ୍ଞାନ ବୋଧ କରୁଛୁ କହି, ତାଙ୍କ ସହିତ ଯୁକ୍ତି କରି, ତାଙ୍କୁ ହେଳିତ ଦୃଷ୍ଟିରେ ଦେଖୁଥାଇ ନାନା ଅପମାନ ଦେଇଥାଏ, ତାହାଙ୍କ ଜ୍ଞାନକୁ, ତାହାଙ୍କ ବ୍ୟକ୍ତିତ୍ୱକୁ ମଧ୍ୟ ଟିକିଏ ହିସାବକୁ ନଆଣି ଗୁରୁଙ୍କୁ ମାଡମାରିବା ପାଇଁ ମଧ୍ୟ ପଛାଇ ନଥାଏ । ଏସବୁ କରିବା ଦ୍ୱାରା ଗୁରୁଙ୍କର ଘୋର ଅପମାନ ହୋଇଥାଏ । ସମ୍ପୂର୍ଣ୍ଣ ଜ୍ଞାନକେନ୍ଦ୍ର ହୋଇଥିବା ଗୁରୁଙ୍କୁ ଖାତର ନକରି, ତାଙ୍କର ବାଣୀକୁ ଅଜ୍ଞାନ ବାଣୀ କହିବା ଦ୍ୱାରା ଅବମାନନା କରିବା ଭଳି ହୋଇଥାଏ । **ଆମର ମଙ୍ଗଳ ପାଇଁ, ଆମର ମୋକ୍ଷ ପାଇଁ, ଆମକୁ ଧର୍ମ ଜଣାଇବା ପାଇଁ, ସ୍ୱତନ୍ତ୍ର ଭାବରେ କିଛି କର୍ମକୁ ଆଣି ଭୂପୃଷ୍ଠକୁ ଆସିଥିବା ଭଗବାନ (ଗୁରୁ)ଙ୍କ କଥା ଶୁଣିବା ଆଗରୁ, ଅନ୍ୟମାନଙ୍କ ବତାଶିଖାରେ କଥା କହୁଥିବା ଲୋକମାନେ ମୁର୍ଖ ଭାବରେ ଆମେ କ'ଣ କରୁଛୁ, କ'ଣ କହୁଛୁ ବୋଲି ଟିକିଏ ବିଚାର ନକରି ଗୁରୁଙ୍କୁ ଅବମାନ କରିଥା'ନ୍ତି** । ତେଣୁ ଭଗବଦ୍ଗୀତାରେ ଭଗବାନ ମୂଢମାନେ

ମୋତେ ଅବମାନନା କରିଥା'ନ୍ତି ବୋଲି କହିଛନ୍ତି । ଭଗବାନ ବା ଗୁରୁ ହୋଇ ଆସିଥିବା ଈଶ୍ୱର (ପରମାତ୍ମା) କେତେବେଳେ ଭୂପୃଷ୍ଠକୁ ଆସିଲେ ମଧ୍ୟ ତାଙ୍କୁ ମୂଢ ଅଜ୍ଞାନୀମାନେ ନିଶ୍ଚୟ ଅବମାନନା କରିଥା'ନ୍ତି । ଦୈବଭକ୍ତି (ଗୁରୁଭକ୍ତି) କଅଣ ନଜାଣି ଦେବତାମାନଙ୍କୁ ଭକ୍ତି କରୁଥିବା ଲୋକମାନେ, ଦେଶଭକ୍ତି କରୁଥିବା ଲୋକମାନେ, ମତଭକ୍ତିରେ ଥିବା ଲୋକମାନେ ସେମାନଙ୍କୁ  ଯାହା ଜଣାଅଛି ତାହା ହିଁ ଜ୍ଞାନ ଭାବି ଗୁରୁଜ୍ଞାନକୁ ଖାଲିଯେ ଅବହେଳିତ ନୟନରେ ଦେଖନ୍ତି ତାନୁହେଁ, ସେମାନେ ଗୁରୁଙ୍କୁ ଅତି ଘୃଣା ମଧ୍ୟ କରିଥା'ନ୍ତି, ତାଙ୍କ ଉପରେ କ୍ରୋଧଭାବ ରଖିଥା'ନ୍ତି, ବୈରଭାବ ରଖିଥା'ନ୍ତି । ସେଥିଲାଗି ଯଦି ଆପଣ ଦେଶଭକ୍ତି କରୁଥା'ନ୍ତି ଭଲ, କିନ୍ତୁ ତାଠାରୁ ବଳି ଦୈବଭକ୍ତିକୁ ଆପଣ ଆପଣଙ୍କ ଭିତରେ ବଢାଇବା ଉଚିତ୍ । ଆପଣ  ମତଭକ୍ତ  ହୋଇଥିଲେ, ତା'ଠାରୁ ବଡ ହୋଇଥିବା ଗୁରୁଭକ୍ତିକୁ ଜାଗ୍ରତ କରିବା ଉଚିତ୍, ଏହା ଦ୍ୱାରା ଆପଣ ଗୁରୁଙ୍କୁ ସମ୍ମାନ ଦେବା ଭଳି ହେବ ।

*****

# ଗୁରୁଙ୍କ ଉପରେ ବୈରଭାବ ରଖୁଥିବା ଲୋକମାନଙ୍କୁ ଗୁରୁ କ'ଣ କରନ୍ତି ?

ଭୌତିକ ଶରୀର ଧାରଣ କରିଥିବା ଗୁରୁଙ୍କୁ ମୂଢମାନେ ବୈରଭାବ ରଖି ଅପମାନିତ କଲେ ମଧ୍ୟ ଗୁରୁ ତା'ବଦଳରେ ସେମାନଙ୍କର କିଛି କ୍ଷତି କରିବେ ବୋଲି କେବେ ମଧ୍ୟ ଭାବି ନଥା'ନ୍ତି । କାରଣ ଗୁରୁଙ୍କୁ ଈର୍ଷ୍ୟା କରି, ଘୃଣାକରି ତାଙ୍କୁ ଅପମାନ ଦେଲେ ସେ ଲୋକର ଭୟଙ୍କର କର୍ମ (ପାପ) ସଞ୍ଚୟ ହୋଇଥାଏ । ସେହି କର୍ମକୁ ଅନୁଭବ କରିବା ସବୁଠାରୁ ବଡଦଣ୍ଡ ହୋଇଥିବା ବେଳେ, ଗୁରୁ ସେମାନଙ୍କର କୌଣସି କ୍ଷତି କରିବା

ଆବଶ୍ୟକ ନାହିଁ । ଗୁରୁଦ୍ୱେଷୀ ବା ଗୁରୁଙ୍କ ଉପରେ ବୈରଭାବ ରଖୁଥିବା ଲୋକ ଭୟଙ୍କର ପାପ ଅର୍ଜନ କରୁଥାଇ, ଦେଶଭକ୍ତିରେ, ମତଭକ୍ତିରେ କାଳ ବ୍ୟର୍ଥ କରି ବ୍ୟର୍ଥଜ୍ଞାନ ଅର୍ଜନ କରିବା ସହିତ ଜନ୍ମଜନ୍ମକୁ ଅସୁରଗଣ ଭିତରେ ଜନ୍ମହୋଇ ଜନ୍ମମରଣଚକ୍ରରେ ସର୍ବଦା ଛନ୍ଦିହୋଇ ରହିଯାଆନ୍ତି । ଏକଥା ରାଜବିଦ୍ୟା ରାଜଗୁହ୍ୟ ଯୋଗର ୧୨ତମ ଶ୍ଳୋକରେ ଏବଂ ସେହି ଗୀତାର ଦୈବାସୁର ସମ୍ପଦ୍ୱିଭାଗ ଯୋଗର ୨୦ତମ ଶ୍ଳୋକରେ ମଧ୍ୟ କହିଛନ୍ତି ।

**ଅସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।**
**ମାମ ପ୍ରାପ୍ୟୈବ କୌନ୍ତେୟ ତତୋଯାନ୍ତ୍ୟଧମାଂ ଗତିମ୍ ॥**

**ଭାବାର୍ଥ :** ଅସୁର ଯୋନିରେ ଜନ୍ମ ହେଉଥାଇ, ମୂଢ ହୋଇ, ମୋତେ ଜାଣିପାରିବା ଭଳି ଜ୍ଞାନକୁ ଟିକିଏ ମଧ୍ୟ ନ ଜାଣି ଜନ୍ମ ଜନ୍ମକୁ ଅଧୋଗତି ହୋଇଥାଏ ।

**ବିବରଣୀ :** ଗୁରୁଙ୍କ ଉପରେ ବୈରଭାବ ରଖୁଥିବା ଲୋକମାନେ ରାକ୍ଷସଗୁଣ ଯୁକ୍ତ ହୋଇ ପାପର ଗଣ୍ଠିଲିକୁ ବାନ୍ଧି, ଦୈବଜ୍ଞାନର ଗନ୍ଧକୁ ମଧ୍ୟ ନଜାଣି, ଜନ୍ମମରଣଚକ୍ରରେ ବୁଲୁଥାଇ, ଜନ୍ମ ଜନ୍ମରେ ଅଧୋଗତି ହୋଇ, ଅନ୍ତହୀନ ପାପରେ ଘାଣ୍ଟି ହେଉଥା'ନ୍ତି ।

ଏଇଭଳି ଗୀତାରେ ଭଗବାନ କହିଛନ୍ତି ଯେ, ସେ କିଛି ବି ନକରି ସେମାନଙ୍କୁ ଭୟଙ୍କର ପାପରେ ଘାଣ୍ଟିହେବା ଭଳି କରିଥା'ନ୍ତି । ଭଗବାନ ପ୍ରତ୍ୟକ୍ଷଭାବରେ କିଛି କରୁନଥିଲେ ମଧ୍ୟ, ସେମାନଙ୍କର ପାପ ସେମାନଙ୍କୁ ଅଧୋଗତି କରୁଥିବାରୁ ସେମାନେ କୌଣସି ଜନ୍ମରେ ମଧ୍ୟ ଦୈବଜ୍ଞାନକୁ ଜାଣି ପାରନ୍ତି ନାହିଁ ବୋଲି ଜଣାଯାଉଛି । ଆଉଏକ ବିଚିତ୍ର କଥା ହେଉଛି ! ଗୁରୁଙ୍କ ଉପରେ ବୈରଭାବ ରଖି ତାଙ୍କୁ ନିନ୍ଦା କରୁଥିବା ଲୋକମାନଙ୍କର

କାହାକୁ ଜଣା ନଥିବା ଭୟଙ୍କର କୁର୍ଘଟଣା ମଧ୍ୟ ଘଟିଥାଏ, ସେ ବାବଦରେ କହିଲେ ତାହା ହୁଏତ ଏବେ ବୁଝିହେବ ନାହିଁ । ଭଗବାନ କେବଳ କହିଛନ୍ତି ଯେ, ପର ଜନ୍ମରେ ସେମାନେ ଅଧୋଗତି ହୋଇଥା'ନ୍ତି, କିନ୍ତୁ ସେ କହି ନଥିବା ଅଜଣା ଦୁର୍ଘଟଣା ମଧ୍ୟ ଏଇ ଜନ୍ମରେ ଘଟିଥାଏ । ଏହା ନିଶ୍ଚୟ ବିଚିତ୍ର କଥା । ଗୁରୁନିନ୍ଦା ଦ୍ୱାରା ଏଇ ଜନ୍ମରେ ମଧ୍ୟ ଦଣ୍ଡ ଭୋଗିବାକୁ ହୁଏ ବୋଲି ପ୍ରତ୍ୟକ୍ଷଭାବରେ ଜଣାପଡିଥାଏ, ତାହା ଜାଣିବା ଆଗରୁ କିଛି ନୂଆ କଥା ମଧ୍ୟ ନିମ୍ନମତେ ଜାଣିବାକୁ ହେବ ।

ଭୂପୃଷ୍ଠରେ ଦେଖାଯାଉଥିବା ସ୍ଥୁଳ ଜୀବରାଶିଙ୍କ ବ୍ୟତୀତ, ଦେଖାଯାଉ ନଥିବା ସୂକ୍ଷ୍ମ ଜୀବରାଶିମାନେ ମଧ୍ୟ ରହିଛନ୍ତି । ଏକଥା ନାସ୍ତିକବାଦୀମାନେ ବିଶ୍ୱାସ ନକଲେ ମଧ୍ୟ ଦେଖାଯାଉନଥିବା ଅନେକ ଜୀବରାଶି ଅଛନ୍ତି ଏହା ନିରାଟ ସତ୍ୟ କଥା । ଭୂପୃଷ୍ଠ ବ୍ୟତୀତ ଖଗୋଳରେ ଅନେକ ସୂକ୍ଷ୍ମ ଗୋଳ, ଗ୍ରହମାନେ ମଧ୍ୟ ରହିଛନ୍ତି । ଭୂପୃଷ୍ଠକୁ ଗୁରୁ ଆସିବା ବେଳେ ଭୂପୃଷ୍ଠର ସ୍ଥୁଳ ଜୀବରାଶିମାନେ କିମ୍ବା ସୂକ୍ଷ୍ମ ଜୀବରାଶିମାନେ ତାଙ୍କୁ ଚିହ୍ନି ପାରନ୍ତି ନାହିଁ । ସ୍ଥୁଳ ଜୀବରାଶିମାନେ ତାଙ୍କୁ ଜାଣି ପାରନ୍ତି ନାହିଁ, ତାହା ଆମେ ଆଗରୁ ଜାଣିଛେ । ସ୍ଥୁଳ ଜୀବରାଶିମାନଙ୍କ ଅପେକ୍ଷା ସୂକ୍ଷ୍ମ ଜୀବାରାଶିମାନଙ୍କର ଗ୍ରହଣ କରିବା ଶକ୍ତିରେ କିଛି ଭିନ୍ନତା ଥିଲେ ମଧ୍ୟ, ସୂକ୍ଷ୍ମ ଜୀବରାଶିମାନେ ମଧ୍ୟ ଗୁରୁଙ୍କୁ ଚିହ୍ନି ପାରନ୍ତି ନାହିଁ, ହେଲେ ଖଗୋଳର ସୂକ୍ଷ୍ମ ଗ୍ରହମାନେ ଗୁରୁଙ୍କୁ ଚିହ୍ନି ପାରନ୍ତି । ସେଥିଲାଗି ଖଗୋଳର ସୂକ୍ଷ୍ମ ଗ୍ରହମାନେ ଭୂପୃଷ୍ଠକୁ ଆସି, ଗୁରୁଙ୍କ ପାଖରେ ଜ୍ଞାନଶିକ୍ଷା କରିଥା'ନ୍ତି । ଗୁରୁ ସେମାନଙ୍କୁ ପ୍ରତ୍ୟକ୍ଷଭାବରେ ଜ୍ଞାନ ନକହିଲେ ମଧ୍ୟ, ମଣିଷକୁ କହୁଥିବା ବେଳେ ସେମାନେ ଆସି ଅତି ଶ୍ରଦ୍ଧାର ସହିତ ଶୁଣିଥା'ନ୍ତି । କାହାକୁ ଜଣାନଥିଲେ ମଧ୍ୟ ମଣିଷ ଭିତରେ ବଡ ବଡ ଗ୍ରହମାନେ ଆସି ଜ୍ଞାନଶିକ୍ଷା କରିଥା'ନ୍ତି, ସେମାନେ ଗୁରୁଙ୍କୁ ଖୁବ୍ ବିଶ୍ୱାସ କରିଥା'ନ୍ତି ଆଉ ଗୁରୁଙ୍କୁ କେହି ଅବମାନନା କଲେ କିମ୍ବା ତାଙ୍କ ଉପରେ ବୈରଭାବ ରଖି ନିନ୍ଦା କଲେ ସେମାନେ ସେମାନଙ୍କ ଉପରେ କ୍ରୋଧିତ

ହୋଇଥା'ନ୍ତି, ସେହି ଗ୍ରହମାନେ ହିଁ ସେମାନଙ୍କ ସ୍ୱସ୍ଥାନରେ ରହି, ଗୁରୁ ଜ୍ଞାନବୋଧ କଲାବେଳେ ସୂକ୍ଷ୍ମରୂପରେ ଭୂପୃଷ୍ଠକୁ ଆସିଥା'ନ୍ତି, ସେମାନେ କେତେବେଳେ ଆସିଥା'ନ୍ତି, କେତେବେଳେ ଯାଇଥା'ନ୍ତି ତାହା ମଣିଷ ଜାଣିପାରେ ନାହିଁ, ସେମାନଙ୍କ ଯାତାୟାତ କେବଳ ଗୁରୁଙ୍କୁ ଜଣାଥାଏ । ଗୁରୁ ଜ୍ଞାନବୋଧ କଲାବେଳେ ଯଦି ଦଶଜଣ ମଣିଷ ରହିଥା'ନ୍ତି ସେମାନଙ୍କଠାରୁ କିଛି ଅଧିକ କିମ୍ବା କିଛି କମ୍ ଗ୍ରହମାନେ ମଧ୍ୟ ରହିଥା'ନ୍ତି । ଗୁରୁ ଜ୍ଞାନବୋଧ କରୁନଥିବା ବେଳେ ମଧ୍ୟ ସେମାନେ ଆସି କେତେବେଳେ କେମିତି ଗୁରୁଙ୍କୁ ଦର୍ଶନ କରି ଚାଲିଯାଇଥା'ନ୍ତି, ହେଲେ ସୂକ୍ଷ୍ମଭାବରେ ସେମାନେ ଆସୁଥିବାରୁ ତାହା କେହି ଜାଣି ପାରନ୍ତି ନାହିଁ । ଗ୍ରହମାନେ ମଣିଷମାନଙ୍କ ଭିତରେ ଯିବା ଆସିବା କରିବା, ରହିବା, ଜ୍ଞାନଶିକ୍ଷା କରିବା କାର୍ଯ୍ୟ କରୁଥିଲେ ମଧ୍ୟ ମଣିଷ ତାହା ଜାଣିପାରେ ନାହିଁ । ଏହିଭଳି ସେମାନେ ମଣିଷ ସହିତ ମିଶି ରହିଥିବା ବେଳେ ଯଦି କେହି ଗୁରୁନିନ୍ଦା କରେ କିମ୍ବା ଗୁରୁଙ୍କ ଉପରେ ବୈରଭାବ ରଖେ ସେମାନେ ସେମାନଙ୍କ ଉପରେ କ୍ରୋଧିତ ହୋଇଥା'ନ୍ତି, ସେହି କ୍ରୋଧରେ ସେମାନେ ମଣିଷକୁ କୌଣସି କଷ୍ଟ ଦେଇଥା'ନ୍ତି, କିଛି କ୍ଷତି କରିଥାନ୍ତି, କୌଣସି ରୋଗରେ ପକାଇଥା'ନ୍ତି କିମ୍ବା ଜୀବନରେ ମାରିଦେଇ ପାରନ୍ତି । ମଣିଷ ଦୈବ ବ୍ୟତିରେକ କଥା କହିଲେ କିମ୍ବା ସ୍ଥୁଳ ଭାବରେ ଥିବା ଭଗବାନଙ୍କୁ (ଗୁରୁଙ୍କୁ) ନିନ୍ଦାକଲେ କିମ୍ବା ଗୁରୁଙ୍କ ଉପରେ ବୈରଭାବ ରଖିଲେ ସେମାନେ ଯଦି ସେହି ସମୟରେ ସେଠାରେ ରହିଥା'ନ୍ତି ତେବେ ସେ ମଣିଷର ଜୀବନକୁ ନିଶ୍ଚୟ ବିପଦ ରହିଥାଏ । ଗୁରୁ ସେମାନଙ୍କୁ କିଛି ନକହିଲେ ମଧ୍ୟ ଗ୍ରହମାନେ ସେମାନଙ୍କୁ କଦାପି ଛାଡନ୍ତି ନାହିଁ ।

ଉଦାହରଣ ସ୍ୱରୂପ ଗୋଟିଏ କଥା କହିବାକୁ ଗଲେ, ଏଲ୍ଲୟା ନାମକ ଜଣେ ବ୍ୟକ୍ତି ମଲ୍ଲୟା ସହିତ କଥା ହେଉ ହେଉ, ମଲ୍ଲୟା ଜଣେ ଗୁରୁଙ୍କୁ ନିନ୍ଦାକରି "ତୁମ ଗୁରୁ ମୋର କ'ଣ କରିପାରିବେ ତାଙ୍କୁ କରିବାକୁ କହ, ମୁଁ ଏବେ ତାଙ୍କୁ ନିନ୍ଦା କରୁଛି ! ତୋ' ଗୁରୁ ଯଦି ଏତେ ଶକ୍ତିଶାଳୀ ତା'ହେଲେ

ମୋର କ'ଣ ହେଉଛି ମୁଁ ଦେଖିବି, ଯଦି ମୋର କିଛି ନହେଲା ତେବେ ତୋ' ଗୁରୁଙ୍କୁ ମାଡମାରି ତଡିଦେବି" । ଏହି ସମୟରେ ସେଠାରେ ଥିବା ଏକ ସୂକ୍ଷ୍ମଗ୍ରହ ମଲ୍ଲୟା କହୁଥିବା କଥା ଶୁଣିପାରି ତା'କୁ ଉଚିତ୍ ସମୟରେ ଉଚିତ୍ ଦଣ୍ଡଦେବାକୁ ଯୋଜନା କଲା । କର୍ମାନୁସାରେ ବଳଶାଳୀ କର୍ମ ଥିବା ସମୟକୁ ସେମାନେ ଅପେକ୍ଷା କରି ସେହି ସମୟ ଆସିବାବେଳେ ଦଣ୍ଡିତ କରିଥା'ନ୍ତି । ମଲ୍ଲୟା ଜୀବନର ସେହିଭଳି ବଳଶାଳୀ କର୍ମ ଥିବା ସମୟରେ ସେହି ଗ୍ରହ ମଲ୍ଲୟାକୁ ଜୀବନରେ ମାରିଦେଲା । ସେହି ମରଣ ପାଇଁ ଗୁରୁ ଦାୟି ନହେଲେ ମଧ୍ୟ ସୂକ୍ଷ୍ମଗ୍ରହ ଗୁରୁନିନ୍ଦାକୁ ସହ୍ୟ କରି ନପାରି ଏଭଳି ମଲ୍ଲୟାକୁ ମାରି ଦେଇଥିବାବେଳେ, ତା'ର ସେହି ମରଣକୁ ସ୍ଥୁଳତଃ ସମସ୍ତେ ତା'ର ହୃଦ୍‌ରୋଗରେ ମୃତ୍ୟୁ ହୋଇଛି ବୋଲି ଭାବିଥିଲେ । ମଲ୍ଲୟାର ଶରୀର କୌଣସି କ୍ଷତି ହୋଇ ନଥିଲା ତେଣୁ ସମସ୍ତେ ତାହା ହୃଦ୍‌ରୋଗ ବୋଲି ଭାବିଥିଲେ । ଏଠାରେ ବିଚିତ୍ର କଥା ହେଉଛି ! ମଲ୍ଲୟା ମୃତ୍ୟୁବରଣ କରିବାବେଳେ ପିନ୍ଧିଥିବା ବସ୍ତ୍ରରେ ମଳମୂତ୍ର ବିସର୍ଜନ କରିଥିଲା । ହୃଦ୍‌ରୋଗ ବା ହାର୍ଟଆଟାକ୍ ସହିତ ମଳମୂତ୍ର ବିସର୍ଜନର କୌଣସି ସମ୍ପର୍କ ନଥାଏ ବୋଲି ଜାଣିଥିବା ଡାକ୍ତରମାନେ ମଧ୍ୟ ତା'ର ହାର୍ଟଆଟାକ୍‌ରେ ମୃତ୍ୟୁ ହୋଇଛି ବୋଲି କହିଥିଲେ । ଏଭଳି ମଳମୂତ୍ର ବିସର୍ଜନ କରି ମୃତ୍ୟୁବରଣ କରିଥିବା ଲୋକକୁ ସେ ମୃତ୍ୟୁବରଣ କରୁଥିବା ସମୟରେ କୌଣସି ଭୟଙ୍କର ରୂପକୁ ଦେଖିଛି ବୋଲି ସାଧାରଣତଃ ଅନେକେ ଭାବିଥା'ନ୍ତି, କିନ୍ତୁ ମଲ୍ଲୟା କ'ଣ ଦେଖିଛି, ତା'ର କ'ଣ ହେଲା ତାହା କହିବା ଆଗରୁ ସେ ମୃତ୍ୟୁବରଣ କରିଥିଲା । ତା'ଛଡା ସେ ମୃତ୍ୟୁବରଣ କରିବା ସମୟ ଦିନବେଳା ଥିଲା, ପାଖରେ ଅନ୍ୟମାନେ ମଧ୍ୟ ଥିଲେ । ଦିନବେଳରେ ତା'ପାଖରେ ଅନ୍ୟମାନେ ବସିଥିବା ବେଳେ ପାଖ ଲୋକକୁ ମଧ୍ୟ ଜଣା ନଥିବା ସ୍ଥିତିରେ ସେ ମୃତ୍ୟୁବରଣ କରିଥିଲା । ଏସବୁ ସୂକ୍ଷ୍ମଭାବରେ ହୋଇଥିବାରୁ କେହି ତା' ମରଣ ବାବଦରେ କୌଣସି

ସନ୍ଦେହ କରି ନଥିଲେ, କିନ୍ତୁ ଏଲ୍ଲୟାଙ୍କୁ ମଲ୍ଲୟାର ମରଣ ଉପରେ ସନ୍ଦେହ ଆସିଥିଲା, ସେ କିଭଳି ମୃତ୍ୟୁବରଣ କଲେ ମଧ୍ୟ ମଲ୍ଲୟା ତାର ଗୁରୁଙ୍କୁ ନିନ୍ଦା କରିଥିବାରୁ ତା'ର ଏଭଳି ଅକାଳମୃତ୍ୟୁ ହେଲା ବୋଲି ସେ ଭାବିଥିଲା, ଏସବୁ ସୂକ୍ଷ୍ମ ଭାବର ଘଟିଥିବାରୁ କେହି ଜାଣି ପାରିଲେ ନାହିଁ, ତା'ର ହାର୍ଟ ଆଟାକ୍‌ରେ ମରଣ ହେଲା ବୋଲି ଭାବିଥିଲେ ।

ଗୁରୁଙ୍କୁ ନିନ୍ଦାକଲେ ଗୁରୁଙ୍କ ତରଫରୁ କୌଣସି ପ୍ରତିକାର ଥାଇ ନପାରେ, କିନ୍ତୁ ସେ ସମୟରେ ସେଠାରେ ଯଦି କେହି ଗୁରୁ ବିଶ୍ୱାସୀ ସୂକ୍ଷ୍ମଗ୍ରହ ରହିଥାଏ ତେବେ ତା'ର ବିପଦ ନିଶ୍ଚୟ ରହିଥାଏ । ଏଭଳି ଅନେକଲୋକ ଏକଥା ନଜାଣି ଗୁରୁନିନ୍ଦା କରି ନାନା ବିପଦର ସମ୍ମୁଖୀନ ହୋଇଛନ୍ତି । କେତେକ ଦୃଷ୍ଟିଶକ୍ତି ହରାଇଛନ୍ତି, କେତେକ ହାତଗୋଡ ହରାଇଛନ୍ତି, କେତେକ ପ୍ରାଣ ମଧ୍ୟ ହରାଇଛନ୍ତି । ସୂକ୍ଷ୍ମ ଗ୍ରହମାନେ କୌଣସି ବାହ୍ୟ ଆଧାର ବିହୀନ ଘଟଣା ଘଟାଇଥା'ନ୍ତି । ହାତଗୋଡ ହରାଉଥିବା ଲୋକମାନଙ୍କୁ ଡାକ୍ତର ସେମାନଙ୍କର ନର୍ଭସ୍ ସିଷ୍ଟମ୍‌ରେ ବ୍ୟତିକ୍ରମ ଅଛି ବୋଲି କହୁଛନ୍ତି, ଆଖି ହରାଇଥିବା ଲୋକଙ୍କୁ ତା'ର ଭିଟାମିନ୍ସ ଲୋପ ରହିଛି ବୋଲି କହୁଛନ୍ତି, ସବୁ ଠିକ୍ ଥାଇ ମୃତ୍ୟୁବରଣ କଲେ ତାର ହାଟ୍‌ଆଟାକ୍ କହୁଛନ୍ତି ସିନା, ସତକଥାକୁ କେହି ବୁଝିପାରୁ ନାହାନ୍ତି ।

ଗୁରୁଙ୍କୁ ନିନ୍ଦା କରିବା, ଗୁରୁଙ୍କ ଉପରେ ବୈରଭାବ ରଖିବା ଲୋକମାନେ ଏଇ ଜନ୍ମରେ ତତ୍‌କ୍ଷଣାତ୍ କିଛି ଭୋଗିବା ଛଡା ପର ଜନ୍ମରେ ମଧ୍ୟ ଭୟଙ୍କର କର୍ମ ଅନୁଭବ କରିଥା'ନ୍ତି, ସେହି ଅନୁଭବ ସେମାନଙ୍କର ନରକପ୍ରାୟ ହୋଇଥାଏ । ଭୂପୃଷ୍ଠରେ କୌଣସି ବ୍ୟକ୍ତିଙ୍କୁ ଅପମାନ ଦେବା, ନିନ୍ଦାକରିବା କିମ୍ବା ତା ଉପରେ ବୈରଭାବ ରଖିବା, ମାଡମାରିବା ଦ୍ୱାରା ଆସୁଥିବା ପାପକର୍ମକୁ ଆସନ୍ତା ଜନ୍ମରେ ଅନୁଭବ କରିଦେଲେ ତାହା ଶେଷ ହୋଇଯାଇଥାଏ । ଏହା କର୍ମକୁ ନିଖୋଜ କରିବାର ଗୋଟିଏ ବାଟ ହୋଇଥିବାବେଳେ ଆଉଗୋଟିଏ ବାଟରେ ଜ୍ଞାନ ଜାଣି, ଜ୍ଞାନାଗ୍ନି ଅର୍ଜନ

କରି ସେହି ଅଗ୍ନି ଦ୍ୱାରା ଗତଜନ୍ମର ପାପକୁ ଜାଳିଦେଇ ହେବ, କିନ୍ତୁ ସାକାର ଗୁରୁଙ୍କ ବାବଦରେ କିମ୍ବା ନିରାକାର ପରମାତ୍ମାଙ୍କ ବାବଦରେ ନାନା ନିନ୍ଦା ଅପମାନ ଦ୍ୱାରା ଆସିଥିବା ପାପ ପରଜନ୍ମରେ ଅନୁଭବ କରିଦେଲେ ଶେଷ ହୋଇଯିବ ନାହିଁ । ଦୈବନିନ୍ଦା ବା ଗୁରୁ ଦ୍ୱେଷର ପାପକୁ ଯୁଗ ଯୁଗ ପର୍ଯ୍ୟନ୍ତ ଅନୁଭବ କରିବାକୁ ହୋଇଥାଏ, ସେତେବେଳେ ପରମାତ୍ମାଙ୍କୁ ପ୍ରାର୍ଥନା କଲେ ମଧ୍ୟ ସେ କ୍ଷମା କରିପାରିବେ ନାହିଁ, କାରଣ ! ସେହି ପାପର କ୍ଷମା ନାହିଁ । ତାହାକୁ ଆମେ ଅକ୍ଷମଣୀୟ ପାପ ବୋଲି କହୁଛୁ । ଦୈବନିନ୍ଦା ବା ଗୁରୁନିନ୍ଦା ଦ୍ୱାରା ଆସୁଥିବା ଅକ୍ଷମଣୀୟ ପାପକୁ ଯୁଗ ଯୁଗ ପର୍ଯ୍ୟନ୍ତ ନାନା ଭୟଙ୍କର ଯାତନା ଭାବରେ ଭୋଗିବାକୁ ହୋଇଥାଏ । ଏକଥା ଭାରତରେ ଥିବା ଗୀତାରେ, ଅନ୍ୟ ଦେଶରେ ଥିବା ଦୈବଗ୍ରନ୍ଥରେ କୁହାଯାଇଛି । ତେଣୁ ତୁ କୌଣସି ମତର (ଧର୍ମର) ହୋଇଥାଆ ତାହା ପଛେଥାଉ ତୁ ଯଦି ଗୁରୁନିନ୍ଦା କରୁ ତେବେ ତୋତେ ଅକ୍ଷମଣୀୟ ପାପରୁ କେହି ମଧ୍ୟ ମୁକ୍ତ କରି ପାରିବେ ନାହିଁ । ମୁଁ ଅମୁକ ମତର ଲୋକ, ସେ ମତରେ ଥିବା ଦୈବଙ୍କୁ ନିନ୍ଦାକଲେ ମୋର କିଏ କ'ଣ କରିବ ବୋଲି ଭାବିବୁ ନାହିଁ । ଦୈବ, ପରମାତ୍ମା, ଆଲ୍ଲା, ୟହୋବା, ଈଶ୍ୱର, ପରମେଶ୍ୱର ସବୁ ସେହି ସୃଷ୍ଟିକର୍ତ୍ତାଙ୍କର ଗୋଟିଏ ଗୋଟିଏ ଉପାଧି, ସେ ହିଁ ପରମ ଆରାଧ୍ୟ, ସେ ହିଁ ସମସ୍ତଙ୍କର ଦୈବ, ସେ ଗୁରୁ ବା ଭଗବାନ ହୋଇ ଭୂପୃଷ୍ଠକୁ ଆସିଥା'ନ୍ତି, ତେଣୁ ଦୈବନିନ୍ଦା ବା ଗୁରୁଦ୍ୱେଷ ପାପ ତୋତେ କଦାପି ଛାଡିବ ନାହିଁ । ସମସ୍ତଙ୍କର ଭର୍ତ୍ତା ଜଣେ, ତେଣୁ ଇନ୍ଦୁ ମତର ଆରାଧ୍ୟ ପରମାତ୍ମା କିମ୍ବା ଭଗବାନ ହୋଇଥିବା କୃଷ୍ଣଙ୍କୁ ଅନ୍ୟମତର ବୋଲି ଭାବି ନିନ୍ଦାକର, କ୍ରୈସ୍ତବ ମତର ଯୀଶୁଙ୍କୁ ଅନ୍ୟମତର ଭାବି ନିନ୍ଦାକର କି ଇସ୍ଲାମ୍ ମତର ଅଲ୍ଲାଙ୍କୁ ନିନ୍ଦାକର ସେଥିପାଇଁ ଅକ୍ଷମଣୀୟ ପାପ ନିଶ୍ଚୟ ହେବ । ତେଣୁ ସତର୍କତାର ସହିତ ଜ୍ଞାନ ଅର୍ଜନ କରି ଦୈବଙ୍କ ଦିଗରେ ଯାତ୍ରାକରି, ଜୀବନକୁ ସହଜ ସୁନ୍ଦର କରନ୍ତୁ ବୋଲି ଆଶା କରୁଛୁ ।

*****

# ଗୁରୁ ଜଙ୍ଗଲରେ ରହନ୍ତି କି ଗାଆଁରେ ରହନ୍ତି ?

ଗୁରୁ ଜନସମାଜରେ ରହନ୍ତି ନାହିଁ, ଜନାକୀର୍ଣ୍ଣ ଜଙ୍ଗଲରେ, ପାହାଡଗୁମ୍ଫାରେ ରହନ୍ତି, ଆମର ଜ୍ଞାନ ଆବଶ୍ୟକ ହେବାବେଳେ ଆମେ ପାହାଡ, ଜଙ୍ଗଲରୁ ଗୁରୁଙ୍କୁ ଖୋଜି ତାଙ୍କଠାରୁ ଗୁରୁପୋଦେଶ ଗ୍ରହଣ କରିଥାଉ ବୋଲି କେତେକ କହିଥା'ନ୍ତି । ତା'ଛଡା ଗୁରୁଙ୍କୁ ଶିଷ୍ୟ ଖୋଜିଥାଏ ସିନା ଗୁରୁ ଶିଷ୍ୟକୁ ଖୋଜି ଆସିନଥା'ନ୍ତି ବୋଲି କହିଥା'ନ୍ତି । ଏକଥା ଶୁଣିଥିବା କେତେକ ସାଧାରଣ ଲୋକମାନେ ଯିଏ ଗାଆଁଗହଳିରେ ରହନ୍ତି ସେ ଗୁରୁ ନୁହନ୍ତି, ଗୁରୁ ଜଙ୍ଗଲରେ ଥାଆନ୍ତି, ଆମର ଦରକାରବେଳେ ଆମେ ତାଙ୍କ ପାଖକୁ ଗୁରୁପୋଦେଶ ନିମନ୍ତେ ଯିବା ଉଚିତ୍ ବୋଲି ଭାବିଥା'ନ୍ତି । ଏହିଭଳି ଭାବଧାରା ଥିବା ଲୋକମାନଙ୍କୁ ଉଦ୍ଦେଶ୍ୟ କରି ଯୋଗୀ ବେମନ ତାଙ୍କ ପଦ୍ୟାବଳୀର ଏକ ପଦ୍ୟରେ –

**ବଣରେ ଗୁମ୍ଫାରେ ଗୁରୁଙ୍କୁ ଖୋଜିଲେ**
**ମିଳିବେ ତ ନାହିଁ ସେଠାରେ ଗୁରୁ ।**
**କୃରମୃଗ ତୋତେ ମୁକତି ଦେବେରେ**
**ବେମନ ! ସେ ଗୁରୁ ଦେବା ଆଗରୁ ॥**
**(ଅନୁବାଦ: ବେମନ ପଦ୍ୟାବଳୀ)**

ବେମନ କହିଥିବା ଏହି ପଦ୍ୟ ସମସ୍ତଙ୍କୁ ସହଜରେ ବୁଝାପଡିବା ଭଳି ଜଣାପଡେ, ତାଙ୍କ ପଦ୍ୟରୁ ଜଣାଯାଏ ଯେ ଗୁରୁ ଜଙ୍ଗଲରେ ରହନ୍ତି ନାହିଁ । ପୂର୍ବେ କେତେକ ରାଜାମାନେ ସେମାନଙ୍କ ରାଜ୍ୟଭାର ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ଦେଇ ସ୍ତ୍ରୀ, ପିଲାଙ୍କ ବନ୍ଧନକୁ କାଟି ଜଙ୍ଗଲକୁ ଯାଇ, ସେଠାରେ ତପସ୍ୟା କରିଥା'ନ୍ତି ବୋଲି କହିଥା'ନ୍ତି । ନିର୍ଜନ ପ୍ରଦେଶ ହୋଇଥିବା ଜଙ୍ଗଲରେ ସେମାନଙ୍କ ତପସ୍ୟା ଭଗ୍ନ ନ ହେବା ଭଳି ସୁରକ୍ଷା ମିଳିଥାଏ, ସେମାନେ ଜଙ୍ଗଲରେ ରହିବା ଦ୍ୱାରା ସେମାନଙ୍କଠାରେ

ଥିବା ମୋହଗୁଣକୁ ସେମାନେ କମ୍ କରିଥା'ନ୍ତି ବୋଲି ଭାବିଥା'ନ୍ତି । ଏଭଳି ସେମାନେ ସେମାନଙ୍କ ସ୍ତ୍ରୀ ପିଲାଙ୍କ ସ୍ନେହଁରୁ ବଞ୍ଚିତ ରହିବାପାଇଁ ଭାବୁଥିଲେ ମଧ୍ୟ, ସେମାନଙ୍କ ପରିଚିତ କିମ୍ବା ପିଲାମାନେ ଜଙ୍ଗଲକୁ ଯାଇ ସେମାନଙ୍କର ପିତା ସେଠାରେ କିପରି ଅଛନ୍ତି ବୋଲି ଦେଖାସାକ୍ଷାତ୍ କରି ଆସିଥା'ନ୍ତି । ଏଭଳି ପିଲାମାନେ, ବନ୍ଧୁ, ପରିଚିତମାନେ ସେମାନଙ୍କ ସହିତ ବେଳେବେଳେ ମିଶି ଆସିବା ଦ୍ୱାରା ସେମାନଙ୍କ ସହିତ ମୋହଗୁଣ ପୁଣିଥରେ ଲାଗି ଯାଉଥିବାରୁ ସେମାନେ ଜଙ୍ଗଲରେ ରହିବା ଗାଆଁରେ ରହିବା ଭଳି ହୋଇଯାଇଥାଏ । ପ୍ରଶାନ୍ତତା ପାଇଁ ଜଙ୍ଗଲକୁ ଯାଇ ଜପ, ତପ କରି ଶେଷ ଜୀବନ ବିତାଇବି ବୋଲି ଭାବିଲେ ମଧ୍ୟ ବନ୍ଧୁ ପରିଚିତମାନଙ୍କ ଦ୍ୱାରା ସେ ସୁଯୋଗ ମଧ୍ୟ ମିଳିନଥାଏ । ସେଥିଲାଗି କେତେକ ଜଙ୍ଗଲରେ ସେମାନେ କେଉଁଠାରେ ରହିଛନ୍ତି ସେ ଠିକଣା ଅନ୍ୟମାନେ ନିଶ୍ଚୟ ଖୋଜି ଜାଣିଯିବେ ବୋଲି ପାହାଡଗୁମ୍ଫାରେ କାଳ କାଟିଥା'ନ୍ତି । ଏଭଳି ପୂର୍ବେ କେତେକ ଜଙ୍ଗଲରେ, ପାହାଡଗୁମ୍ଫାରେ ରହୁଥିଲେ । ଏହି ପରିସ୍ଥିତିରେ ରହୁଥିବା ଲୋକମାନଙ୍କ ଉପରେ ଗାଆଁଗହଳିର ଲୋକମାନେ ଉନ୍ନତ ଭାବ ରଖିଥିଲେ ଅର୍ଥାତ୍ ଜଙ୍ଗଲରେ ଦୈବଜ୍ଞାନ ଜାଣିଥିବା ମହାନ ବ୍ୟକ୍ତିମାନେ ରହିଥା'ନ୍ତି ବୋଲି ସମସ୍ତେ ଭାବୁଥିଲେ ।

କାଳଗତିରେ ରାଜାମାନଙ୍କର କାଳ ବିତି ଆଜି ଆଜିରକାଳ ଆସି ପହଞ୍ଚିଛି । ଆଜିର କାଳରେ ମଣିଷ ବଞ୍ଚୁଥିଲେ ମଧ୍ୟ କେତେକ ପୂର୍ବ ଭଳି ତପସ୍ୟା କରୁଥିବା ମହାନ ବ୍ୟକ୍ତିମାନେ ଜଙ୍ଗଲରେ, ଗୁମ୍ଫାରେ ଥାଆନ୍ତି ବୋଲି ଭାବୁଛନ୍ତି । ଯଦି କାହାଠାରେ ସଂସାରବୈରାଗ୍ୟ ଆସି ଜ୍ଞାନ ଜାଣିବାକୁ ଇଚ୍ଛା ହେଲା ତେବେ ସେମାନେ ଆମେ ରହସ୍ୟଭାବରେ ଜଙ୍ଗଲକୁ ଯାଇ, ପାହାଡଗୁମ୍ଫାକୁ ଯାଇ ସେଠାରେ ଥିବା ମହାନ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସି ଜ୍ଞାନ ଜାଣି ଦୈବମାର୍ଗରେ ଗତି କରିବୁ ବୋଲି ଭାବୁଛନ୍ତି । ଗାଆଁଗହଳିରେ ଥାଇ ଜ୍ଞାନ କହୁଥିବା ଲୋକର ଅନ୍ୟମାନଙ୍କ

ସହିତ କେତେ ବନ୍ଧାନୁବନ୍ଧ ରହିଛି, ସେ ଜ୍ଞାନ କହିଲେ ତା'ଦ୍ୱାରା ଆମେ ବଦଳି ପାରିବା ନାହିଁ, ତେଣୁ ସେମାନେ ଜଙ୍ଗଲରେ ରହୁଥିବା କୌଣସି ତପସ୍ୱୀ ପାଖକୁ ଯିବାକୁ ଇଚ୍ଛା କରିଥା'ନ୍ତି । ଏଭଳି ସେମାନେ ଜଙ୍ଗଲକୁ ଗଲେ ମଧ୍ୟ ସେଠାରେ ଆଜି କାହାକୁ ପାଆନ୍ତି ନାହିଁ । ପୂର୍ବକାଳ କଥା ଆଉ ଆଜି ନାହିଁ । ସେତେବେଳେ ରାଜାମାନେ କିମ୍ବା ଅନ୍ୟ କୌଣସି ସଂସାର ବୈରାଗୀମାନେ ଜଙ୍ଗଲକୁ ଯାଉଥିଲେ ସତ, କିନ୍ତୁ ଆଜି ସେ କାଳ ନାହିଁ । ଆଜି ଆମେ ଜଙ୍ଗଲରେ ଖୋଜିଲେ କ'ଣ ହେବ ! ସେ କାଳର ଲୋକମାନେ କ'ଣ ଆଉ ଆମକୁ ଜଙ୍ଗଲରୁ ମିଳିବେ ? ସେମାନଙ୍କର ବୟସ ବଢ଼ି ଦିନେ ସେମାନେ ମୃତ୍ୟୁବରଣ କରିଥିବେ । ଜଙ୍ଗଲରେ ତପସ୍ୟା କରି ଦୀର୍ଘାୟୁ ଭାବରେ ସେଦିନରୁ କେହି ନଥିଲେ କି ଆଜି କେହି ନାହାନ୍ତି । କିଛି ଶେଷ ଜୀବନ ବିତାଇବା ପାଇଁ ଜଙ୍ଗଲ, ପାହାଡକୁ ଯାଇଥିବା ସେତେବେଳର ଲୋକମାନେ ଆଜିଯାଏ ଆଉ ନାହାନ୍ତି । ଆଜି ଜ୍ଞାନାର୍ଥୀ ହୋଇ ଜଙ୍ଗଲକୁ ଗଲେ ସେଦିନର ମହର୍ଷି ତ ଦେଖା ମିଳିବେ ନାହିଁ ଜଙ୍ଗଲରେ କ୍ରୂରମୃଗ ନିଶ୍ଚୟ ଦେଖାଦେବେ । ମୋତେ କେହି ସଂସାର ସାଗରରୁ ଉଦ୍ଧାର କରିବା ଲୋକ ଜଙ୍ଗଲରେ ଅଛି ଭାବି ଜଙ୍ଗଲକୁ ଗଲେ ସେଠାରେ ମୁକ୍ତି ଦେବାବାଲା ମିଳିବା ଆଗରୁ ଜଙ୍ଗଲରେ ଥିବା ଭୋକିଲା କ୍ରୂରଜନ୍ତୁମାନେ ତା'କୁ ଖୁବ୍ ଶୀଘ୍ର ମୁକ୍ତି ଦେଇଦେବେ ବୋଲି ଯୋଗୀ ବେମନ କହିଛନ୍ତି, ଅର୍ଥାତ୍ ଜଙ୍ଗଲକୁ ତୁ ଯେଉଁ ଉଦ୍ଦେଶ୍ୟ ନେଇ ଯାଉଛୁ ତାହା ତ ହୋଇ ପାରିବ ନାହିଁ, ତୋତେ ଜଙ୍ଗଲର କ୍ରୂର ଜନ୍ତୁମାନେ ନିଶ୍ଚୟ ଖାଇଦେବେ, ତୋତେ ମରଣମୁକ୍ତିକୁ କ୍ରୂର ଜନ୍ତୁମାନେ ଦେଖାଇବେ ବୋଲି କହିଛନ୍ତି । ଶରୀରରେ ରହି ବାସ୍ତବ ମୁକ୍ତିକୁ ଗୁରୁ ତୋତେ ଦେଖାଇବାକୁ ଥିବାବେଳେ, ତାତ୍କାଳିକ ଭାବରେ କ୍ରୂରମୃଗମାନେ ତୋତେ ଦେହମୁକ୍ତି ଦେଖାଇ ପାରନ୍ତି, ସେଭଳି ଜଙ୍ଗଲକୁ ଯିବା ଉଚିତ୍ ନୁହେଁ, ଗୁରୁ ଜଙ୍ଗଲରେ ରହନ୍ତି ନାହିଁ ବୋଲି ଆମେ ବୁଝିପାରିବା ଭଳି ଯୋଗୀ ବେମନ ଆମକୁ କହିଛନ୍ତି ।

ଯୋଗୀ ବେମନ କହିଥିବା କଥା ସତ । ଗୁରୁ ମଣିଷକୁ ଜ୍ଞାନ କହିବା ପାଇଁ ଭୂପୃଷ୍ଠରେ ଅବତାର ଗ୍ରହଣ କରିଥା'ନ୍ତି । ମଣିଷପାଇଁ ସ୍ୱତନ୍ତ୍ରଭାବରେ କର୍ମ ସୃଷ୍ଟିକରି ଆସିଥିବା ଗୁରୁ, ମଣିଷମାନଙ୍କ ଭିତରେ ନରହି ଜନ୍ତୁମାନେ ରହିଥିବା ଜଙ୍ଗଲରେ ବା କାହିଁକି ରହିବେ ? ଶରୀର ନଥିବା ପରମାତ୍ମା ଶରୀର ଥିବା ଗୁରୁଭାବରେ ଭୂପୃଷ୍ଠରେ ଦେଖାଦେଇ, ମଣିଷମାନଙ୍କ ଭିତରେ ରହି, ମଣିଷ ସହିତ ସମ୍ପର୍କ ସୃଷ୍ଟିକରି, ସନ୍ଦର୍ଭ ଅନୁସାରେ ଜ୍ଞାନ ଜଣାଇଥା'ନ୍ତି । ପ୍ରଜାମାନଙ୍କୁ ଜ୍ଞାନ ଜଣାଇବା ତାଙ୍କର ଉଦ୍ଦେଶ୍ୟ ହେବାବେଳେ ପ୍ରଜାମାନେ ଥିବା ଗାଆଁରେ ନରହି ଜନ୍ତୁମାନେ ଥିବା ଜଙ୍ଗଲରେ ସେ କାହିଁକି ରହିବେ ? ଗୁରୁ ଜଙ୍ଗଲରେ ରହନ୍ତି କହିବା ଅସତ୍ୟ । ଗୁରୁ ଯେତେବେଳେ ଅବତାର ଗ୍ରହଣ କରନ୍ତି ସେତେବେଳେ ସେ ପ୍ରଜାମାନଙ୍କ ଭିତରେ, ପ୍ରଜାମାନେ ରହୁଥିବା ସ୍ଥାନରେ ହିଁ ରହନ୍ତି ।

*****

# ଗୁରୁଙ୍କର ଶିଷ୍ୟମାନେ ଥାଆନ୍ତି ?

ଇଏ କି ପ୍ରଶ୍ନ ? ଯଦି ଗୁରୁ ଅଛନ୍ତି ତେବେ ଶିଶ୍ୟ ନଥାଇ କିପରି ଅଛନ୍ତି ? ବୋଲି ଆପଣଙ୍କ ତରଫରୁ ପ୍ରଶ୍ନ କରିପାରନ୍ତି । ଏଠାରେ ଲୁଚି ରହିଥିବା ବିଚିତ୍ର କଥାଟି ହେଉଛି ! ବାସ୍ତବରେ ଗୁରୁଙ୍କର ଶିଷ୍ୟମାନେ ହିଁ ନଥା'ନ୍ତି । ଶିଷ୍ୟମାନେ ନଥାଇ ସେ କିପରି ଗୁରୁ ହେବେ ବୋଲି ଆପଣ ପ୍ରଶ୍ନ କଲେ, ସେ ପ୍ରଶ୍ନର ସମାଧାନ ହେଉଛି ! ଗୁରୁ ପ୍ରଜାମାନଙ୍କୁ ଧର୍ମଯୁକ୍ତ ଦୈବଜ୍ଞାନ ଜଣାଇବା ପାଇଁ ଭୂପୃଷ୍ଠକୁ ଆସି ପାରନ୍ତି ସିନା, ଶିଷ୍ୟମାନଙ୍କୁ ତିଆରି କରିବା ପାଇଁ ନୁହେଁ । ଗୁରୁଙ୍କ ଆଗମନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଣିଷକୁ ଧର୍ମଯୁକ୍ତ ଦୈବଜ୍ଞାନ ଜଣାଇବା । ତାଙ୍କର ଏହି ଉଦ୍ଦେଶ୍ୟ ବ୍ୟତୀତ ସେ କୌଣସି ଜଣକୁ ମଧ୍ୟ ଶିଷ୍ୟଭାବରେ ତିଆରି କରି ନଥା'ନ୍ତି । ଗୁରୁ

ଭୂପୃଷ୍ଠକୁ କେତେ ଲକ୍ଷ ବା କେତେକୋଟି ବର୍ଷରେ ଥରେ ଆସିଥା'ନ୍ତି । ସେତେବେଳେ ସେ ଗୁରୁ ବୋଲି କାହାକୁ ଚିହ୍ନା ନପଡିବା ଭଳି ରହି, ସମୟ ସନ୍ଦର୍ଭ ଅନୁସାରେ ଦୈବଜ୍ଞାନ କହି ଚାଲିଯାଇଥା'ନ୍ତି । ଏକଥା ଆମେ ଆଗରୁ ମଧ୍ୟ ଜାଣିଛେ, ସେ ଗୁରୁ ବୋଲି ପ୍ରଜାମାନଙ୍କୁ ଅଜଣା ରହିବା ଦ୍ୱାରା, ଶିଷ୍ୟମାନେ ତିଆରି ହେବା ସୁଯୋଗ ବା ଆସିବ କେଉଁଠାରୁ ! ମୁଁ ଗୁରୁ ବୋଲି ବୋର୍ଡ ଲଗାଇ ଲେଖିଥିବା ଲୋକମାନଙ୍କ ପାଖକୁ ଯାଇ କେହି ଶିଷ୍ୟ ହୋଇ ପାରନ୍ତି, କିନ୍ତୁ ଅମୁକ ବ୍ୟକ୍ତି ଗୁରୁ ବୋଲି କେହି ଜାଣିପାରୁ ନଥିବା ବେଳେ, କେହି ମଧ୍ୟ ତାଙ୍କର ଶିଷ୍ୟ ହେବାକୁ ସୁଯୋଗ ନାହିଁ । ତେଣୁ **ପ୍ରକୃତ ଗୁରୁଙ୍କର ଶିଷ୍ୟମାନେ ହିଁ ନଥା'ନ୍ତି** ।

ଦ୍ୱାପର ଯୁଗରେ ଗୁରୁ ଶ୍ରୀକୃଷ୍ଣ ରୂପରେ ଆସିଥିବା ବେଳେ, ତାଙ୍କର କେହିଜଣେ ମଧ୍ୟ ଶିଷ୍ୟ ନଥିଲେ ବୋଲି ଭୂଲି ଯାଆନ୍ତୁ ନାହିଁ । ଅତି କମ୍‌ରେ କେହି ଜଣେ ମଧ୍ୟ ଶିଷ୍ୟ ନଥିବା ଶ୍ରୀକୃଷ୍ଣ, ଭୂପୃଷ୍ଠରୁ ଚାଲିଯିବା ପରେ ଅନେକ ଜ୍ଞାନୀ, ଯୋଗୀମାନେ ତାଙ୍କୁ **(ଶ୍ରୀକୃଷ୍ଣଙ୍କୁ) ଜଗଦ୍ଗୁରୁ କହିଥିଲେ** । ତାଙ୍କର କେହି ଶିଷ୍ୟ ନଥିବା ବେଳେ ସେ ଜଗଦ୍ଗୁରୁ ନାମରେ କିପରି ନାମିତ ହେଲେ ? ବୋଲି ଆପଣ ପ୍ରଶ୍ନ କରି ପାରନ୍ତି । ତା'ର ସମାଧାନ ହେଉଛି ! ଆଜିର କାଳରେ ଏକ ନାମି ପୀଠଭାବରେ ଅଦ୍ୱୈତପୀଠ ରହିଛି ବୋଲି ସମସ୍ତେ ଜାଣନ୍ତି । ଅଦ୍ୱୈତ ସିଦ୍ଧାନ୍ତକର୍ତ୍ତା ଆଦିଶଙ୍କରାଚାର୍ଯ୍ୟଙ୍କୁ ମଧ୍ୟ ସମସ୍ତେ ଜାଣନ୍ତି । ଆଦିଶଙ୍କରାଚାର୍ଯ୍ୟଙ୍କୁ ତାଙ୍କର ଶିଷ୍ୟମାନେ ଜଗଦ୍ଗୁରୁ କହିଥା'ନ୍ତି । ସେ ଜଣେ ଗୁରୁ, ହେଲେ ତାଙ୍କୁ ଜଗଦ୍ଗୁରୁ କାହିଁକି କହନ୍ତି ବୋଲି କେତେକଙ୍କୁ ପଚାରିଲେ ସେମାନେ କହିନ୍ତି ଯେ, ଶଙ୍କରାଚାର୍ଯ୍ୟ ଜଣେ ଗୁରୁ ହୋଇଥିଲେ ମଧ୍ୟ ତାଙ୍କର ଶିଷ୍ୟମାନେ ସାରା ଜଗତରେ ବ୍ୟାପିରହିଥିବାରୁ, ଶିଷ୍ୟମାନଙ୍କ ସଂଖ୍ୟା ଅଧିକ ଥିବାରୁ ତାଙ୍କୁ ଆମେ ଜଗଦ୍ଗୁରୁ କହୁଛୁ, ସେମାନେ କହୁଥିବା କଥାକୁ ଶୁଣିବା ଉଚିତ୍, କିନ୍ତୁ

ଟିକିଏ ବିଚାର କରି ତାହା ସତ୍ୟ କି ମିଥ୍ୟା ଜାଣିବା ଦରକାର । ଏଭଳି ବିଚାରକଲେ ଦୁଇହଜାର ବର୍ଷ ପୂର୍ବେ ଜନ୍ମ ହୋଇଥିବା ଶଙ୍କରାଚାର୍ଯ୍ୟ ଅନେକ ଶିଷ୍ୟ ଉପୁଜାଇ ଜଗଦ୍ଗୁରୁ ହୋଇଥିବା ବେଳେ, ପାଞ୍ଚହଜାର ବର୍ଷ ପୂର୍ବେ କେହି ଜଣେ ମଧ୍ୟ ଶିଷ୍ୟ ନଥାଇ ଶ୍ରୀକୃଷ୍ଣ କିପରି ଜଗଦ୍ଗୁରୁ ହେଲେ ? ବୋଲି ପ୍ରଶ୍ନ ନଆସି ରହି ପାରିବ ନାହିଁ । ତା'ର ସମାଧାନ ଖୋଜିଲେ ! **"ଯିଏ ଜଗତରେ ଥିବା ସର୍ବଜୀବରାଶି ସମ୍ବନ୍ଧୀୟ ଜ୍ଞାନ ବୋଧ କରିଥା'ନ୍ତି ସେ ହିଁ ଜଗଦ୍ଗୁରୁ"** ନାମକ ସୂତ୍ର ଅନୁଯାୟୀ ଶ୍ରୀକୃଷ୍ଣ ଜଗଦ୍ଗୁରୁ ହୋଇ ପାରିଥିଲେ, ସେ ବୋଧ କରିଥିବା ଜ୍ଞାନ ଅନୁସାରେ ଜଗଦ୍ଗୁରୁ ହୋଇଥିଲେ ସିନା, ଶିଷ୍ୟମାନଙ୍କ ସଂଖ୍ୟା ଅନୁସାରେ ଜଗଦ୍ଗୁରୁ ହୋଇ ନଥିଲେ । ଶିଷ୍ୟ ଥିବା ବ୍ୟକ୍ତି ଯେ ଗୁରୁ ତାହା ଭୂଲ୍ ଏବଂ ସୂତ୍ରବିହୀନ ହୋଇଥାଏ । ଯଦି କେହି ଶିଷ୍ୟମାନଙ୍କ ଅନୁସାରେ ଅମୁକ ବ୍ୟକ୍ତିକୁ ଜଣେ ଗୁରୁ ବୋଲି ବିଶ୍ୱାସ କରେ, ସେହି ଅନୁସାରେ ଯାହାର ମାତ୍ର ଦୁଇ ଜଣ ଶିଷ୍ୟ ଅଛନ୍ତି ସେ ମଧ୍ୟ ଗୁରୁ ହେବ । ଏଇ ସୂତ୍ର ଅନୁସାରେ ହିସାବ କଲେ ଆଜି ଜଗତରେ ଦୁଇଜଣଙ୍କ ଠାରୁ ହଜାର ହଜାର ଶିଷ୍ୟମାନେ ଥିବା ହଜାର ହଜାର ଗୁରୁ ବାହାରିବେ । ସର୍ବଦା ଗୁରୁ ଜଗତରେ ଜଣେ ନାମକ ସୂତ୍ର ଅନୁସାରେ ଦେଖିଲେ ଏକ କାଳରେ ଅନେକ ଗୁରୁ ରହିବା ଅସମ୍ଭବ ଏବଂ ଅସତ୍ୟ ହେବ ।

କେତେହଜାର, କେତେଲକ୍ଷ କିମ୍ବା କେତେକୋଟି ବର୍ଷରେ ଥରେ କ୍ୱଚିତ୍ ଆବଶ୍ୟକ ହେଉଥିବା ବେଳେ, ଦୈବଅଂଶ ଗୁରୁ ଭାବରେ ଆସିଥା'ନ୍ତି ବୋଲି ବ୍ରହ୍ମବିଦ୍ୟା ଶାସ୍ତ୍ର କୁହାଯାଉଥିବା ଭଗବଦ୍ଗୀତା ବାଣୀ ଅନୁସାରେ ବୁଝାଯାଏ । ଆସିଥିବା ସେହି ଗୁରୁ କାହାକୁ ଚିହ୍ନା ପଡନ୍ତି ନାହିଁ, ଏହା ଆମ କଥା ହୋଇଥିବା ବେଳେ ଆମକଥାକୁ ମେଳଖାଉଥିବା ବ୍ୟକ୍ତି ଏକମାତ୍ର ଶ୍ରୀକୃଷ୍ଣ ବୋଲି ଜଣାଯାଉଛି । ତା' ନହୋଇ ସୂତ୍ରବଦ୍ଧ ହୋଇନଥିବା, ଶିଷ୍ୟମାନେ ଥିବା ବ୍ୟକ୍ତିକୁ ଯଦି ଗୁରୁ

କହିବା, ବହୁସଂଖ୍ୟକ ଶିଷ୍ୟମାନେ ଥିବା ବ୍ୟକ୍ତିକୁ ଯଦି ଜଗଦ୍ଗୁରୁ କହିବା, ତାହା ସଂପୂର୍ଣ୍ଣ ଭୂଲ୍ ହେବ ବୋଲି ସ୍ପଷ୍ଟ ଜଣାଯାଉଛି । ଶାସ୍ତ୍ରବଦ୍ଧ ଭାବରେ କହିଲେ ଭାରତରେ ପାଞ୍ଚହଜାର ବର୍ଷ ପୂର୍ବେ ଆସିଥିବା ଶ୍ରୀକୃଷ୍ଣଙ୍କ ଛଡା କୌଣସି ଗୁରୁ କିମ୍ବା ଜଗଦ୍ଗୁରୁ ଭାରତରେ ଜନ୍ମହୋଇ ନାହାନ୍ତି ବୋଲି ଗୋଟିଏ ସୂତ୍ରରୁ କହିପାରିବା । କେତେକ ଶିଷ୍ୟମାନେ ସେମାନଙ୍କ ଗୁରୁ ନହେଲେ ମଧ ସେମାନେ କହୁଥିବା ଗୁରୁଙ୍କୁ ସମ୍ମାନର ସହିତ ଗୁରୁ କିମ୍ବା ଜଗଦ୍ଗୁରୁ କହିଥାଇ ପାରନ୍ତି ସିନା, ସେମାନଙ୍କ ଗୁରୁ ବାସ୍ତବରେ ଗୁରୁ ନୁହନ୍ତି କି ଜଗଦ୍ଗୁରୁ ନୁହନ୍ତି । ତେଣୁ ଅନ୍ୟ ପୁରୁଷକୁ ବିଶ୍ୱାସ କରିବା ଅପେକ୍ଷା ନିଜ ପୁରୁଷକୁ ବିଶ୍ୱାସ କରିବା ଭଲ ବୋଲି ବଡମାନେ କହୁଥିବା ଭଳି, ବୋଧ କରୁଥିବା ଅନ୍ୟମାନଙ୍କୁ ଗୁରୁ ନ ଭାବି, ତୋ'ର ପ୍ରକୃତ ଅଧିକାରୀ ହୋଇଥିବା ପରମାତ୍ମାଙ୍କୁ ଗୁରୁଭାବରେ ହିସାବ କରିବା ଭଲ । ଏବେ ତୁ ଗୁରୁ କରିଥାଆ କି ଗୁରୁପୋଦେଶ ନେଇଥା କିଛି କଥା ନାହିଁ, କିନ୍ତୁ ତୋର ସେହି ଗୁରୁ ଶିଷ୍ୟ ନଥିବା ଗୁରୁ କି ଶିଷ୍ୟ ଥିବା ଗୁରୁ ତାହା ତୁ ଦେଖ୍ । କାରଣ ଶିଷ୍ୟମାନଙ୍କୁ ନେଇ ଗୁରୁ ନଥା'ନ୍ତି, କହୁଥିବା ଜ୍ଞାନ ଅନୁସାରେ ଗୁରୁ ରହିଥା'ନ୍ତି ବୋଲି ମନେରଖ୍ ।

*****

# ଗୁରୁଙ୍କର ମାହାତ୍ମ୍ୟ ଥାଏ ?

ମଣିଷ ଏଇ ମାହାତ୍ମ୍ୟ ନିକଟରେ ଠକାମିରେ ପଡିଥାଏ । ମାହାତ୍ମ୍ୟକୁ ଦେଖି ତାହା ହିଁ ବାସ୍ତବ ଦୈବତ୍ତ୍ୱ ଭାବି ମାୟାମାର୍ଗରେ ଚାଲୁଥିବା ଲୋକେ ଅନେକ ଅଛନ୍ତି । ଏହି ଅନୁସାରେ କ'ଣ ମାୟାର ମାହାତ୍ମ୍ୟ ଥାଏ ? ଗୁରୁଙ୍କର ମାହାତ୍ମ୍ୟ ନଥାଏ ? ବୋଲି ଆପଣ ପ୍ରଶ୍ନ କରି ପାରନ୍ତି । ତା'ର ସମାଧାନ ହେଲା ! ମାୟାର ମାହାତ୍ମ୍ୟ ଥିବାବେଳେ ମାୟାଠାରୁ ବଡ ହୋଇଥିବା,

ମାୟାକୁ ନିଜେ ସୃଷ୍ଟି କରିଥିବା ମାୟାଧରଙ୍କର କ'ଣ ମାହାତ୍ମ୍ୟ ନାହିଁ ? ତେଣୁ ଗୁରୁଙ୍କର ମଧ୍ୟ ମାହାତ୍ମ୍ୟ ଥାଏ ବୋଲି କହି ପାରିବା । ପ୍ରପଞ୍ଚରେ ଗୁରୁଙ୍କ କାରଣରୁ ନାନା ମାହାତ୍ମ୍ୟ ଦେଖା ଦେଇଥାଏ ଆଉ ମାୟା ଦ୍ୱାରା ମଧ୍ୟ ମାହାତ୍ମ୍ୟ ଦେଖା ଦେଇଥାଏ, ହେଲେ କ'ଣ ମୟାର ମହିମା ଆଉ କଅଣ ଗୁରୁଙ୍କ ମହିମା ତାହା କେହି ଜାଣି ନାହାନ୍ତି । ଏଇଠାରେ କେତେକଙ୍କଠାରେ ଏକ ପ୍ରଶ୍ନ ଆସିପାରେ । ତାହା ହେଲା ! ଗୁରୁଙ୍କ ଶରୀର ପ୍ରତ୍ୟକ୍ଷଭାବରେ ଦେଖାଯାଇଥାଏ, ତେଣୁ ତାଙ୍କ ଦ୍ୱାରା ହେଉଥିବା ମାହାତ୍ମ୍ୟ ବା ମହିମାକୁ ଦେଖି ଚିହ୍ନିହେବ, କିନ୍ତୁ କୌଣସି ଆକାର ନଥିବା ମାୟା ତା'ର ମାହାତ୍ମ୍ୟ ବା ମହିମାକୁ କିପରି ଦେଖାଇବ ? ତା'କୁ ଦେଖି ଆମେ ମାୟା ପଛରେ ଗୋଡାଉଛେ ବୋଲି କିପରି କହିବା ? ବୋଲି ପଚାରି ପାରନ୍ତି । ତା'ର ସମାଧାନ ଦେଖନ୍ତୁ ।

ପରମାତ୍ମାଶକ୍ତିର ଏକ ଭାଗ ଗୁରୁଭାବରେ ଆସିବା ବେଳେ ହିଁ ଗୁରୁ ଦେଖାଯାଇଥା'ନ୍ତି । ଦୈବସୃଷ୍ଟିର ଏକ ଭାଗ ହୋଇଥିବା ମାୟା, ମଣିଷ ମୁଣ୍ଡରେ ଗୁଣରୂପରେ ରହିଥାଏ ।ଏଇକଥା ଭଗବଦ୍ଗୀତାରେ "***ଗୁଣମୟି ମମ ମାୟା***" ବୋଲି ଭଗବାନ କହିଛନ୍ତି । ମୁଁ ସୃଷ୍ଟି କରିଥିବା ମାୟା ଗୁଣରୂପରେ ଅଛି ବୋଲି ଜଣାଇଛନ୍ତି । ଏହି ଅନୁସାରେ ମାୟା ଦେଖାଯାଉ ନଥିବା ବିଧିରେ, ଅନେକ ଶରୀରରେ ରହି କାର୍ଯ୍ୟ କରୁଛି । ପରମାତ୍ମା ଦେଖାଯାଉଥିବା ମଣିଷଭାବରେ ଆସି ଭୂପୃଷ୍ଠରେ ଥିବାବେଳେ ସେତେବେଳଯାଏ ପ୍ରତ୍ୟେକ ଶରୀରର ଗୁଣରୂପରେ ରହି, ସେହି ଜୀବମାନଙ୍କୁ ନିଜଠାରେ ଲଗ୍ନ କରିଥିବା ମାୟା, କେତେକ ଶରୀରର ଜୀବମାନଙ୍କୁ ଗୁରୁଙ୍କର ବ୍ୟତିରେକ ଦିଶାରେ ଚାଲିବା ଭଳି କରାଇଥାଏ । ଆଉ କେତେକଙ୍କ ଶରୀରରୁ ଗୁରୁବାଣୀର ବ୍ୟତିରେକ ବାଣୀ ବୋଧ କରାଇଥାଏ । କେତେକଙ୍କ ଶରୀରରୁ ଦୈବଜ୍ଞାନ ନାମରେ ମାୟାଜ୍ଞାନ ବୋଧ କରାଇବା ଭଳି କରି, ସେଇମାନଙ୍କୁ

ସମାଜରେ ଜଣେ ଜଣେ ନାମି ଗୁରୁ ଭାବରେ ଛିଡା କରାଇଥାଏ । ଆଉ କେତେକଙ୍କୁ ବାବା ସଜାଇ ସେମାନଙ୍କଠାରୁ ନାନା ମାହାତ୍ମ୍ୟ ବାହାରିବା ଭଳି କରାଇଥାଏ । ବାବାମାନଙ୍କଠାରୁ ମଣିଷର କାମନା ପୁରଣ ହେବାଭଳି କାର୍ଯ୍ୟମାନ କରାଇଥାଏ । ଏହିଭଳି ମାୟା ଆଗରୁ ସତର୍କ ରହି ପରମାତ୍ମା ଗୁରୁଭାବରେ ଆସିବା ଆଗରୁ, ଏଭଳି କାର୍ଯ୍ୟମାନ କେଇବର୍ଷ ଆଗରୁ କରାଉଥିବାରୁ, ସେତେବେଳଯାଏ ପ୍ରଜାମାନେ ମାୟା ଦ୍ୱାରା ତିଆରି ହୋଇଥିବା ମାୟାଗୁରୁମାନଙ୍କ ଦ୍ୱାରା, ବାବାମାନଙ୍କ ଦ୍ୱାରା ସେମାନଙ୍କ ଅଜାଣତରେ ଠକାମିରେ ପଡିଲେ ମଧ୍ୟ ସେମାନଙ୍କ ପାଖ ଛାଡି ନଥା'ନ୍ତି । ଏଭଳି ସେମାନେ ରହିବା କାରଣରୁ ପ୍ରକୃତ ଗୁରୁ ଆସିବା ବେଳକୁ ତାଙ୍କ ପାଖକୁ ଯିବା ଲୋକେ ନଥା'ନ୍ତି । ଏହିଭଳି ମାୟା ସମସ୍ତଙ୍କ ମୁଣ୍ଡରେ ରହି ମଣିଷମାନଙ୍କ ଭିତରୁ ସେମାନଙ୍କ ଗୁରୁଙ୍କୁ, ବାବାମାନଙ୍କୁ ତିଆରି କରି କେଉଁଠି କେଉଁଠି ଆଗୁଆ ମାୟାଜ୍ଞାନ ପ୍ରଚାର ହେବା ଭଳି କରାଇଥାଏ ।

ପ୍ରକୃତ ଗୁରୁ ଆସିବା ବେଳେ, ସେ ଜ୍ଞାନ କହିବା ଛଡା କର୍ମକୁ ଜାଳିଦେବା ଶକ୍ତି ସେହି ଜ୍ଞାନର ଅଛି ବୋଲି ଜଣାଇବା ପାଇଁ, କେଉଁଠାରେ କ୍ୱଚିତ୍ ଜ୍ଞାନାଗ୍ନି ଦ୍ୱାରା କାହାର କର୍ମ ଜଳିଯାଉଥିବା ଭଳି କରାଇଥା'ନ୍ତି । ଉଦାହରଣ ଭାବରେ ଜଣେ ରୋଗ ଅନୁଭବ କରୁଥିବା ବ୍ୟକ୍ତି, ତା'ର କର୍ମକୁ ଅର୍ଜନ କରିଥିବା ଜ୍ଞାନାଗ୍ନି ଦ୍ୱାରା ଜଳାଇଦେଲା ବୋଲି ଭାବିଲେ ତାହା ବାହାରକୁ ଏକ ମାହାତ୍ମ୍ୟ ଭଳି ଦେଖାଯିବ । ଜ୍ଞାନର ଶକ୍ତି ରହିଛି ବୋଲି ପ୍ରମାଣିତ ହେବା ପାଇଁ କର୍ମ ଜଳିଯିବା କଥା ବାହାର ଲୋକମାନଙ୍କ ପାଇଁ ମାହାତ୍ମ୍ୟ ଭଳି ଲାଗୁଥିଲେ ମଧ୍ୟ, ଖୁବ୍ କ୍ୱଚିତ୍ ଗୁରୁ ଏଭଳି ମାହାତ୍ମ୍ୟକୁ ଦେଖାଇବାକୁ ବାଧ୍ୟ ହୁଅନ୍ତି । ଏହାକୁ ହିଁ ଗୁରୁମହିମା କହିପାରିବା, କିନ୍ତୁ ମାୟା ଏଭଳି ରୋଗ ସମ୍ବନ୍ଧୀୟ ମାହାତ୍ମ୍ୟ ନ ଦେଖାଇ ମଣିଷର ସୁଖ ସମ୍ବନ୍ଧୀୟ ମାହାତ୍ମ୍ୟକୁ ବାବାମାନଙ୍କ ଦ୍ୱାରା ବହିର୍ଗତ କରାଇଥାଏ, ସେହି

ମାହାତ୍ମ୍ୟ ନିଶାରେ ପଡିଯାଇଥିବା ମଣିଷ ଏହାଠାରୁ ବଳି ଦୁଃଖ କଷ୍ଟକୁ ବୁଝୁଥିବା ଦୈବ ଆଉ କେଉଁଠାରେ ନାହାନ୍ତି ଭାବି ସେହି ବାବାମାନଙ୍କୁ ପୂଜା କରିଥା'ନ୍ତି ସିନା, ବାସ୍ତବ ଗୁରୁଙ୍କୁ ଚିହ୍ନି ପାରନ୍ତି ନାହିଁ । ଯଦି କେହି ସେମାନଙ୍କ ନିକଟରେ ଗୁରୁଙ୍କ ପ୍ରସ୍ତାବନା ଆଣି କିଛି ଜ୍ଞାନ କହୁଥାଏ ତେବେ ସେମାନେ କହୁଥିବା ଜ୍ଞାନକୁ ନଶୁଣି ଆମ ବାବାଠାରୁ ବଳି ଆଉ କେହି ଜ୍ଞାନ କହିବାବାଲା ସଂସାରରେ ନାହିଁ, ଆମ ବାବାଙ୍କ ଛଡା ଆଉ କେହି ଗୁରୁ ନାହାନ୍ତି ବୋଲି କହିଥା'ନ୍ତି । ଏହିଭଳି ମାୟା ନିଜ ଲୋକମାନଙ୍କଠାରୁ ପ୍ରକୃତ ଗୁରୁଙ୍କ ବ୍ୟତିରେକଭାବରେ, ଗୁରୁମାନଙ୍କୁ, ବାବାମାନଙ୍କୁ, ସ୍ୱାମିଜୀମାନଙ୍କୁ ତିଆରି କରିବା ଛଡା, ଗୁରୁ ମହିମା ଅପେକ୍ଷା ନିଜ ମହିମା ମହାନ ବୋଲି ଜନମାନସରେ ଅଣାଇ, ମଣିଷକୁ ନିଜଦିଗରେ ଟାଣିନିଏ । ଗୁରୁଙ୍କର ମାହାତ୍ମ୍ୟ ଥିଲେ ମଧ୍ୟ ମାୟାର ମାହାତ୍ମ୍ୟ ଭଳି ନଥାଏ ।

*****

# ଗୁରୁ ରୋଗରେ ପଡନ୍ତି ?

ଗତଜନ୍ମର ପାପ ରୋଗରୂପରେ ଆସିଥାଏ, ରୋଗଯନ୍ତ୍ରଣାକୁ ଅନୁଭବ କରିବାବେଳେ ଥିବା ପାପକର୍ମ ଶେଷ ହେଉଥାଏ ବୋଲି ଜ୍ଞାନ ଅନୁସାରେ ଜାଣିଲେ । ଏକ ସାଧାରଣ ଜୀବାତ୍ମାର ଗତଜନ୍ମ ରହିଥାଏ, ସେ ଜନ୍ମରେ ସେ ପାପକର୍ମ ସଞ୍ଚୟ କରିଥାଏ, ତେଣୁ ସେ ପୁଣି ଜନ୍ମ ହୋଇ ସେହି ପାପକୁ ରୋଗରୂପରେ ଅନୁଭବ କରିଦେଲେ ତାହା ଶେଷ ହୋଇଯାଏ, କିନ୍ତୁ ଗୁରୁଙ୍କର ଗତଜନ୍ମ ନଥାଏ, ସେ ଗୋଟିଏ ସ୍ଥାନରୁ ମୃତ୍ୟୁବରଣ କରି ଆଉଗୋଟିଏ ସ୍ଥାନରେ ଜନ୍ମହୋଇ ନଥା'ନ୍ତି, ତାଙ୍କର କୌଣସି କର୍ମ ନଥାଏ; ତଥାପି ଗୁରୁ ରୋଗରେ ପଡିଥାନ୍ତି, ସତକଥା । ଯଦି କେହି କୌଣସି ବାଧାକୁ ସମ୍ମୁଖିନ କରୁଛି ତେବେ ତା' ପଛରେ

କୌଣସିନାକୌଣସି କାରଣ ନିଶ୍ଚୟ ରହିଛି । କୌଣସି ଛୋଟ କଷ୍ଟଟିଏ ହେଲେ ମଧ୍ୟ ତା'ପଛରେ କୌଣସିନାକୌଣସି କର୍ମ ନିଶ୍ଚୟ ରହିଥାଏ । ପ୍ରତ୍ୟେକ ଛୋଟ ସ୍ପନ୍ଦନ ସମ୍ବନ୍ଧୀୟ ସମାଚାର ଏବଂ କାରଣ ଆଗରୁ ନିର୍ଣ୍ଣୀତ ହୋଇ ରହିଥାଏ । ଏଭଳି ଯାହା ଲେଖାଯିବା ଭଳି ରହିଥାଏ ତାହାକୁ କର୍ମ ବୋଲି କହୁଛୁ । କାହାର କିଛି କର୍ମ ରହିଛି ଅର୍ଥାତ୍ ତା'ର ଗତ ଜନ୍ମରେ ସେ ନିଶ୍ଚୟ କିଛି କରିଛି ବୋଲି ବ୍ରହ୍ମବିଦ୍ୟା ଶାସ୍ତ୍ର ଜଣାଉଛି । ଏଠାରେ ଗୁରୁଙ୍କର ଗତ ଜନ୍ମ ନାହିଁ ବୋଲି କହୁଛନ୍ତି, ତେଣୁ ତାଙ୍କ ଦ୍ୱାରା ହେଉଥିବା କାର୍ଯ୍ୟ ସମୂହର କୌଣସି ଗତ କାରଣ ନଥାଇ କିପରି ହେଉଛି ? ତାହା ଯଦି ତାଙ୍କ କର୍ମରେ ଲେଖା ନାହିଁ ତେବେ ସେ କିପରି କାର୍ଯ୍ୟ କରୁଛନ୍ତି ? ସେ ମଣିଷ ଭଳି  କିପରି ନାନା ଆଚରଣ କରୁଛନ୍ତି ? ବୋଲି କାହାଠାରେ ମଧ୍ୟ ପ୍ରଶ୍ନ ଆସିପାରେ । ତା'ର ସମାଧାନ ହେଉଛି ! ଗୁରୁଙ୍କର ଗତଜନ୍ମ ନାହିଁ, ସେହି ଅନୁସାରେ ତାଙ୍କର କର୍ମ ମଧ୍ୟ ନାହିଁ; ତଥାପି କର୍ମର ବିଧିବିଧାନ ଅନୁସାରେ ସେ ସଞ୍ଚରଣ କରୁଛନ୍ତି, ନାନା ପ୍ରକାରର ଅନୁଭବ ମଧ୍ୟ କରୁଛନ୍ତି । ଗତ ଜନ୍ମ ନାହିଁ  କି  କର୍ମ ନାହିଁ ! ହେଲେ ଏବେ ସଞ୍ଚରଣର କାରଣ ଆସିଲା କୁଆଡୁ ? ବୋଲି ପ୍ରଶ୍ନ କଲେ, ପରମାତ୍ମା ତାଙ୍କ ଶକ୍ତିର ଭାଗକୁ  ଭୂପୃଷ୍ଠକୁ ପଠାଇବା ସମୟ ଆସିଲେ, ସ୍ୱୟଂ ପରମାତ୍ମା ଗୁରୁ ଆକାରର ଦରକାରୀ କର୍ମ ନାମକ  ନିୟମ ତିଆରି କରି, ଗୁରୁ ଶରୀରର କର୍ମଚକ୍ରରେ ଲେଖିଥା'ନ୍ତି । ଏଭଳି ପରମାତ୍ମା ନିଜ କର୍ମକୁ ନିଜେ ଲେଖି ଭଗବାନ ବା ଗୁରୁଭାବରେ ଭୂପୃଷ୍ଠରେ ଅବତାର ଗ୍ରହଣ କରିଥା'ନ୍ତି, ସେ ନିଜେ ନିଜର କର୍ମକୁ ଲେଖି କେହି ଜାଣି ନପାରିବା ଭଳି ନାନା ପ୍ରକାରର ଅଭିନୟ କରିଥା'ନ୍ତି, ଅର୍ଥାତ୍ ସେ ସମସ୍ତଙ୍କ ଭଳି ନାନା ଯନ୍ତ୍ରଣା ଭୋଗ କରିଥା'ନ୍ତି ଆଉ ନିଜ ଇଚ୍ଛାରେ ଯାହା କରିବେ ତାହା ନିର୍ଣ୍ଣୟ କରି ଆସିଥା'ନ୍ତି । ଭଗବାନ (ଗୁରୁ) ଙ୍କ କର୍ମ କୁଣ୍ଡଳିକୁ କୌଣସି ଜ୍ୟୋତିଷ୍ୟ ପଢିପାରି ନଥା'ନ୍ତି । ମାନବର କର୍ମକୁ ଜାତକ ଅନୁସାରେ ଜ୍ୟୋତିଷ୍ୟ ଶାସ୍ତ୍ର ଦ୍ୱାରା କିଛି ଜାଣିହୁଏ, କିନ୍ତୁ ଜାତକ ନଥିବା ଗୁରୁଙ୍କ କର୍ମକୁ କୌଣସି ଜ୍ୟୋତିଷ୍ୟ ଜାଣିପାରେ ନାହିଁ । ଜାତକ

ଥିବା ଲୋକର ଲଗ୍ନ କଅଣ ଜାଣି ହୁଏ, ଜାତକ ନଥିବା ଲୋକର କୌଣସି ଲଗ୍ନ ହିଁ ନଥାଏ । ଲଗ୍ନ ନଥିବା ବେଳେ ଜ୍ୟୋତିଷ୍ୟ ଦେଖିବା ଅସମ୍ଭବ ହୋଇଥାଏ, ତେଣୁ ଗୁରୁ କେତେବେଳେ କେଉଁ ଆଚରଣ କରିଥା'ନ୍ତି ତାହା କେହି କହି ପାରନ୍ତି ନାହିଁ ।

ସାଧାରଣ ମଣିଷର ନାନା ରୋଗ ହେଉଥିବା ଭଳି, ଗୁରୁଙ୍କର ମଧ୍ୟ ରୋଗ ହୋଇଥାଏ, ନାନା ପ୍ରକାରର ଅନୁଭବ ମଧ୍ୟ ହୋଇଥାଏ । ପ୍ରତି ବାଧା, ପ୍ରତି ରୋଗ, ପ୍ରତି ସଂଘଟନା, ପ୍ରତି ସ୍ପନ୍ଦନକୁ ସେ ନିଜେ ଲେଖି ଆସିଥା'ନ୍ତି ବୋଲି କାହାକୁ ଜଣାନଥାଏ, ତାଙ୍କୁ ଦେଖୁଥିବା ସମସ୍ତଙ୍କୁ ସେ ସାଧାରଣ ମଣିଷ ଭଳି ଦେଖାଯାଇଥା'ନ୍ତି । ସେଥିଲାଗି ତାଙ୍କ କର୍ମକୁ ସେ ନିଜେ ଲେଖି ଆସିଛନ୍ତି ବୋଲି ଅନ୍ୟମାନେ କିପରି ବା ଜାଣିବେ ? ସେ ଗୁରୁ ବୋଲି କେହି ଜାଣି ନପାରିବା ବେଳେ, ସେ ସ୍ୱୟମ୍ଭୁ ବୋଲି କାହାକୁ ଜଣାନଥିବା ବେଳେ, ତାଙ୍କ କର୍ମ ବିଷୟ କିଏ ବା କହିବ ? ସାଧାରଣ ମଣିଷ ଯେଉଁଭଳି ନାନା କର୍ମକୁ ଅନୁଭବ କରିଥାଏ, ନାନା ରୋଗ ଯନ୍ତ୍ରଣାକୁ ଯେଉଁଭଳି ଅନୁଭବ କରିଥାଏ, ଯେଉଁଭଳି ଆଚରଣ କରିଥାଏ, ସେହିଭଳି ଆଚରଣ, ଅନୁଭବ ମଧ୍ୟ କେହି ଜାଣି ନପାରିବା ଭଳି କରୁଥାଇ ଗୁରୁ ଭୂପୃଷ୍ଠରେ କର୍ମକୁ ଅନୁଭବ କରିଥା'ନ୍ତି । ତେଣୁ ଅନୁଭବ କରୁଥିବା କର୍ମ ଅନୁସାରେ କିମ୍ବା ଆଚରଣ ଅନୁସାରେ ସେ ଗୁରୁ ବୋଲି କୌଣସି ବ୍ୟକ୍ତି ନିର୍ଣ୍ଣୟକରି କହି ପାରିବ ନାହିଁ ।

*****

# କ'ଣ ଗୁରୁଙ୍କୁ କେହି ଚିହ୍ନି ପାରନ୍ତି ନାହିଁ ?

ଏକ ପ୍ରକାରରେ କହିବାକୁ ଗଲେ ସାଧାରଣତଃ କେହି ଗୁରୁଙ୍କୁ ଚିହ୍ନି ପାରନ୍ତି ନାହିଁ ବୋଲି କହିବା ଉଚିତ୍ । ଆଉ ଏକ ପ୍ରକାରରେ ଗୁରୁଙ୍କୁ ଚିହ୍ନି ହୁଏ ବୋଲି ମଧ୍ୟ କହି ପାରିବା । ଗୁରୁଙ୍କୁ ଚିହ୍ନିବାର ସ୍ୱତନ୍ତ୍ର ନିୟମ

କଅଣ ତାହା ମୋତେ ମଧ୍ୟ ସଠିକ୍ ଜଣା ନାହିଁ, ହେଲେ ତାଙ୍କୁ ଚିହ୍ନିବାପାଇଁ କୌଣସି ଏକ ନିୟମ ନିଶ୍ଚୟ ରହିଛି । କାରଣ ଗୁରୁ ପଦରେ ଶ୍ରୀକୃଷ୍ଣ ଭୂପୃଷ୍ଠକୁ ପ୍ରତ୍ୟକ୍ଷଭାବରେ ଆସିଥିବା ସମୟରେ, ତାଙ୍କୁ କେହି ଚିହ୍ନି ପାରି ନଥିଲେ ମଧ୍ୟ ଏକୈକ ଭୀଷ୍ମ ତାଙ୍କୁ ଚିହ୍ନି ପାରିଥିଲେ । ସେହିଭଳି ଶ୍ରୀକୃଷ୍ଣ ଭୂପୃଷ୍ଠରୁ ଚାଲିଯିବା ପରେ ଉତ୍ତର ପ୍ରଦେଶରେ ଜନ୍ମ ହୋଇଥିବା ମୀରାବାଈ, ସେହି କୃଷ୍ଣ ହିଁ କେବଳ ପୁରୁଷ, ପୁରୁଷୋତ୍ତମ, ଅବ୍ୟକ୍ତ ପରମାତ୍ମା ବା ଈଶ୍ୱର ବୋଲି ସତ୍ୟକୁ ଜାଣି ପାରିଥିଲେ । ଶ୍ରୀକୃଷ୍ଣ ପ୍ରତ୍ୟକ୍ଷଭାବରେ ଭୂପୃଷ୍ଠରେ ଥିବାବେଳେ ଭୀଷ୍ମ, ପରୋକ୍ଷରେ ଥିବାବେଳେ ମୀରାବାଈ ଯେତେବେଳେ ତାଙ୍କୁ ଚିହ୍ନି ପାରିଛନ୍ତି ସେତେବେଳେ ଗୁରୁଙ୍କୁ ଚିହ୍ନିବା ପାଇଁ ନିଶ୍ଚୟ କିଛି ରାସ୍ତା ରହିଛି ବୋଲି ଜଣା ପଡିଯାଉଛି । ସେମାନଙ୍କୁ ଜଣାଥିବା ରାସ୍ତା କ'ଣ ଆମେ ମଧ୍ୟ ଜାଣି ନାହୁଁ । ହେଲେ ଗୁରୁ କହିଥିବା ଜ୍ଞାନ ଅନୁସାରେ, ସେଥିରେ ଥିବା ଧର୍ମ ଅନୁସାରେ ଏଭଳି ଜ୍ଞାନକୁ, ଧର୍ମକୁ କେବଳ ଗୁରୁଙ୍କ ଛଡା ଆଉ କାହାର କହିପାରିବା କ୍ଷମତା ନାହିଁ ବୋଲି ଦୃଢ ହୋଇଯିବା ସୁଯୋଗ ରହିଛି । ଏଠାରେ ଆମେ ଛନ୍ଦି ହୋଇଯିବା କଥା ହେଉଛି ! ସେ କହିଥିବା ଜ୍ଞାନକୁ କ'ଣ ଆମେ ଚିହ୍ନି ପାରିବା ? ସେ ଭୂପୃଷ୍ଠକୁ ଆସିବା ଆଗରୁ ମାୟା ମାୟାଗୁରୁମାନଙ୍କୁ, ସ୍ୱାମିଜୀମାନଙ୍କୁ, ବାବାମାନଙ୍କୁ ପ୍ରବେଶ କରାଇ ସେମାନଙ୍କୁ ଡେଇଁ ପ୍ରଜାମାନେ ଆଗକୁ ଆସି ନପାରିବା ଭଳି କରି ଦେଇଥାଏ । ସେତେବେଳେ ଅନେକ ଲୋକଙ୍କୁ ଆଗରୁ ନାମ କମାଇଥିବା ସ୍ୱାମିଜୀମାନଙ୍କ ବାଣୀ ରୁଚିକର ଲାଗିଥିବାରୁ, ଗୁରୁ କହୁଥିବା ବାସ୍ତବ ବାଣୀ ସେମାନଙ୍କୁ ନିଶ୍ଚୟ ବିପରୀତ ଲାଗିଥାଏ । ନାମ କମାଇଥିବା ସ୍ୱାମିଜୀମାନଙ୍କ ବାଣୀକୁ ଛାଡି, ନାଆଁ ନଥିବା ମଣିଷ କହୁଥିବା ବାଣୀକୁ କିଏ ବା ଜାଣିବାକୁ ଚାହିଁବ ? ତାଙ୍କର ବାଣୀ କାହାକୁ ବୁଝାପଡୁ ନଥିବାବେଳେ ଧର୍ମକୁ ବା କିଏ ଚିହ୍ନିବ ? ଶାସ୍ତ୍ରବଦ୍ଧ ଜ୍ଞାନ, ଧର୍ମ ଜଣାନଥିବା ବେଳେ ଅଜ୍ଞାନ ଦ୍ୱାରା କ'ଣ ତାଙ୍କୁ ଚିହ୍ନି ହେବ ? କିନ୍ତୁ ଆମକୁ ଦେଖାଯାଉଥିବା ମାର୍ଗ ସେ ବୋଧ

କରିଥିବା ଧର୍ମ ବୋଲି ଜଣା ପଡୁଛି । ହେଲେ ସେଦିନର ଭୀଷ୍ମ, କାଲିର ମୀରା ସେ କହିଥିବା ଜ୍ଞାନଧର୍ମକୁ ଆଧାର କରି ଶ୍ରୀକୃଷ୍ଣ ଯେ ଗୁରୁ ବୋଲି ନିର୍ଣ୍ଣୟରେ ପହଞ୍ଚିପାରି ନଥିଲେ । ଶ୍ରୀକୃଷ୍ଣ କହିଥିବା ଧର୍ମକୁ ସେଦିନ ଦ୍ୱାପର ଯୁଗର ଭୀଷ୍ମ, କଳି ଯୁଗର ମୀରାବାଇ ମଧ୍ୟ ଜାଣିପାରି ନଥିଲେ । ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ଗୀତା କହିଥିଲେ । ସେତେବେଳେ ଭୀଷ୍ମ ଶତ୍ରୁ ପକ୍ଷରେ ସେନାଧିପତି ଭାବରେ ଥିଲେ । ଗୀତା କହିବାର ଆଠଦିନ ପରେ ବହୁଶା ଭୀଷ୍ମ ଶରାଘାତରେ ପଡି ଯାଇଥିଲେ । ଶ୍ରୀକୃଷ୍ଣ ଗୀତା କହିଛନ୍ତି ବୋଲି ଭୀଷ୍ମଙ୍କୁ ମଧ୍ୟ ଜଣା ନଥିଲା । ତେଣୁ ଶ୍ରୀକୃଷ୍ଣ କହିଥିବା ଜ୍ଞାନ, ଧର୍ମକୁ ଭୀଷ୍ମ ମଧ୍ୟ ଜାଣି ନଥିଲେ ବୋଲି କହି ପାରିବା । ସେହିଭଳି ମୀରାବାଇ ବିଷୟକୁ ଗଲେ, ସେ ଶ୍ରୀକୃଷ୍ଣ କହିଥିବା ଗୀତାକୁ ମଧ୍ୟ ଧ୍ୟାନ ଦେଇନଥିଲେ, ତେଣୁ ତାଙ୍କୁ ମଧ୍ୟ କୃଷ୍ଣ କହିଥିବା ଧର୍ମ ଜଣାନଥିଲା । ସେଥିଲାଗି କହି ପାରିବା ଯେ, ଗୁରୁଙ୍କ ଜ୍ଞାନ ଅନୁସାରେ କିମ୍ବା ଧର୍ମ ଅନୁସାରେ ତାଙ୍କୁ ମୀରାବାଇ କିମ୍ବା ଭୀଷ୍ମ ଚିହ୍ନିପାରି ନଥିଲେ, ସେମାନେ ଏଇଭଳି ଚିହ୍ନିଥିଲେ ବୋଲି କହିବା ଅସମ୍ଭବ । ତେଣୁ ସେମାନେ ଗୁରୁଙ୍କୁ ଚିହ୍ନି ପାରିଥିବା ବିଧି ନିଶ୍ଚୟ ଆଉକିଛି ଅଛି, ତାହା ଯେହେତୁ ଆମକୁ ଜଣା ନାହିଁ ସେଥିଲାଗି ସେମାନେ କେଉଁ ବିଧିରେ ବା କେଉଁ ସୂତ୍ର ଅନୁସାରେ ଚିହ୍ନିଲେ ତାହା ଆମକୁ ଜଣା ନାହିଁ ବୋଲି କହିବା ଉଚିତ୍ ।

*****

## କଣ ଗୁରୁ ସମସ୍ତଙ୍କ ଭଳି ମୃତ୍ୟୁବରଣ କରନ୍ତି ?

ଶରୀର ଧାରଣ କରି ରହିଥିବା ସମସ୍ତେ ଦିନେ ନିଶ୍ଚୟ ସେହି ଶରୀରକୁ ଛାଡିବାକୁ ହେବ, ଏହା ଏକ ସୂତ୍ର । ଯିଏ ଶରୀର ଧାରଣ କରିଛି ସେ ସାଧରଣ ଜୀବାତ୍ମା ହୋଇପାରେ କିମ୍ବା ଦୈବାଂଶ ଗୁରୁ ହୋଇ ପାରେ,

କିନ୍ତୁ ସମସ୍ତେ ସୂତ୍ର ଅନୁସାରେ ଶରୀରକୁ ଛାଡିବାକୁ ହେବ । ତେଣୁ ଗୁରୁ ମଧ୍ୟ ସମସ୍ତଙ୍କ ଭଳି ଦିନେ ଶରୀରକୁ ଛାଡି ନିଶ୍ଚୟ ଯିବେ । "*ଜାତସ୍ୟ ହି ଧ୍ରୁବଂ ମୃତ୍ୟୁଃ*" ନାମକ ଗୀତାବାକ୍ୟ ଅନୁସାରେ ଯିଏ ଜନ୍ମ ହୋଇଛି ସେ ନିଶ୍ଚୟ ମୃତ୍ୟୁବରଣ କରିବ । ହେଲେ ଗୀତାର ଅକ୍ଷରପରବ୍ରହ୍ମ ଯୋଗରେ ମରଣର ବିବରଣକୁ ଦେଖିଲେ ଆହୁରି ସ୍ୱଷ୍ଟ ଭାବରେ ବୁଝିହୁଏ ଯେ ସମସ୍ତଙ୍କର ଦିନେ ମରଣ ନିଶ୍ଚୟ ଆସିବ, ଏହି ମରଣ ଦୁଇ ପ୍ରକାରର, ତାହା ମୋକ୍ଷ ହେଉଥିବା ମରଣ ଆଉ ମୋକ୍ଷ ହେଉ ନଥିବା ମରଣ । ତା'ଛଡା ସାଧାରଣ ମଣିଷର ମରଣ ଅଲଗା, ଯୋଗୀମାନଙ୍କର ମରଣ ଅଲଗା ପ୍ରକାରର ହୋଇଥାଏ । ଏବେ ଗୁରୁଙ୍କ ମରଣ ଯେଗୀମାନଙ୍କ ମରଣ ଭଳି ? କି ସାଧାରଣ ମଣିଷର ମରଣ ଭଳି ? ଅର୍ଥାତ୍ ଗୁରୁଙ୍କ ମରଣକୁ ଆମେ କାହା ତାଲିକାରେ ନେଇପାରିବା ବୋଲି ସନ୍ଦେହ ଆସିପାରେ । ଗୁରୁ ସାଧରଣ ମଣିଷ ଭଳି ଅଭିନୟ କଲେ ମଧ୍ୟ, ଆମକୁ ଜଣାଥାଉ ବା ନଥାଉ ସେ ହେଉଛନ୍ତି ପ୍ରକୃତ ଯୋଗୀ । ତା'ବୋଲି ଭାବନ୍ତୁ ନାହିଁ ଯେ, ସେ ସାଧରଣ ଯୋଗୀ, ସେ ହେଉଛନ୍ତି ଯୋଗୀଶ୍ୱର । ତେଣୁ ତାଙ୍କ ମରଣକୁ ଦୁଇ ପ୍ରକାରର ମରଣ ଭିତରୁ ଯୋଗୀମାନଙ୍କ ମରଣ ଭିତରେ ହିସାବ କରି ପାରିବା ।

ବ୍ରହ୍ମବିଦ୍ୟା ଶାସ୍ତ୍ର କୁହାଯାଉଥିବା ଗୀତାର ଅକ୍ଷର ପରବ୍ରହ୍ମ ଯୋଗରେ ଯୋଗୀମାନଙ୍କ ମରଣର ବିଶ୍ଳେଷଣ ଦେଖିବାକୁ ମିଳେ । ଯୋଗୀମାନେ କେଉଁ ସମୟରେ ମୃତ୍ୟୁବରଣ କଲେ ସେମାନଙ୍କର ମୋକ୍ଷ ହୋଇଥାଏ, କେଉଁ ସମୟରେ ମୃତ୍ୟୁବରଣ କଲେ ମୋକ୍ଷ ହୋଇ ନଥାଏ ତା'ର ସମ୍ପୂର୍ଣ୍ଣ ବିବରଣ ସେଥିରେ ରହିଛି । ଗୁରୁଙ୍କ ମରଣକୁ ଯୋଗୀମାନଙ୍କ ମରଣରେ ହିସାବ କରି ଦେଖିଲେ ଯୋଗୀମାନଙ୍କ ମରଣରେ ମୋକ୍ଷ ଅଛି କି ନାହିଁ ତାହା ମଧ୍ୟ ଦେଖିବାକୁ ପଡିବ । ଯୋଗୀମାନଙ୍କର ହେଉଥିବା ଦୁଇ

ପ୍ରକାରର ମରଣ କ'ଣ କ'ଣ ? ପ୍ରଶ୍ନ ବାବଦରେ ବିଚାର କରିବା ତେବେ ତାହା ସେମାନଙ୍କର ମରଣ ସମୟ ଅନୁସାରେ ବିଭାଜିତ ହୋଇ ରହିଛି ବୋଲି ଜଣାପଡିଥାଏ । ତନ୍ମଧ୍ୟରୁ ଗୋଟିଏ ହେଲା ଯୋଗୀ ମୃତ୍ୟୁବରଣ କରୁଥିବା ମୋକ୍ଷ ମରଣର ସମୟ ଦିନବେଳା, ଶୁକ୍ଳପକ୍ଷ ଏବଂ ଉତ୍ତରାୟଣ ହୋଇଥିବ । ଆଉ ଗୋଟିଏ ହେଲା ଯୋଗୀର ମୋକ୍ଷ ହେଉନଥିବା ମରଣର ସମୟ ରାତ୍ରିବେଳା, କୃଷ୍ଣପକ୍ଷ ଏବଂ ଦକ୍ଷିଣାୟନ ହୋଇଥିବ । ଏଇ ଦୁଇ ନିୟମ ଅନୁସାରେ ଯୋଗୀମାନଙ୍କର ମରଣକୁ ହିସାବ କରିବାକୁ ହୋଇଥାଏ । ହେଲେ ଏଠାରେ ଗୁରୁ ଯୋଗୀ ହେଲେ ମଧ୍ୟ ସେ ସମସ୍ତେ ମୃତ୍ୟୁବରଣ କରୁଥିବା ଭଳି ମୃତ୍ୟୁବରଣ କଲେ ସିନା ତାଙ୍କ ମରଣକୁ ନିୟମ ଅନୁସାରେ ବିଶ୍ଳେଷଣ କରିବା ! କିନ୍ତୁ ଗୁରୁ ଶରୀର ଧାରଣ କରି ଜନ୍ମ ହେବା ଦିନ ମଧ୍ୟ ସଚୈତନ୍ୟର ମାତୃଗର୍ଭରୁ ଭଗବାନ ଭାବରେ ଜନ୍ମ ହୋଇଥା'ନ୍ତି । ସେହିଭଳି ଶରୀର ଛାଡି ଯିବାବେଳେ ମଧ୍ୟ ଏକ ସ୍ୱତନ୍ତ୍ର ପଦ୍ଧତିରେ ଯାଇଥା'ନ୍ତି, ସେହି ସ୍ୱତନ୍ତ୍ର ପଦ୍ଧତି ହେଉଛି ! ଗୁରୁ (ପରମାତ୍ମା)ଙ୍କର ଜନ୍ମ ନାହିଁ କି ମରଣ ନାହିଁ ବା ଯାହାର ଜନ୍ମ ମରଣ ନାହିଁ ସେ ଗୁରୁ । ଗୁରୁ ଜନ୍ମ ହୁଅନ୍ତି, ମୃତ୍ୟୁବରଣ କରିବା ଭଳି ଅଭିନୟ କରିଥା'ନ୍ତି । ଗୁରୁ ଶରୀର ଧାରଣ କରି ଜନ୍ମହେବା ବେଳେ ସମସ୍ତଙ୍କ ଭଳି ଜନ୍ମ ନହୋଇ ଚୈତନ୍ୟର ସହିତ ଜନ୍ମ ହୁଅନ୍ତି । ସେହିଭଳି ଶରୀର ଛାଡି ଚାଲିଯିବା ବେଳେ ଶରୀର ଛାଡି ବାହାରକୁ ନଯାଇ, ସେହି ଶରୀର ଭିତରେ ମିଶିଯାଇଥା'ନ୍ତି । ଶରୀର ଭିତରେ ମିଶିଯାଇଥିବା ଗୁରୁ ସେତେବେଳେ ବିଶ୍ୱବ୍ୟାପୀ ହୋଇଯାଇଥା'ନ୍ତି ।

ସମସ୍ତ କର୍ମ ବିନାଶ ହୋଇଯାଇଥିବା ଯୋଗୀମାନେ ମୃତ୍ୟୁବରଣ କଲେ ଦିନବେଳରେ, ଶୁକ୍ଳପକ୍ଷରେ, ଉତ୍ତରାୟଣ କାଳରେ କରିଥା'ନ୍ତି ବୋଲି ଜାଣିଥିଲେ । ଏଭଳି ମୃତ୍ୟୁବରଣ କରିଥିବା ଯୋଗୀ ଶରୀରର

ଜୀବ ପ୍ରଥମେ ଆତ୍ମାରେ ମିଳିତ ହୋଇ ଆତ୍ମା ଭାବରେ ବଦଳିଯାଏ, ଏହିଭଳି ଜୀବାତ୍ମା ମିଶିଥିବା ଆତ୍ମା ଶରୀରରେ ଥିବା ପରମାତ୍ମାରେ ଐକ୍ୟ ହୋଇଯାଏ । ଏହା ହିଁ ପରମାତ୍ମାରେ ଐକ୍ୟ ହେଉଥିବା ଯୋଗୀର ମରଣ ବିଧାନ । (ଏକଥା ଆମ ରଚନାର **"ଜନନ ମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥରେ ବିପୁଳ ଭାବରେ ଲେଖାଯାଇଛି ।) ବାସ୍ତବରେ ଗୁରୁ ମୃତ୍ୟୁବରଣ କଲେ ତାହା ଯୋଗୀମାନଙ୍କ ମରଣ ଭଳି ମଧ୍ୟ ହୋଇନଥାଏ । ଜୀବାତ୍ମା ଆତ୍ମାରେ, ଆତ୍ମା ପରମାତ୍ମାରେ ମିଶିଯାଉଥିବା ଭଳି ଗୁରୁଙ୍କ ମରଣରେ ସେଭଳି ହୋଇନଥାଏ, କାରଣ! ସେ ଆରମ୍ଭରୁ ଜୀବାତ୍ମା ନୁହନ୍ତି କି ଆତ୍ମା ନୁହନ୍ତି । ଯୋଗୀ ଶରୀରରେ ଥିବା ଭଳି ଗୁରୁଙ୍କ ଶରୀରରେ ଜୀବ ନଥାଏ କି ଆତ୍ମା ନଥାଏ । **ଗୁରୁ ସାକ୍ଷାତ୍ ପରବ୍ରହ୍ମ** ହୋଇଥିବାରୁ ଗୁରୁଙ୍କର ମରଣକୁ ଏବଂ ଯୋଗୀମାନଙ୍କ ମରଣକୁ ବିଶ୍ଳେଷଣ କରି ଦେଖିବା ଆବଶ୍ୟକ ନାହିଁ କି ଗୁରୁ ପରମାତ୍ମାରେ ଐକ୍ୟ ହେଲେ କି ନ ହେଲେ ତାହା ମଧ୍ୟ ବିଶ୍ଳେଷଣ କରି ଦେଖିବା ଆବଶ୍ୟକ ନାହିଁ । ସେଥିଲାଗି କହିପାରିବା ଯେ ଯୋଗୀମାନଙ୍କ ମରଣରେ ଦେଖିବାକୁ ପଡୁଥିବା କାଳ ଗୁରୁଙ୍କ ମରଣରେ କାର୍ଯ୍ୟକାରୀ ହେବନାହିଁ (ଦେଖିବା ଆବଶ୍ୟକ ନାହିଁ )। ଯିଏ ସାକ୍ଷାତ୍ ପରମାତ୍ମା ସେ ପରମାତ୍ମାରେ ଐକ୍ୟ ହେଲେ କି ନାହିଁ ଦେଖିବା ଦରକାର ନାହିଁ, ସେହିଭଳି ମୋକ୍ଷ ହୋଇ ରହିଥିବା ଗୁରୁଙ୍କର ମୋକ୍ଷ ହେଲା କି ନାହିଁ ଦେଖିବା ଆବଶ୍ୟକ ନାହିଁ । ସେଥିଲାଗି ଗୁରୁଙ୍କ ପାଇଁ ଦିନବେଳା, ଶୁକ୍ଳପକ୍ଷ, ଉତ୍ତରାୟଣ କାଳ କାର୍ଯ୍ୟକାରୀ ହେବ ନାହିଁ । ସେ ଯେଉଁ କାଳରେ ମୃତ୍ୟୁବରଣ କଲେ ମଧ୍ୟ ସେ ହିଁ ସେବୁବେଳେ ସେ (ପରମାତ୍ମା ବା ମୋକ୍ଷ) ହୋଇ ରହିଥା'ନ୍ତି । ତାଙ୍କର ଜନ୍ମ ନାହିଁ କି ମରଣ ନାହିଁ, ସେ ଶରୀର ଧାରଣ କରି ଜନ୍ମ ହେଉଛନ୍ତି ବୋଲି ମଣିଷକୁ ଭ୍ରମିତ କରିଥା'ନ୍ତି, ସେହିଭଳି ତାଙ୍କ ମରଣ ମଧ୍ୟ ଭ୍ରମ । ଗୁରୁ ମୃତ୍ୟୁବରଣ କରିଥା'ନ୍ତି କି ? ବୋଲି ପଚାରିଲେ ହଁ ସେ ମୃତ୍ୟୁବରଣ କରିଥା'ନ୍ତି, କିନ୍ତୁ

ସମସ୍ତଙ୍କ ଭଳି ନୁହେଁ ବୋଲି ଜାଣିବା ଉଚିତ୍, କହିବା ଉଚିତ୍ । ମଣିଷ ଆଉ ପରମାତ୍ମାଙ୍କ ମରଣରେ କିପରି ଭିନ୍ନତା ରହିଥାଏ ତାହା ଜନନ ମରଣ ସିଦ୍ଧାନ୍ତ ନାମକ ଗ୍ରନ୍ଥରେ ଭଲଭାବରେ କୁହାଯାଇଛି, ତାହା ପାଠ କରନ୍ତୁ ।

*****

# ଗୁରୁ ପୌର୍ଣ୍ଣମି (ପୂର୍ଣ୍ଣିମା)

ଅନ୍ତ କହିଲେ କ'ଣ ସମସ୍ତେ ଜାଣନ୍ତି । ପ୍ରପଞ୍ଚରେ ଥିବା ସବୁକିଛିର ଆଦି ଅନ୍ତ ରହିଥାଏ । ଆଦି ଅନ୍ତ ନଥିବା ଜିନିଷ ପ୍ରପଞ୍ଚରେ କିଛି ବି ନାହିଁ । ଏହି ସାରା ପ୍ରପଞ୍ଚ ହିଁ ଆଦି ଅନ୍ତଯୁକ୍ତ ହୋଇ ରହିଛି । ନାଆଁର ଗାଆଁର, ଲେଖାର ପଢାର, ଗୀତର ଶୀତର, କାର୍ଯ୍ୟର ଧାର୍ଯ୍ୟର, ଖେଳର ମେଳର, ଋଷର ବାସର ସବୁକିଛିର ଆଦିଅନ୍ତ ନିଶ୍ଚୟ ରହିଛି । ବୋଧହୁଏ ସେଥିପାଇଁ କେହି କେହି କୌଣସି କ୍ରୋଧିତ ସନ୍ଦର୍ଭରେ ମୁଁ ତୋର ଅନ୍ତ ଦେଖିବି ବୋଲି କହିଥା'ନ୍ତି । ତେଣୁ ସବୁକିଛିର ନିଶ୍ଚୟ ଅନ୍ତ ରହିଛି ବୋଲି ଜଣାଯାଉଛି । ଥିବା ସବୁକିଛିର ଅନ୍ତ ଅଛି, କିନ୍ତୁ ଗୋଟିଏ ଜିନିଷର କଦାପି ଅନ୍ତ ନାହିଁ । ତାହା ହେଉଛି ଗୋଲକ ବା ଗୋଳ (ଉଦା-ପେଣ୍ଡୁ ଏକ ଗୋଲକ) । ଏହି ଗୋଳ, ଗୋଲକ ବା ଗୋ..ଲ ନାମକ ଶବ୍ଦରୁ ଗୁରୁ ନାମକ ଶବ୍ଦର ଜନ୍ମ ହୋଇଛି । ପରମାତ୍ମାଙ୍କର ମଧ୍ୟ ଆଦି ଅନ୍ତ ନାହିଁ, ଆଦିମଧ୍ୟାନ୍ତ ରହିତ ପରମାତ୍ମା ଭୂପୃଷ୍ଠରେ ଭଗବାନ ଭାବରେ ଜନ୍ମ ହେଲାବେଳେ ତାଙ୍କୁ ଆମେ ଗୁରୁ ନାମରେ କହୁଛୁ । ପରମର ପରମାତ୍ମା ଏବଂ ଇହଗୁରୁଙ୍କର ଆଦି ଅନ୍ତ ନାହିଁ । ଏହି ଅନୁସାରେ ପରମାତ୍ମା କୁହ, ଭଗବାନ କୁହ କି ଗୁରୁ କୁହ ଏ ତିନିଜଣ ଜଣେ ବୋଲି ଜାଣିବା ଉଚିତ୍ ।

ପୂର୍ବର କେତେକ ଜ୍ଞାନୀମାନେ ଗୁରୁ ଗୋଲାକାର ପଥର ଭଳି ବୋଲି ରୂଢିଟିଏ କହୁଥିଲେ । ଗୋଲାକାର ପଥରର ମଧ୍ୟ ଆଦିଅନ୍ତ ନଥାଏ । ସେଥିଲାଗି ସେମାନେ ଗୁରୁଙ୍କୁ ଗୋଲ ପଥର ସହିତ ତୁଳନା

କରିଥିଲେ । ଗୁରୁ କହିଲେ କେନ୍ଦ୍ର ବୋଲି ମଧ୍ୟ ବୁଝିବାକୁ ହୁଏ । ଜ୍ଞାନର କେନ୍ଦ୍ର ହେଉଛନ୍ତି ଗୁରୁ । ଜ୍ଞାନ କେଉଁଠାରେ କାହା ଦ୍ୱାରା ଜଣାଯାଉଥିଲେ ମଧ୍ୟ ଅର୍ଥାତ୍ ଜ୍ଞାନକୁ କୌଣସି ବୋଧକ କହୁଥିଲେ ମଧ୍ୟ ତାହା ପ୍ରଥମ ଜ୍ଞାନକେନ୍ଦ୍ର ଗୁରୁଙ୍କଠାରୁ ହିଁ ଆସିଥାଏ । ଅପାର ଜ୍ଞାନକେନ୍ଦ୍ର, ପ୍ରକୃତ ଧର୍ମନିଳୟ ହେଉଛନ୍ତି ଗୁରୁ । ପରମାତ୍ମା ଭୂପୃଷ୍ଠରେ ଅବତାର ଗ୍ରହଣ କଲାବେଳେ, ଭଗରୁ ଜନ୍ମ ହୋଇଥିବାରୁ ତାଙ୍କୁ ଭଗବାନ କୁହାଯାଏ, ବାସ୍ତବରେ ତାଙ୍କର ଆଦି ଅନ୍ତ ନଥିବାରୁ ଗୁରୁ ବୋଲାଇଥା'ନ୍ତି । ଜ୍ୟୋତିଷ୍ୟ ଶାସ୍ତ୍ର ଅନୁସାରେ ଜ୍ଞାନର ଚିହ୍ନ ହେଉଛି ଚନ୍ଦ୍ର । ସଂପୂର୍ଣ୍ଣ ଜ୍ଞାନର ଚିହ୍ନ ହେଉଛି ପୂର୍ଣ୍ଣମି ଚନ୍ଦ୍ର ବା ପୂର୍ଣ୍ଣଚନ୍ଦ୍ର । ପୂର୍ଣ୍ଣଚନ୍ଦ୍ର ପରିପୂର୍ଣ୍ଣର ଚିହ୍ନ । ମାନବ ପରମାତ୍ମାଙ୍କୁ ଗୁରୁ ଭାବରେ ଚିହ୍ନିବା ପାଇଁ ବର୍ଷକରେ ଥରେ ଏକ ପୂର୍ଣ୍ଣମିକୁ ବଡମାନେ ଗୁରୁପୂର୍ଣ୍ଣମି ଭାବରେ ନିର୍ଣ୍ଣୟ କରିଥିଲେ ।

ଆଦି ଅନ୍ତ ନଥିବା ଦୈବଙ୍କୁ ଗୁରୁଭାବରେ ଚିହ୍ନି ସଂପୂର୍ଣ୍ଣ ଜ୍ଞାନ ଭାବରେ ପୂର୍ଣ୍ଣଚନ୍ଦ୍ରର ଦିନ ହୋଇଥିବା ପୂର୍ଣ୍ଣମିକୁ ଗୁରୁପୂର୍ଣ୍ଣମି ଭାବି, ଭଗବାନ ହୋଇ ଥିବା ଗୁରୁଙ୍କୁ ଆରାଧନା କରିବା ହେଉଛି ଗୁରୁପୂର୍ଣ୍ଣମି (ଗୁରୁପୂର୍ଣ୍ଣମା) ର ପ୍ରକୃତ ଅର୍ଥ । ଆଚରଣ ରହି ତା'ର ଅର୍ଥ ଜାଣିନଥିବା ପ୍ରଜାମାନଙ୍କୁ ଗୁରୁ କହିଲେ କ'ଣ, ଗୁରୁପୂର୍ଣ୍ଣମି କହିଲେ କ'ଣ ଜଣା ନାହିଁ । ଅର୍ଥ ଅନ୍ତରାର୍ଥ ଜଣା ନଥିବା ପ୍ରଜାମାନଙ୍କୁ ପରମାତ୍ମା ବା ଦୈବ କ'ଣ ?, ଦେବତା କ'ଣ ?, ଭଗବାନ କିଏ ?, ଗୁରୁ କିଏ ? ବୋଧକ କିଏ ? ଜଣା ନାହିଁ । ମଣିଷର ଅଜ୍ଞାତ ସ୍ଥିତିକୁ ଆସରା କରି ମାୟା ନିଜେ ଗୁରୁ ବୋଲି ପ୍ରଚାର କରିଥାଏ । ଜ୍ଞାନ ଧର୍ମ ତା'ପାଖରେ ନଥିଲେ ମଧ୍ୟ ନିଜର ମାହାତ୍ମ୍ୟ ହିଁ ଜ୍ଞାନ ବୋଲି, ସେ କରୁଥିବା ଦାନ ହିଁ ଧର୍ମ ବୋଲି ସମସ୍ତଙ୍କୁ ବୁଝାପଡୁଥିବା ଭଳି କରି ସମସ୍ତଙ୍କୁ ନିଜ ଦିଗରେ ଟାଣି ନିଜେ ହିଁ ଗୁରୁ ବୋଲି ମାନବ ଜାଣିବା ଭଳି ମାୟା କାର୍ଯ୍ୟକରିବା ଦ୍ୱାରା ସମସ୍ତେ ପ୍ରକୃତ ଦୈବଙ୍କୁ ଛାଡି ମାୟାଗୁରୁକୁ ଆଶ୍ରୟ କରିଛନ୍ତି, ଗୁରୁପୂର୍ଣ୍ଣମି ଦିନ ମଣିଷ ମାୟାଗୁରୁଙ୍କ ଉପାସନା କରୁଛି ।

ଗୁରୁପୂର୍ଣ୍ଣିମି ଦିନ ଅନେକ ସ୍ଥାନରେ ଗୁରୁପୂଜା ହେଉଥିଲେ ହେଁ, କୌଣସି ଗୋଟିଏ ସ୍ଥାନରେ ପ୍ରକୃତ ଗୁରୁଙ୍କ ପୂଜା ହେଉଛି ବୋଲି ବିଶ୍ୱାସ କରାଯାଇ ପାରେ ନାହିଁ । ପରମାତ୍ମାଙ୍କର ବ୍ୟତିରେକ ହୋଇଥିବା ମାୟା ପରମାତ୍ମାଙ୍କ ଦିଗରେ କାହାକୁ ମଧ୍ୟ ଯିବାକୁ ନଦେଇ ନିଜ ଦିଗରେ ଯିବା ଭଳି, ନାନା ଉପାୟରେ ନାନା ପ୍ରଜାମଙ୍ଗଳ କାର୍ଯ୍ୟ କରୁଥାଇ ସମସ୍ତଙ୍କୁ ନିଜ ଦିଗରେ ଟାଣି ନେଇଥାଏ । ମାୟାମାର୍ଗରେ ପଡିଥିବା ଅନେକ ଲୋକ ଗୁରୁଙ୍କୁ ଚିହ୍ନି ନପାରିବା ଛଡା ଗୁରୁ ହୋଇ ଥିବା ପ୍ରତ୍ୟକ୍ଷ ପରମାତ୍ମାଙ୍କୁ ଗୁରୁ ବୋଲି ନକହି ନିନ୍ଦା ଅପମାନ ଦେଇ ମାୟାକୁ ଗୁରୁ ଭାବି ଭାରି ଆନନ୍ଦରେ ତାର ଉପାସନା କରିଥାନ୍ତି । ଭକ୍ତି କରୁଛୁ କହୁଥିବା ସମସ୍ତେ ସେମାନଙ୍କର ଭକ୍ତିକୁ ଦେବତାମାନଙ୍କ ଉପରେ, ମାହାତ୍ମ୍ୟ ଦେଖାଉଥିବା ବାବାମାନଙ୍କ ଉପରେ, ପୁରାଣ ବୋଧ କରୁଥିବା ବୋଧକମାନଙ୍କ ଉପରେ ଦେଖାଇ ପ୍ରକୃତଗୁରୁଙ୍କୁ ସମ୍ମାନ ପ୍ରଦାନ କରନ୍ତି ନାହିଁ । ଦେବତାମାନଙ୍କ ପଦବୀ ଏକ ଏକ ସାମାନ୍ୟ ପଦବୀ ହୋଇଥିବା ବେଳେ, ଦେବତାମାନଙ୍କର ଦୈବ, ଦେବତାମାନଙ୍କର ଆରାଧ୍ୟ ହୋଇଥିବା ଗୁରୁଙ୍କୁ ନିଜ ପାଖରେ ଛିଡା କରାଇ ଅତି କମ୍‌ରେ ଟିକିଏ ବସିବାକୁ ନକହି ଅତି ଅବହେଳିତ ଭାବରେ କଥା କହୁଛନ୍ତି । ମାୟାର ପ୍ରଭାବ ମାନବ ଭିତରେ ଥିବା ପର୍ଯ୍ୟନ୍ତ ସେମାନଙ୍କୁ ମାୟାଗୁରୁ ମହାନ ଲାଗିବା, ଭଗବାନ ହୋଇ ଥିବା ପ୍ରକୃତ ଗୁରୁ ନୀଚ ବୋଧହେବା ସାଧାରଣ କଥା । ମାୟା ଆଉ ପରମାତ୍ମାଙ୍କ ଭିତରେ ହେଉଥିବା ଖେଳରେ ସମସ୍ତେ ମାୟା ସପକ୍ଷରେ ଥିବାବେଳେ, ଏକୈକ ଜ୍ଞାନଧର୍ମ ପରମାତ୍ମାଙ୍କ ସପକ୍ଷରେ ରହିଥାଏ । ମାୟା ପାଖରେ ମାହାତ୍ମ୍ୟ, ଦାନ, ଧନ, କାମନା ପୂର୍ଣ୍ଣ ଇତ୍ୟାଦି ଏଭଳି ଅନେକ ଆୟୁଧ ରହିଥିବା ବେଳେ, ପରମାତ୍ମାଙ୍କ ପାଖରେ କେବଳ ଧର୍ମ ନାମକ ଆୟୁଧ ରହିଥାଏ । ଏହି ବିଷୟର ଉଦାହରଣ ଭାବରେ ଗୋଟିଏ ବିଷୟ ଆଲୋଚନା କଲେ, ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରେ ମୋ' ସହିତ ସମାନ ହୋଇଥିବା ଦଶହଜାର ସୈନିକ

ଗୋଟିଏ ଦିଗରେ ରହିବେ ଆଉ ମୁଁ ଏକା ଗୋଟିଏ ଦିଗରେ ରହିବି ବୋଲି ଭଗବାନ କହିଥିଲେ, ଦଶହଜାର ସୈନିକ ନାନା ପ୍ରକାରର ଆୟୁଧ ଧରି ଯୁଦ୍ଧ କରୁଥିବା ବେଳେ, ମୁଁ ଆୟୁଧ ନଧରି ଖାଲି କଥା କହିବି ବୋଲି କହିଥିଲେ । ସେଦିନ ଭଗବାନ କହିଥିବା କଥାର ଅନ୍ତରାର୍ଥ କ'ଣ ବୋଲି ବିଚାର କଲେ ମୋ'ଦ୍ୱାରା ତିଆରି ହୋଇଥିବା ମୋର ମାୟା, ମୋ'ସହିତ ଅନେକ ପ୍ରଜାନୁକୁଳ ଘଟଣା ନାମକ ଆୟୁଧରେ ଯୁଦ୍ଧକରି ଜୀବମାନଙ୍କୁ ନିଜ ଦିଗରେ ଟାଣିନେଇ ଯୁଦ୍ଧରେ ଜିତିବାକୁ ଚେଷ୍ଟା କରିବ, ମୁଁ କୌଣସି ଘଟଣାୟୁଧ ନ ଧରି "ଧର୍ମବାଣୀ" ନାମକ ଆୟୁଧରେ ଯୁଦ୍ଧ କରିବି ବୋଲି କହିଥିଲେ ।

ଆଜି ମାୟା ଅନେକ ମାର୍ଗରେ ମଣିଷକୁ ନିଜ ଦିଗରେ ଟାଣି ନେଉଥାଇ, ଦୈବଭାବରେ ରଙ୍ଗ ବଦଳାଇ ଦେଖାଦେଉଛି । କୌଣସି ମଣିଷ ଚିହ୍ନି ପାରୁ ନଥିବା ମାୟାକୁ ସେହି ପରମାତ୍ମା ହିଁ ଚିହ୍ନନ୍ତି । ସେହି ପରମାତ୍ମା ଏଇ ହିଁ ମାୟା ବୋଲି ଚିହ୍ନାଇ କହିଲେ ମଧ୍ୟ **ପରମାତ୍ମାଙ୍କ ଭଳି ଥିବା ମାୟାକୁ ପରମାତ୍ମା ବୋଲି ବିଶ୍ୱାସ କରୁଥାଇ, ପରମାତ୍ମାଙ୍କୁ ମାୟା ବୋଲି ଭାବୁଥିବା ଲୋକମାନେ ସମାଜରେ ଅନେକ ରହିଥାନ୍ତି ।** ଏହିଭଳି ପରିସ୍ଥିତିରେ ଆଜି ଆମେମାନେ ମଧ୍ୟ ଅଛେ । ଏହି ସ୍ଥିତିରେ କିଏ ମାୟା ଆଉ କିଏ ଗୁରୁ ତାହା ଚିହ୍ନିବା କାଠିକର ପାଠ । ଯଦି ତୁ ମାୟାକୁ ଛାଡି ପରମାତ୍ମାଙ୍କ ଦିଗରେ ଯିବାକୁ ଭାବିବୁ; ତଥାପି ତୁ ଅନେକ ବର୍ଷରୁ ଗୁରୁଙ୍କୁ ଚିହ୍ନି ଆସିଥିଲେ ମଧ୍ୟ ମାୟା ଇଚ୍ଛାକଲେ ତୋତେ ପରମାତ୍ମାଙ୍କୁ ମାୟା ଆଉ ମାୟାକୁ ପରମାତ୍ମା ବୋଲି ତୋ'ରି ତୁଣ୍ଡରୁ କୁହାଇବ । ପରମାତ୍ମା ସବୁ ପ୍ରକାରର ଅସ୍ତ୍ର ମାୟାକୁ ଦେଇଦେଇଛନ୍ତି । ତାଙ୍କ ପାଖରେ କେବଳ କଥା (ଜ୍ଞାନଧର୍ମର ଭାଷା) ଛଡା ଆଉ କିଛି ନାହିଁ । କେବଳ କଥା ଆମର କ'ଣ ହେବ, ପୂର୍ଣ୍ଣ ଗଣ୍ଠିଲି ଦେଇଥିବା ମାୟା ପାଖକୁ ଯିବେ କି ଖାଲି କଥା ଶୁଣିବା ପାଇଁ ପରମାତ୍ମାଙ୍କ (ଗୁରୁ) ପାଖକୁ ଯିବେ ତାହା ଆପଣମାନେ

ନିର୍ଣ୍ଣୟ କରନ୍ତୁ । ସମସ୍ତଙ୍କର ମାତା ପ୍ରକୃତି ଆଉ ପିତା ହେଉଛନ୍ତି ପରମାତ୍ମା, ଏକଥା ବୋଧହୁଏ ସମସ୍ତେ ଜାଣିଥିବେ । ବାସ୍ତବରେ ବାପା ଗଣ୍ଠିଲି ମାଆ ଗଣ୍ଠିଲି ବୋଲି ଦୁଇଟି ଜିନିଷ ଅଛି । ବାପାର ଖାଲି ଗଣ୍ଠିଲି ଦରକାର କି ମାଆର ପୂର୍ଣ୍ଣ ଗଣ୍ଠିଲି ଦରକାର ତାହା ଆପଣମାନେ ହିଁ ନିର୍ଣ୍ଣୟ କରନ୍ତୁ ।

*****

# ଗୁରୁ - ପୌର୍ଣ୍ଣମି (ପୂର୍ଣ୍ଣିମା)

ପୌର୍ଣ୍ଣମି ବା ପୂର୍ଣ୍ଣିମା କହିଲେ ଚନ୍ଦ୍ର ସମ୍ପୂର୍ଣ୍ଣ ଦେଖାଯାଉଥିବା ଦିନ । ଚନ୍ଦ୍ର ସମ୍ପୂର୍ଣ୍ଣ ଦେଖାଯିବା ଦ୍ୱାରା ଆମର କି ଲାଭ ତାହା ବୋଧହୁଏ ସମସ୍ତଙ୍କୁ ଜଣାଅଛି । ଆମେ ଜାଣିଥିବା ଲାଭ ହେଉଛି ! ଚନ୍ଦ୍ର ସେଦିନ ପୂର୍ଣ୍ଣ ଚନ୍ଦ୍ରକାନ୍ତି ଦିଏ, ତାହା ଭାରି ଥଣ୍ଡା ଆଉ ଭାରି ଭଲ ଲାଗେ, ରାତିରେ ଯାତାୟାତ କରିହୁଏ ବୋଲି ଅନେକ କବିମାନେ ଅନେକ ଅଳଙ୍କାର ଦେଇ ବର୍ଣ୍ଣନା କରିଥା'ନ୍ତି । ଯିଏ ଯାହା କହିଲେ ମଧ୍ୟ ଚନ୍ଦ୍ରକାନ୍ତିରେ ଆମକୁ ଜଣା ନଥିବା ବିଷୟଟିଏ ରହିଛି । ଚନ୍ଦ୍ର ହେଉଛି ଅମୃତ ସ୍ୱରୂପ । ମୃତ କହିଲେ ମରଣ ଆଉ ଅମୃତ କହିଲେ ମରଣ ନଥିବା ଶାଶ୍ୱତ ସ୍ଥିତି । ତା'ହେଲେ ଅମୃତସ୍ୱରୂପ କହିଲେ ମରଣ ନଥିବା ସ୍ୱରୂପ । ବାସ୍ତବରେ ଚନ୍ଦ୍ରର ଏତେ ଶକ୍ତି ଅଛି ? ବୋଲି ବିଚାର କଲେ, ସେକଥା ହିଁ ବାସ୍ତବ ବୋଲି ଆଧାର ମିଳିଥାଏ । ବ୍ରହ୍ମବିଦ୍ୟାଶାସ୍ତ୍ର ହୋଇଥିବା ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗରେ ଥିବା ୧୩ତମ ଶ୍ଳୋକରେ ***"ପୁଷ୍ଣାମି ଚୌଷଧୀଃ ସର୍ବା ସୋମୋ ଭୂତ୍ୱା ରସାତ୍ମକଃ"*** ନାମକ ବାକ୍ୟଟିଏ ରହିଛି । ତା'ର ଅର୍ଥ ହେଉଛି "ମୁଁ ଅମୃତସ୍ୱରୂପ ଚନ୍ଦ୍ରହୋଇ,ଭୂପୃଷ୍ଠରେ ଥିବା ଔଷଧକୁ ପୋଷଣ କରୁଛି"। ଏକଥା ପରମାତ୍ମା କହିଛନ୍ତି । ବାସ୍ତବରେ ଚନ୍ଦ୍ର ତା'ର ଚନ୍ଦ୍ରକାନ୍ତି ଦ୍ୱାରା ଭୂପୃଷ୍ଠରେ ଥିବା ଔଷଧ ବୃକ୍ଷଗୁଡିକୁ ଔଷଧଶକ୍ତି ଦେଉଛି । ଚନ୍ଦ୍ରକାନ୍ତି ଦ୍ୱାରା ଔଷଧବୃକ୍ଷର ଔଷଧ ନାନା ରୋଗ ଯନ୍ତ୍ରଣାରୁ ମୁକ୍ତକରୁଛି ।

ଗୋଟିଏ ଲୋକ ଏକ ରୋଗମୁକ୍ତ ହେବାକୁ ହେଲେ ତା'ର ଔଷଧ ଦରକାର । ଔଷଧ ବୃକ୍ଷଲତାରୁ ମିଳିଥାଏ । ବୃକ୍ଷଲତାରେ ଚନ୍ଦ୍ରକାନ୍ତି ଦ୍ୱାରା ଔଷଧଗୁଣ ପ୍ରବେଶ କରିଥାଏ । ଚନ୍ଦ୍ରର ଏହି ଅମୃତର କାରଣ ପରମାତ୍ମା ଶକ୍ତି ବୋଲି ଜଣାପଡୁଛି । ଆଜିର କାଳରେ ବୃକ୍ଷଲତାରୁ ମିଳୁଥିବା ଚେରମୂଳି ଔଷଧକୁ କେହି ତ ବ୍ୟବହାର କରନ୍ତି ନାହିଁ ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି, ଆଜି ଆମେ ବ୍ୟବହାର କରୁଥିବା ଟାବ୍ଲେଟ୍ସ, ଇଞ୍ଜେକ୍ସନ୍ସ ଇତ୍ୟାଦି ମଧ୍ୟ ଅନେକ ବୃକ୍ଷଲତାରୁ ତିଆରି ହୋଇଥାଏ । ଆସ୍ଥ୍ମା ପାଇଁ ବ୍ୟବହାର କରାଯାଉଥିବା ଅଡ୍ରିନଲିନ୍ ଇଞ୍ଜେକ୍ସନ୍ ମଧ୍ୟ ବେଲଗଛରୁ ତିଆରି ହୋଇଥାଏ । ସେହିଭଳି ଉମ୍ମେତ ଗଛରୁ ବେଲ୍ଲଡୋନା ପ୍ଲାଷ୍ଟର ଇତ୍ୟାଦି ତିଆରି ହୋଇଥାଏ । କେତେକ ଆଲ୍ଲୋପତି ଔଷଧ ବ୍ୟତୀତ ଆୟୁର୍ବେଦରେ ଏବଂ ହୋମିଓପଥି ଚିକିତ୍ସାରେ ବ୍ୟବହାର କରାଯାଉଥିବା ଔଷଧ ବୃକ୍ଷଲତାରୁ ହିଁ ତିଆରି ହୋଇଥାଏ । ଦୁଇଶବର୍ଷ ପୂର୍ବେ ଏହି ଚେରମୂଳି ଔଷଧର ବହୁଳ ଚିକିତ୍ସା ରହିଥିଲା । ସାପକାମୁଡା, ବିଛା, କଙ୍କାବିଛା କାମୁଡା ପାଇଁ ଆଜି ମଧ୍ୟ ବ୍ୟବହାର କରାଯାଉଥିବା ଚେରମୂଳି ଔଷଧ ସହିତ ସମାନ ହେବା ଭଳି ଔଷଧ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । **"ପ୍ରତି ଗଛ ହିଁ ଔଷଧ"** ନାମକ ସୂତ୍ରଟିଏ ଆଜି ମଧ୍ୟ ସେମିତି ରହିଛି ।

ପୌର୍ଣ୍ଣମି ବା ପୂର୍ଣ୍ଣିମା ଦିନ ଉତ୍ତର ଦକ୍ଷିଣ ଧୃବରେ ଥିବା ଗୁରୁତ୍ୱାକର୍ଷଣ ଶକ୍ତି (ଚୁମ୍ବକୀୟ ଶକ୍ତି) ମଧ୍ୟ ଅଧିକ ହୋଇଥାଏ ବୋଲି ଖଗୋଳ ଶାସ୍ତ୍ରଜ୍ଞ କହୁଛନ୍ତି, ସେଦିନ ପାଣିପାଗରେ ମଧ୍ୟ ପରିବର୍ତ୍ତନ ଦେଖାଦେଇ ସମୁଦ୍ରର ଲହଡି ଅତି ଉଚ୍ଚ ହୋଇଥାଏ ବୋଲି ଆମେ ଜାଣି ପାରିବା ଏହାର ଏକ ପ୍ରମାଣ । ଏହା ବ୍ୟତୀତ ଆଜି ଆମକୁ ଜଣାନଥିବା ବିଷୟ ହେଉଛି ! ପୂର୍ଣ୍ଣିମା ଦିନ ଚନ୍ଦ୍ର ସଂପୂର୍ଣ୍ଣ ହୋଇ ଅମୃତଯୁକ୍ତ ଚନ୍ଦ୍ରକିରଣ ପ୍ରସାର କରିଥାଏ, ଏକଥା ପୂର୍ବର ବଡମାନେ ଜାଣି କହୁଥିଲେ । ପୂର୍ଣ୍ଣିମାର ମାହାତ୍ମ୍ୟକୁ

ସେଦିନ ଜାଣିଥିବା ଲୋକମାନେ ଘରର ବାହାରେ ରହି ବିତାଉଥିଲେ, ତା'ଦ୍ୱାରା ସେମାନଙ୍କର ଅନେକ ରୋଗ ଦୂର ହୋଇଯାଉଥିଲା । ଚନ୍ଦ୍ରକିରଣ ବାଜି କେତେକଙ୍କ ଶରୀରରେ ରୋଗନିରୋଧକ ଶକ୍ତି ବଢିଥାଏ ବୋଲି ସେମାନେ ଜାଣିଥିଲେ । ଦୃଷ୍ଟିଶକ୍ତି ଲୋପ ହୋଇଥିବା ଲୋକମାନେ ମୁଣ୍ଡଧୋଇ ଗାଧୋଇ, ଉପରମୁହାଁ ହୋଇ ଶୋଇ ଏକଧାରାରେ ଚନ୍ଦ୍ରକୁ ଦେଖୁଥିଲେ । ଏଭଳି ଦେଖିବା ଦ୍ୱାରା ସିଧା ଚନ୍ଦ୍ରକିରଣ ସେମାନଙ୍କ ଆଖିରେ ପଡୁଥିଲା, ତା ଦ୍ୱାରା କିଛିମାସ ପରେ ସେମାନଙ୍କର ଆଖିରୋଗ ଦୂର ହୋଇଯାଉଥିଲା । ଏହିଭଳି ଚନ୍ଦ୍ର ଅମୃତସ୍ୱରୂପ ବୋଲି କହିବାପାଇଁ ଅନେକ ପ୍ରମାଣ ରହିଛି ।

ଭୂପୃଷ୍ଠରେ ଅନେକ ଜାତିର ବୃକ୍ଷଲତା ରହିଥାଏ । ସମସ୍ତ ବୃକ୍ଷଲତାର ଅମୃତ ପ୍ରଦାତା ଚନ୍ଦ୍ର ହେଲେ ମଧ୍ୟ, ପ୍ରତ୍ୟେକ ବୃକ୍ଷଲତା ଭିନ୍ନ ଭିନ୍ନ ଔଷଧ ଗୁଣ ନେଇ ରହିଥା'ନ୍ତି । ପିପ୍ପାକୁମୂଳିକା (ପିପ୍ପଳୀଗଛ) କଙ୍କଡାବିଛା ବିଷର ଔଷଧ ହୋଇଥିବା ବେଳେ, ଶ୍ୱେତଈଶ୍ୱରୀ ସାପବିଷର ଔଷଧ ହୋଇଥାଏ । ଏଭଳି ଅନେକ ବୃକ୍ଷଲତା ଅନେକ ପ୍ରକାରର ଔଷଧଗୁଣ ନେଇ ରହିଥାନ୍ତି । ଆଉଟିକିଏ ବିଚାରକରି ଦେଖିଲେ, କେତେକ ବୃକ୍ଷଲତାର ସ୍ୱଭାବ ଅନୁସାରେ ଚନ୍ଦ୍ରକିରଣ କାର୍ଯ୍ୟ କରୁଛି । ଗୋଟିଏ ଗଛ ଦୁଇ ପ୍ରକାରର କାର୍ଯ୍ୟ ମଧ୍ୟ କରୁଛି । ଉଦାହରଣଭାବରେ ଉମେଉଗଛ ଉନ୍ମାଦ ଏବଂ ପାଗଳ ଲୋକମାନଙ୍କ ପାଇଁ କାର୍ଯ୍ୟ କରିଥାଏ । ପାଗଳ ହୋଇନଥିବା ଲୋକ ଯଦି ତାହା ପରୀକ୍ଷା କରିବାପାଇଁ ଖାଏ ତେବେ ସେ ମଧ୍ୟ ପାଗଳ ହୋଇଯାଇଥାଏ । ସେହିଭଳି ଆଉ ଏକ ଉଦାହରଣ ଅଛି । ସାପ କାମୁଡିଲେ ବିଷ ପ୍ରଭାବ ଅଧିକ ହୋଇ ମଣିଷ ମରିଯିବା ସମ୍ଭାବନା ଅଛି, ସେମାନେ ବିଷମୁଷ୍ଟି ଗଛର ବ୍ୟବହାର କଲେ ତାହା ବିଷହରଣ ଔଷଧ ଭଳି କାର୍ଯ୍ୟ କରେ, ସେହି ଗଛକୁ ସାପ କାମୁଡି ନଥିବା ଲୋକ ବ୍ୟବହାର କଲେ ତା'କୁ ବିଷ ଧରି, ନିଶା ଅଧିକ ହୋଇ ସେ ମୃତ୍ୟୁବରଣ

କରିପାରେ । ଏହିଭଳି କଥାକହି ଜାଣିନଥିବା ଗଛ ମଧ୍ୟ ମୋତେ ଉଚିତ୍ ଢଙ୍ଗରେ ବ୍ୟବହାର କଲେ ଭଲ, ଉଚିତ୍ ଢଙ୍ଗରେ ବ୍ୟବହାର ନକଲେ ମନ୍ଦ ହୋଇଥାଏ ବୋଲି ଜ୍ଞାନ ପ୍ରଦର୍ଶିତ କରରିଥାଏ ବୋଲି ଜଣାଯାଉଛି ।

ଏବେ ଅସଲ ବିଷୟକୁ ଯିବା । ଆମେ ଜାଣିଥିଲେ ଯେ, ଗୁରୁ ହେଉଛନ୍ତି ସଂପୂର୍ଣ୍ଣ ଜ୍ଞାନର କେନ୍ଦ୍ର । ସାରା ପୃଥିବୀପାଇଁ ଏକମାତ୍ର ଚନ୍ଦ୍ର ଥିବା ଭଳି, ସାରା ପ୍ରପଞ୍ଚପାଇଁ ସର୍ବଦା ଗୁରୁ ଜଣେ ହିଁ ରହିଥା'ନ୍ତି । ଚନ୍ଦ୍ର ଦେଖାଯାଉଥିଲେ ମଧ୍ୟ ତା'ଠାରୁ ଆସୁଥିବା ଔଷଧ ଶକ୍ତିର ମୂଳ କାରଣ ହେଉଛନ୍ତି ପରମାତ୍ମା । ସେହିଭଳି ଗୁରୁ ଦେଖାଯାଉଥିବା ସ୍ଥୁଳ ଶରୀରର ବ୍ୟକ୍ତି ହେଲେ ମଧ୍ୟ, ତାଙ୍କଠାରେ ଥିବା ଜ୍ଞାନଶକ୍ତିର କାରଣ ହେଉଛନ୍ତି ପରମାତ୍ମା । ଆକାଶରେ ଚନ୍ଦ୍ର ଚନ୍ଦ୍ରକାନ୍ତି ଦେଉଥିବା ବେଳେ, ଗୁରୁ ଜ୍ଞାନଶକ୍ତି ପ୍ରଦାନ କରିଥା'ନ୍ତି । ଏକଥା ସମସ୍ତେ ଜାଣିବା ପାଇଁ ପୂର୍ବର ବଡମାନେ ଗୁରୁ ଆଉ ପୌର୍ଣ୍ଣମି (ପୂର୍ଣ୍ଣମି, ପୂର୍ଣ୍ଣମା)କୁ ଏକତ୍ର କରି ଗୁରୁପୌର୍ଣ୍ଣମି ବା ଗୁରୁପୂର୍ଣ୍ଣମା ନାଆଁରେ ସ୍ୱତନ୍ତ୍ର ଦିନଟିଏ ନିର୍ଣ୍ଣୟ କରିଥିଲେ । ପୌର୍ଣ୍ଣମି ଦିନଟି ବାସ୍ତବରେ ବଡ ଗୁରୁତ୍ୱପୂର୍ଣ୍ଣ ଦିନ । ପୌର୍ଣ୍ଣମି ବାବଦରେ ସମସ୍ତେ ଜାଣନ୍ତି, କିନ୍ତୁ ଗୁରୁ କାହାକୁ ଜଣାପଡନ୍ତି ନାହିଁ । ପୌର୍ଣ୍ଣମି ବାବଦରେ, ସେଦିନର ଚନ୍ଦ୍ରକାନ୍ତି ବାବଦରେ ଆମେ କିଛି କିଛି ଜାଣିଲେ,ଏବେ ଗୁରୁଙ୍କ ବାବଦରେ ଆଉ କିଛି ବିବରଣୀ ଦେଖିବା ।

ଚନ୍ଦ୍ର ଭୂପୃଷ୍ଠରେ ଥିବା ବୃକ୍ଷଲତାଦିକୁ ଔଷଧଶକ୍ତି ଦେଉଥିବା ଭଳି, ଗୁରୁ ଭୂପୃଷ୍ଠରେ ମଣିଷକୁ ଜ୍ଞାନଶକ୍ତି ଦେଇପାରନ୍ତି । ଚନ୍ଦ୍ରକାନ୍ତି ପଡିଥିବା ବୃକ୍ଷଲତାମାନେ ଔଷଧଶକ୍ତି ପାଉଥିବା ଭଳି, ଗୁରୁଙ୍କ ଉପରେ ଶ୍ରଦ୍ଧା ଭକ୍ତି ରଖିଥିବା ଲୋକମାନେ ଜ୍ଞାନଶକ୍ତି ପାଇପାରନ୍ତି । ଚନ୍ଦ୍ରକାନ୍ତି ପଡି ନଥିବା ଗଛ ଔଷଧଶକ୍ତି ପାଇପାରୁ ନଥିବା ଭଳି, ଭକ୍ତି ନଥିବା ଲୋକମାନେ ଜ୍ଞାନଶକ୍ତି ଅର୍ଜନ କରିପାରନ୍ତି ନାହିଁ । ଚନ୍ଦ୍ର ଅମୃତମୟ ହେବାଭଳି ଗୁରୁ ଜ୍ଞାନମୟ ।

ଗୁରୁଙ୍କୁ ବିନୟର ସହିତ ସେବା କରୁଥିବା ଲୋକମାନେ, ଗଛ ଚନ୍ଦ୍ରଠାରୁ ଔଷଧଶକ୍ତି ପାଇବା ଭଳି, ସାଧାରଣ ମଣିଷ ଗୁରୁଙ୍କଠାରୁ ଜ୍ଞାନଧନ ପାଇପାରେ । ଯେପରି ଚନ୍ଦ୍ରକାନ୍ତି ଗଛର ଔଷଧ ହୋଇ ରୋଗୀର ରୋଗ ନିରୋଧକ ହୋଇ, ଆରୋଗ୍ୟବନ୍ତର ରୋଗ ସୃଷ୍ଟିକରେ, ସେହିପରି ଗୁରୁ ଜ୍ଞାନଶକ୍ତି ଭାବରେ ବଦଳି ବିନୟ ବିଧେୟତାର ସହିତ ଭକ୍ତି କରୁଥିବା ଲୋକମାନଙ୍କପାଇଁ କର୍ମନିର୍ମୂଳକ ହୋଇ, ଅବିନୟ ଅବିଧେୟତାର ସହିତ ଥିବା ଲୋକମାନଙ୍କପାଇଁ କର୍ମରେ ବୁଡାଉଥିବା ମାୟାଭାବରେ ବଦଳିଯାଏ । ଏକ ଔଷଧ ବିଷ ନିବାରିଣୀ ଏବଂ ବିଷହେବା ଭଳି, ଏକ ଜ୍ଞାନ କର୍ମନିବାରିଣୀ ଜ୍ଞାନଶକ୍ତି ହୋଇ କର୍ମ ବନ୍ଧନରେ ପକାଉଥିବା ମାୟାଭାବରେ ମଧ୍ୟ କାର୍ଯ୍ୟ କରିଥାଏ ।

ଗୁରୁ ପୂର୍ଣ୍ଣମି ଭଳି ପାତ୍ର । ଚନ୍ଦ୍ର ସ୍ୱଚ୍ଛ ଆକାଶରେ ଥିବାବେଳେ ସ୍ୱଚ୍ଛ ଚନ୍ଦ୍ରକାନ୍ତି ଦେଇପାରେ । ଚନ୍ଦ୍ରପାଇଁ ବାଦଲ ଅବରୋଧ ହେବାବେଳେ ଚନ୍ଦ୍ରର ଚନ୍ଦ୍ରକାନ୍ତି ଥିଲେ ମଧ୍ୟ ତାହା ଆମ ପାଖରେ ପହଞ୍ଚିପାରେ ନାହିଁ । ସେହିଭଳି ଶିଷ୍ୟର ମନ ସ୍ୱଚ୍ଛ ଥିବାବେଳେ, ଗୁରୁ ଉନ୍ନତ ଜ୍ଞାନଦାନ କରି ପାରନ୍ତି । ଗୁରୁଙ୍କ ସମ୍ମୁଖରେ ମାୟାମେଘ ଘୋଡାଇ ରଖିଥିବା ଶିଷ୍ୟମାନେ ଥିବାବେଳେ, ତାଙ୍କ ଜ୍ଞାନ ପବିତ୍ର ହୋଇଥିଲେ ମଧ୍ୟ, ତାହା କଳୁଷିତ ବୋଧ ହୋଇଥାଏ । ଚନ୍ଦ୍ର ଗୋଟିଏ, ଚନ୍ଦ୍ରକାନ୍ତି ମଧ୍ୟ ଗୋଟିଏ ହେଲେ ତଳେ ଅନେକ ବୃକ୍ଷଲତା ରହିଥା'ନ୍ତି, ସେହିଭଳି ଗୁରୁ ଜଣେ ଆଉ ଗୁରୁଜ୍ଞାନ ମଧ୍ୟ ଗୋଟିଏ, ତାହା ଜାଣିବାକୁ ଲୋକମାନେ ଅନେକ ଥାଆନ୍ତି । ଚନ୍ଦ୍ର ଦେଖାଯାଏ ସିନା ଧରାଦିଏ ନାହିଁ, ସେହିଭଳି ଗୁରୁ ଦେଖାଯାଆନ୍ତି ସିନା କାହାକୁ ବୁଝା ପଡନ୍ତି ନାହିଁ । ଚନ୍ଦ୍ରକୁ ଆମେ ଧରି ନ ପାରିଲେ ମଧ୍ୟ ଚନ୍ଦ୍ର କିରଣକୁ ଅନୁଭବ କରି ପାରୁଛେ, ସେହିଭଳି ଗୁରୁ ଆମ ମସ୍ତିଷ୍କକୁ ବୁଝା ନପଡିଲେ ମଧ୍ୟ ତାଙ୍କ ଜ୍ଞାନକୁ ଆମେ ଅନୁଭବ କରିପାରୁଛେ । ଚନ୍ଦ୍ର କିଛିକାଳ କ୍ଷୀଣଚନ୍ଦ୍ର ହୋଇଥାଏ ପୁଣି କିଛିକାଳ ପରେ ପୂର୍ଣ୍ଣଚନ୍ଦ୍ର ହୁଏ,

ସେହିଭଳି ଗୁରୁ କେବେ ଜ୍ଞାନହୀନ ଦେଖାଯାନ୍ତି ତ ଆଉ କେତେବେଳେ ଜ୍ଞାନ ତେଜରେ ତେଜୀଆନ ଦେଖାଯାଆନ୍ତି । ଚନ୍ଦ୍ର ଅମାବାସ୍ୟା ତିଥିରେ ଦେଖାଯାଏ ନାହିଁ, କିନ୍ତୁ ପୌର୍ଣ୍ଣମି ଦିନ ସଂପୂର୍ଣ୍ଣ ଦେଖାଯାଇଥାଏ । ସେହିଭଳି ଗୁରୁ କେବେ ଅଜ୍ଞାନୀ ଭଳି ଦେଖାଯାଆନ୍ତି ତ ପୁଣି କେବେ ସମ୍ପୂର୍ଣ୍ଣ ଜ୍ଞାନୀ ଦେଖାଯାଆନ୍ତି । ଜ୍ୟୋତିଷ୍ୟ ଶାସ୍ତ୍ର ଅନୁସାରେ ଚନ୍ଦ୍ର ଜ୍ଞାନପ୍ରତିନିଧି ଏବଂ ଅଧିପତି । ସେହିଭଳି ବ୍ରହ୍ମବିଦ୍ୟା ଶାସ୍ତ୍ରରେ ଗୁରୁ ଦୈବ ପ୍ରତିନିଧି ଏବଂ ଦୈବଜ୍ଞାନର ଅଧିପତି । ଏହିଭଳି କହି ଚାଲିଲେ ଗୁରୁ ଆଉ ଚନ୍ଦ୍ରକୁ ଅନେକ ପ୍ରକାରରେ ସମତୁଲିତ କରିପାରିବା । ତେଣୁ ଗୁରୁଜ୍ଞାନ ଆଉ ଚନ୍ଦ୍ରକାନ୍ତିର ଅଭିନ୍ନାଭାବ ସମ୍ପର୍କ ଥିବା ଭଳି, ବଡମାନେ ବର୍ଷକୁ ଥରେ ଗୋଟିଏ ପୂର୍ଣ୍ଣମିକୁ ଅର୍ଥାତ୍ ଆଷାଢ ମାସରେ ପଡୁଥିବା ପୂର୍ଣ୍ଣମିକୁ ଗୁରୁପୂର୍ଣ୍ଣମି ବା ଗୁରୁପୌର୍ଣ୍ଣମିଭାବରେ ନିର୍ଦ୍ଧାରିତ କରିଥିଲେ ।

ଗୁରୁ ପରମାତ୍ମା ଅଂଶରୁ ଜନ୍ମିତ । ସେହି ପରମାତ୍ମା ଅଂଶ ହିଁ ଭଗବାନ ବୋଲି ଆଗରୁ ଜାଣିଛେ । ଯିଏ ଭଗବାନ ସେ ହିଁ ଗୁରୁ ହୋଇଥା'ନ୍ତି । ସେହିଭଳି ଯିଏ ଗୁରୁ ସେ ଭଗବାନ । ଭଗବାନ ଆଉ ଗୁରୁ ଉଭୟ ଜଣେ ବୋଲି କହିପାରିବା । ପରମାତ୍ମା ଅଂଶ ଭଗବାନ ବା ଗୁରୁ ଭୂପୃଷ୍ଠକୁ ଆସିବାବେଳେ କାହାକୁ ଚିହ୍ନାପଡନ୍ତି ନାହିଁ, ସେ ଭଗବାନ ବୋଲି କୌଣସି ଆଧାର ନଥାଏ କିମ୍ବା ସେ କହନ୍ତି ନାହିଁ, ତେଣୁ ଗୁରୁଙ୍କୁ ଚିହ୍ନିବା ବଡ ଦୁଃସାଧ କାର୍ଯ୍ୟ । କେତେକଙ୍କ ବୁଦ୍ଧିରେ ଏଇଠାରେ ଏକ ପ୍ରଶ୍ନ ଆସିପାରେ । କଣନା ! ଆଜିର କାଳରେ ଅନେକ ଲୋକ ଆମେ ଗୁରୁ ବୋଲି କହୁଛନ୍ତି ଆଉକେତେକ ଭଗବାନ ବୋଲି ସେମାନଙ୍କ ନାଆଁ ଶେଷରେ କିମ୍ବା ପଛରେ ଲଗାଇଛନ୍ତି, ହେଲେ ଆପଣ କହୁଛନ୍ତି ଗୁରୁ ମିଳିବା ଦୁର୍ଲଭ ! ତା'ର ସମାଧାନ ହେଉଛି ! ପରଦିନ ଗୋଟିଏ ଟିଭି ଚେନେଲ୍‌ରେ ଜଣେ ସ୍ୱାମିଜୀ ଗୋଟିଏ ସନ୍ଦର୍ଭରେ, "ମୁଁ ଭଗବାନ ନୁହେଁ, ମୁଁ କେବଳ ଜଣେ ଅବଧୂତ" ବୋଲି କହିଥିଲେ । ତାଙ୍କର ଏଇକଥା

ଶୁଣିବା ପରେ ସେ କିପରି ସବୁଦିନ ଟିଭି ଚ୍ୟନେଲ୍‌ରେ କଥା କହୁଛନ୍ତି ତାହା ମୋତେ ବଡ ବିଚିତ୍ର ବୋଧହେଲା । ସେ ବିଚିତ୍ର କ'ଣ ବୋଲି ସନ୍ଦେହ କରୁଛନ୍ତି ! ମୁଁ ଛୁଆ ଜନ୍ମକରେ ସିନା ସ୍ତ୍ରୀ ନୁହେଁ ବୋଲି ଜଣେ ସ୍ୱାମିଜୀ କହିବାବେଳେ ଆଶ୍ଚର୍ଯ୍ୟ ଲାଗିବନି ତ ଆଉ କ'ଣ ଲାଗିବ ! ସ୍ତ୍ରୀ ହିଁ ଛୁଆ ଜନ୍ମ କରିଥାଏ ବୋଲି ସମସ୍ତଙ୍କୁ ଜଣାଥିବା ବେଳେ, ମୁଁ ସ୍ତ୍ରୀ ନୁହେଁ ବୋଲି କହିଲେ ତାଙ୍କୁ ସ୍ତ୍ରୀ ର ଅର୍ଥ କ'ଣ ଜଣା ନାହିଁ ବୋଲି କହିପାରିବା । ସେହିଭଳି ଅବଧୂତ (ଅବଦୂତ) ଦୈବଧର୍ମକୁ ନେଇଆସି ମଣିଷକୁ କହିଥା'ନ୍ତି, ଧର୍ମ କହୁଥିବା ପାତ୍ର ହିଁ ଭଗବାନ ହୋଇଥିବା ବେଳେ ମୁଁ ଭଗବାନ ନୁହେଁ ଅବଧୂତ କହିଲେ, ମୁଁ ଦଶଟା ଛୁଆ ଜନ୍ମ କରିଛି ସିନା ସ୍ତ୍ରୀ ନୁହେଁ କହିବା ଭଳି ହୋଇଥାଏ । ଏହାର କାରଣ ହେଉଛି ! ଭଗବାନ କହିଲେ କ'ଣ ଆଉ ଅବଧୂତ କହିଲେ କ'ଣ ଜାଣି ନ ପାରିବା । ସେହିଭଳି ଆଜି ଗୁରୁ ଭାବରେ ପରିଗଣିତ ହେଉଥିବା ଅନେକଲୋକ ଭଗବାନ, ପରମାତ୍ମା, ଗୁରୁ, ଦୈବ ଇତ୍ୟାଦି ଶବ୍ଦଗୁଡିକର ଅର୍ଥ କ'ଣ ଜାଣି ନାହାନ୍ତି । ଏକ ଏକ ଶବ୍ଦର ଏକ ଏକ ନିର୍ବଚନ (ଯାହା ଲୁଚିକରି ଅଛି ବା କହୁଥିବା କଥାର ଭିତରେ ରହିଛି) ରହିଛି, ଭାବାର୍ଥ ରହିଛି, ସେ ବାବଦରେ ଜଣା ନଥିବା ଲୋକମାନେ ସେମାନଙ୍କ ଇଚ୍ଛା ଅନୁସାରେ କଥା କହୁଛନ୍ତି ।

ସାକାରଭାବରେ ଯିଏ ଭୂପୃଷ୍ଠକୁ ଆସିଥା'ନ୍ତି ତାଙ୍କୁ ଭଗବାନ କିମ୍ବା ଅବଧୂତ କୁହାଯାଏ, ସେହି ସାକାର ରୂପ ନିରକାର ଭାବରେ ରହୁଥିବାବେଳେ ତାଙ୍କୁ ପରମାତ୍ମା, ଇଶ୍ୱର ବା ଦୈବ କୁହାଯାଇଥାଏ, ଏକଥା ଅନେକଙ୍କୁ ଜଣା ନାହିଁ । ସେଥିଲାଗି କେଉଁଠାରେ ଭଗବାନ କୁହାଯିବ, କେଉଁଠାରେ ପରମାତ୍ମା କୁହାଯିବ ସେମାନଙ୍କୁ ଜଣା ନଥାଏ, ସେମାନଙ୍କୁ ଲିଙ୍ଗଭେଦ ଜଣାନାହିଁ କି ଅଙ୍ଗଭେଦ ମଧ୍ୟ ଜଣା ନାହିଁ ବୋଲି ସହଜରେ ବୁଝାପଡୁଛି । ତୁ ଘରେଅଛୁ ? କି ବାହାରେ ଅଛୁ ? ବୋଲି ଜଣେ ସେଲ୍‌ଫୋନ୍‌ରେ ଜଣେ ସ୍ତ୍ରୀଲୋକକୁ ପଚ଼ରିବା ବେଳେ, ସେ କହିଲା ମୁଁ ରୋଷେଇ ଘରେ

ଅଛି, ସେତେବେଳେ ଫୋନ୍‌ରେ ସେପଟୁ କଥା କହୁଥିବା ଲୋକଟି ତୁ ଏବେ କ'ଣ କରୁଛୁ ବୋଲି ପଚାରିଲା, ସେତେବେଳେ ସେ ସ୍ତ୍ରୀ ଲୋକଟି ମୁଁ ଗଛତଳେ ବସି ଛାତ ଉପରେ ଅଗଣାରୁ ଟି.ଭି ଦେଖୁଛି, ହେଲେ ତୋ'ର କ'ଣ ଦରକାର ? ବୋଲି ସେପଟୁ ଜବାବ ଦେଇଥିଲା । ଘରେ ରୋଷେଇ ଘରେ ରହିବା କଥା, ଗଛତଳେ ବସି ଛାତ ଉପରେ ଅଗଣାରୁ ଟି.ଭି ଦେଖୁଛି ! ଇଏ କେଉଁଭଳି କଥା ? ଏ କଥାରେ କୌଣସି ତୁଳନା ମଧ୍ୟ ନାହିଁ । ଠିକ୍ ଏଇଭଳି ଆମେମାନେ ଶୁଣୁଥିବା ଜ୍ଞାନବାଣୀ ଆଜି ସମାଜରେ ରହିଛି । ଜଣେ ପ୍ରବଚନ ଦେଉଥିବା ସ୍ୱାମିଜୀ କହିଲେ, ଜଣେ ମହର୍ଷି ଯୋଗ କରୁଥିବା ବେଳେ, ସେହି ଯୋଗଶକ୍ତିରେ ଶିବ ସନ୍ତୁଷ୍ଟ ହୋଇଆସି କହିଲେ, ମୁଁ ତୋ'ତପସ୍ୟାରେ ଅତି ପ୍ରସନ୍ନ ହୋଇଛି, କ'ଣ ବର ମାଗୁଛୁ ମାଗ୍ । ଏଠାରେ ସେ ବ୍ୟକ୍ତି ଯୋଗ କରୁଥିଲା କି ତପସ୍ୟା କରୁଥିଲା ସ୍ୱାମିଜୀଙ୍କୁ ଜଣା ନାହିଁ, ଅର୍ଥାତ୍ ଯୋଗ ଆଉ ତପସ୍ୟାର ଭିନ୍ନତା ତାଙ୍କୁ ଜଣା ନାହିଁ । ଏହିଭଳି ଶୁଣୁଥିବା ଲୋକମାନେ ମଧ୍ୟ ସେ କହୁଥିବା କଥାକୁ ଧରି ପାରିଲେ ନାହିଁ । ମହର୍ଷି ତପ କରୁଥିଲେ ? କି ଯୋଗ କରୁଥିଲେ ? ବୋଲି ଜଣେ ଶୁଣୁଥିବା ବ୍ୟକ୍ତିକୁ ପଚାରିବା ବେଳେ ସେ କହିଲା ଯେ, ଆଜ୍ଞା ଆପଣ ଏତିକି ମାତ୍ର ଜାଣି ନାହାନ୍ତି ! ଭାତ କହ କି ଅନ୍ନ କହ ଦୁଇଟାଯାକ ଗୋଟିଏ କଥା ବୋଲି । କିଛି ଜଣାନଥିବା ଲୋକେ ମଧ୍ୟ ପ୍ରବଚନ ଶୁଣିବାକୁ ଆସୁଛନ୍ତି କହୁଥାଇ ଅପମାନ ଦେବା ଭଳି ପ୍ରଶ୍ନକର୍ତ୍ତାଙ୍କୁ କହିଥିଲା । ଏଭଳି ଲୋକମାନଙ୍କ କଥା ଶୁଣି ହସିବା ନା ଆଉ କ'ଣ କରିବା ? ସେ ସ୍ୱାମିଜୀଙ୍କ କଥାରୁ ଭଗବଦ୍‌ଗୀତାରେ "ତପ-ସ୍ୱୀଭ୍ୟୋଧିକୋ ଯୋଗୀ" ବୋଲି କହିଥିବା ଭଗବାନଙ୍କ କଥାର କିଛି ମୂଲ୍ୟ ରହିଲା ନାହିଁ ବୋଲି ଜଣାଯାଉଛି । ଏହିଭଳି ଜ୍ଞାନବୋଧ କରୁଥିବା ଅନେକ ଲୋକ ଆମେ ଗୁରୁ ବୋଲି କହୁଛନ୍ତି, ନିଜ ନାଆଁରେ ଭଗବାନ ଶବ୍ଦକୁ ଜୋଡି ପ୍ରଚାର ବି କରୁଛନ୍ତି ।

ଆକାଶରେ ଏକ ସମୟରେ ଏକମାତ୍ର ଚନ୍ଦ୍ର ରହିବା ଭଳି, ଭୂପୃଷ୍ଠରେ ଏକ ସମୟରେ ଏକମାତ୍ର ଗୁରୁ ରହିଥା'ନ୍ତି । ଗୁରୁ ନାଆଁରେ ପରିଗଣିତ ହେଉଥିବା ଅନ୍ୟମାନଙ୍କୁ ବୋଧକ କୁହାଯିବ ସିନା ସେମାନେ କଦାପି ଗୁରୁ ନୁହନ୍ତି । ଗୁରୁ ଆଉ ବୋଧକର ତାରତମ୍ୟ ଜାଣି ନଥିବା ଲୋକମାନେ ନିଜକୁ ଗୁରୁ ଭାବି ଭ୍ରମିତ ହୋଇଛନ୍ତି । ତାରାମାନଙ୍କ ଭିତରେ ଚନ୍ଦ୍ର ରହିବା ଭଳି ବୋଧକମାନଙ୍କ ଭିତରେ ଏକମାତ୍ର ଗୁରୁ ରହିଥା'ନ୍ତି । ଲକ୍ଷ ଲକ୍ଷ ତାରା (ନକ୍ଷତ୍ର) ଥିଲେ ମଧ୍ୟ ଅମାବାସ୍ୟା ରାତିକୁ ଆଲୋକିତ କରି ନପାରିବା ଭଳି, ଭୂପୃଷ୍ଠରେ ଗୁରୁ ନଥିବାବେଳେ ଲକ୍ଷ ଲକ୍ଷ ବୋଧକ ଥାଇ ମଧ୍ୟ ଟିକିଏ ଜ୍ଞାନ ଦେଇପାରନ୍ତି ନାହିଁ । ବୋଧକ ନିଜକୁ ଗୁରୁ ଭାବିବା ଜୁଲୁଜୁଳିଆ ପୋକ (ଖଦ୍ୟୋତ) ନିଜକୁ ଚନ୍ଦ୍ର ଭାବିବା ଭଳି ହୋଇଥାଏ ।

ଚନ୍ଦ୍ର ବୃକ୍ଷଲତାକୁ ଔଷଧଶକ୍ତି ଦିଏ, ଗୁରୁ ମଣିଷକୁ ଜ୍ଞାନ ଦିଅନ୍ତି, ଚନ୍ଦ୍ରକାନ୍ତି ଜଙ୍ଗଲରେ, ଆଉ ଗୁରୁଜ୍ଞାନ ଜନବସତିରେ ଉପଯୋଗ ହୁଏ । ଏହି ଦୃଷ୍ଟିରୁ ଗୁରୁ ଗାଆଁଗହଳିରେ ରହନ୍ତି ନାହିଁ ଜଙ୍ଗଲରେ ରହନ୍ତି କହିବା ଆଉ ଚନ୍ଦ୍ରକାନ୍ତି କେବଳ ଗାଆଁରେ ପଡେ କହିବା କ'ଣ ଠିକ୍ ହେବ ? ବିଶେଷତଃ ଜଙ୍ଗଲରେ ଗଛଲତା ରହିଥାଏ । ସେଠାରେ ଚନ୍ଦ୍ରକାନ୍ତି ଯେତେ ଅଧିକ ପଡିବ ସେଠାରେ ଥିବା ଗଛଲତାରେ ଔଷଧଶକ୍ତି ସେତେ ଅଧିକ ବଢିବ । ସେହିଭଳି ଗାଆଁରେ ମଣିଷମାନେ ରହନ୍ତି । ଗୁରୁ ମଣିଷମାନଙ୍କ ଭିତରେ ଯେତେ ଅଧିକ ରହିବେ ମଣିଷମାନେ ସେତେ ଅଧିକ ଜ୍ଞାନ ଜାଣି ପାରିବେ । ଏଭଳି ନକହି ଗୁରୁ ଜଙ୍ଗଲରେ ରହିବା ଉଚିତ୍, ଚନ୍ଦ୍ରକିରଣ ଗାଆଁରେ ପଡିବା ଉଚିତ୍ କହିବା ନିଶ୍ଚୟ ଭୂଲ୍ ହେବ ! କେତେକ କହିବା, ଲେଖିବାରେ "ଜଙ୍ଗଲରେ ପଡିଥିବା ଚନ୍ଦ୍ରକିରଣ ବୃଥା ହୁଏ" ନାମକ ରୂଢି ପ୍ରୟୋଗ କରିଥା'ନ୍ତି । ଏକଥା କଣ ସତ ବୋଲି ଯଦି ଆମକୁ ପଚରାଯାଏ, ତେବେ ଆମେ କହିବୁ ଯେ, ଜଙ୍ଗଲରେ ଚନ୍ଦ୍ରକିରଣ ପଡିବା ଉଚିତ୍, ଗୁରୁ ଲୋକାରଣ୍ୟରେ (ମଣିଷ ରହୁଥିବା ଅଞ୍ଚଳରେ)

ରହିବା ଉଚିତ୍ । ସତ କହିଲେ, ଜଙ୍ଗଲରେ ରହୁଥିବା ପାତ୍ର କଦାପି ଗୁରୁ ନୁହେଁ । ଗୁରୁ ଖୋଜିବାକୁ ଜଙ୍ଗଲ, ପାହାଡକୁ ଗଲେ ସେଠାରେ କୃରମୃଗ ମିଳିଥା'ନ୍ତି, ସେମାନଙ୍କ ଆଗରେ ପଡିଲେ ମରିବାକୁ ହୁଏ ବୋଲି ଯୋଗୀ ବେମନ ମଧ୍ୟ ତାଙ୍କ ପଦ୍ୟରେ କହିବାକୁ ଯାଇ-

**ବଣରେ ଗୁମ୍ଫାରେ ଗୁରୁଙ୍କୁ ଖୋଜିଲେ**
**ମିଳିବେ ତ ନାହିଁ ସେଠାରେ ଗୁରୁ ।**
**କୃରମୃଗ ତୋତେ ମୁକତି ଦେବେରେ**
**ବେମନ ସେ ଗୁରୁ ଦେବା ଆଗରୁ ॥**

ଲେଖିଛନ୍ତି । ବେମନଙ୍କ କଥା ଅନୁସାରେ ମଧ୍ୟ ଜଙ୍ଗଲରେ ଚନ୍ଦ୍ରକାନ୍ତି ଆଉ ଜନସଞ୍ଚାର ଥିବା ସ୍ଥାନରେ ଗୁରୁ ରହିଥା'ନ୍ତି ବୋଲି ବୁଝାପଡୁଛି । ଚନ୍ଦ୍ରଠାରୁ ବୃକ୍ଷଲତାଗୁଡିକ ଚନ୍ଦ୍ରକାନ୍ତି ଆଶା କରୁଥିବା ଭଳି, ଆମେ ଗୁରୁଙ୍କଠାରୁ ଜ୍ଞାନ ଆଶା କରିବା ଉଚିତ୍ । ଗୁରୁଙ୍କ ପାଖରେ ଥିବା ମଣିଷ ଜ୍ଞାନ ଆଶା ନକରି ପ୍ରାପଞ୍ଚିକ (ଭୌତିକ) ବିଷୟ ଆଶା କରିବା ବୃକ୍ଷଲତା ଚନ୍ଦ୍ରଠାରୁ ଥଣ୍ଡା ଚନ୍ଦ୍ରକାନ୍ତି ଆଶା ନକରି ଖରା ଆଶା କରିବା ଭଳି ହେବ । ଖରା ଆଉ ଥଣ୍ଡାର ବିବରଣକୁ ଜାଣିଥିବା ଲୋକମାନେ ଜ୍ଞାନ ଆଉ ପ୍ରାପଞ୍ଚିକ ବିଷୟ ବାବଦରେ ଜାଣିବା ଉଚିତ୍ । ଗୁରୁଙ୍କ ପାଖକୁ ଯାଉଥିବା ଲୋକମାନେ ପ୍ରକୃତି ସମ୍ବନ୍ଧୀୟ ବିଷୟକୁ ଛାଡି ପରମାତ୍ମା ସମ୍ବନ୍ଧୀୟ ବିଷୟ ଆଶାକରିବା ଉଚିତ୍ । ଚନ୍ଦ୍ର ଦ୍ୱାରା ରଜନିଗନ୍ଧା ଫୁଲ ବିକଶିତ ହୋଇ ଲାଭ ପାଇବା ଭଳି, ଗୁରୁଙ୍କ ଦ୍ୱାରା ଆମେ ଜ୍ଞାନଲାଭ କରିବା ଉଚିତ୍ । ଗୁରୁ ଆଉ ପୂର୍ଣ୍ଣିମିକୁ ଭିନ୍ନ ନ ଭାବି, ଗୁରୁ ହିଁ ପୂର୍ଣ୍ଣ ଜ୍ଞାନର ଭଣ୍ଡାର ଭାବି ଗୁରୁପୂର୍ଣ୍ଣିମି ପାଳନ କରିବା ଉଚିତ୍ ।

*****

# ଗୁରୁ

ଗୋଟିଏ ମଣିଷର ଶରୀରକୁ ଗବେଷଣା କରି ଦେଖିଲେ, ଏକ ଶରୀର ନିର୍ମାଣକୁ ଜଣେ ମହାମେଧାବୀ ମଧ୍ୟ ରୂପକଳ୍ପନା କରି ପାରିବ ନାହିଁ ବୋଲି କହି ପାରିବା । ଗୋଟିଏ ପୁରୁଷ ଶରୀର ତିଆରି କରିବି କି ଗୋଟିଏ ସ୍ତ୍ରୀ ଶରୀର ତିଆରି କରିବି ଭାବିଲେ କେତେ ବଡ ମେଧାବୀର ମସ୍ତିଷ୍କକୁ ମଧ୍ୟ ସେ ରୂପକଳ୍ପନା ଆସିବ ନାହିଁ । ପୁରୁଷ ଶରୀରର ପୁରୁଷ ତତ୍ତ୍ୱ, ସ୍ତ୍ରୀ ଶରୀରର ସ୍ତ୍ରୀ ତତ୍ତ୍ୱ, ଏହି ଦୁଇ ତତ୍ତ୍ୱର ପରସ୍ପର ମିଳନକୁ କଳ୍ପନା କରିବା ପରମାତ୍ମାଙ୍କ ଛଡା କୌଣସି ମଣିଷ ଦ୍ୱାରା ସମ୍ଭବ ନୁହେଁ ବୋଲି ସମସ୍ତେ ଜାଣିଛନ୍ତି, କିନ୍ତୁ ଏ ରୂପକଳ୍ପନା କିଏ କରିଛି ବୋଲି ଅନେକ ଭୌତିକ ଶାସ୍ତ୍ରବେତ୍ତାମାନଙ୍କୁ ମଧ୍ୟ ଜଣା ନାହିଁ । କେବଳ ବ୍ରହ୍ମବିଦ୍ୟାଶାସ୍ତ୍ର ଅଧ୍ୟୟନ କରିଥିବା ଲୋକମାନେ କହି ପାରନ୍ତି ଯେ, ମଣିଷର ରୂପକଳ୍ପନା କେବଳ ସେହି ପରମାତ୍ମାଙ୍କ ଛଡା ଆଉ କେହି କରି ନାହାନ୍ତି । ମଣିଷ ସୃଷ୍ଟି ହେବା ପରେ ନିଜର ବୁଦ୍ଧିକୁ ଉପଯୋଗ କରି ଜୀବ ନଥିବା ଅନେକ ଆକାରକୁ, ନାନା ପ୍ରକାରର ଯନ୍ତ୍ରପାତିକୁ ତିଆରି କରିଛି । ମଣିଷ କେତେ ପାଠ ପଢିଲେ ମଧ୍ୟ, କେତେବଡ ବୈଜ୍ଞାନିକ, ମେଧାବୀ ହେଲେ ମଧ୍ୟ ଜୀବ ଥିବା କିଛି ମଧ୍ୟ ତିଆରି କରି ପାରିବ ନାହିଁ । ଏଠାରେ କେତେକ ଏକ ପ୍ରଶ୍ନ କରି ପାରନ୍ତି କି ମଣିଷ ଆଉ ଏକ ମଣିଷକୁ ତିଆରି କରି ନ ପାରିଲେ ମଧ୍ୟ ମଣିଷ ଭଳି ଆକାର ହୋଇଥିବା ରୋବୋଟ ତ ତିଆରି କରି ପାରିଛି ! ଏ କଥା ଉପରେ ଆମେ କହିବାକୁ ଗଲେ, ମଣିଷ ମଣିଷ ଭଳି ରୋବୋଟ ତିଆରି କରିଛି ସିନା ମଣିଷ ତିଆରି କରିଛି କି ? ମଣିଷ ତା'ର ମେଧାଶକ୍ତି ଦ୍ୱାରା ଭବିଷ୍ୟତରେ ଜୀବ ପଦାର୍ଥ ତିଆରି କରି ପାରିବ ବୋଲି ପ୍ରଚାର କଲେ ମଧ୍ୟ ତାହା ସଂପୂର୍ଣ୍ଣ ଜୀବ କଦାପି ହୋଇ ପାରିବ ନାହିଁ । ସଂପୂର୍ଣ୍ଣ ଜୀବ କହିଲେ ସେ ଜୀବ ପାଖରେ ଆତ୍ମା ରହିଥିବା ଆବଶ୍ୟକ । ଯେଉଁଠାରେ ଜୀବ ରହିବ ସେଠାରେ ଆତ୍ମା ରହିବା ହେଉଛି

ଦୈବିଶାସନର ନିୟମ । ଆତ୍ମା ନଥାଇ କୌଣସି ଜୀବ ରହି ପାରିବ ନାହିଁ । ଆତ୍ମା କହିଲେ କ'ଣ ଆଜିଯାଏ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତକୁ କିମ୍ବା ପୂର୍ବେ ଥିବା ମହର୍ଷିମାନଙ୍କୁ ମଧ ଜଣା ନାହିଁ । ସମସ୍ତେ ଜୀବାତ୍ମା ବାବଦରେ କହିଛନ୍ତି ସିନା କେହି ଆତ୍ମା ବାବଦରେ କହିପାରି ନାହାନ୍ତି । ସେଥିଲାଗି ଆତ୍ମା ଅଗମ୍ୟଅଗୋଚରଭାବରେ ରହିଛି । ଏକୈକ ଭଗବାନ ଶ୍ରୀକୃଷ୍ଣ ଭଗବଦ୍ଗୀତାରେ ଆତ୍ମା ବାବଦରେ କହିବା ଛଡା ଆଉ କେହି ମଧ ଆଜିଯାଏ କହି ନାହାନ୍ତି । ଭଗବଦ୍ଗୀତାରେ କୁହାଯାଇଥିବା ଆତ୍ମା ବିଷୟରେ ଆଜିଯାଏ ମଧ କାହାକୁ ଜଣା ନାହିଁ । ଆତ୍ମା କ'ଣ ନ ଜାଣିବା ପର୍ଯ୍ୟନ୍ତ ଆତ୍ମା ଅଧିନରେ ଥିବା ଜୀବାତ୍ମାକୁ ଠାବ କରିବା ଅସାଧ ବୋଲି କହି ପାରିବା । ତେଣୁ କୌଣସି ଶାସ୍ତ୍ରବେତ୍ତା ଆତ୍ମା ଥିବା ଜୀବାତ୍ମାକୁ ତିଆରି କରିପାରିବ ନାହିଁ । ଗୋଟିଏ ବାକ୍ୟରେ କହିଲେ କେହି ମଧ ଜୀବାତ୍ମାକୁ ତିଆରି କରିପାରିବେ ନାହିଁ ।

ସୂକ୍ଷ୍ମରୂପରେ ଥିବା ଆତ୍ମାକୁ, ତା' ଅଧିନରେ ଥିବା ଜୀବାତ୍ମାକୁ ତିଆରି କରି, ସୂକ୍ଷ୍ମଭାବରେ ଜୋଡିଆତ୍ମା ନିବାସ ଯୋଗ୍ୟ ଶରୀରର ରୂପ କଳ୍ପନା କରିଛନ୍ତି ସେହି ଏକୈକ ପରମାତ୍ମା । ଦେଖାଯାଉ ନଥିବା ଆତ୍ମା ଜୀବାତ୍ମାକୁ ସେହି ଦେଖାଯାଉ ନଥିବାବାଲା ହିଁ ତିଆରି କରିଛି, ସେହି ଦେଖାନଯିବା ପାତ୍ର ହିଁ ପରମାତ୍ମା, ଦୈବ, ଅଲ୍ଲାଃ, ଈଶ୍ୱର ବା ପରମେଶ୍ୱର, ଏହା ଶାସ୍ତ୍ରବଦ୍ଧ ବିଷୟ ନୁହେଁ ବୋଲି ନାସ୍ତିକମାନେ ଖଣ୍ଡନ କରି ପାରନ୍ତି, କିନ୍ତୁ ସଜୀବ ମଣିଷ ତା'ର ପ୍ରତ୍ୟକ୍ଷପ୍ରମାଣ ହୋଇ ରହିଥିବା ବେଳେ, ଶାସ୍ତ୍ର ପ୍ରମାଣ ନଥିବା କଥା କାହିଁକି ପଚ୍ରୁଛନ୍ତି ? ବୋଲି ଆମେ ସେମାନଙ୍କୁ ପ୍ରଶ୍ନ କରୁଛୁ । ଏକ ମଣିଷ ଜନ୍ମ ହେବାକୁ ହେଲେ ସ୍ତ୍ରୀ ପୁରୁଷ ସଂଯୋଗ ଦ୍ୱାରା ହେବ, ପୁରୁଷର ବୀର୍ଯ୍ୟକଣା ଆଉ ସ୍ତ୍ରୀର ରଜୋକଣା ମିଳିତ ହେବା ଦ୍ୱାରା ମଣିଷ ଜନ୍ମ ହୋଇଥାଏ ବୋଲି କହୁଥିବା ଶାସ୍ତ୍ରବେତ୍ତାମାନେ କେତେ କୋଟି ବର୍ଷ ପୂର୍ବେ ମଣିଷ ହିଁ ନଥିଲା ବୋଲି କହୁଛନ୍ତି ପରା ! ସେତେବେଳେ ଯଦି

ସ୍ତ୍ରୀ ପୁରୁଷ ନଥିଲେ ! ମଣିଷ କିପରି ଜନ୍ମ ହେଲା ? ତାହା ସେମାନେ କହି ପାରିବେ ? କେବେ ମଧ୍ୟ କହି ପାରିବେ ନାହିଁ । ପରିଣାମ ସିଦ୍ଧାନ୍ତ ନାମକ ଗୀତ ଗାଇବା ଆରମ୍ଭ କଲେ ମଧ୍ୟ କୌଣସି ପରିଣାମ ନଥିବା ଆଜିର କାଳରେ ସେ ଗୀତ ଶୃତିହୀନ ଗୀତ ହୋଇଯାଉଛି, ସେଥିଲାଗି କେବଳ ବ୍ରହ୍ମବିଦ୍ୟାଶାସ୍ତ୍ର ପାଠକରୁଥିବା ବ୍ୟକ୍ତି ସବୁପ୍ରଶ୍ନର ସମାଧାନ କହି ପାରିବ । ଆଜି ବ୍ରହ୍ମବିଦ୍ୟା ଏକ ଶାସ୍ତ୍ର ବୋଲି ଅନ୍ୟ ଶାସ୍ତ୍ରଜ୍ଞମାନଙ୍କୁ ଜଣା ନାହିଁ ।

ଶାସ୍ତ୍ର କହିଲେ ଯାହା ଶାସନଯୁକ୍ତ । କେତେକ ଶାସନକୁ ଏକତ୍ର କରି ଶାସ୍ତ୍ରକୁ ତିଆରି କରିଥିବା ପାତ୍ରକୁ କୁହାଯାଏ ଶାସ୍ତ୍ରକର୍ତ୍ତା । ପ୍ରଥମେ ଶାସ୍ତ୍ରକର୍ତ୍ତା ଦ୍ୱାରା ତିଆରି ହୋଇଥିବା ଶାସ୍ତ୍ରକୁ ତା'ପରେ ଅନେକ ଲୋକ ଜାଣି ପାରନ୍ତି । ଶାସ୍ତ୍ରକୁ ଯେଉଁମାନେ ଜାଣିଥାଆନ୍ତି ସେମାନଙ୍କୁ ଶାସ୍ତ୍ରବେତ୍ତା କୁହାଯାଏ । ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି ଶାସ୍ତ୍ରସ୍ରଷ୍ଟା ବା ଶାସ୍ତ୍ରକର୍ତ୍ତା ଅଲଗା ଆଉ ଶାସ୍ତ୍ରବେତ୍ତା ଅଲଗା । ଭୂପୃଷ୍ଠରେ ମାତ୍ର ଛଅଗୋଟି ଶାସ୍ତ୍ର ରହିଛି । ପ୍ରତି ଶାସ୍ତ୍ର ପଛରେ ଜଣେ ଶାସ୍ତ୍ରସ୍ରଷ୍ଟା ରହିଛନ୍ତି । ଷଡଶାସ୍ତ୍ରକୁ ଦୁଇ ଭାଗରେ ବିଭାଜନ କରି ପାରିବା, ତନ୍ମଧ୍ୟରୁ ଗୋଟିଏ ପ୍ରପଞ୍ଚ ସମ୍ବନ୍ଧୀୟ ଆଉ ଗୋଟିଏ ପରମାତ୍ମା ସମ୍ବନ୍ଧୀୟ । ଏଭଳି ବିଭାଜନ କରି ଦେଖିଲେ ପାଞ୍ଚଗୋଟି ଶାସ୍ତ୍ରେ ପ୍ରପଞ୍ଚ ସମ୍ବନ୍ଧୀୟ ହୋଇଥିବା ବେଳେ ଏକମାତ୍ର ବ୍ରହ୍ମବିଦ୍ୟାଶାସ୍ତ୍ର ପରମାତ୍ମା ସମ୍ବନ୍ଧୀୟ ହୋଇ ରହିଥିବା ଜଣାଯାଏ । ପ୍ରପଞ୍ଚ ସମ୍ବନ୍ଧୀୟ ପାଞ୍ଚଗୋଟି ଶାସ୍ତ୍ରକୁ, ମଣିଷର କଳ୍ପନାରେ ଅଣାଇ ମଣିଷ ଦ୍ୱାରା ପରମାତ୍ମା ହିଁ ତିଆରି କରାଇଛନ୍ତି, କିନ୍ତୁ ବ୍ରହ୍ମବିଦ୍ୟା ଶାସ୍ତ୍ରକୁ ସେ ନିଜେ ତିଆରି କରିଛନ୍ତି । ଏହିଭଳି ବହିର୍ଗତ ହୋଇଥିବା ପାଞ୍ଚଗୋଟି ଶାସ୍ତ୍ର ଏଯାବତ୍ ରହିଛି । ପ୍ରପଞ୍ଚ ସମ୍ବନ୍ଧୀୟ ସେହି ପାଞ୍ଚଗୋଟି ଶାସ୍ତ୍ରକୁ କ୍ରମାନ୍ୱୟରେ କହିଲେ ୧) ଗଣିତ ଶାସ୍ତ୍ର, ୨) ରାସାୟନିକ ଶାସ୍ତ୍ର, ୩) ଭୌତିକ ଶାସ୍ତ୍ର, ୪) ଖଗୋଳ ଶାସ୍ତ୍ର, ୫) ଜ୍ୟୋତିଷ୍ୟ ଶାସ୍ତ୍ର । ଏହି ପାଞ୍ଚଗୋଟି ଶାସ୍ତ୍ର ଅପେକ୍ଷା ବଡ ହେଉଛି ବ୍ରହ୍ମବିଦ୍ୟା ଶାସ୍ତ୍ର । ବ୍ରହ୍ମବିଦ୍ୟା କହିଲେ ବଡବିଦ୍ୟା ।

ସବୁଠାରୁ ବଡ ଦୈବଙ୍କ ବାବଦରେ କହିଥିବା ଶାସ୍ତ୍ରକୁ ବ୍ରହ୍ମବିଦ୍ୟା ଶାସ୍ତ୍ର କହୁଛୁ, ଏହି ଶାସ୍ତ୍ରକୁ ସ୍ୱୟଂ ପରମାତ୍ମା କହିଛନ୍ତି ବୋଲି କହୁଛୁ । ଦିନେ ସମସ୍ତଙ୍କୁ ଜଣାଥିବା ବ୍ରହ୍ମବିଦ୍ୟା ଶାସ୍ତ୍ର ଆଜି କାହାକୁ ଜଣା ନାହିଁ, ତାଛଡା ଏବେ ଆମେ କହିଲେ ମଧ୍ୟ ତାହାକୁ ବୁଝିପାରୁ ନଥିବା ସ୍ଥିତିରେ ମଣିଷ ରହିଛି ।

କେତେବଡ ମେଧାବୀ ମଧ୍ୟ ଜାଣିପାରୁ ନଥିବା ଶାସ୍ତ୍ର ମହାନ ବ୍ରହ୍ମବିଦ୍ୟାକୁ ପରମାତ୍ମା ତିଆରି କରିଛନ୍ତି ବୋଲି ଜାଣି ପାରିଲେ, ପରମାତ୍ମା କାହାକୁ ଜଣାପଡନ୍ତି ନାହିଁ ବୋଲି ଜଣାଯାଏ । ଯିଏ କାହାକୁ ଜଣାପଡନ୍ତି ନାହିଁ ସେ ମଣିଷକୁ ଜଣାପଡିବା ଭଳି ଆସି ବିବରଣାତ୍ମକ ଜ୍ଞାନ କହିବା ବେଳେ ତାହା ମଣିଷକୁ ବୁଝା ପଡିଥାଏ । ଗୁରୁ ହିଁ ସାକ୍ଷାତ୍ ପରମାତ୍ମା । ଦେଖାଯାଉ ନଥିବା ସେହି ପରମାତ୍ମା ଅନେକ ହଜାର କିମ୍ବା ଅନେକ ଲକ୍ଷ ବର୍ଷରେ ଥରେ ଆସି ମଣିଷକୁ ବ୍ରହ୍ମବିଦ୍ୟା କହି ଚାଲିଯାଇଥାନ୍ତି । କାରଣ ! ଏହା ବ୍ରହ୍ମବିଦ୍ୟା, ଥରେ କହିଦେଲେ ତାହା ସେମିତି ଶାଶ୍ୱତ ଭାବରେ ରହିନଥାଏ । ସେଥିଲାଗି ଭୂପୃଷ୍ଠରେ ପରମାତ୍ମାଙ୍କ ବ୍ରହ୍ମବିଦ୍ୟା ଶାସ୍ତ୍ର ଅଜଣା ରହିଯିବା ବେଳେ ସେ ଗୁରୁ ରୂପରେ ଆସି ପୁଣିଥରେ ତାହାକୁ ଜଣାଇ ଚାଲିଯାଇଥା'ନ୍ତି । ଏଭଳି କ୍ୱଚିତ୍ ଆବଶ୍ୟକ ସ୍ଥଳେ ଗୁରୁ ଭୂପୃଷ୍ଠକୁ ଆସିଥା'ନ୍ତି ସିନା ସବୁବେଳେ ରହିନଥା'ନ୍ତି ବୋଲି ଜଣାଯାଉଛି । ଏଠାରେ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି, ଆଜି ଭୂପୃଷ୍ଠର ଅନେକ ଗୁରୁ ରହିଛନ୍ତି, ଆପଣ କହିବା ଅନୁସାରେ ଏମାନେ ସମସ୍ତେ ତ ଗୁରୁ ! କେବେ କେମିତି କ୍ୱଚିତ୍ ଆସୁଥିବା ବ୍ୟକ୍ତିକୁ ଯଦି ଗୁରୁ କହିବା ତେବେ ଶହ ଶହ ସଂଖ୍ୟାରେ ଥିବା ଆଜିର ଗୁରୁମାନଙ୍କୁ କ'ଣ କହିବା ? ଏହାର ସମାଧାନ ହେଉଛି ! କେତେବେଳେ ଆସନ୍ତୁନା କାହିଁକି ଭୂପୃଷ୍ଠରେ ଯଦି ଗୁରୁ ଥାଆନ୍ତି ତେବେ ଏକମାତ୍ର ଗୁରୁ ଥାଆନ୍ତି । ତାହା ମଧ୍ୟ ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ବର୍ଷରେ ଥରେ ଆସି ରହିଥା'ନ୍ତି । ଗୁରୁ ଆସି

ମଧ୍ୟ ସବୁବେଳେ ଭୂପୃଷ୍ଠରେ ରହିନଥା'ନ୍ତି । ସବୁବେଳେ ଥାଆନ୍ତି, ଶହ ଶହ ସଂଖ୍ୟାରେ ଥାଆନ୍ତି କହିଲେ ସେମାନେ ସତରେ ଗୁରୁ ନୁହନ୍ତି । ଗୁରୁ କେବେ ମଧ୍ୟ ବହୁବଚନ ଶବ୍ଦ ନୁହେଁ । ଗୁରୁମାନେ ବୋଲି କହିବା ମଧ୍ୟ ଭୂଲ୍ । ଯେଉଁମାନଙ୍କୁ ଆପଣ ଗୁରୁମାନେ କହୁଛନ୍ତି ସେମାନେ ବୋଧକଗଣ ବୋଲି କହିପାରିବା । **ଶାସ୍ତ୍ରସ୍ରଷ୍ଟା ଆଉ ଶାସ୍ତ୍ରବେତ୍ତା ଦୁଇ ପ୍ରକାରର ଥିବା ଭଳି, ବ୍ରହ୍ମବିଦ୍ୟା ଶାସ୍ତର ସ୍ରଷ୍ଟା ଗୁରୁ ହୋଇଥିବା ବେଳେ, ତାହା ଜାଣି ଅନ୍ୟମାନଙ୍କୁ କହୁଥିବା ଲୋକମାନଙ୍କୁ ବୋଧକ କହି ପାରିବା** । ଏହି ଅନୁସାରେ ସ୍ପଷ୍ଟ ହୋଇଯାଏ ଯେ, ଗୁରୁ ଅଲଗା ଆଉ ବୋଧକମାନେ ଅଲଗା ।

ଗୁରୁ କହିଲେ ସାଧରଣ ମଣିଷ ନୁହନ୍ତି ବୋଲି ଜାଣିଥିବା କେତେକ ଜ୍ଞାନୀମାନେ, ଗୁରୁ ଆଉ ଦୈବଙ୍କୁ ସମାନ ଭାବୁଥିଲେ । ଭୂପୃଷ୍ଠରେ ଗୁରୁ ନାଆଁ ନଥିବା ପ୍ରାଚୀନ କାଳରେ, ପ୍ରଥମେ ଜ୍ଞାନ ଜଣାଇଥିବା ମଣିଷକୁ ଦୈବ ବୋଲି ଜାଣିଥିବା ଜ୍ଞାନୀମାନେ, ତାଙ୍କୁ କେଉଁ ନାଆଁରେ କହିବା ବୋଲି ବିଚାର କରି, ଶେଷରେ କିଛି ବୁଝି ନପାରି ତୁମକୁ କେଉଁ ନାଆଁରେ କହିବୁ ବୋଲି ତାଙ୍କୁ ହିଁ ପଚାରିଥିଲେ । ସେତେବେଳେ ବ୍ରହ୍ମବିଦ୍ୟା ବୋଧ କରୁଥିବା ପାତ୍ର **"ଗୁରୁ"** ନାଆଁଟି କହିଥିଲେ । ଏହିଭଳି **ଗୁରୁ** ନାମକ ଶବ୍ଦଟି ଭୂପୃଷ୍ଠକୁ ଆସିଥିଲା । ପ୍ରଥମେ ଯିଏ ବ୍ରହ୍ମବିଦ୍ୟା କହୁଛି ସେ ସାଧାରଣ ବ୍ୟକ୍ତି ନୁହେଁ ବୋଲି ଜାଣିଥିବା ଲୋକମାନେ ଗୁରୁ ଶବ୍ଦରେ ମଧ୍ୟ ନିଶ୍ଚୟ କିଛି ବିଶେଷ ଅର୍ଥ ରହିଛି ଭାବି, ଗୁରୁ ଶବ୍ଦର ଅର୍ଥ ଆମକୁ କୁହ, ତା'ର ଅର୍ଥ ଆପଣଙ୍କ ବ୍ୟତୀତ ଆଉ କେହି କହି ପାରିବେ ନାହିଁ ବୋଲି କହିଥିଲେ । ସେତେବେଳେ ତାଙ୍କ ନାଆଁ ଗୁରୁ ବୋଲି କହିଥିବା ଭଗବାନ ***"ଗୁକାରସ୍ୟ ଗୁଣାତୀତଃ, ରୁକାରୋ ରୂପ ବର୍ଜିତମ୍"*** କହିଥିଲେ । ତା'ଛଡା ଆଉଏକ ବିଷୟ ମଧ୍ୟ କହିଥିଲେ । **"ମୋ ବାବଦରେ ମୁଁ ଅଧିକ କହିବି ନାହିଁ । ତୁମେମାନେ ପଚାରି ଥିବାରୁ ଦୁଇଟି ଅକ୍ଷରକୁ ସୂଚନାଭାବରେ କହି**

**ତା'ର ଅର୍ଥକୁ ମଧ୍ୟ କହିଲି । ଏଇ ଦୁଇ ଅକ୍ଷରରେ ଆହୁରି ବିଶେଷ ଅର୍ଥ ମଧ୍ୟ ଲୁଚି ରହିଛି । ତୁମେମାନେ ଶ୍ରଦ୍ଧାର ସହିତ ମୁଁ କହିଥିବା ଜ୍ଞାନକୁ ଯେତେ ଅଧିକ ବୁଝି ପାରିବ ଗୁରୁପଦର (ଶବ୍ଦର) ଅର୍ଥକୁ, ରହସ୍ୟକୁ ସେତେ ଅଧିକ ଜାଣି ପାରିବ ।"** ଏହା ଦ୍ୱାରା ଜ୍ଞାନୀମାନଙ୍କ ଭିତରେ ଗୁରୁ ରହସ୍ୟକୁ ଜାଣିବା ପାଇଁ ଏକ ଦୌଡ ଆରମ୍ଭ ହୋଇଗଲା, ସେହିଦିନଠାରୁ ଜ୍ଞାନୀମାନେ ଗୁରୁ ଶବ୍ଦର ନାନା ଅର୍ଥ କହି ଆସୁଛନ୍ତି, ନିଜ ନିଜ ଜ୍ଞାନ ଅନୁସାରେ ସେମାନେ ଗୁରୁ ପଦର ଅର୍ଥକୁ ଅନେକ ଶ୍ଳୋକରୂପରେ ମଧ୍ୟ କହିଛନ୍ତି, ଲେଖିଛନ୍ତି । ଏଭଳି ପ୍ରକୃତ ଜ୍ଞାନୀମାନେ କହିଥିବା ଅର୍ଥ ମଧ୍ୟ ମହାନ ବୋଲି କହି ପାରିବା ।

ଏବେ ଆମେମାନେ ମଧ୍ୟ ବ୍ରହ୍ମବିଦ୍ୟା ଶିଖୁଛେ । ତେଣୁ ଆମେମାନେ ମଧ୍ୟ ଗୁରୁ ପଦର ରହସ୍ୟକୁ ଖୋଜିବା ଦରକାର । ଆମେ ସେତେବଡ ଜ୍ଞାନୀ ପଣ୍ଡିତ ନ ହେଲେ ମଧ୍ୟ, ଆମକୁ ସଂସ୍କୃତ ଜଣା ନଥିଲେ ମଧ୍ୟ ଆମକୁ ଯେତିକି ଜଣାଅଛି ସେତିକିରେ ଆମ ଭାଷାରେ ଗୁରୁ ପଦର ଅର୍ଥ କହିବାକୁ ଚେଷ୍ଟା କରିବା । ଭୂପୃଷ୍ଠର ମଣିଷକୁ ମଣିଷ ଶରୀର ଦ୍ୱାରା ହିଁ ବ୍ରହ୍ମବିଦ୍ୟା ଜଣାପଡିଥିଲା । ଜ୍ଞାନ ଜାଣିଥିବା ସେହି ମଣିଷର ଗୁଣ ରହିଥିଲା । ଗୁଣ ନଥିବା ମଣିଷ ଭୂପୃଷ୍ଠରେ ନଥାଏ ନାମକ ସୂତ୍ର ଅନୁସାରେ ଗୁରୁ ମଧ୍ୟ ଗୁଣଯୁକ୍ତ ମଣିଷ । ଗୁଣର ଅନ୍ୟ ନାମ "ମାୟା" ବୋଲି ଭଗବଦ୍ଗୀତାରୁ ଜାଣିଛେ । **"ଗୁଣମୟି ମମମାୟା"** ନାମକ ଗୀତାବାକ୍ୟ ଅନୁସାରେ ଶରୀରରେ ଥିବା ଗୁରୁଙ୍କର ମଧ୍ୟ ଗୁଣ ଅଛି । ଗୁରୁ ମଧ୍ୟ ଗୁଣାନୁଯାୟୀ କାର୍ଯ୍ୟ କରୁଛନ୍ତି; ତଥାପି **"ଗୁକାରସ୍ୟ ଗୁଣାତୀତଃ"** କହିବା ଭଳି ଗୁରୁ ପଦରେ ଥିବା **"ଗୁ"** ଅକ୍ଷରର ଅର୍ଥ ଅନୁସାରେ, ଯିଏ ବ୍ରହ୍ମବିଦ୍ୟାଶାସ୍ତ୍ର କହିଛି ସେ ଗୁଣାତୀତ ବୋଲି ପ୍ରମାଣିତ ହୋଇଛି । ତା'ପରେ ରୁକାରୋ ରୂପ ବର୍ଜିତମ୍ କହିଛନ୍ତି । ସେହି ଅନୁସାରେ ଗୁରୁଙ୍କର ରୂପ ଥିଲେ ମଧ୍ୟ ତାଙ୍କର ରୂପ ନାହିଁ ବୋଲି ଜଣାପଡିଛି, ତାଙ୍କର ଗୁଣ ଥିଲେ ମଧ୍ୟ ସେ ଗୁଣାତୀତ, ରୂପ ଥିଲେ ମଧ୍ୟ ଅରୂପ ବୋଲି ସ୍ୱୟଂ ଗୁରୁ ତାଙ୍କରି ପଦ୍ଧତିରେ ଜଣାଇଛନ୍ତି । ଏହା

ଆମେ କହିଥିବା ଅର୍ଥ ନହେଲେ ମଧ୍ୟ, ମଣିଷ ପଚାରିବା ପରେ ସ୍ୱୟଂ ସେ କହିଥିଲେ ମଧ୍ୟ ଏହା ସ୍ୱଳ୍ପମାତ୍ର ଅର୍ଥ ସିନା ଗୁରୁ ଶବ୍ଦର ଆହୁରି ଅନେକ ବିଶେଷ ଅର୍ଥ ରହିଛି, ତାହା ରହସ୍ୟମୟ ହୋଇଥିବାରୁ ଆପଣମାନେ ଜ୍ଞାନ ଅନୁସାରେ ତାଙ୍କୁ ଜାଣିବା ପାଇଁ ମଧ୍ୟ କହିଛନ୍ତି, ସେ କହିଥିବା ଭଳି, ଆମଠାରେ ଥିବା ଜ୍ଞାନ ଅନୁସାରେ ଗବେଷଣା କଲେ କିଛି ନିଗୁଢ ଅର୍ଥ ଆମକୁ ଜଣା ପଡିଛି । ତାହା ହେଲା !

ପରମାତ୍ମା ନିରାକାର ଏବଂ ସାକାର ମଧ୍ୟ । ନିରାକାର ପରମାତ୍ମାଙ୍କର ରୂପ ନାହିଁ, ସାକାରଭାବରେ ଥିବା ଭଗବାନଙ୍କର ରୂପ ଅଛି, ଗୁଣ ମଧ୍ୟ ଅଛି । ସେହି ଅନୁସାରେ ପରମାତ୍ମା ଦୁଇ ପ୍ରକାରରେ ରହିଥାନ୍ତି ବୋଲି ଜଣାପଡୁଛି । ଭଗରୁ ଜନ୍ମ ହୋଇଥିବା ଭଗବାନ ଗୁଣର ସହିତ ସଞ୍ଚରଣ କରିଥା'ନ୍ତି । ସେହି ଭଗବାନଙ୍କ ଦ୍ୱାରା ଭୂପୃଷ୍ଠର ମଣିଷ ଜ୍ଞାନକୁ ଜାଣି ପାରୁଛି । ତେଣୁ ଗୁଣର ପ୍ରଥମ ଅକ୍ଷର ହୋଇଥିବା '**ଗୁ**' ନାମକ ଅକ୍ଷର ଭଗବାନଙ୍କୁ ଚିହ୍ନାଇଛି, ତେଣୁ ତାହା ଭଗବାନଙ୍କର ସଙ୍କେତ । ତା'ପରେ ସେ ରୂପ ନଥିବା ନିରାକାର ହୋଇଯାଇଥା'ନ୍ତି । ତେଣୁ ରୂପ ନଥିବା ପରମାତ୍ମାଙ୍କର ସଙ୍କେତଭାବରେ ରୂପର ପ୍ରଥମ ଅକ୍ଷର ହୋଇଥିବା "**ରୂ, ରୁ**" କୁ "**ଗୁ**" ଅକ୍ଷର ପରେ ରଖିବାକୁ ହୋଇଛି । ଏଇଭଳି ସେହି ଦୁଇଟି ଅକ୍ଷରକୁ ମିଶାଇଲେ "**ଗୁରୁ**" ହେଉଛି । ତେଣୁ ଗୁରୁ କହିଲେ ଯାହାର ଗୁଣଅଛି ରୂପ ନାହିଁ, ସେ ଦୁଇଟିଯାକରେ ମିଶି ରହିଛି ବୋଲି ଜଣାଯାଉଛି । ଏଠାରେ କେହି ମଧ୍ୟ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । କ'ଣନା ! ପ୍ରଥମେ ରୂପ ନଥିବା ନିରାକାର ପରମାତ୍ମା, ତା'ପରେ ସେ ରୂପ ଧାରଣ କରି ଆସି ଜ୍ଞାନ କହିଥା'ନ୍ତି ତେଣୁ ପ୍ରଥମେ ତାଙ୍କୁ ସୁଚିତ କରୁଥିବା "**ରୁ**" ଅକ୍ଷରକୁ ଲେଖି ତା'ପରେ ଭଗବାନଙ୍କୁ ସୁଚିତ କରୁଥିବା "**ଗୁ**" ଅକ୍ଷରକୁ ଲେଖି "**ରୁଗୁ**" କହିଲେ କ'ଣ ଅସୁବିଧା ହେବ ? ଆମେ ଗୁରୁ କାହିଁକି କହିବା ? ରୁଗୁ କାହିଁକି ନ କହିବା ? ଏହାର ସମାଧାନ ନିମ୍ନମତେ କହିବାକୁ ଗଲେ !

ଆମକୁ ପ୍ରଥମେ, ଗୁଣଥିବା ମଣିଷ ଏକ ଆକାର ବିଶିଷ୍ଟ ହୋଇ ଜ୍ଞାନ କହିଛି, ତା'ପରେ ସେହି ଗୁଣଥିବା ବ୍ୟକ୍ତି ନିରାକାର ହୋଇଯାଇଛି ବୋଲି ଜଣା ପଡିଛି, ତେଣୁ ପ୍ରଥମେ '**ଗୁ**' ପରେ '**ରୁ**' କ୍ରମରେ ଆମକୁ '**ଗୁରୁ**' ବୋଲି କହିବାକୁ ପଡିଛି ସେଥିଲାଗି '**ଗୁରୁ**' କହିବା ଉଚିତ୍ ସିନା '**ରୁଗୁ**' କହିବା ଉଚିତ୍ ନୁହେଁ । ପରମାତ୍ମାଙ୍କର ରୂପ ନାହିଁ ବୋଲି ଆମକୁ ଆଗରୁ ଜଣା ନାହିଁ, ତେଣୁ '**ରୁ**' କୁ କିପରି ଆଗରେ ରଖିବା ! ଆମେ ଜ୍ଞାନ ଜାଣିବା ପରେ ଯିଏ ଜ୍ଞାନ କହିଛି ସେ ହିଁ ପରମାତ୍ମା ବା ନିରାକାର ବୋଲି ଜଣା ପଡିଛି । ତେଣୁ "**ଗୁ**" ଅକ୍ଷର ପରେ "**ରୁ**" ଅକ୍ଷରକୁ ରଖି ଗୁରୁ କହିବା ଉଚିତ୍ । ପରମାତ୍ମାଙ୍କ ଦିଗରୁ ଆସୁଥିବା କଥା ହେଲେ ରୁଗୁ କହିବା ଉଚିତ୍ ଆଉ ମଣିଷ ଦିଗରୁ ଆସୁଥିବା କଥା ହେଲେ ଗୁରୁ ବୋଲି କହିବା ଉଚିତ୍ । ଆମେ ମଣିଷ ହୋଇଥିବାରୁ ଆମକଥାରେ ଗୁରୁ କହିବାକୁ ପଡିବ । ଏହି ଅନୁସାରେ ବିଚାର କରି ଦେଖିଲେ **ଗୁ** କୁହ କି **ରୁ** କୁହ, ଦୁଇଟିଯାକ ପରମାତ୍ମାଙ୍କୁ ଉଦ୍ଦେଶ୍ୟ କରି କହିବାକୁ ତିଆରି ହୋଇଛି । ତେଣୁ ଦୁଇଟି ଅକ୍ଷର ଅଲଗା ଅଲଗା ହେଲେ ମଧ୍ୟ ଗୋଟିଏ ବୋଲି ଜଣାପଡୁଛି । ମଣିଷ ହୋଇଥିବା ଆମେମାନେ, ମଣିଷଭାବରେ ଥିବା ଗୁରୁଙ୍କଠାରୁ ଜ୍ଞାନ ଜାଣିବା ପରେ, ଦେଖାଯାଉଥିବା ଗୁରୁ ହିଁ ଦେଖାଯାଉ ନଥିବା ପରମାତ୍ମା ବୋଲି ବୁଝାପଡୁଛି । ଏଇ ନିୟମକୁ ମଣିଷ ଜାଣିବା ପାଇଁ ପ୍ରଥମେ '**ଗୁ**' ଆଉ ପରେ '**ରୁ**' ରହି '**ଗୁରୁ**' ହୋଇଛି ।

ଦୈବ ବା ପରମାତ୍ମା ଅନେକ ଅଂଶରେ ବିଶ୍ୱବ୍ୟାପ୍ତ ହୋଇ ବିଶ୍ୱର ଅଣୁ ଅଣୁରେ ବ୍ୟାପିରହିଛନ୍ତି । ବିଶ୍ୱବ୍ୟାପୀ ହୋଇଥିବା ପରମାତ୍ମା ଅଂଶରୁ ମାତ୍ର ଏକ ଅଂଶ ଦେଖାଯାଉଥିବା ଗୁରୁ ଭାବରେ ଜନ୍ମ ହୋଇଥା'ନ୍ତି । ଏକ ସମୟରେ ଭୂପୃଷ୍ଠରେ ଗୁରୁଭାବରେ ଜନ୍ମ ହୋଇଥିବା ଭଗବାନ ଏବଂ ବିଶ୍ୱବ୍ୟାପ୍ତ ହୋଇଥିବା ପରମାତ୍ମା ଅଛନ୍ତି । ଏହି ଅନୁସାରେ ପରମାତ୍ମା ସଂପୂର୍ଣ୍ଣ ଏବଂ ତାଙ୍କ ଅଂଶରୁ ମାତ୍ର କିଛି ଅଂଶ ଆସିଥିବାରୁ

ଭଗବାନ ବା ଗୁରୁ ଅସଂପୂର୍ଣ୍ଣ ବୋଲି ଜଣାଯାଉଛି । ଆମେ ଜାଣିଲେ ଯେ, ଦେଖାଯାଉଥିବା ଗୁରୁ ଶରୀର ଛାଡିବା ପରେ ପରମାତ୍ମା ହୋଇଯାଇଥା'ନ୍ତି । ସେତେବେଳେ ଗୁରୁ ସଂପୂର୍ଣ୍ଣ ହୋଇଥା'ନ୍ତି । ଏହାକୁ ଆଉ ଏକ ପ୍ରକାରରେ କହିଲେ ଗୁରୁ ଜ୍ଞାନ କହୁଥିବା ବେଳେ ଅସଂପୂର୍ଣ୍ଣ, ଜ୍ଞାନକହି ଚାଲିଯିବା ପରେ ସଂପୂର୍ଣ୍ଣ । ଏକଥା ଦୈବଜ୍ଞାନ ଜାଣିଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ଜ୍ଞାନ ଜଣାନଥିବା ଲୋକମାନେ ଗୁରୁ ଚାଲିଯିବା ପରେ ଗୁରୁଙ୍କର ମୂଲ୍ୟ ରଖିନଥା'ନ୍ତି । ଜ୍ଞାନ ଥିବା ଲୋକ ଆଉ ଅଜ୍ଞାନୀଲୋକ ଗୁରୁଙ୍କୁ କିପରି ତୁଳନା କରନ୍ତି, ଜ୍ଞାନୀ ପାଖରେ ଗୁରୁଙ୍କର ମୂଲ୍ୟ କେତେ ଆଉ ଅଜ୍ଞାନୀ ପାଖରେ କେତେ, ତାହା ଗୁରୁ ପଦରେ ଲୁଚି ରହିଥିବା ରହସ୍ୟରୁ ଜଣା ପଡିଥାଏ, ସେହି ରହସ୍ୟକୁ ଆପଣ ଆପଣଙ୍କର ଶ୍ରଦ୍ଧା, ଭକ୍ତି ଦ୍ୱାରା ଜାଣି ପାରିବେ ।

ଅଜ୍ଞାନୀ ଦୃଷ୍ଟିରେ ଦେଖାଯାଉଥିବା ଭଗବାନ ମଧ୍ୟ ବ୍ୟର୍ଥ ହୋଇଯାଇଥା'ନ୍ତି । ଭଗବାନ ଏହି ବିଷୟ ଭଗବଦ୍ଗୀତାର ଅକ୍ଷର ପରବ୍ରହ୍ମ ଯୋଗର ୧୧ତମ ଶ୍ଳୋକରେ କହିବାକୁ ଯାଇ–

**ଅବଜାନ୍ତି ମାଂ ମୁଢା ମାନୁଷୀଂ ତନୁ ମାଶ୍ରିତମ୍ ।**
**ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ॥**

କହିଛନ୍ତି ଯେ, ସର୍ବ ଜୀବରାଶିର ଅଧିପତି ହୋଇ, ପରମାତ୍ମା ହୋଇଥିବା ମୁଁ ଶରୀର ଧାରଣ କରି ମଣିଷଭାବରେ ଜନ୍ମହେଲେ, ମୋତେ ଦେଖୁଥିବା ଅଜ୍ଞାନୀମାନେ ମୋର ଶ୍ରେଷ୍ଠତ୍ୱକୁ ନଜାଣି ମୋର ଅବମାନନା କରିଥା'ନ୍ତି ।

ଦେଖିଲେ ତ ! ଭଗବଦ୍ଗୀତାରେ କେଉଁଭଳି କଥା କହିଛନ୍ତି ! ଭୂପୃଷ୍ଠରେ ଯିଏ ମଣିଷ ହୋଇ ଜନ୍ମ ହୋଇଛି ତାର ସମ୍ମାନକୁ କାଢିଦେଇ, ତାକୁ ମୂଲ୍ୟ ନଥିବା ମଣିଷଭାବରେ, ଅଜ୍ଞାନୀଭାବରେ ହିସାବ କରିଥାନ୍ତି । ସମସ୍ତଙ୍କ

ଭାବରେ ଉଚିତ୍ ଅର୍ଥ ମିଳିଯିବା ଭଳି "ଗୁରୁ" ନାମକ ପଦ ଏହିପରି ରହିଛି । ଏଥିରେ ଥିବା ବିଶେଷତା ହେଉଛି ! ମଣିଷର ଥିବା ଜ୍ଞାନ ଅନୁସାରେ ସେ ଗୁରୁ ପଦର ଅର୍ଥ ବୁଝିପାରିବ । ଏହି ବିଶେଷତାକୁ ପ୍ରଥମେ ଗୁରୁ କହିଥିବାରୁ ଏହି ଗୁରୁ ନାମକ ପଦର ଅର୍ଥ ଅନେକେ କହିଥିଲେ ମଧ୍ୟ ଆମେ ଯେପରି କହିଛୁ ସେପରି ଏପର୍ଯ୍ୟନ୍ତ କେହି କହି ନାହାନ୍ତି । ଈଶ୍ୱର ଆୟୋଜନ କରିଥିବା ଦୌଡ ପ୍ରତିଯୋଗୀତାରେ, ଆମକୁ ଜଣାଥିବା ଜ୍ଞାନ ଅନୁସାରେ ସମସ୍ତଙ୍କ ଅପେକ୍ଷା ଚରି ପାହୁଣ୍ଡ ଆଗକୁ ପକାଇ, ଅନ୍ୟମାନେ କହିଥିବା ଅର୍ଥ ଅପେକ୍ଷା ଏକ ବିଶେଷ ଅର୍ଥ ସହିତ ଗୁରୁ ନାମକ ପଦର ଦୃଶ୍ୟରୂପକୁ ଜ୍ଞାନ ପଦ୍ଧତିରେ ଜାଣି ପାରିଛେ । ଏହି ନୂଆ ଅର୍ଥରେ ମୁଁ ସମସ୍ତଙ୍କ ଅପେକ୍ଷା ବଡ ଜ୍ଞାନୀ ବୋଲି ପ୍ରମାଣିତ ହୋଇଯାଇଛି । ଏହାକୁ ଜାଣି ଆପଣମାନେ ମଧ୍ୟ ସମ୍ପୂର୍ଣ୍ଣ ଜ୍ଞାନୀ ହୁଅନ୍ତୁ ବୋଲି ଜଣାଉଛୁ ।

*****

# ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା

ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ବୋଲି ପୂର୍ବର ଲୋକମାନେ ରୂଢ଼ିଟିଏ କହୁଥିଲେ । ଆଜିର କାଳରେ ଏହା ମଧ୍ୟ କ୍ୱଚିତ୍ ଶୁଣିବାକୁ ମିଳେ । ଏହି ବାକ୍ୟରୁ ବୁଝିହୁଏ କି ବିଦ୍ୟା କୌଣସି ବିଦ୍ୟା ହେଉ ତା'କୁ ଶିଖିବା ପାଇଁ ନିଶ୍ଚୟ ଗୁରୁ ଆବଶ୍ୟକ । କିଏ କୌଣସି ବିଦ୍ୟାକୁ ଯଦି ସ୍ୱୟଂ ଶିଖିବାକୁ ଇଚ୍ଛା କରିବ ତେବେ ତା'ର ଗୁରୁ ନଥିଲେ ସେ ଯେତେ ଶିଖିଲେ ମଧ୍ୟ ତାହା ଅନ୍ଧବିଦ୍ୟା ହେବ । ଏକଥା ସତ କି କ'ଣ ବୋଲି ଟିକିଏ ଗବେଷଣା କରି ଦେଖିଲେ, ଏକଲବ୍ୟ ଗୁରୁ ନଥାଇ ପଟ୍ଟୁତାର ସହିତ ଧନୁବିଦ୍ୟା ଶିଖି ପାରିଥିଲା, ତା'ର ସେହି ଧନୁବିଦ୍ୟା ଏଭଳି ଥିଲା ଯେ, ତା'ର ଲକ୍ଷ୍ୟ କେବେ ମଧ୍ୟ ଟଳୁ ନଥିଲା, ପ୍ରତ୍ୟେକ ତୀର ଅବ୍ୟର୍ଥ ଥିଲା । ହେଲେ ସେ

ଶିଖିଥିବା ବିଦ୍ୟା ତ ଅନ୍ଧବିଦ୍ୟା ହେଲା ନାହିଁ ! ସେହିଭଳି ଆଜିର କାଳରେ କେହି ନ ଶିଖାଇଲେ ମଧ୍ୟ ଡ୍ରାଇଭିଂ ବିଦ୍ୟା ଶିଖି ଅନେକ ଲୋକ ଗାଡି ଚଳାଇ ପାରୁଛନ୍ତି । ସ୍ୱୟଂ ସଂଗୀତ ଅଭ୍ୟାସ କରି ଗାନଗନ୍ଧର୍ବ ଉପାଧି ପାଇଥିବା ବାଳଶୁଭ୍ରମଣ୍ୟମ୍ ମଧ୍ୟ କାହାଠାରୁ ସଂଗୀତବିଦ୍ୟା ଶିଖି ନଥିଲେ, ତାଙ୍କରି ଭଳି ଆହୁରି ମଧ୍ୟ ଅନେକ ଅଛନ୍ତି । ଏହିଭଳି କିଛି ବିଦ୍ୟାକୁ ଗୁରୁ ନଥାଇ ନିଶ୍ଚୟ ଅନେକ ବ୍ୟକ୍ତି ଶିଖି ଅନେକ କ୍ଷେତ୍ରରେ ପ୍ରବୀଣ ହୋଇ ପାରିଛନ୍ତି । ଏସବୁକୁ ଦେଖି ବିଚାର କଲେ କ'ଣ ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ? ବୋଲି ସନ୍ଦେହ ନଆସି ରହିପାରେ ନାହିଁ । ଏଭଳି ସନ୍ଦର୍ଭରେ ଆମକୁ ଯଥେଷ୍ଟ ବିଚାରକରି ଜାଣିବାକୁ ହେବ । ସେଭଳି ତୀକ୍ଷ୍ଣ ବିଚାରକରି ଦେଖିଲେ ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ନାମକ ବାକ୍ୟରେ ତିନିଗୋଟି ମୁଖ୍ୟ ଶବ୍ଦ ରହିଥିବା ଜଣାଯାଏ, ତନ୍ମଧ୍ୟରୁ ଗୋଟିଏ ହେଲା ଗୁରୁ, ଦ୍ୱିତୀୟଟି ବିଦ୍ୟା ଆଉଗୋଟିଏ ହେଲା ଅନ୍ଧବିଦ୍ୟା । ଏହି ବାକ୍ୟଟି ମୁଖ୍ୟତଃ ବିଦ୍ୟା ସମ୍ବନ୍ଧୀୟ ବାକ୍ୟ ହୋଇଥିବାରୁ ଦ୍ୱିତୀୟ ଭାଗରେ ଥିବା ବିଦ୍ୟା ବାବଦରେ ପ୍ରଥମେ ବିଚାରକରି ଜାଣିବା ।

ବିତ୍ ନାମକ ଶବ୍ଦରୁ ଜନ୍ମ ହୋଇଛି ବିଦ୍ୟା, ବିତ୍ କହିଲେ ଜାଣିବା । ସେହି ଅନୁସାରେ ଆମେ ଯାହା ଜାଣୁଛେ ବା ଯାହା ଆମେ ଶିଖି ପାରୁଛେ ତାହାକୁ ବିଦ୍ୟା କହୁଛେ । ଯାହାକୁ ଜାଣୁଛେ ତାହାକୁ ଜ୍ଞାନ ମଧ୍ୟ କହୁଛେ । ଯାହା ଜାଣୁନାହେଁ ତାହାକୁ ଅଜ୍ଞାନ କହୁଛେ । ଏହି ଅନୁସାରେ ବିଦ୍ୟାକୁ ଜ୍ଞାନ ଆଉ ଅବିଦ୍ୟାକୁ ଅଜ୍ଞାନ କହୁଛେ । ସେହିଭଳି ଯାହା ଜଣାଯାଇଛି ତାହା ବିଦ୍ୟା ବା ଜ୍ଞାନ, ଯାହା ଜାଣି ନାହେଁ ତାହା ଅବିଦ୍ୟା ବା ଅଜ୍ଞାନ ବୋଲି ସମସ୍ତେ ନିଶ୍ଚୟ ବୁଝି ପାରୁଥିବେ । ଏବେ ବିଦ୍ୟା କିମ୍ବା ଅବିଦ୍ୟାକୁ ବିଭାଜନ କରି ଦେଖିଲେ, ତାହା ଦୁଇପ୍ରକାରର ବୋଲି ସ୍ପଷ୍ଟ ହୁଏ । ଗୋଟିଏ ପ୍ରପଞ୍ଚବିଦ୍ୟା ଆଉଗୋଟିଏ ହେଲା ପରମାତ୍ମା (ଐଶ୍ୱରୀୟ) ବିଦ୍ୟା ବଡମାନେ ଏହି ଦୁଇ ବିଦ୍ୟାରୁ କେଉଁ ବିଦ୍ୟାକୁ ଗୁରୁହୀନ ବିଦ୍ୟା

କହୁଥିଲେ ବୋଲି ବିଚାର କଲେ ପରମାତ୍ମାବିଦ୍ୟାକୁ ହିଁ କହୁଥିଲେ ବୋଲି ଜଣାଯାଏ । କାରଣ ପ୍ରପଞ୍ଚବିଦ୍ୟାକୁ ଗୁରୁ ନଥାଇ ଶିଖି ହୁଏ ବୋଲି ପ୍ରମାଣିତ ହୋଇଯାଇଛି । ତେଣୁ ବଡମାନଙ୍କ କଥା ଯଦି ମିଛ ନୁହେଁ ତେବେ ସେମାନେ କହିଥିବା କଥାଟି ପରମାତ୍ମାବିଦ୍ୟା ପାଇଁ କହିଛନ୍ତି ବୋଲି ଜଣାଯାଏ । ସେଥିଲାଗି ମୁକ୍ତ କଣ୍ଠରେ କହିହୁଏ ଯେ ଗୁରୁହୀନ ବିଦ୍ୟା କହିବା କେବଳ ପରମାତ୍ମାବିଦ୍ୟା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଏହି ବାକ୍ୟ ପ୍ରପଞ୍ଚ (ଭୌତିକ) ବିଦ୍ୟା ପାଇଁ ଲାଗୁହୁଏ ନାହିଁ ବୋଲି ଜାଣିବା ଉଚିତ୍ ।

ଏବେ ଗୁରୁ ନାମକ ଶବ୍ଦକୁ ଦେଖିଲେ, ବିଦ୍ୟା ଅନୁସାରେ ଏହି ଶବ୍ଦ ପ୍ରପଞ୍ଚବିଦ୍ୟାପାଇଁ ମଧ୍ୟ ଲାଗୁହୁଏ ନାହିଁ । ତେଣୁ ଗୁରୁ ଶବ୍ଦକୁ କେବଳ ପରମାତ୍ମା ବିଦ୍ୟା ହୋଇଥିବା ବ୍ରହ୍ମବିଦ୍ୟା ନିମନ୍ତେ କାର୍ଯ୍ୟକାରୀ କରିହେବ । ଏବେ ଏଭଳି ଗୁରୁମାନଙ୍କୁ ଦେଖିଲେ ଦୈବଜ୍ଞାନ ନାମରେ ନାନା ପ୍ରକାରର ଜ୍ଞାନ କହୁଥିବା ଗୁରୁମାନେ ସମାଜରେ ଅନେକ ରହିଛନ୍ତି । ନାନା ପ୍ରକାରର ଜ୍ଞାନ କାହିଁକି କହୁଛୁ କି, ପ୍ରତ୍ୟେକ ଜ୍ଞାନରେ ଭିନ୍ନତା ରହିଛି । ଉଦାହରଣସ୍ୱରୂପ ଜଣେ ଗୁରୁ ତା'ର ବିଦ୍ୟାକୁ ସିଦ୍ଧସମାଧି ଯୋଗ ନାମରେ ବୋଧ କରୁଥିବାବେଳେ, ଆଉ ଜଣେ ଗୁରୁ ତା'ର ବିଦ୍ୟାକୁ ପିରାମିଡ୍ ଧ୍ୟାନ ନାମରେ ବୋଧ କରୁଛି । ଆଉ କେହି ବ୍ରହ୍ମକୁମାରୀ ସମାଜ ମାର୍ଗ ନାଆଁରେ ବୋଧ କରୁଛନ୍ତି । ସେହିଭଳି ମାଷ୍ଟରଧ୍ୟାନ ନାଆଁରେ ଜଣେ, କୁଣ୍ଡଳୀଯୋଗ ନାଆଁରେ ଜଣେ, ଶ୍ୱାସ ଉପରେ ଧ୍ୟାନ ନାଆଁରେ ଜଣେ ବୋଧ କରୁଥିବା ବେଳେ, ଆଉ କେତେକ ମନୋଯୋଗ ନାଆଁରେ, ଅଚଳଯୋଗ ନାଆଁରେ, କେହି ତାରକଯୋଗ ନାଆଁରେ ତ କେହି ସାଂଖ୍ୟମାର୍ଗ ନାଆଁରେ ବୁଝାଇଥା'ନ୍ତି । ପୁଣି କେହି ତାରକ ମାର୍ଗକୁ ମୁକ୍ତିମାର୍ଗ କହିବାବେଳେ, କେବଳ ଭକ୍ତିମାର୍ଗ ଅଛି କହି ଆଉ ଜଣେ ତା'ର ଜ୍ଞାନକୁ କହିଥାଏ ତ ଆଉକିଏ ନାମଜପ ମାର୍ଗ କହି

ତା'ର ଜ୍ଞାନ ବୋଧ କରିଥାଏ । ଏହିଭଳି ଭିନ୍ନ ଭିନ୍ନ ନିୟମର ବିଦ୍ୟା ଆଜି ବୋଧ କରାଯାଇଥାଏ, ସମସ୍ତେ ଗୁରୁଭାବରେ ପରିଗଣିତ ହୋଇଥା'ନ୍ତି, ଏମାନେ ବୋଧ କରୁଥିବା ବିଦ୍ୟା ଯଦି ଗୁରୁବିଦ୍ୟା, ତା'ଭିତରୁ କିଛି ମଧ୍ୟ ଅନ୍ଧବିଦ୍ୟା ହେବା ଉଚିତ୍ ନୁହେଁ, ସବୁ ଆଖିଥିବା ବିଦ୍ୟା ହେବା ଉଚିତ୍ । ଅର୍ଥାତ୍ ସମସ୍ତଙ୍କର  ବିଦ୍ୟା ପରମାତ୍ମାଙ୍କୁ ଚିହ୍ନାଉଥିବା ପ୍ରକୃତ ବ୍ରହ୍ମବିଦ୍ୟା ହେବା ଉଚିତ୍ । ଏବେ ଅସଲ ବିଷୟ ଉପରକୁ ଯିବା । ଆଜି ବୋଧ କରାଯାଉଥିବା ସମସ୍ତ ବିଦ୍ୟା କ'ଣ ପରମାତ୍ମାଙ୍କୁ ଚିହ୍ନାଇ ପାରେ ? ବୋଧ କରୁଥିବା ବ୍ୟକ୍ତିମାନେ କ'ଣ ଗୁରୁ ? ବୋଲି ପ୍ରଶ୍ନକରି ଦେଖିଲେ କୌଣସି ଏକ ବିଦ୍ୟା ଦ୍ୱାରା  ମଧ୍ୟ ଆମେ ପରମାତ୍ମାଙ୍କୁ ଜାଣିପାରୁ ନାହେଁ । ଏହି ଅନୁଯାୟୀ ସବୁଗୁଡିକ ଅନ୍ଧବିଦ୍ୟା ବୋଲି ଗୋଟିଗୋଟିକୁ ଖଣ୍ଡନ କରାଯାଇ ପାରେ । ପରମାତ୍ମାଙ୍କୁ ଜଣାଇ ପାରୁନଥିବା ବିଦ୍ୟା ଯାହାସବୁ ରହିଛି ତା'କୁ ବୋଧ କରୁଥିବା ବ୍ୟକ୍ତିମାନେ କେବେ ବି ଗୁରୁ ନୁହଁନ୍ତି ବୋଲି ସହଜରେ ଜଣାପଡିଯାଏ । ଗୁରୁହୀନ  ବିଦ୍ୟା  ଅନ୍ଧବିଦ୍ୟା  ହେବାବେଳେ ଯିଏ ଅନ୍ଧବିଦ୍ୟା ଶିଖିଛି ତା'ର ଗୁରୁ ହିଁ ନାହିଁ । ହେଲେ ଏଠାରେ ବିଦ୍ୟାକୁ ବା ଜ୍ଞାନକୁ ଯେ ଗୁରୁ ହିଁ ଶିଖାଇଛନ୍ତି ବୋଲି ଆପଣଙ୍କ ମୁଣ୍ଡରେ ପ୍ରଶ୍ନ ଆସି ପାରେ । ସେଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ଦୈବଜ୍ଞାନକୁ ଏକ ନାଆଁ ଦେଇ ଯିଏ ବୋଧ କରିଥାଏ ସେ ଗୁରୁ ନୁହେଁ, ବୋଧକ । ପରମାତ୍ମାଙ୍କୁ ଜଣାଉଥିବା ବାଣୀ ଦୃଷ୍ଟିଯୁକ୍ତ ହୋଇଥିବାରୁ, ସେଭଳି ଜ୍ଞାନ ବୋଧ କରିଥିବା ପାତ୍ରକୁ ଗୁରୁ କୁହାଯିବ ।

ଏବେ ଗୁରୁଙ୍କ ବିଷୟରେ, ଗୁରୁ କିଏ ? ସେ କେତେବେଳେ ଭୂପୃଷ୍ଠରେ ରହିଥା'ନ୍ତି ? ଗୁରୁ ବୋଧ କରୁଥିବା ଜ୍ଞାନ କିପରି ? ଇତ୍ୟାଦି ପ୍ରଶ୍ନର ଉତ୍ତର କ'ଣ ତାହା ଜାଣିବାକୁ ହେବ । ପୂର୍ବେ ଦୈବଜ୍ଞାନ ଜାଣିଥିବା ବଡମାନେ, ଗୁରୁଙ୍କୁ ନାନା ପ୍ରକାରର ବର୍ଣ୍ଣନା କରି କହିଛନ୍ତି, ସେମାନେ କହିଥିବା ବିଷୟଗୁଡିକୁ ଅନୁଧ୍ୟାନ କଲେ ଗୁରୁ ସାଧାରଣ ମଣିଷ ନୁହନ୍ତି,

ସେ ସ୍ୱତନ୍ତ୍ର ବୋଲି ଜଣାପଡୁଛନ୍ତି । ତେଣୁ ସେହି ହିସାବରେ ଭୂପୃଷ୍ଠରେ ଜନ୍ମ ହୋଇଥିବା କୌଣସି ମଣିଷ ଗୁରୁ ହୋଇ ପାରିବ ନାହିଁ, ଗୁରୁ ମଣିଷ ହୋଇ ପାରିବେ । ଏକଥା କେତେକଙ୍କୁ ବୋଧହୁଏ ବୁଝାପଡୁ ନଥିବ । ତା'ର ବିବରଣ ହେଉଛି ! । **ଭୂପୃଷ୍ଠରେ ଜନ୍ମ ହୋଇଥିବା ମଣିଷ କେହି ମଧ୍ୟ ଗୁରୁ ହୋଇ ପାରିବେ ନାହିଁ । ଭୂପୃଷ୍ଠରେ ଜନ୍ମ ହୋଇନଥିବା ମଣିଷ ହିଁ ଗୁରୁ ହୋଇ ପାରିବେ** । ଏବେ ଆପଣମାନେ ଆହୁରି ସନ୍ଦେହ ଭିତରକୁ ଯାଇପାରନ୍ତି । ଭୂପୃଷ୍ଠରେ ଜନ୍ମ ହେଉନଥିବା ମଣିଷ କ'ଣ ଅଛନ୍ତି ? ଇଏ କି କଥା ? ଇଏ କଣ ପାଗଳ କି ? ବୋଲି ମୋ' ବାବଦରେ ଆପଣମାନେ ଭାବି ପାରନ୍ତି । କେତେକ ସନ୍ଦର୍ଭରେ ଠିକ୍ ସତ୍ୟ ମଧ୍ୟ ଏଇଭଳି ଲାଗିଥାଏ, ତେଣୁ ଏଠାରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଉଥିବା ସତ୍ୟ ରହିଛି, ସେହି ସତ୍ୟ ହେଉଛି ! ଗୁରୁ ଭୂପୃଷ୍ଠରେ ଜନ୍ମ ନହୋଇ ଶରୀର ଧାରଣ କରିଥା'ନ୍ତି । ଦେଖାଯାଉଥିବା ଶରୀରରେ ଥିବା ଗୁରୁଙ୍କୁ ବଡମାନେ ଗୁରୁ ସାକ୍ଷାତ୍ ପରବ୍ରହ୍ମ ବୋଲି କହିଛନ୍ତି, ସେମାନଙ୍କ କଥା ଅନୁସାରେ ଗୁରୁ ପରମାତ୍ମାଙ୍କ ଅଂଶ । ପରମାତ୍ମା ଅଣୁରହିତ ଭାବରେ ସର୍ବତ୍ର ବ୍ୟାପିରହିଛନ୍ତି, ତେଣୁ ସେ କେଉଁଠି ମୃତ୍ୟୁବରଣ କରି ଆଉ କେଉଁଠି ଜନ୍ମହେବା ଆବଶ୍ୟକ ନାହିଁ । ସର୍ବବ୍ୟାପୀ ଦୈବଶକ୍ତି ମାତୃଗର୍ଭରେ ଶିଶୁଶରୀର ଭାବରେ ତିଆରି ହୋଇ, ଭିତରୁ ଚୈତନ୍ୟର ସହିତ ଅର୍ଥାତ୍ ସଜୀବ ଭାବରେ ଜନ୍ମ ହୁଅନ୍ତି । ସେହି ମଣିଷ ଜନ୍ମ ହେବାପାଇଁ ମାଆର ରଜୋକଣା କିମ୍ବା ପିତାବୀର୍ଯ୍ୟର ଆବଶ୍ୟକ ନଥାଏ । ସାଧାରଣ ମଣିଷ ଜନ୍ମହେବା ପାଇଁ ମାଆର ରଜୋକଣା ଆଉ ପିତାବୀର୍ଯ୍ୟ ଦରକାର । ବିଶେଷ କଥା ହେଉଛି ! ମାତା ଗର୍ଭରେ ତିଆରି ହୋଇଥିବା ସାଧାରଣ ମଣିଷର ଶରୀର ଗର୍ଭରୁ ନିର୍ଜୀବ ଭାବରେ ଜନ୍ମ ହୋଇଥାଏ । ଜନ୍ମ ହୋଇଥିବା ସାଧାରଣ ଶିଶୁ ଶରୀରକୁ ଜୀବ ଏବଂ ଆତ୍ମା ବା ଚୈତନ୍ୟ ଜନ୍ମ ହେବା ପରେ ପ୍ରବେଶ କରିଥାଏ । ମାତୃଗର୍ଭରୁ ବାହାରକୁ ଆସିବା

ପରେ ସ୍ପନ୍ଦନ ଆସିବା ବା ଚୈତନ୍ୟ ଆସିବା ମଣିଷ ସାଧାରଣ ମଣିଷ ହୋଇଥାଏ । ଅନେକ ହଜାର କିମ୍ବା ଅନେକ ଲକ୍ଷ ବର୍ଷ ପରେ ଥରେ ଭୂପୃଷ୍ଠକୁ ଚୈତନ ସହିତ ମାତୃଗର୍ଭରୁ ଜନ୍ମ ହେଉଥିବା ଶରୀର ସାଧାରଣ ଶରୀର ନୁହେଁ, **ଗର୍ଭରୁ ଜନ୍ମିତ ସେହି ମଣିଷ ହିଁ ଗୁରୁ** । ସେହି **ମଣିଷକୁ ବଡମାନେ ସାକ୍ଷାତ୍ ଦୈବ ବୋଲି କହିଛନ୍ତି** । ଗର୍ଭ ଭିତରୁ କିଏ କେଉଁଭଳି ଜନ୍ମହୁଏ ତାହା ସମସ୍ତଙ୍କୁ ଅଜଣା ରହିଯାଇଛି । ସେଥିଲାଗି ଅନେକ ବର୍ଷ ପରେ ଆସୁଥିବା ଗୁରୁଙ୍କୁ କେହି ଚିହ୍ନି ପାରୁନାହାନ୍ତି, ସେଥିଲାଗି ଦୈବଜ୍ଞାନ କହୁଥିବା ସମସ୍ତଙ୍କୁ ଗୁରୁ ଭାବିଛନ୍ତି । ଗୁରୁ ବୋଲି ଭାବୁଥିବା ମଣିଷ ଦୈବଜ୍ଞାନ ବୋଧ କରୁଛି କି ମାୟାଜ୍ଞାନ ବୋଧ କରୁଛି କେହି ଜାଣି ପାରୁ ନାହାନ୍ତି । ତେଣୁ ମାନବ ଭୂପୃଷ୍ଠକୁ ଆସୁଥିବା ଗୁରୁଙ୍କୁ ନ ଚିହ୍ନି ନିଜ ଇଚ୍ଛା ମୁତାବକ, ତା'କୁ ଭୌତିକବାଣୀ ଶୁଣାଉଥିବା ମଣିଷକୁ ଗୁରୁ ଭାବରେ ହିସାବ କରୁଛି ।

ଗୁରୁ ମଣିଷ ହୋଇ ଭୂପୃଷ୍ଠକୁ ଆସିଲେ ପ୍ରକୃତ ଦୈବଙ୍କ ବାବଦରେ ବୋଧ କରିଥାନ୍ତି ସିନା, ଦେବତାମାନଙ୍କ ବାବଦରେ କହିନଥାନ୍ତି, ତାଙ୍କ ବାଣୀ ଭୌତିକଲାଭ ବାବଦରେ ନ ହୋଇ କେବଳ ମୁକ୍ତିଦାୟୀ ହୋଇଥାଏ, ସେ ଭୂପୃଷ୍ଠକୁ ଯେତେଥର ଆସିଲେ ମଧ୍ୟ, ଯେତେବେଳେ ଆସିଲେ ମଧ୍ୟ ଦୈବ(ଈଶ୍ୱର)ଙ୍କ ସମ୍ବନ୍ଧୀୟ ନିୟମ ବୋଧ କରିଥାନ୍ତି ସିନା, ଆସୁଥିବା ପ୍ରତି ଥର ଭିନ୍ନ ଭିନ୍ନ ପ୍ରକାରର ନିୟମ କହି ନଥାନ୍ତି । ତା'ଛଡା ପରମାତ୍ମାଙ୍କ ପ୍ରତିନିଧି ହୋଇଥିବା ଗୁରୁଙ୍କୁ ପ୍ରଜାମାନେ ଗୁରୁ ବୋଲି ଚିହ୍ନି ନପାରିବା ଭଳି ରହିଥା'ନ୍ତି । ସାଧରଣ ମଣିଷ ଭାବରେ ରହି ତାଙ୍କ ଜ୍ଞାନକୁ ପ୍ରଜାମାନେ ବୁଝି ପାରିବା ଭଳି କହିଥା'ନ୍ତି । ଭୂପୃଷ୍ଠରେ ନାନା ମତ, ନାନା ମତାନ୍ତର ବାଣୀ ଥିଲେ ମଧ୍ୟ, ଗୁରୁ କେବେ ମଧ୍ୟ ମତ ସମ୍ବନ୍ଧୀୟ ବାଣୀ ନକହି, ଦୈବ ସମ୍ବନ୍ଧୀୟ ବାଣୀ କହିଥା'ନ୍ତି । ଭୂପୃଷ୍ଠରେ ବୁଝିପାରୁ ନଥିବା ଅଜ୍ଞାନୀମାନେ ତାଙ୍କର ବ୍ୟତିରେକ ଭାବରେ ରହିଥିଲେ ମଧ୍ୟ, ନିଜର ବାଣୀ

ବୋଧ କରାଇବା ମାର୍ଗ ସେ କେବେ ମଧ୍ୟ ବଦଳାଇ ସେମାନଙ୍କ ପ୍ରିତୀକର ବାଣୀ କହି ନଥା'ନ୍ତି । ଗୁରୁଙ୍କ ବାଣୀ ଯେତେଦୂର ବ୍ୟାପିଥିଲେ ମଧ୍ୟ ତାହା ସର୍ବଦା ସାର୍ବଜନୀନ ଦୈବବାଣୀ ହୋଇ ରହିଥାଏ । ଗୁରୁ ଅନ୍ୟ ଦେଶରେ ଭିନ୍ନ ଭିନ୍ନ ନାମରେ ପରିଗଣିତ ହେଉଥିଲେ ମଧ୍ୟ ଦୈବଜ୍ଞାନ କହି ସେ ନିଜେ କିଏ ବୋଲି ଅଚିହ୍ନା ରହିଯାଇଥା'ନ୍ତି । ଆମ ଭାରତରେ ଗୁରୁ ଭାବରେ ଅନେକ ବ୍ୟକ୍ତି ପରିଗଣିତ ହେଉଥିଲେ ମଧ୍ୟ ପ୍ରାୟ ପାଞ୍ଚହଜାର ଏକଶହ ସତୁରିବର୍ଷ ତଳେ ପରମାତ୍ମାଙ୍କର ଏକ ଅଂଶ ଉତ୍ତରପ୍ରଦେଶରେ ଜନ୍ମ ହୋଇଥିଲେ, ସେହି ବ୍ୟକ୍ତି ହିଁ ଶ୍ରୀକୃଷ୍ଣ ବୋଲି ଆମେ ଜାଣି ପାରିଛୁ । ଶ୍ରୀକୃଷ୍ଣ ସାଧାରଣ ଗୁରୁମାନଙ୍କ ଭଳି କେବେ ମଧ୍ୟ ଆଚରଣ କରି ନଥିଲେ; ପରନ୍ତୁ ସେ କହିଥିବା ବାଣୀ ଅନୁସାରେ ତାଙ୍କୁ ଅନେକ ବ୍ୟକ୍ତି ବାସ୍ତବ ଗୁରୁ ବୋଲି ଜାଣି ପାରୁଛନ୍ତି ।

ଆଜି ଆମ ଦେଶରେ ପରମହଂସମାନେ, ଭଗବାନ ବୋଲାଉଥିବା ଲୋକମାନେ, ବାବାମାନେ, ମାତାମାନେ, ମହର୍ଷିମାନେ, ବ୍ରହ୍ମର୍ଷିମାନେ ଅନେକ ଅଛନ୍ତି । ଅନେକ ବ୍ୟକ୍ତି ଏହିଭଳି ସେମାନଙ୍କ ନାମ ପଛରେ ନାନା ଉପାଧି ଲଗାଇ ସମାଜରେ ଗୁରୁ ନାଆଁରେ ପରିଗଣିତ ହୋଇଥା'ନ୍ତି, ସେମାନଙ୍କୁ ଗୁରୁ ନକହି ପାଞ୍ଚହଜାର ବର୍ଷ ପୂର୍ବେ ଜନ୍ମ ହୋଇଥିବା କୃଷ୍ଣଙ୍କୁ କାହିଁକି ଗୁରୁ କହୁଛନ୍ତି ? ବୋଲି ଆପଣ ମୋତେ ପୁଣି ପ୍ରଶ୍ନ କରି ପାରନ୍ତି । ତା'ର ସମାଧାନ ହେଉଛି ! ମୁଁ କାହା ମୁଖର ସ୍ତୁତି ଶୁଣିବାପାଇଁ ହେଉ କି କାହାକୁ ଦୁଃଖ ଦେବାପାଇଁ ହେଉ କଥା କହୁନାହିଁ । ସତ୍ୟ କହିବାକୁ ଚାହୁଁଛି । ତେଣୁ ଆଜି ଭୂପୃଷ୍ଠରେ ଅନେକଲୋକ ବାଣୀ କହୁଥିଲେ ମଧ୍ୟ ସେମାନଙ୍କ ଭିତରେ କେହି ଜଣେହେଲେ ଗୁରୁ ନାହାନ୍ତି, ସେମାନେ ବୋଧ କରୁଥିବା ବାଣୀ ପରସ୍ପର ବିରୁଦ୍ଧ । ଶ୍ରୀକୃଷ୍ଣ କହିଥିବା ଗୀତାବାଣୀ ସେଦିନ ବୋଧ କରି ପାରୁଥିବା ଲୋକମାନେ ଥିଲେ ମଧ୍ୟ, ସେମାନେ ଶ୍ରୀକୃଷ୍ଣ ବୋଧ କରିଥିବା ବାଣୀର ଭିନ୍ନ ବାଣୀ ବୋଧ କରୁଛନ୍ତି । ତେଣୁ ସେମାନଙ୍କୁ

ଉପଯୁକ୍ତ ବୋଧକ ବୋଲି ମଧ୍ୟ କହି ପାରିବା ନାହିଁ । ଏହା ପୂର୍ବରୁ ଅନ୍ୟ ଦ୍ୱାରା ବୋଧ କରାଯାଇଥିବା ବାଣୀକୁ ଯିଏ ବୋଧ କରିଥାଏ ସେ ପ୍ରକୃତ ବୋଧକ ହୋଇଥାଏ । ଗୁରୁ କେବେ ମଧ୍ୟ ଅନ୍ୟମାନେ ବୋଧ କରିଥିବା ବାଣୀକୁ ବୋଧ କରି ନଥା'ନ୍ତି । ଗୁରୁ ଯାହା ବୋଧ କରିଥା'ନ୍ତି ତାହା କେବଳ ଗୁରୁଙ୍କ ଛଡା କାହାକୁ ଜଣା ନଥାଏ । କେହି କହି ନଥିବା ବାଣୀ, କେହି ଲେଖି ନଥିବା ବାଣୀ ଗୁରୁ କହିଥା'ନ୍ତି । ଏହି ସୂତ୍ରକୁ ଅନୁସରଣ କରି ଦେଖିଲେ, ଏହା ପୂର୍ବରୁ ରାମାନୁଜାଚାର୍ଯ୍ୟ ବୋଧ କରିଥିବା ବାଣୀକୁ ସମସ୍ତେ ବୋଧ କରିଥା'ନ୍ତି, ଶଙ୍କରାଚାର୍ଯ୍ୟ ବୋଧ କରିଥିବା ବାଣୀକୁ ବୋଧ କରିଥା'ନ୍ତି, ରାମକୃଷ୍ଣ, ବିବେକାନନ୍ଦ ଇତ୍ୟାଦି ବ୍ୟକ୍ତିମାନେ ବୋଧ କରିଥିବା ବାଣୀକୁ କହିଥା'ନ୍ତି, ସେମାନଙ୍କୁ ବୋଧକ କୁହାଯିବ ସିନା, ଗୁରୁ କହିପାରିବା ନାହିଁ, ସେମାନେ କେବେ ମଧ୍ୟ ଗୁରୁ ନୁହନ୍ତି । ତା'ହେଲେ ଏହା ପୂର୍ବରୁ କୁହାଯାଇଥିବା ବାଇବେଲ୍, କୋରାନ୍, ଭଗବଦ୍ଗୀତା ଯେଉଁମାନେ କହିଥିଲେ ସେମାନଙ୍କୁ ବୋଧକ ନକହି ଗୁରୁ କାହିଁକି କହିବା ? ଏଭଳି ପଚାରିପାରନ୍ତି । ତା'ର ସମାଧାନ ହେଲା ! ସୂତ୍ର ଅନୁସାରେ ସେମାନଙ୍କୁ ଆମେ ବୋଧକ କହିଥାଉ । ହେଲେ ଏଠାରେ ଆଉକେହି ପଚାରିବାକୁ ଯାଇ ଶ୍ରୀକୃଷ୍ଣ, "ଅଧର୍ମ ବ୍ୟାପିଯାଇଥିବା ବେଳେ ମୁଁ ଆସିଥାଏ" ବୋଲି କହିଥିଲେ ! ତେଣୁ ଅଧର୍ମ ବ୍ୟାପିଥିବା ବେଳେ ସେ ଦୈବ ଅଂଶରୁ ଆସିଥିବାରୁ ତାଙ୍କୁ ଗୁରୁ କହିବା ? କି ଆଗରୁ କହିଥିବା ନିଜର ବାଣୀକୁ ପୁଣି କହିବା ଦ୍ୱାରା ତାଙ୍କୁ ବୋଧକ କହିବା ? ବୋଲି ପଚାରି ପାରନ୍ତି । ଏହାର ସମାଧାନ ହେଲା ! ସେ ଯାହା ଦିନେ ବୋଧ କରିଥିଲେ ପୁଣି ସେହି ବାଣୀ ବୋଧ କରିବାକୁ ନିଜେ ଆସିଥା'ନ୍ତି, ତେଣୁ ତାଙ୍କୁ କେବେ ମଧ୍ୟ ବୋଧକ କହି ପାରିବା ନାହିଁ । ଅନ୍ୟମାନେ ବୋଧକରାଯାଇଥିବା ବାଣୀକୁ କିପରି ଭାବରେ ବୋଧ କରୁଥିଲେ ମଧ୍ୟ, ସେମାନେ ବୋଧକ ହେବେ ସିନା, କେବେ ମଧ୍ୟ ଗୁରୁ ହୋଇପାରିବେ ନାହିଁ । ଏହି ସୂତ୍ର ଅନୁସାରେ

ଏବେ ଯେଉଁମାନେ ଅଛନ୍ତି ସେମାନେ ସମସ୍ତେ ବୋଧକ ! ନା ସେମାନଙ୍କ ଭିତରେ କେହି ଗୁରୁ ଅଛନ୍ତି ତାହା ଆପଣମାନେ ନିଜ ବିଚାର ଅନୁସାରେ ନିର୍ଣ୍ଣୟ କରନ୍ତୁ ।

ଭୂପୃଷ୍ଠରେ ସର୍ବଦା ଜଣେ ଗୁରୁ ରହିବା ସୁଯୋଗ ରହିଛି, ଦୁଇଜଣ କିମ୍ବା ତିନିଜଣ ନଥା'ନ୍ତି, ରହିବା ଅସମ୍ଭବ ମଧ୍ୟ । ଭୂପୃଷ୍ଠକୁ କ୍ୱଚିତ୍ ଆସୁଥିବା ଗୁରୁ, ଭୂପୃଷ୍ଠର କୌଣସି ଏକ ଦେଶରେ ରହିଥା'ନ୍ତି । ଆଜି ଭାରତରେ ସମସ୍ତ ଛୋଟବଡ ମିଶି ଏକହଜାର ଜଣ ଗୁରୁ ଅଛନ୍ତି ବୋଲି ଭାବିବା । ଯଦି ଦୈବାଂଶ ଭୂପୃଷ୍ଠକୁ ମଣିଷ ଭାବରେ ଆସିଛନ୍ତି ବୋଲି ଭାବିବା, ତେବେ ସେହି ଏକ ହଜାର ଗୁରୁଙ୍କ ଭିତରେ କେହି ଜଣେ ମାତ୍ର ଗୁରୁ ହୋଇପାରେ ସିନା ବଳକା ୯୯୯ ଜଣ ଗୁରୁ ନୁହନ୍ତି, ସେମାନେ କେବଳ ବୋଧକ ହୋଇ ପାରନ୍ତି । ସେହି ୯୯୯ ଜଣଙ୍କ ଭିତରେ ବଡ ବଡ ନାମ କମାଇଥିବା ବ୍ୟକ୍ତି ଥିଲେ ମଧ୍ୟ, ଆମେ ସେମାନଙ୍କୁ ଗୁରୁ ଭାବୁଥିଲେ ମଧ୍ୟ ସେମାନେ କଦାପି ଗୁରୁ ନୁହନ୍ତି । ଯଦି ଭୂପୃଷ୍ଠରେ ଦୈବାଂଶ ଜନ୍ମ ହୋଇ ନାହାନ୍ତି ତେବେ ସେହି ଏକହଜାର ଗୁରୁ ବୋଲାଉଥିବା ଲୋକମାନଙ୍କ ଭିତରେ କେହି ଜଣେ ମଧ୍ୟ ଗୁରୁ ନାହାନ୍ତି ବୋଲି କହିପାରିବା । କେତେ ଲକ୍ଷ ବର୍ଷ ପରେ ଥରେ ଥରେ ଭୂପୃଷ୍ଠକୁ ଆସି ଚାଲିଯାଉଥିବା ଗୁରୁଙ୍କୁ ମଧ୍ୟ ସେ ସର୍ବଦା ରହିଥିବେ ବୋଲି ଆମେ ଭାବିବା ଭୂଲ୍ । କେତେକ ଗୁରୁ ପରମ୍ପରା କହି ରାଜାମାନଙ୍କ ଭଳି ଜଣକ ପରେ ଜଣେ ସିଂହାସନରେ ବସି ନିଜକୁ ଗୁରୁ ଭାବିବା ଅପରାଧ । ବାସ୍ତବରେ ଭୂପୃଷ୍ଠରେ ଗୁରୁ ପରମ୍ପରା ହିଁ ନାହିଁ । ଥରେ ଗୁରୁ ଭୂପୃଷ୍ଠକୁ ଆସିଲେ ପୁଣି ଥରେ ଆସିବାକୁ ତାଙ୍କୁ ସୁଦୀର୍ଘ କାଳ ଲାଗିଥାଏ । ତେଣୁ ଗୁରୁ ସର୍ବଦା ଭୂପୃଷ୍ଠରେ ରହି ନଥା'ନ୍ତି । ଗୁରୁ ନଥିବା କାଳରେ, ଗୁରୁ ହୋଇ ନଥିବା ମଣିଷ ଦ୍ୱାରା ଶୁଣାଯାଉଥିବା ବାଣୀ ଗୁରୁହୀନ ବାଣୀ ବୋଲି କହି ପାରିବା । ସେଥିଲାଗି ପୂର୍ବେ ଏହାକୁ ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ବୋଲି ସେମାନେ କହିଥିଲେ । ଏପର୍ଯ୍ୟନ୍ତ

ବିଦ୍ୟାର ଅର୍ଥକୁ ଜାଣିଲେ, ଗୁରୁ ଶବ୍ଦର ନିର୍ବଚନକୁ ଜାଣିଲେ । ଗୁରୁ ନଥିବା କାଳ ଆଉ ଗୁରୁ ନଥିବା କାଳ ବାବଦରେ ମଧ୍ୟ ଜାଣିଲେ । ଏବେ ଅନ୍ଧବିଦ୍ୟା କାହାକୁ କହନ୍ତି ଜାଣିଗଲେ ଗୁରୁହୀନ ବିଦ୍ୟା କିପରି ଅନ୍ଧବିଦ୍ୟା ତାହା ଜାଣିବା ସହଜହେବ ।

ପ୍ରତ୍ୟକ୍ଷଭାବରେ ଗୁରୁ ରହିଥିବା ସମୟରେ କହିଥିବା ବାଣୀକୁ ଆଶ୍ରୟ କରିବା ଦ୍ୱାରା ଗୁରୁ ସେହି ବିଦ୍ୟାମାର୍ଗକୁ ଭଲ ଭାବରେ ଦେଖାଇ ଲକ୍ଷ୍ୟରେ ପହଞ୍ଚାଇ ପାରନ୍ତି । ଜନ୍ମିତ ପ୍ରତ୍ୟେକ ମଣିଷ ମୁକ୍ତି ପାଇବା ତା'ଜୀବନର ଲକ୍ଷ୍ୟ ହେବା ଉଚିତ୍ । ମୁକ୍ତି ଲକ୍ଷ୍ୟ ହୋଇଥିବା ବେଳେ, ଜ୍ଞାନ ବା ବିଦ୍ୟା ମାର୍ଗ ହୋଇଥାଏ ଆଉ ଗୁରୁ ସେହି ମାର୍ଗକୁ ଦେଖାଉଥିବା ଦୀପ ବୋଲି ଭାବିବା ଉଚିତ୍ । ଆମେ ଦୀପ ବା ଆଲୁଅ ବିନା ଯାତ୍ରା କରି ପାରିବା ନାହିଁ । ଦୀପ ନଥିବା ଯାତ୍ରା ଅନ୍ଧାରଯାତ୍ରା, ସେହିଭଳି ଗୁରୁହୀନ ଜ୍ଞାନ ଅନ୍ଧାରଯାତ୍ରା ଭଳି ବୋଲି ଜାଣିବା ଉଚିତ୍ । ଗୁରୁ ଭୂପୃଷ୍ଠକୁ ଆସିବା ବେଳେ ୪୦/୫୦ ବର୍ଷ ହେଉ କି ୪/୫ ବର୍ଷ କହିଥିବା ବାଣୀ ହେଉ ତାହା ଦୃଷ୍ଟିଯୁକ୍ତ ଆଲୋକିତ ବାଣୀ ବୋଲି କହିପାରିବା । ଗୁରୁ ଚାଲିଯିବା ପରେ ସେହି ବାଣୀକୁ ଅନ୍ୟମାନଙ୍କଠାରୁ ଯଥାବତ୍ ଜାଣିପାରିବା ମଧ୍ୟ ଗୁରୁବାଣୀ ବା ଦୃଷ୍ଟିଯୁକ୍ତ ବାଣୀ ହୋଇଥାଏ । ତା'ନହୋଇ ଗୁରୁ ଚାଲିଯିବା ପରେ ତାଙ୍କ ଭାବ ନହୋଇ ଅନ୍ୟ ଭାବ ଦ୍ୱାରା ବୁଝାପଡିଲେ ତାହା ଗୁରୁବାଣୀ ହୋଇନଥାଏ, ତାହାକୁ ଅନ୍ଧବିଦ୍ୟା କହିପାରିବା । ଗୁରୁଜ୍ଞାନର ଭାବ ଭିନ୍ନ ହୋଇ ଅନ୍ଧବିଦ୍ୟା ହୋଇଯାଉଥିବାବେଳେ ଗୁରୁଜ୍ଞାନ ଭିନ୍ନ ଅନ୍ୟ ସମସ୍ତ ଜ୍ଞାନ ଅନ୍ଧଜ୍ଞାନ ବା ଅନ୍ଧବିଦ୍ୟା ହୋଇଥାଏ । ତେଣୁ ଆଜି ଭଗବଦ୍ଗୀତାର ବ୍ୟତିରେକ ଭାବରେ ଥିବା ଶୈବ, ବୈଷ୍ଣବମାନେ ହୁଅନ୍ତୁ, ଶ୍ୱାସ ଉପରେ ଧ୍ୟାନ ହେଉ କି ଅନ୍ୟ କୌଣସି ମାର୍ଗ ହେଉ ତାହାସବୁ ମୋକ୍ଷରେ ପହଞ୍ଚାଇ ପାରୁନଥିବା ଅନ୍ଧବିଦ୍ୟା ହୋଇଥାଏ । ଏବେ ହୁଏତ କେତେକଙ୍କଠାରେ ଆମ ଉପରେ କ୍ରୋଧ ଆସି ଯାଇଥିବ, ସେଥିପାଇଁ ଆମର ଦୁଃଖ

ନାହିଁ, ମୁଁ ଯାହା କହୁଛି ତାହା ସତ୍ୟ କି ନୁହେଁ ଆପଣ ବିଚାର କରନ୍ତୁ । ଆଜି ବୋଧ କରୁଥିବା ଲୋକମାନଙ୍କ ଭିତରେ କେହି ଜଣେ ଗୁରୁ ନଥିବାବେଳେ, ବୋଧ ହୋଇଥିବା ଜ୍ଞାନ ଗୁରୁଜ୍ଞାନ ହୋଇ ନଥିବାବେଳେ, ତାହା ଅନ୍ଧବିଦ୍ୟା ନୁହେଁ ତ ଆଉ କ'ଣ ? ଏହାକୁ ହିଁ ଗୁରୁ ନଥିବା ବିଦ୍ୟା ବା ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ବୋଲି ବଡମାନେ କହିଥିଲେ । ଯଦି ଗୁରୁ ନାଆଁ ନେଇ ଏବେ ବୋଧ କରୁଛୁ ତେବେ ସୂତ୍ର ଅନୁସାରେ ଦେଖ୍ ଯେ, ତୁ ଜଣେ ବୋଧକ କି ଗୁରୁ! ଯଦି ତୁ ନିଜକୁ ଜଣେ ବୋଧକ ପ୍ରମାଣିତ କରୁଛୁ ତେବେ ତୁ ଯାହା ବୋଧ କରୁଛୁ ତାହା ଭଗବଦ୍ଗୀତାରେ ଗୁରୁ କହିଛନ୍ତି କି ନାହିଁ ଦେଖ୍ । ଯଦି ତୁ ବୋଧ (ବାଣୀ) ଶୁଣୁଛୁ ତେବେ ଯାହାଠାରୁ ଶୁଣୁଛୁ ସେ ବୋଧକ ନା ଗୁରୁ ତାହା ସୂତ୍ର ଅନୁସାରେ ଦେଖ୍ । ଯଦି ତୁ ଜଣେ ବୋଧକକୁ ଆଶ୍ରୟ କରିଛୁ ସେ ବୋଧକ ଯାହା ବୋଧ କରୁଛି ତାହା ଗୁରୁଜ୍ଞାନ କି ନୁହେଁ ଦେଖ୍ । ଯଦି ତୁ ଗୁରୁ ବାଣୀକୁ ନଜାଣି କେବଳ ବୋଧକମାନଙ୍କର ବାଣୀ ଜାଣୁଛୁ ତେବେ ତାହା ମଧ୍ୟ ଅନ୍ଧବିଦ୍ୟା ହେବ, ତା'ଦ୍ୱାରା ତୁ ମୋକ୍ଷରେ ପହଞ୍ଚିପାରିବୁ ନାହିଁ ବୋଲି ଜାଣ୍ । ଯଦି ଆଜିଯାଏ ଗୁରୁଙ୍କୁ ଆଶ୍ରୟ ନକରି ବୋଧକକୁ ଆଶ୍ରୟ କରିଛୁ, ଯଦି ସେମାନେ ଗୁରୁଜ୍ଞାନ ବୋଧ ନକରି ମତ ସମ୍ବନ୍ଧୀୟ ଜ୍ଞାନବାଣୀ ବୋଧ କରୁଛନ୍ତି ତେବେ ତାଙ୍କଠାରୁ ତୁ ଜାଣୁଥିବା ବିଦ୍ୟା ମଧ୍ୟ ଅନ୍ଧବିଦ୍ୟା ହେବ, ଗୁରୁହୀନ ବିଦ୍ୟା ଅନ୍ଧବିଦ୍ୟା ସୂତ୍ର ତୋରି ପାଇଁ ଲାଗୁହେବ । ଏବେ ମଧ୍ୟ ସମୟ ଅଛି, ଗୁରୁଙ୍କୁ ବା ଗୁରୁଜ୍ଞାନକୁ ଆଶ୍ରୟ କରି ଆଲୋକମାର୍ଗରେ ଯାତ୍ରାକର୍ । ଏବେ ଗୁରୁ ନଥିଲେ ମଧ୍ୟ ଗୁରୁ କହିଯାଇଥିବା ଜ୍ଞାନ ଶାଶ୍ୱତ ଭାବରେ ଭଗବଦ୍ଗୀତାରେ ରହିଛି । ତେଣୁ ତୁ ଗୀତାର ଆଶ୍ରୟ ନିଏ । ଭଗବଦ୍ଗୀତାଗୁଡିକ ମଧ୍ୟ ଗୁରୁଭାବର ନ ହୋଇ ଆଜି ଭିନ୍ନ ଭିନ୍ନ ଭାବରେ ରହଛି, ସେଭଳି ଗୀତାଗୁଡିଏ ଆମ ଭାରତରେ ତିନିଶହରୁ ଅଧିକ ରହିଛି । ତା'ବୋଲି ଯେ, ଗୁରୁଭାବ ନଥିବା ଭଗବଦ୍ଗୀତା ଭୂପୃଷ୍ଠରେ ନାହିଁ

ଏହା ଭାବ୍ ନାହିଁ । ନିଶ୍ଚୟ ଅଛି । ସେହିଭଳି ଭଗବଦ୍ଗୀତାକୁ ଆଶ୍ରୟ କରି ସେଥିରୁ ପ୍ରକୃତ ଗୁରୁଭାବକୁ ଜାଣି, ତୁ ଶିଖୁଥିବା ବିଦ୍ୟା ଯେ, **ପ୍ରକୃତ ଗୁରୁବିଦ୍ୟା, ଦୃଷ୍ଟିଯୁକ୍ତ ବିଦ୍ୟା** ଏହା ପ୍ରମାଣିତ କର୍ । ଶ୍ରଦ୍ଧାହୀନମାନଙ୍କର ବିଦ୍ୟା ଅନ୍ଧବିଦ୍ୟା ହୋଇଥିବା ବେଳେ, ଅଧିକ ଶ୍ରଦ୍ଧାଥିବା କେତେକଙ୍କୁ ଆମେ ଗୁରୁଥିବା ବିଦ୍ୟା ବା ଦୃଷ୍ଟିଯୁକ୍ତ ବିଦ୍ୟା ବୋଲି ପ୍ରମାଣିତ କରି, ସେମାନେ ନିଜେ ତାହା ଜାଣିପାରିବା ଭଳି କରିଥାଉ ।

*****

# ମୋର ଶେଷକଥା

(ସୂଚନା –"ସତ୍ୟାନ୍ୱେଷୀ କଥା" ନାମକ ଗ୍ରନ୍ଥରେ ଏକ ସୁଦୀର୍ଘ କାହାଣୀ ରହିଛି, ସେହି କାହାଣୀର ଅନ୍ତରାଳରେ ବାସ୍ତବ ଦୈବଜ୍ଞାନ ରହିଛି । "ଗୁରୁ" ନାମକ ଏହି ଗ୍ରନ୍ଥରେ ଥିବା ଜ୍ଞାନକୁ ଦୃଷ୍ଟି ଦେଇ ସତ୍ୟାନ୍ୱେଷୀ କଥା ନାମକ ଗ୍ରନ୍ଥରେ ରହିଯାଇଥିବା ସନ୍ଦେହ ସମ୍ବନ୍ଧୀୟ ଜ୍ଞାନ ଏହି ଗ୍ରନ୍ଥରେ ଲେଖାଯାଇଛି । ତାହା ତଳେ ଦେଖନ୍ତୁ । – ଅନୁବାଦକ)

ଶେଷରେ ଏହି କାହାଣୀଟି ଅନେକ ମୋଡରେ ଗତିକରିଛି । ଏଥିରେ ମୁଖ୍ୟତଃ ରାଜଯୋଗାନନ୍ଦ ସ୍ୱାମୀ ଆଉ ଭୂଗର୍ଭରେ ରହୁଥିବା ମହର୍ଷି ଉଭୟ ଜଣେ ଜଣେ ମହାନ ବ୍ୟକ୍ତିଭାବରେ ଚିତ୍ରିତ ହୋଇଛନ୍ତି । ହେଲେ ଏଥିରୁ ମୁଖ୍ୟତଃ ଅନୁଧ୍ୟାନ କରିବା ବିଷୟ ହେଉଛି ! ରାଜଯୋଗନନ୍ଦ ସ୍ୱାମୀଙ୍କ ଅପେକ୍ଷା ଭୂଗର୍ଭରେ ରହୁଥିବା ମହର୍ଷି ମହାନ ଜଣାପଡୁଛନ୍ତି । ଆଉ କେତେକ ସନ୍ଦର୍ଭରେ ମହର୍ଷିଙ୍କ ଅପେକ୍ଷା ରାଜଯୋଗାନନ୍ଦ ସ୍ୱାମୀ ମହାନ ଜଣାପଡୁଛନ୍ତି । କେତେକ ସନ୍ଦର୍ଭରେ ଉଭୟ ସମାନ ଜଣାପଡୁଛନ୍ତି । କେତେକ ଘଟିଥିବା ସଂଘଟନା ଅନୁସାରେ ସେମାନଙ୍କ ଭିତରୁ କିଏ ମହାନ ? ବୋଲି ପ୍ରଶ୍ନ ମଧ୍ୟ ଆସୁଛି, ହେଲେ ଉଭୟଙ୍କ ଭିତରୁ କିଏ ମହାନ

କାହାଣୀର ଶେଷ ପର୍ଯ୍ୟନ୍ତ ପ୍ରମାଣିତ ହୋଇ ନାହିଁ । ଏଭଳି କାହିଁକି ହୋଇ ନାହିଁ ? କହିଲେ, ସେହି ଗ୍ରନ୍ଥରେ ଅନେକ ବିଷୟର ପ୍ରସ୍ତାବିତ ହୋଇଥିଲେହେଁ, ସବୁଠାରୁ ବଡକଥା ହେଉଛି ଦୈବଜ୍ଞାନକୁ ଦୃଷ୍ଟିରଖି, ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଆମକୁ ଲେଖିବାକୁ ପଡିଛି । ସେଥିଲାଗି ସେମାନଙ୍କ ଭିତରୁ କିଏ ବଡ ତାହା ପ୍ରମାଣିତ ହୋଇପାରି ନାହିଁ । ଏଭଳି ନହେବାର କାରଣ ମଧ୍ୟ ରହିଛି । ତାହା ହେଲା ! ମହର୍ଷିଙ୍କୁ ବଡ କହିଲେ ରାଜଯୋଗନନ୍ଦ ସ୍ୱାମୀ ଛୋଟ ହେଉଛନ୍ତି । ସେତେବେଳେ ରାଜଯୋଗାନନ୍ଦ ସ୍ୱାମୀଙ୍କୁ ଶିଷ୍ୟ ଭାବରେ ମହର୍ଷିଙ୍କୁ ଗୁରୁଭାବରେ କହିବାକୁ ପଡିବ, କିନ୍ତୁ ଦୈବଜ୍ଞାନ ଅନୁସାରେ ଅମୁକ ବ୍ୟକ୍ତିକୁ ଗୁରୁ କିମ୍ବା ଅମୁକ ବ୍ୟକ୍ତିକୁ ଶିଷ୍ୟ ଭାବରେ କହି ପାରିବା ନାହିଁ । ଯଦି କାହାକୁ ଗୁରୁ କିମ୍ବା କାହାକୁ ଶିଷ୍ୟ କହିବା ତେବେ ଦୈବଜ୍ଞାନ ପ୍ରଶ୍ନାର୍ଥକ ହୋଇଯିବ ।

ଦୈବଜ୍ଞାନ ସର୍ବଦା ବ୍ରହ୍ମବିଦ୍ୟା ଶାସ୍ତ୍ର ଅନୁସାରେ ରହିଥାଏ । ବ୍ରହ୍ମବିଦ୍ୟାକୁ ଅନୁସରଣ କରି ଅତୀତରେ ଆମେ ଗୁରୁ ନାମକ ସେହି(ଏହି) ଗ୍ରନ୍ଥ ଲେଖିଥିଲୁ, ସେଥିରେ ଗୁରୁ ଚିହ୍ନା ପଡନ୍ତି ନାହିଁ ବୋଲି ଲେଖିଥିଲୁ । ତା'ଛଡା ଗୁରୁଙ୍କର ଶିଷ୍ୟମାନେ ଥାଆନ୍ତି ? ବୋଲି ମଧ୍ୟ ପ୍ରଶ୍ନ କରିଥିଲୁ, ସେହି ଗ୍ରନ୍ଥରେ ଲେଖାଯାଇଥିବା ବିଷୟ ଶାସ୍ତ୍ରବଦ୍ଧ ବିଷୟ । ସେହି ନିୟମ ଅନୁସାରେ "ସତ୍ୟାନ୍ୱେଷୀ କଥା" ନାମକ ଏହି ଗ୍ରନ୍ଥରେ ଅମୁକ ବ୍ୟକ୍ତି ଗୁରୁ କିମ୍ବା ଅମୁକ ବ୍ୟକ୍ତି ଶିଷ୍ୟ ବୋଲି ଲେଖି ନଥିଲୁ । ଜଣକୁ ଶିଷ୍ୟ କହିଲେ ଆଉ ଜଣକୁ ଗୁରୁ କହିବାକୁ ପଡିବ । ସେତେବେଳେ ଗୁରୁ ଚିହ୍ନା ପଡିଯିବା ଭଳି ହେବ, ଗୁରୁ ଚିହ୍ନପଡିବା ଶାସ୍ତ୍ର ବିରୁଦ୍ଧ ହୋଇଥାଏ । ବ୍ରହ୍ମବିଦ୍ୟା ଅନୁସାରେ ଗୁରୁଙ୍କୁ ଚିହ୍ନାଇବା ଅସମ୍ଭବ । ତେଣୁ ଏହି ଗ୍ରନ୍ଥରେ କିଏ ଗୁରୁ ତାହା ବୁଝି ହେବାଭଳି ଲେଖାଯାଇ ନାହିଁ ।

ଭୂପୃଷ୍ଠରେ ସବୁବେଳେ ସବୁଠି ଗୁରୁ, ଶିଷ୍ୟ ନାକମ ଶବ୍ଦ ଦୁଇଟି ଶୁଣାଯାଏ । ପିଲାଦିନେ ଚଟଶାଳୀକୁ ଯିବାବେଳେ ସେଠାରେ ଅକ୍ଷର

କରାଉଥିବା ବ୍ୟକ୍ତିକୁ ଗୁରୁ କହିଥା'ନ୍ତି । କୌଣସି ବିଦ୍ୟା ହେଉ ଗୁରୁଙ୍କ ଦ୍ୱାରା ଆସିଥାଏ, ଗୁରୁ ନଥିଲେ ବିଦ୍ୟା ଶିଖିବା ଅସମ୍ଭବ କହନ୍ତି, ତେଣୁ ଗୋଟିଏ ଭାଷାର ଅକ୍ଷର ଶିଖାଉଥିବା ଟିଚରକୁ (ବୋଧକକୁ) ବଡମାନେ ଗୁରୁ କହିବା ସ୍ଥଳେ, ଚଟଶାଳୀର ଟିଚରକୁ ଆମେ ପ୍ରଥମେ ଗୁରୁ ଭାବିଥିଲୁ । ପିଲାବେଳେ ସ୍କୁଲ୍‌ର ଟିଚରଙ୍କୁ ଗୁରୁ ଭାବି ନମସ୍କାର କରୁଥିଲୁ । ବର୍ଷକୁ ଥରେ ଆସୁଥିବା ଗୁରୁଦିବସରେ ଅତି ପବିତ୍ରତାର ସହିତ ଗୁରୁପୂଜା କରୁଥିଲୁ । ଆମେ ପାଠ ପଢୁଥିବା ସମୟରେ ଅର୍ଥାତ୍ ଷାଠିଏ ବର୍ଷ ତଳେ ଏଭଳି ହେଉଥିଲା । ବୋଧହୁଏ ଏବେ ସବୁଠାରେ ସେଭଳି ହେଉନାହିଁ; ତଥାପି ବିଦ୍ୟା ଶିଖାଉଥିବା ବ୍ୟକ୍ତିକୁ ଆଜି ମଧ୍ୟ ଗୁରୁ କୁହାଯାଉଛି । ମୋ' ପିଲାଦିନର କଥାକୁ ବାଦ୍ ଦେଲେ ମୋର ବୟସ ବଢିବା କ୍ରମରେ ଛୋଟବେଳୁ ଶୁଣୁଥିବା ଗୁରୁ ଶବ୍ଦ ମୋ' ଭିତରେ ଦିନେ ପ୍ରଶ୍ନାଳୟ ହୋଇଯାଇଥିଲା ।

ପିଲାଦିନୁ ସବୁ କଥାକୁ ପଚାରି ବୁଝିବା ଅଭ୍ୟାସ ମୋର ଅଧିକ ଥିଲା । ଗୋଟିଏ ଜିନିଷ ଏଭଳି କହିଲେ, ତାହା କାହିଁକି ଏଭଳି ଅଛି ? ବୋଲି ପଚାରି ତା'ର ବିବରଣ ଜାଣିବା ଅଭିଳାଷା ମୋର ଅଧିକ ଥିଲା । ଏହାକୁ ହେତୁବାଦ କହନ୍ତି ବୋଲି ମୁଁ ବଡହେବା ପରେ ଜାଣିଲି । ଏହାକୁ କେଉଁବାଦ ନାଆଁ ଦେଲେ ମଧ୍ୟ ମୋ'ଠାରେ ସେହି ଭାବ ରହିଥିଲା । ସେଦିନ ଗୁରୁଙ୍କୁ ପୂଜ୍ୟ ଭାବୁଥିବା ମୋ'ଠାରେ ବୟସକ୍ରମେ ଗୁରୁ ଶବ୍ଦ ବାବଦରେ ପ୍ରଶ୍ନ ଆସିବା ଆରମ୍ଭ ହୋଇଗଲା, ସେଗୁଡିକ ଭିତରୁ ମୋ'ଠାରେ ପ୍ରଥମେ ଆସିଥିବା ପ୍ରଶ୍ନ ହେଉଛି, ଚଟଶାଳୀ ବା ପ୍ରାଥମିକ ପାଠଶାଳାରେ କିମ୍ବା ଉନ୍ନତ ପାଠଶାଳାରେ ବୋଧ କରାଉଥିବା ଟିଚରମାନଙ୍କୁ ଉପାଧ୍ୟାୟ କୁହାଯାଏ । ଉପାଧ୍ୟାୟ ଶବ୍ଦକୁ ବିଭାଜନ କରି ଦେଖିଲେ ଉପ+ଅଧ୍ୟାୟ=ଉପାଧ୍ୟାୟ ହୋଇଥାଏ । ଯେହେତୁ ଉପ ଶବ୍ଦକୁ ଆରମ୍ଭରୁ ଯୋଗ କରାଯାଇଛି ତେଣୁ ତାହା ଏକ ସ୍ତରର ନିମ୍ନସ୍ତର ବୋଲି,

ବା ପଦବୀର ନିମ୍ନ ପଦବୀ ବୋଲି ବୁଝା ପଡିଥାଏ । ନଦୀଟିଏ ବଡ । ହେଲେ ସେହି ନଦୀରେ ଆସି ମିଶିଥିବା ନଦୀକୁ ଉପନଦୀ କୁହାଯାଏ । ଉପନଦୀଟି ଛୋଟନଦୀ ହୋଇଥାଏ ବୋଲି ସମସ୍ତେ ଜାଣନ୍ତି । ତେଣୁ ଉପାଧ୍ୟାୟଙ୍କୁ ଗୁରୁ କୁହାଯାଇ ପାରିବ ନାହିଁ । କାରଣ ଗୁରୁ କହିଲେ ସବୁଠାରୁ, ସମସ୍ତଙ୍କଠାରୁ ବଡ ଆଉ ସବୁ ଜାଣିଥିବା ବ୍ୟକ୍ତି । ଯଦି ତାଙ୍କୁ ଗୁରୁ କହିବା ତେବେ ଏଇ "ଉପ" ଶବ୍ଦଟି ଆଗରୁ କାହିଁକି ମିଶାଇ ଲେଖାଯାଇଛି ? ଏହା ଗୁରୁ ବାବଦରେ ମୋର ପ୍ରଥମ ପ୍ରଶ୍ନ ହୋଇଗଲା । ମୁଖ୍ୟମନ୍ତ୍ରୀଙ୍କ ପଦବୀ ଅପେକ୍ଷା ଉପମୁଖ୍ୟମନ୍ତ୍ରୀ ପଦବୀ ଛୋଟ, ରାଷ୍ଟ୍ରପତି ପଦବୀ ଅପେକ୍ଷା ଉପରାଷ୍ଟ୍ରପତି ପଦବୀ ଛୋଟ ହୋଇଥିବା ବେଳେ, ଗୁରୁ (ଅଧ୍ୟାୟ ବା ଅଧ୍ୟାପକ)ଙ୍କ ଠାରୁ ଉପାଧ୍ୟାୟ ଛୋଟ ବୋଲି ସମସ୍ତଙ୍କୁ ବୁଝା ପଡୁଥିବା ବେଳେ ଉପାଧ୍ୟାୟ ଗୁରୁ ନୁହନ୍ତି ବୋଲି ଜଣାପଡୁଛି ।

ପୁଣି ଏଇଠାରେ ଏକ ପ୍ରଶ୍ନ ଆସିପାରେ । ତାହା ହେଲା ! "ଯିଏ ବିଦ୍ୟା ଶିକ୍ଷା ଦିଅନ୍ତି ସେ ଗୁରୁ" ନାମକ ସେଦିନର ବାକ୍ୟ ଅନୁସାରେ ଆମକୁ ଜଣା ନଥିବା ପାଠ ଶିଖାଇ ଦେଉଥିବା, ଜଣା ନଥିବା ବିଷୟକୁ ଜଣାଇ ଦେଉଥିବା ଟିଚରମାନଙ୍କଠାରୁ ଆରମ୍ଭକରି ବଡ ବଡ ପ୍ରଫେସରମାନଙ୍କ ପର୍ଯ୍ୟନ୍ତ, କ'ଣ କେହି ଗୁରୁ ନୁହନ୍ତି ? ଏହି ପ୍ରଶ୍ନର ସମାଧାନରେ ଆମେ କହିବୁ ଯେ, ଥରେ କୁହାଯାଇଥିବା ବିଦ୍ୟାକୁ ତା'ପରେ କେତେ ଥର ଶିଖାଇଲେ ମଧ୍ୟ ଶିଖାଇଥିବା ବ୍ୟକ୍ତି ଗୁରୁ ନୁହେଁ । ଶିଖୁଥିବା ବ୍ୟକ୍ତି ଶିଷ୍ୟ ମଧ୍ୟ ନୁହେଁ । ଏହା ଏକ ସୂତ୍ର ଭଳି । ଏହି ଅନୁସାରେ କେହି ଗୁରୁ ନୁହନ୍ତି, କେହି ଶିଷ୍ୟ ମଧ୍ୟ ନୁହନ୍ତି । ଏଠାରେ ଆଉ ଗୋଟିଏ ପ୍ରଶ୍ନ ଆସିପାରେ । ପିଲାଦିନେ ଆମକୁ କୌଣସି ବିଦ୍ୟା ଆସିନଥିବା ବେଳେ କ୍ରମେ କ୍ରମେ ଯାହାସବୁ ନୂଆ ନୂଆ ଶିଖୁଛେ ତାହା ତ ସବୁ ନୂଆବିଦ୍ୟା ହେବ ! ସେ ପର୍ଯ୍ୟନ୍ତ ତାହା ତ ଆମକୁ ଆଗରୁ ଜଣା ନଥିବା ବିଦ୍ୟା ହେବ ! ! ତା'ହେଲେ ଯିଏ ନୂଆ ଶିଖୁଛି ସେ ଶିଷ୍ୟ ଆଉ ଯିଏ ନୂଆ ଶିଖାଉଛି ସେ ତ ଗୁରୁ ହେବା

ଉଚିତ୍ ବୋଲି ପ୍ରଶ୍ନ କରିପାରନ୍ତି । ଏହାର ସମାଧାନ କହିବାକୁ ଗଲେ, ଯିଏ ନୂଆ ଶିଖୁଛି ସେ ଶିଷ୍ୟ, ଯିଏ ନୂଆ ଶିଖାଉଛି ସେ ଗୁରୁ ବୋଲି କହିବା ବାସ୍ତବ କଥା ହେବ,କିନ୍ତୁ କୌଣସି ବ୍ୟକ୍ତି କୌଣସି ବିଦ୍ୟାକୁ ନୂଆକରି ଶିଖୁ ନାହିଁ । ସେହିଭଳି କୌଣସି ବ୍ୟକ୍ତି କାହାକୁ ନୂଆକରି କିଛି ଶିଖାଇ ପାରେ ନାହିଁ । ଆମର ଏହି କଥାକୁ କେତେକ ନୂଆ, ଆଉ କେତେକ ଅଡୁଆ କହିଲେ ମଧ୍ୟ, କାହାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ନିରାଟ ସତ୍ୟ । ଏକଥା ଆପଣମାନେ ବୁଝି ପାରିବା ଭଳି ଗୋଟିଏ ଉଦାହରଣରୁ ସତ୍ୟାସତ୍ୟ ଜାଣନ୍ତୁ ।

ସର୍ବ ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀଣି "କଳ୍ପନା ଚାୱଲା"ଙ୍କ ବାବଦରେ ପ୍ରାୟ ସମସ୍ତେ ଜାଣନ୍ତି । ଭାରତୀୟ ମହିଳାର ସାହାସ, ମେଧାଶକ୍ତିର ଚିହ୍ନଭାବରେ ସବୁଦିନ ପାଇଁ ରହିଯାଇଥିବା ପଞ୍ଜାବର କଳ୍ପନା ଚାୱଲା, ଆମେରିକାର ଅନ୍ତରୀକ୍ଷ ପରିଶୀଳନ ସଂସ୍ଥା ନାସା(NASA)ରେ କାର୍ଯ୍ୟ କରୁଥିଲେ । ଅନ୍ତରୀକ୍ଷ ଭିତରକୁ ପ୍ରୟୋଗ କରିଥିବା କଲମ୍ବିୟା ସ୍ପେସ୍‌ସିପ୍ ଇତର ପାଶ୍ଚାତ୍ୟ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ସହିତ ଗବେଷିକା କଳ୍ପନା ଚାୱଲା ମଧ୍ୟ ଯାତ୍ରା କରିଥିଲେ । କିଛିଦିନ ଆକାଶରେ ବିତାଇ ଗବେଷଣା ସଂପୂର୍ଣ୍ଣ ହେବାପରେ କଲମ୍ବିୟାସ୍ପେସ୍‌ସିପ୍ ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରୁଥିଲା । ୨୦୦୩ ଫେବୃୟାରୀ ୧ ତାରିଖ ଦିନ ଆଉମାତ୍ର ୧୬ ମିନିଟ୍‌ରେ ଭୂପୃଷ୍ଠରେ ପହଞ୍ଚିଥା'ନ୍ତା, କିନ୍ତୁ ଦୁର୍ଭାଗ୍ୟ ବସତଃ ଅଭାବନୀୟ ପରିଣାମ ଦ୍ୱାରା ଆକାଶରେ ଅର୍ଥାତ୍ ଭୂପୃଷ୍ଠର ବାତାବରଣ ଭିତରକୁ ପ୍ରବେଶ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେହି ଦୁର୍ଘଟଣାରେ ସେଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀମାନେ ଛୋଟଛୋଟ ଖଣ୍ଡ ହୋଇ ମୃତ୍ୟୁବରଣ କଲେ । ଭାରତୀୟ ବ୍ୟୋମଗାମିନୀ କଳ୍ପନା ଚାୱଲା ମଧ୍ୟ ସେହି ଘୋର ପ୍ରମାଦରେ ପ୍ରାଣ ହରାଇଥିଲେ । ହେଲେ ସେ ପୁନର୍ବାର କିଛିଦିନ ଅନ୍ତରରେ ଭୂପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ ।

କଳ୍ପନାଚାଓଲା ପୁଣି ଜନ୍ମହେବା ସମାଚାର (ଏସ୍.ବି.ଏନ୍ 7) ଚାନେଲ୍ ଓ ଇଣ୍ଡିଆଟୁଡେ ପତ୍ରିକା ପ୍ରଚାରକରି ସାରା ଦୁନିଆକୁ ଜଣାଇଥିଲେ, ସେହି ବିବରଣକୁ ଦେଖିଲେ, ଉତ୍ତରପ୍ରଦେଶର 'ବୁଲନ୍ଦ ସହର' ନାମକ ଗ୍ରାମରେ 'ରାଜକୁମାର' ନାମକ ଜଣେ ସାଧାରଣ ଚାଷ-ମଜୁରିଆ ଭାବରେ କାର୍ଯ୍ୟ କରୁଥିବା ପରିବାରରେ କଳ୍ପନା ଚାଓଲା ଝିଅଟିଏ ହୋଇ ଜନ୍ମ ନେଇଥିଲେ । ୨୦୦୩ ମାର୍ଚ୍ଚ ୨୩ ତାରିଖରେ 'ଉପାସନା' ନାମରେ କଳ୍ପନାଚାଓଲା ଜନ୍ମ ହୋଇଥିଲେ । ଉପାସନା (କଳ୍ପନା ଚାଓଲା)କୁ ଯେତେବେଳେ ଚାରିବର୍ଷ ବୟସ ହେଲା ସେତବେଳକୁ ସେ କଥା କହିବା ଶିଖିଯାଇଥିଲା । କଥା କହିବା ଆରମ୍ଭ କରିଥିବା ଉପାସନା, ସେ ଗତଜନ୍ମରେ କଳ୍ପନା ଚାଓଲା ନାମକ ଅନ୍ତରୀକ୍ଷ ଗବେଷୀକା ଥିଲା, ତାଙ୍କ ବାପାଙ୍କ ନାଆଁ 'ବନାର୍ସି ଦାସ' ଥିଲା, ଚାରିବର୍ଷ ତଳେ ଅନ୍ୟ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ସହ ମିଶି ଏକ ବିମାନରେ ଆକାଶରୁ ଓହ୍ଲାଇ ଆସୁଥିବା ବେଳେ, ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଯିବା କାରଣରୁ ସେ ସେଥିରେ ମୃତ୍ୟୁବରଣ କରିଥିଲା ବୋଲି କହିଥିଲା ।

ଗତଜନ୍ମର ବିବରଣକୁ ଠିକ୍ ଠିକ୍ କହୁଥିବା ଉପାସନା (କଳ୍ପନା ଚାଓଲା)ର ନାଆଁ କ୍ରମେ ସାରା ଉତ୍ତରପ୍ରଦେଶରେ ବ୍ୟାପିଗଲା । ଆଜିର ଉତ୍ତରପ୍ରଦେଶର 'ଏତ୍ୱା' ଜିଲ୍ଲାର 'ପଠା' ନାମକ ଗ୍ରାମରେ ମଜୁରିଆ କାର୍ଯ୍ୟ କରୁଥିବା ପିତା ରାଜକୁମାର ସହିତ ବଞ୍ଚୁଥିବା ଉପାସନାର ଇଣ୍ଟରଭ୍ୟୁ ନେବାପାଇଁ ଇଣ୍ଟରନ୍ୟାସନାଲ୍ ମିଡିଆ ପ୍ରତିନିଧିମାନେ ଆସିଥିଲେ । ସେମାନଙ୍କୁ ସେ କହିଥିଲା ଯେ, ଆମେ ଭୂପୃଷ୍ଠକୁ ଫେରି ଆସୁଥିବା ସମୟରେ ଆମ ଅନ୍ତରୀକ୍ଷ ଯାନଟି ଆକାଶରେ ଥିବା ବେଳେ, ଆକାଶରେ ସଞ୍ଚରଣ କରୁଥିବା ଏକ ବଡ ଗୋଲାକାର ବରଫଖଣ୍ଡ ଆସି ଆମ ଯାନରେ ଧକ୍କା ହୋଇଥିଲା, ସେଥିଲାଗି ଆମ

ଅନ୍ତରୀକ୍ଷ ଯାନଟି ବ୍ଲାଷ୍ଟ୍ ହୋଇଗଲା ଏବଂ ସେଥିରେ ଥିବା ଆମେ ସମସ୍ତେ ମୃତ୍ୟୁବରଣ କରିଥିଲୁ । ୨୦୦୩ ଫେବୃୟାରୀ ୧ ତାରିଖ ଦିନ ନାସା କେନ୍ଦ୍ରର ପ୍ରତିନିଧିମାନେ ଅନ୍ତରୀକ୍ଷ ଯାନର ବାହାରପାଖରେ ଖଞ୍ଜା ଯାଇଥିବା ପ୍ଲେଟ୍ ଖସିଯାଇଥିବାରୁ ତାହା ଭୂ ବାତ୍ତାବରଣରେ ପହଞ୍ଚିବା ସହିତ ଭୂ ବାତ୍ତାବରଣର ଘର୍ଷଣ କାରଣରୁ ନିଆଁ ଲାଗି ବ୍ଲାଷ୍ଟ୍ ହୋଇଯାଇଥିଲା ବୋଲି କହିଥିଲେ, କିନ୍ତୁ ନାସା ପ୍ରତିନିଧିମାନେ କହୁଥିବା ଅନୁସାରେ ସେଠାରେ ତାହା ଘଟିନଥିଲା, ଆକାଶରେ ଭୂପୃଷ୍ଠରୁ ୭୦ କିଲୋମିଟର ଦୂରରେ ବୁଲୁଥିବା ଏକ ବରଫ ଗୋଳ ଆସି ଅନ୍ତରୀକ୍ଷ ଯାନ (ବିମାନ)ରେ ଧକ୍କା ହୋଇଥିବାରୁ ସେହି ଦୁର୍ଘଟଣାଟି ଘଟିଥିଲା । ଏହିଭଳି ଘଟିଥିବା ଘଟଣାର ପ୍ରତ୍ୟକ୍ଷସାକ୍ଷୀ କଳ୍ପନାଚାୱଲା (ଉପାସନା) ଏକଥା କହିଥିଲା ।

ଏଠାରେ ପୁନର୍ଜନ୍ମ ବିଷୟରେ ଅନ୍ତରୀକ୍ଷ ଗବେଷିକା କଳ୍ପନା ଚାୱଲା ମୃତ୍ୟୁବରଣ କରି ପୁଣି ଜନ୍ମ ହୋଇଥିବା ବିଷୟ ଜଣାପଡିଗଲା । ଜଣାପଡିଥିବା ଏହି ଖବର ଅନୁସାରେ ସେ ମୃତ୍ୟୁବରଣ କରିଥିବା ସମୟ ଫେବୃୟାରି ମାସ ୧ ତାରିଖ ୨୦୦୩ ମସିହା । କଳ୍ପନା ପୁଣି ୨୦୦୩ ମସିହା ମାର୍ଚ୍ଚ ୨୩ ରେ ଜନ୍ମହେଲେ, ଅର୍ଥାତ୍ ସେ ମାତ୍ର ୫୨ ଦିନରେ ପୁଣି ଜନ୍ମ ହେଲେ, ଜନ୍ମ ହେବା ପରେ ଉପାସନା ନାମରେ ନାମିତ ହେଲେ । ଉପାସନା (କଳ୍ପନା ଚାୱଲା) ଛୋଟବେଳୁ ପୁଣି ପଢିଥିବା ପାଠକୁ ଶିଖିବାକୁ ଲାଗିଲା । ଏବେ ଅସଲ ବିଷୟକୁ ଫେରି ଦେଖିଲେ, କଳ୍ପନା ଚାୱଲା ଏ ଜନ୍ମରେ ଯାହା ଶିଖୁଛନ୍ତି ସେ ତାହା ଗତ ଜନ୍ମରେ ଶିଖିଥିଲେ । ଅର୍ଥାତ୍ କଳ୍ପନା ଚାୱଲା ନାମକ ଜୀବକୁ ଗତ ଜନ୍ମରେ ସବୁ ବିଦ୍ୟା ଜଣାଥିଲେ ମଧ୍ୟ ଏ ଜନ୍ମରେ ସେହି ବିଦ୍ୟାକୁ ମନେ ପକାଇବା ମନ ନଥିବାରୁ ମୁଁ ଏ ଜନ୍ମରେ ନୂଆବିଦ୍ୟା ଶିଖୁଛି ବୋଲି ଭାବନା ଆସିବ ବୋଲି କହିପାରିବା । ବାସ୍ତବରେ ଏବେ ଶିଖୁଥିବା ବିଦ୍ୟାକୁ ସମସ୍ତେ ଆଗରୁ ଶିଖିଛନ୍ତି । ତେଣୁ

ଶିଖିଥିବା ବିଦ୍ୟାକୁ ଯିଏ ଶିଖିଥାଏ ସେ ଶିଷ୍ୟ ନୁହେଁ, ଶିଖାଉଥିବା ଗୁରୁ ଗୁରୁ ନୁହେଁ ବୋଲି କହିଛୁ । ପ୍ରତ୍ୟେକ ଜୀବକୁ ସବୁବିଦ୍ୟା ଜଣାଥିଲେ ମଧ୍ୟ ମୋତେ ଜଣା ନାହିଁ ବୋଲି ଭ୍ରମିତ ହୋଇଥାଏ । ସେ ଗତଜନ୍ମରେ ଅମୁକ ନାମରେ ଥିଲା, ଅମୁକ ଗାଆଁରେ ରହୁଥିଲା ବୋଲି ତା'ର ମନେ ନଥିବାରୁ ମୁଁ ଏବେ ଜନ୍ମ ହେଲି, ମୋ' ନାଆଁ ଅମୁକ ବୋଲି ଭାବିଥାଏ, ସେ ଗତଜନ୍ମରେ ଥିବା ଗାଆଁରେ ଏବେ ଜନ୍ମ ହୋଇଥିଲେ ମଧ୍ୟ, ସେ ଏଠାରେ ନଥିଲା ବୋଲି ଭ୍ରମିତ ହୋଇଥାଏ । ଗତ କାଳରେ ୧୦୦ ବର୍ଷ ଏଇ ମାଟିରେ ବସବାସ କରିଥିଲେ ମଧ୍ୟ, ମୁଁ ସେତେବେଳେ ଥିଲି ବୋଲି କାହାର ମନେ ନଥାଏ । ପ୍ରତି ମଣିଷ ଅତୀତର ଦ୍ୱାପର ଯୁଗରେ ଥିଲା ବୋଲି ଯେପରି ବିଶ୍ୱାସ କରେ ନାହିଁ, ସେହିଭଳି ସେ ସବୁବିଦ୍ୟା ଶିଖିଥିଲେ ମଧ୍ୟ ମୁଁ ଏବେ ଯାହା ଶିଖୁଛି ନୂଆ ଶିଖୁଛି ବୋଲି ଭ୍ରମିତ ହୋଇଥାଏ । ଅତୀତରେ ଥରେ ଶିଖିଥିବା ବିଦ୍ୟା ଏବେ ଯିଏ ଆଉଥରେ ଶିଖୁଛି ସେ ଶିଶ୍ୟ ନୁହେଁ, ଶିଖାଉଥିବା ବ୍ୟକ୍ତି ଗୁରୁ ନୁହେଁ ନାମକ ବାକ୍ୟ ଅନୁସାରେ ଏବେ ଯେଉଁମାନେ ବିଦ୍ୟାଶିକ୍ଷା କରୁଛନ୍ତି ସେମାନେ ଶିଷ୍ୟ ନୁହନ୍ତି, ଯେଉଁମାନେ ଶିଖାଉଛନ୍ତି ସେମାନେ ମଧ୍ୟ ଗୁରୁ ନୁହନ୍ତି ।

ହେଲେ ଏଠାରେ ଆଉଏକ ପ୍ରଶ୍ନ ଆସିପାରେ । ତାହା ହେଲା ! ଏ ଜନ୍ମରେ ଶିଖାଯାଉଥିବା ବିଦ୍ୟା ଯଦି ଗତଜନ୍ମରେ ଶିଖିଥିଲେ, ତାହା ସେତେବେଳେ ମଧ୍ୟ ନୂଆବିଦ୍ୟା ହେବ ନାହିଁ । କାହିଁକିନା ! ଗତ ଜନ୍ମର ପୂର୍ବରୁ ମଧ୍ୟ ଆହୁରି ଗତଜନ୍ମ ଅଛି ! ସେ ସେ ଜନ୍ମରେ ଶିଖିଥାଇ ପାରେ କିମ୍ବା ସେ ତା'ର କୌଣସି ଏକ ଗତଜନ୍ମରେ ଶିଖିଥାଇ ପାରେ ! ତା'ଛଡା ଯେତେବେଳେ ହେଉ ପଛେ କେହି ଜଣେ ତା'କୁ ନିଶ୍ଚୟ ଶିଖାଇଥିବେ ! ସେତେବେଳେ ଶିଖିଥିବା ବ୍ୟକ୍ତିକୁ ଶିଷ୍ୟ ଆଉ ଶିଖାଇଥିବା ବ୍ୟକ୍ତିକୁ କାହିଁକି ଗୁରୁ କହି ନ ପାରିବା ? ବୋଲି ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ଏଠାରେ ଟିକିଏ ଆଲୋଚନା କରି ଦେଖିଲେ ମଣିଷ ବା ଜୀବ ଜାଣୁଥିବା

ଜ୍ଞାନ ଦୁଇ ପ୍ରକାରର ଥାଏ । ଗୋଟିଏ  ପ୍ରାପଞ୍ଚିକ ଜ୍ଞାନ ବା ଭୌତିକଜ୍ଞାନ ଆଉ ଗୋଟିଏ ହେଲା ଦୈବଜ୍ଞାନ ବା ପରମାତ୍ମା ସଂମ୍ବନ୍ଧୀୟ ଜ୍ଞାନ । ମଣିଷ ଜାଣୁଥିବା ଦ୍ୱିବିଧ ଜ୍ଞାନକୁ ଦ୍ୱିବିଧବିଦ୍ୟା ବୋଲି କହି ପାରିବା । କୌଣସି ଜ୍ଞାନକୁ ଶିଖିବା ବେଳେ ତାହାକୁ ବିଦ୍ୟା କୁହାଯାଇଥାଏ । ବିଦ୍ୟା କହିଲେ ଯାହା ଜଣାଯାଇଥାଏ, ଜ୍ଞାନ କହିଲେ ଯାହା ଜାଣିବାକୁ ହୋଇଥାଏ ବୋଲି କହି ପାରିବା । ଯେମିତି ଦେଖିଲେ ମଧ୍ୟ ବିଦ୍ୟା ଆଉ ଜ୍ଞାନ ଗୋଟିଏ ଅର୍ଥ ଦେଇଥାଏ । ପ୍ରପଞ୍ଚବିଦ୍ୟା ବା ପ୍ରପଞ୍ଚ ଜ୍ଞାନ, ସେହିଭଳି ପରମାତ୍ମା ବିଦ୍ୟା ବା ପରମାତ୍ମା ଜ୍ଞାନକୁ ମଣିଷ ଅନ୍ୟମାନଙ୍କ ଦ୍ୱାରା ଗ୍ରହଣ କରିଥାଏ । ଏଠାରେ ଜ୍ଞାନଗ୍ରହଣ କରୁଥିବା ବ୍ୟକ୍ତିକୁ ଶିଷ୍ୟ ଆଉ ଜ୍ଞାନ ଯୋଗାଇ ଦେଉଥିବା ବ୍ୟକ୍ତିକୁ ଗୁରୁ କହିଲେ ମଧ୍ୟ, ଏହି ଗୁରୁ ଶିଷ୍ୟ ଭିତରେ କାହାକୁ ଜଣା ନଥିବା ଏକ ଅଜଣା ରହସ୍ୟ ରହିଛି । ତାହା ହେଲା !

ପ୍ରପଞ୍ଚଜ୍ଞାନ ଶିଖୁଥିବା ବ୍ୟକ୍ତି କେବେହେଲେ ଜଣେ ପ୍ରତ୍ୟକ୍ଷ ଭାବରେ ସ୍ୱତନ୍ତ୍ର ବ୍ୟକ୍ତି ହୋଇ ନଥାଏ, ସେହିଭଳି ପ୍ରପଞ୍ଚ ଜ୍ଞାନ ଶିଖାଉଥିବା ବ୍ୟକ୍ତି ମଧ୍ୟ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ହୋଇ ନଥାଏ । ତେଣୁ ପ୍ରପଞ୍ଚ ଜ୍ଞାନ ଶିଖିଥିବା ବ୍ୟକ୍ତି ଅମୁକ ବୋଲି ଚିହ୍ନାଇ ପାରିବା ନାହିଁ କି ପ୍ରପଞ୍ଚ ଜ୍ଞାନ ଶିଖାଇଥିବା ବ୍ୟକ୍ତି ଅମୁକ ବୋଲି ଆମେ କହିପାରିବା ନାହିଁ । ଆଉଗୋଟିଏ କଥା କଣନା !  ପରମାତ୍ମା ଜ୍ଞାନ ଶିଖାଇଥିବା ବ୍ୟକ୍ତି ଜଣେ ପ୍ରତ୍ୟକ୍ଷ ଏବଂ ସ୍ୱତନ୍ତ୍ର ବ୍ୟକ୍ତି ହୋଇ ରହିଥାଏ, କିନ୍ତୁ ମୋତେ ପରମାତ୍ମା ଜ୍ଞାନ ସେ ଶିଖାଇଛି ବୋଲି କୌଣସି ବ୍ୟକ୍ତି ସ୍ୱୀକାର କରେ ନାହିଁ । ତେଣୁ ଅମୁକ ବ୍ୟକ୍ତି ମୋତେ ପରମାତ୍ମା ଜ୍ଞାନ ଶିଖାଇଛି ବୋଲି କହି ପାରେ ନାହିଁ । ସେଥିଲାଗି ସେ ହିଁ ମୋର ଦୈବଜ୍ଞାନ ଶିଖାଇଥିବା ଗୁରୁ ବୋଲି ଚିହ୍ନି ପାରେ ନାହିଁ କି ତାଙ୍କ ବାବଦରେ କାହାକୁ କହି ପାରେ ନାହିଁ । ପ୍ରପଞ୍ଚ ଜ୍ଞାନ ବୋଧ କରାଇଥିବା ବ୍ୟକ୍ତି ଦେଖାଯାଏ ନାହିଁ, ତେଣୁ ତା'କୁ ଅନ୍ୟମାନଙ୍କୁ ଦେଖାଇ ନପାରିବା ଏକ କାରଣ ହୋଇଥିବା ବେଳେ, ପରମାତ୍ମାଜ୍ଞାନ ବୋଧକରିଥିବା ବ୍ୟକ୍ତିକୁ

ଶିଷ୍ୟ ହିଁ ବିଶ୍ୱାସ କରେ ନାହିଁ, ତେଣୁ ତା'କୁ ମଧ୍ୟ କାହାକୁ ଦେଖାଇ ପାରିବା ଅସମ୍ଭବ । ପ୍ରପଞ୍ଚଜ୍ଞାନ ବୋଧ କରିଥିବା ବ୍ୟକ୍ତି ଗୁରୁ ହେଲେ ମଧ୍ୟ ସେ ଶିଷ୍ୟକୁ ଜଣାପଡେ ନାହିଁ । ସେଥିଲାଗି ଏଠାରେ ପ୍ରପଞ୍ଚଜ୍ଞାନ ଶିଖାଇବା ଗୁରୁ ହିଁ ନାହିଁ, ତା'ର ଶିଷ୍ୟ ମଧ୍ୟ ନାହିଁ । ସେହିଭଳି ପରମାତ୍ମା ବିଦ୍ୟା ଶିଖାଇଥିବା ବ୍ୟକ୍ତି ଗୁରୁ ହେଲେ ମଧ୍ୟ ସେଠାରେ ଗୁରୁ ଦେଖାଦେଲେ ମଧ୍ୟ ଶିଷ୍ୟ ତା'କୁ ସ୍ୱୀକାର କରେ ନାହିଁ । ତେଣୁ ଏଠାରେ ମଧ୍ୟ ଅମୁକ ବ୍ୟକ୍ତି ଗୁରୁ ବୋଲି କେବେ ଦେଖାଇ ପାରିବା ନାହିଁ । ଗୁରୁ ନଥିବା ବେଳେ ଶିଷ୍ୟ ହିଁ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏକ ପ୍ରକାରର କହିବାକୁ ଗଲେ ଦୁଇ ବିଦ୍ୟାକୁ ଶିଖିଥିବା ଶିଷ୍ୟମାନେ ଥିଲେ ମଧ୍ୟ, ସେମାନେ କିଏ ଗୁରୁ ତାହା ନିର୍ଣ୍ଣୟ କରି ନ ପାରିବା ଦ୍ୱାରା ଅମୁକ ବ୍ୟକ୍ତି ଗୁରୁ କି ଅମୁକ ବ୍ୟକ୍ତି ଶିଷ୍ୟ ତାହା କହିହୁଏ ନାହିଁ । ତେଣୁ "ଗୁରୁ" ଗ୍ରନ୍ଥରେ ଗୁରୁ ଚିହ୍ନା ପଡନ୍ତି ନାହିଁ ବୋଲି ଲେଖିଛୁ । ତା'ଛଡା ଗୁରୁଙ୍କର ଶିଷ୍ୟ ଥାଆନ୍ତି ? ବୋଲି ପ୍ରଶ୍ନ ମଧ୍ୟ କରିଛୁ ।

ଆଜି ଭୂପୃଷ୍ଠରେ ଗୁରୁଶିଷ୍ୟ ପରମ୍ପରା ଥିଲେ ମଧ୍ୟ, ବାସ୍ତବରେ ତାହା ନାମମାତ୍ର ପରମ୍ପରା ସିନା ବାସ୍ତବ ପରମ୍ପରା ନୁହେଁ । ଶାସ୍ତ୍ରବଦ୍ଧ ଭାବରେ କହିଲେ ଗୁରୁ ନାହାନ୍ତି କି ଶିଷ୍ୟ ନାହାନ୍ତି । କେଉଁଠାରେ କୌଣସି ଗୁରୁ ଆଜି ଥିଲେ ମଧ୍ୟ ଶିଖାଇ ଦିଆଯାଇଥିବା ବିଦ୍ୟାକୁ ସେମାନେ ଶିଖାଉଛନ୍ତି ସିନା କୌଣସି ନୂଆ ବିଦ୍ୟା ଶିଖାଉ ନାହାନ୍ତି । ସେହିଭଳି ଶିଖିଥିବା ବିଦ୍ୟାକୁ ଶିଖୁଛନ୍ତି ସିନା କିଛି ନୂଆ ବିଦ୍ୟାକୁ ଶିଷ୍ୟ ବୋଲାଉଥିବା ଲୋକମାନେ ଶିଖୁ ନାହାନ୍ତି । ତେଣୁ ଶାସ୍ତ୍ରବଦ୍ଧ ଭାବରେ ସମସ୍ତଙ୍କୁ ଶିଷ୍ୟ କହି ପାରିବା ନାହିଁ କି ଗୁରୁ କହି ପାରିବା ନାହିଁ । ତା'ଛଡା ପ୍ରପଞ୍ଚ ବିଦ୍ୟାକୁ ଯିଏ ଶିଖାଉଛନ୍ତି ସେ ଗୁରୁ, ସେହିଭଳି ପରମାତ୍ମା ବିଦ୍ୟାକୁ ଯିଏ ଶିଖାଉଛନ୍ତି ସେ ମଧ୍ୟ ଗୁରୁ, ହେଲେ ପ୍ରପଞ୍ଚ ବିଦ୍ୟାକୁ ଶିଖାଉଥିବା ଗୁରୁ ଦେଖାଯାଉ ନଥିବା ଗୁରୁ ଆଉ ପରମାତ୍ମା ବିଦ୍ୟାକୁ ଶିଖାଉଥିବା ଗୁରୁ ଦେଖା ଯାଉଥିବା ଗୁରୁ ବୋଲି

ମଧ୍ୟ ଆମେ କହିଛୁ । ଦେଖାଯାଉ ନଥିବା ଗୁରୁଙ୍କୁ ଆମେ ଦେଖାଇ ପାରିବା ନାହିଁ କି ଚିହ୍ନାଇପରିବା ନାହିଁ, ହେଲେ ଦେଖାଯାଉଥିବା ଗୁରୁଙ୍କୁ ତ ଦେଖାଇ ପାରନ୍ତେ ! ଚିହ୍ନାଇ ପାରନ୍ତେ ! ବୋଲି କେହି କିମ୍ବା ସମସ୍ତେ ମୋତେ ପଚାରି ପାରନ୍ତି । ଏ ପ୍ରଶ୍ନର ସମାଧାନ ହେଲା, ଗୁରୁ ଆଉ ଶିଷ୍ୟ ହେଉଛି ଅତି ରହସ୍ୟ ଜ୍ଞାନ, ସେ ବାବଦରେ କହିବା ମଧ୍ୟ ବଡ ଦୁଃସାଧ୍ୟ କାର୍ଯ୍ୟ । ତେଣୁ ମୁଁ ଆଗୁଆ କହେ କି ! ଏଠାରେ ମୋତେ ଯାହା ଜଣାପଡିଛି ମୁଁ ତାହା ଲେଖୁଛି, ଏହାହିଁ ସତ୍ୟ ବୋଲି ରୋକ୍‌ଠୋକ୍ କହୁ ନାହିଁ, ମୋ'କଥା ଆପଣଙ୍କୁ ସତ୍ୟ ବୋଧହେଲେ ତାହା ବିଶ୍ୱାସ କରନ୍ତୁ, ମିଛ ଲାଗିଲେ ଛାଡିଦିଅନ୍ତୁ, ମୁଁ ଏତିକି କହି ପାରିବି ସିନା ସବୁ ସତ ବୋଲି ମୁଁ କହୁ ନାହିଁ ।

ସୃଷ୍ଟ୍ୟାଦିରେ ମଣିଷ ଜନ୍ମହେବା ପରେ ପ୍ରଥମେ ପରମାତ୍ମାଜ୍ଞାନ ସମ୍ପୂର୍ଣ୍ଣ ଭାବରେ କୁହାଯାଇଥିଲା । ତା'ପରେ ପ୍ରପଞ୍ଚଜ୍ଞାନ କ୍ରମେ କ୍ରମେ କୁହାଗଲା । ମଣିଷର ଆବଶ୍ୟକ ଅନୁସାରେ, କେତେବେଳେ କେତେ କୁହାଯିବ ସେତିକି କୁହାଯାଇଛି । ମଣିଷ ପ୍ରପଞ୍ଚଜ୍ଞାନକୁ କ୍ରମାନ୍ୱୟରେ ଜାଣୁଛି । ତାହା ଥରେ କୁହାଯିବା ପରେ ଜଣେ ଜଣକୁ କହୁଛନ୍ତି । ଏଭଳି ଆସୁଥିବା ପ୍ରପଞ୍ଚଜ୍ଞାନକୁ ସମସ୍ତେ ମରଣରେ ଭୂଲିଯାଇ ପୁନର୍ଜନ୍ମରେ ପୁଣି ଥରେ ଶିଖୁଛନ୍ତି । ପ୍ରପଞ୍ଚ ଜନ୍ମହେବା ଦିନଠାରୁ ମଣିଷକୁ ପ୍ରପଞ୍ଚଜ୍ଞାନ ଶିଖାଯାଇଛି ବୋଲି କହିଲେ ମଧ୍ୟ, ଆବଶ୍ୟକ ବେଳେ ଗୁରୁ ଆସି ତାହା କହୁଥିଲେ ମଧ୍ୟ, ଶିଖୁଥିବା ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ଦେଖା ଯାଉଥିଲେ ମଧ୍ୟ, ଶିଖାଉଥିବା ଗୁରୁ ପ୍ରତ୍ୟକ୍ଷ ଭାବରେ ନହୋଇ ପରୋକ୍ଷ ଭାବରେ ରହି କହିଥା'ନ୍ତି ବା ଶିଖାଇଥା'ନ୍ତି । କେଉଁ ମଣିଷର କେତେ କର୍ମ ଅଛି ସେହି କର୍ମ ଅନୁସାରେ ସେ କେତେବେଳେ କେତେ ଜ୍ଞାନ ଜାଣିବ ତାହା ତା' ଶରୀରରେ ଥିବା ଆତ୍ମା ହିଁ ଉଭାବ ରୂପରେ, ବିଚାରରୂପରେ ଯୋଗାଇ ଦେଇଥା'ନ୍ତି । ଉଦାହରଣ ଭାବରେ ମାର୍କୋନି ନାମକ ଇଟାଲି ଦେଶର

ଜଣେ ବ୍ୟକ୍ତିର ମୁଣ୍ଡରେ ଆତ୍ମା ଯୋଗଇ ଦେଇଥିବା ବିବରଣ ଉଦ୍ଭାବ ରୂପରେ ଆସି ରେଡିଓର ଉଦ୍ଭାବନ ଜଣା ପଡିଛି । ସେତେବେଳ ପର୍ଯ୍ୟନ୍ତ କୌଣସି ମଣିଷକୁ ଜଣାପଡି ନଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଦ୍ୱାରା ଶବ୍ଦ ତରଙ୍ଗକୁ ଆକାଶକୁ ପଠାଇ ଦିଆଯାଇ ପାରେ ବୋଲି ଜଣା ପଡିଛି । ସେତେବେଳେ ସେହି ବିଷୟକୁ ପ୍ରଥମେ ଜାଣି ତା'ପରେ ଗବେଷଣା ଦ୍ୱାରା ପ୍ରମାଣିତ କରିଥିବା କଥାକୁ ମୁଁ ନୂଆକରି ଉଦ୍ଭାବନ କଲି ବୋଲି ମଣିଷ ଭାବିଛି । ବାସ୍ତବରେ ଆଜିଯାଏ ପ୍ରପଞ୍ଚରେ କାହାକୁ ଜଣାନଥିବା ବିଷୟକୁ ଆତ୍ମା ମାର୍କୋନି ନାମକ ଜୀବକୁ ଜଣାଇବା ବେଳେ ସେ ଜୀବଟି ମୋତେ ଆତ୍ମା ଜଣାଇଛି, ଆତ୍ମା ହିଁ ସେ ବିଷୟରେ ମୋର ଗୁରୁ ବୋଲି ନ ଜାଣି, ବିଚାର ନ କରି ମୁଁ ସ୍ୱୟଂ ତାହା ଉଦ୍ଭାବନ କରିଛି ବୋଲି ପ୍ରଚାର କରୁଛି । ତା'ଦ୍ୱାରା ରେଡିଓକୁ ମାର୍କୋନି ଉଦ୍ଭାବନ କରିଛନ୍ତି ବୋଲି ସମସ୍ତେ ଭାବୁଛନ୍ତି ସିନା, ତାଙ୍କ ଭିତରେ ଥିବା ଆତ୍ମା ତାଙ୍କର ଗୁରୁ, ସେ ତାଙ୍କୁ ରେଡିଓ ବାବଦରେ ବୋଧ କରିଛନ୍ତି ବୋଲି ଭାବୁ ନାହାନ୍ତି । ଏହିଭଳି ସୃଷ୍ଟି ପ୍ରାରମ୍ଭରୁ ଆଜିପର୍ଯ୍ୟନ୍ତ ଆବଶ୍ୟକ ଅନୁସାରେ ମାନବର କର୍ମ ଅନୁସାରେ କେତେବେଳେ କ'ଣ ଦରକାର ତାହାକୁ ଆତ୍ମା ଗୁରୁ ଭାବରେ ରହି ଜଣାଇ ଆସୁଛନ୍ତି ବୋଲି ଜଣାଯାଉଛି ।

ମଣିଷ ଶରୀରର ଆତ୍ମା(ଗୁରୁ ବା ଈଶ୍ୱର) ପ୍ରତ୍ୟକ୍ଷ ଭାବରେ ନକରି ପରୋକ୍ଷ ଭାବରେ କମ୍ପ୍ୟୁଟର, ସେଲ୍‌ଫୋନ୍ ଇତ୍ୟାଦି ତିଆରି କରିପାରିବା ଭଳି ବିଦ୍ୟା ଶିଖାଇଛନ୍ତି, କିନ୍ତୁ ତାହା ସବୁ ମୁଁ ତିଆରି କରିଛି ବୋଲି ମଣିଷ ଭାବୁଛି । ବାସ୍ତବରେ ଆତ୍ମା ହିଁ ଗୁରୁ ବୋଲି ମଣିଷ ଜାଣି ପାରୁ ନାହିଁ, ତା'କୁ ଜଣା ନଥିବା ବିଷୟକୁ ସେ କିପରି ଜାଣିଲା ବୋଲି ଟିକିଏ ମଧ୍ୟ ଚିନ୍ତା କରୁନାହିଁ । ପ୍ରପଞ୍ଚରେ ଗତ ପଚାଶବର୍ଷ ଭିତରେ ଆତ୍ମା ଅନେକ କିଛି ଶିଖାଇଛନ୍ତି, ସେସବୁ ଦ୍ୱାରା ମଣିଷ ସୁଖାନୁଭବ କରୁଛି । ଶରୀରରୁ ବାହାରକୁ ଦେଖୁଥିବା ମଣିଷ ତା'ଶରୀର ଭିତରେ ଥିବା ଗୁରୁଙ୍କୁ

ଦେଖିପାରୁ ନାହିଁ । ଶରୀରରେ ଆତ୍ମାଭାବରେ ଥିବା ପରୋକ୍ଷ ଗୁରୁ ମଣିଷ ନ ମାଗିଲେ ମଧ୍ୟ ତା'ର ଆବଶ୍ୟକ ହେଉଥିବା ଦୂରଶ୍ରବଣ, ଦୂରଦର୍ଶନ, ଦୂରବୀକ୍ଷଣାଦି ଯୋଗାଇ ଦେଇଛନ୍ତି । କେବଳ ପଚାଶବର୍ଷ ତଳୁ ଆସିଥିବା ଏହି ସୁଖସାମଗ୍ରୀ ସୃଷ୍ଟ୍ୟାଦିରୁ ନଥିଲା । ସୃଷ୍ଟ୍ୟାଦିରୁ ନଥିବା ଅନେକ ପ୍ରପଞ୍ଚ ବିଦ୍ୟା ଏଇ ମଧ୍ୟକାଳୀନ ସମୟରେ ଆତ୍ମା ଶିଖାଇଛନ୍ତି । ପ୍ରପଞ୍ଚରେ ଗଣିତ, ଖଗୋଳ, ରସାୟନ, ଭୌତିକଶାସ୍ତ୍ରକୁ ଆତ୍ମାଗୁରୁ ହିଁ ଶିଖାଇଛନ୍ତି । ମଣିଷ କରୁଥିବା ନାନା ଗବେଷଣାକୁ ଆତ୍ମା ହିଁ ଶିଖାଇଛନ୍ତି । ଭବିଷ୍ୟତରେ ଆହୁରି ଅନେକ ବିଦ୍ୟା ମଧ୍ୟ ଆତ୍ମା ଶିଖାଇବେ । ମଣିଷକୁ ଦେଖା ନ ଯାଇ ସବୁକିଛି ଆତ୍ମା ଶିଖାଉଛନ୍ତି, ଜଣାଉଛନ୍ତି, କରି ଦେଖାଉଛନ୍ତି କିନ୍ତୁ ମଣିଷ ତା'କୁ ଆତ୍ମା ହିଁ ମୋର ଗୁରୁ ବୋଲି ନଜାଣି ନିଜେ ନିଜକୁ ଗୁରୁ ବୋଲି ଭାବୁଛି । ଏସବୁ ପ୍ରପଞ୍ଚ ଜ୍ଞାନବିଧାନ ହୋଇଥିବା ବେଳେ, ଆଉ ପରମାତ୍ମା ଜ୍ଞାନ ବିଧି କିପରି ତାହା ଟିକିଏ ଜାଣିବା ।

ପରମାତ୍ମାଜ୍ଞାନ ପ୍ରପଞ୍ଚଜ୍ଞାନ ଭଳି କ୍ରମ ଅନୁସାରେ କୁହାଯାଇ ନାହିଁ । ପରମାତ୍ମାଜ୍ଞାନ ସୃଷ୍ଟ୍ୟାଦିରେ ଥରେ ମାତ୍ର କୁହାଯାଇଛି । ହେଲେ ପ୍ରଥମେ କୁହାଯାଇଥିବା ଦୈବଜ୍ଞାନକୁ ମଣିଷ ବୁଝିପାରି ନଥିବାରୁ ପରମାତ୍ମାଙ୍କୁ ପ୍ରତ୍ୟକ୍ଷ ଗୁରୁଭାବରେ ଆସି ପୁଣି ଥରେ କହିବାକୁ ପଡୁଛି । କହିଥିବା ଜ୍ଞାନ କିଛିକାଳ ପରେ ଗ୍ଲାନି ହୋଇ, ଧର୍ମ ଅଜଣା ରହିଯିବା ବେଳେ, ଧର୍ମକୁ ପୁଣି ଜଣାଇବା ପାଇଁ ସେ ମଣିଷ ଭଳି ଆସି, ତାଙ୍କ ଜ୍ଞାନକୁ କହିଯାଉଛନ୍ତି । ହେଲେ ପ୍ରତ୍ୟକ୍ଷ ଭାବରେ ଯିଏ ଜ୍ଞାନ ବୋଧ କରୁଛି ତାଙ୍କୁ ମଣିଷ ନିଜ ଭଳି ମଣିଷ ଭାବି ତା'ର ବାଣୀ ଶୁଣି ବିଚାର ନକରି କେବଳ ସେ ଆଣି ଆସିଥିବା ଶରୀରକୁ ଦେଖୁଛି । ସେତେବେଳେ ମୋ'ଭଳି ଜଣେ ମଣିଷ ସେ କ'ଣ ବା ମୋତେ ଶିଖାଇବ ? ସେ ଯାହା କହୁଛି ତାହା ଠିକ୍‌ନୁହେଁ ବୋଲି ନିଜର ବିଚାର ଦ୍ୱାରା କହୁଛି । ଜ୍ଞାନ କହୁଥିବା ବ୍ୟକ୍ତି ମଣିଷ ରୂପରେ ଆସିଥିବା ପରମାତ୍ମା ହେଲେ ମଧ୍ୟ, ମଣିଷ

ଜ୍ଞାନବାଣୀକୁ ନ ଦେଖି ତାଙ୍କର ନିତ୍ୟ କାର୍ଯ୍ୟକଳାପକୁ ଦେଖୁଛି, ତେଣୁ ସେତେବେଳେ ସେ ତାଙ୍କୁ ସାଧାରଣ ମଣିଷ ଭଳି ଭାବୁଛି । ସେ ହିଁ ଗୁରୁ, ମଣିଷ ରୂପରେ ଆସିଥିବା ପରମାତ୍ମା ବୋଲି ନ ଜାଣି ତାଙ୍କୁ ମହାନ ନଭାବି ନିଜକୁ ନିଜେ ଈଶ୍ୱର କହିହେଉଥିବା ମଣିଷମାନଙ୍କୁ ମଣିଷ ଗୁରୁ ଭାବୁଛି । ମଣିଷକୁ ଗୁରୁ, ଗୁରୁଙ୍କୁ ମଣିଷ କହୁଥିବା ମଣିଷ ଜାଣି ନାହିଁ ଯେ, ପରମାତ୍ମା (ଗୁରୁ) ମଣିଷ ହୋଇ ଆସି ପାରନ୍ତି ସିନା, କୌଣସି ମଣିଷ ଗୁରୁ ହୋଇ ପାରିବ ନାହିଁ । ଅଧର୍ମ ବୋଧ କରୁଥିବା ମଣିଷକୁ ମଣିଷ ଗୁରୁ କହୁଛି ସିନା, ଧର୍ମ ବୋଧ କରୁଥିବା ଗୁରୁଙ୍କୁ ଚିହ୍ନିପାରୁ ନାହିଁ । ଅତୀତରେ ପରମାତ୍ମା ମଣିଷଭାବରେ ଆସି ଧର୍ମକୁ ବିବରଣାତ୍ମକ ବୋଧ କରିଥିଲେ ମଧ୍ୟ ତାଙ୍କୁ ମଣିଷ ମଣିଷଠାରୁ ଅତି ହୀନ ମନେ କରିଛି । ସେଥିଲାଗି ପ୍ରପଞ୍ଚଜ୍ଞାନକୁ ପରୋକ୍ଷ ଭାବରେ ଥିବା ଗୁରୁ ବୋଧ କରିଥିଲେ ମଧ୍ୟ ମଣିଷ ତାଙ୍କୁ ଚିହ୍ନିବା ଅସମ୍ଭବ । ସେହିଭଳି ପ୍ରତ୍ୟକ୍ଷଭାବରେ ଆସିଥିବା ଗୁରୁଙ୍କୁ କୌଣସି ମଣିଷ ଚିହ୍ନିବା ଅସମ୍ଭବ ।  ସେଥିଲାଗି ଆମେ ସତ୍ୟାନ୍ୱେଷୀ କଥାରେ କିଏ ଗୁରୁ ଆଉ କିଏ ଶିଷ୍ୟ ତାହା ନିଶ୍ଚୟ କରି କହି ନାହୁଁ । ମହର୍ଷି ଆଉ ଯୋଗାନନ୍ଦ ସ୍ୱାମୀଙ୍କ ଭିତରୁ କିଏ ବଡ କିଏ ସାନ ନ କହି ଜାଣିଶୁଣି ଛାଡି ଦେଇଛୁ । ଗୁରୁଶିଷ୍ୟ ବିଷୟ ସମସ୍ତେ ସ୍ୱୟଂ ଜାଣିବା ବିଷୟ ସିନା କେହି କହିବା ଦ୍ୱାରା ବିଶ୍ୱାସ କରିବା ବିଷୟ ନୁହେଁ । ପ୍ରପଞ୍ଚ ବିଷୟ ହେଉ କି ପରମାତ୍ମା ବିଷୟ ହେଉ ପ୍ରତି ବିଷୟ ଜଣାଇବା ପାଇଁ ଗୁରୁ ରହିଛନ୍ତି, ସେହି ଗୁରୁ ସ୍ୱୟଂ ଆସି ମୁଁ ଗୁରୁ ବୋଲି କହିଲେ ମଧ୍ୟ ମଣିଷ ଆଜି ଶୁଣିବା ସ୍ଥିତିରେ ନାହିଁ । ମଣିଷ ତା'ର ମତକୁ ଛାଡି ପଥକୁ ଆଶ୍ରୟ କଲାବେଳେ ତା'ର ଗୁରୁ କିଏ ତାହା ଜାଣିପାରିବା ସୁଯୋଗ ରହିଛି ।

**ଇତି**

## ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

*****

# ଗୁରୁ ପ୍ରାର୍ଥନା ଶ୍ଳୋକ

ଶ୍ଳୋ ॥ ଓଁ ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ
ଗୁରୁ ସାକ୍ଷାତ୍ ପରବ୍ରହ୍ମ ତସ୍ମୈ ଶ୍ରୀ ଗୁରବେନମଃ

ଶ୍ଳୋ ॥ ଓଁ ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍
ତତ୍ପଦଂଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେନମଃ

ଶ୍ଳୋ ॥ ଓଁ ମନ୍ନାଥୋ ଶ୍ରୀ ଜଗନ୍ନାଥ, ମଦ୍ଗୁରୁ ଶ୍ରୀ ଜଗଦ୍ଗୁରୁ
ମମାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀ ଗୁରବେନମଃ

ଶ୍ଳୋ ॥ ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମିଳିତଂ ଯେନ  ତସ୍ମୈ ଶ୍ରୀ ଗୁରବେନମଃ

ଶ୍ଳୋ ॥ ଓଁ ବ୍ରହ୍ମାନନ୍ଦଂ, ଅଚଳପୂର୍ଣ୍ଣଂ,ତ୍ରିଗୁଣାତୀତଂ,
ଆତ୍ମସାକ୍ଷାତ୍କାରଂ ଅଦ୍ୱୈତାନନ୍ଦମୂର୍ତ୍ତିଂ
ଆନନ୍ଦ ନିତ୍ୟ ସଦ୍ଗୁରୁଂ ତଂ ନମାମି ।

ଶ୍ଳୋ ॥ ଓଁ ନିତ୍ୟାନନ୍ଦଂ, ପରମସୁଖଦଂ, କେବଳ ଜ୍ଞାନମୂର୍ତ୍ତିଂ,
ଦ୍ୱନ୍ଦାତୀତଂ, ଗଗନ ସଦୃଶଂ, ତତ୍ତ୍ୱମସ୍ୟାଦି ଲକ୍ଷ୍ୟଂ,
ଏକଂ ନିତ୍ୟଂ ବିମଲ ମଚଲଂ, ସର୍ବଧି ସାକ୍ଷୀଭୂତଂ,
ଭାବାତୀତଂ, ତ୍ରୀଗୁଣରହିତଂ ସଦ୍ଗୁରୁଂ ତଂ ନମାମି ।

ଶ୍ଳୋ ॥ ଅନେକ ଜନ୍ମ ସଂପ୍ରାପ୍ତ କର୍ମବନ୍ଧ ବିଦାହୀନେ
ଜ୍ଞାନାନଳ ପ୍ରଭାବେନ ତସ୍ମୈ ଶ୍ରୀ ଗୁରବେନମଃ

ଶ୍ଳୋ ॥ ଓଁ ସଚିଦାନନ୍ଦ ରୂପାୟ ବ୍ୟାପିନେ ପରମାତ୍ମନେ
ନମଃ ଶ୍ରୀ ଗୁରୁ ନାଥାୟ ପ୍ରକାଶାନନ୍ଦ ମୂର୍ତ୍ତୟେ

ଶ୍ଳୋ ॥ ଓଁ ଗୁରୁରେକୋ ଜଗଦ୍ ସର୍ବଂ ବ୍ରହ୍ମା,ବିଷ୍ଣୁ,ଶିବାତ୍ମକଂ,
ଗୁରୁଃ ପରତରଂ ନାସ୍ତି ତସ୍ମାସ୍ତଂ ପୂଜୟେଦ୍ ଗୁରୁମ୍

*****

# ଶ୍ରୀ ସଦ୍ଗୁରୁ ପାଦୁକାସ୍ତବମ୍

୧,ଶ୍ଲୋ ॥ ଶ୍ରୀ ସମଂଚିତ ମବ୍ୟୟଂ ପରମ ପ୍ରକାଶମଗୋଚରଂ
ଭେଦବର୍ଜିତ ମପ୍ରମେୟ ମନନ୍ତ ମାଦ୍ୟମ କମ୍ମଷଂ !
ନିର୍ମଳଂ ନିଗମାନ୍ତ ମଦ୍ୱୟ ମପ୍ରତର୍କ୍ୟମ ବୋଧକଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୨,ଶ୍ଲୋ ॥ ନାଦବିନ୍ଦୁ କଳାତ୍ମକଂ ଦଶନାଦ ବିନୋଦକଂ
ମନ୍ତ୍ରରାଜ ବିରାଜିତଂ ନିଜମଣ୍ଡଳାନ୍ତର୍ଭାସିତମ୍!
ପଂଚବର୍ଣ୍ଣମଖଣ୍ଡ ମଭୁତ ମାଦି କାରଣ ମଚ୍ୟୁତଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୩,ଶ୍ଲୋ ॥ ବ୍ୟୋମବଭହିରନ୍ତ ରସ୍ଥିତ ମକ୍ଷରଂ ନିଖିଳାତ୍ମକମ୍
କେବଳଂ ପରିଶୁଦ୍ଧମେକମଜନ୍ମହି ପ୍ରତିରୂପକଂ !
ବ୍ରହ୍ମତତ୍ୱବିନିଶ୍ଚୟଂ ନିରତାନୁ ମୋକ୍ଷ ସୁବୋଧକମ୍
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୪,ଶ୍ଲୋ ॥ ବୁଦ୍ଧିରୂପମ ବୁଦ୍ଧିକଂ ତ୍ରିତମୈକକୂଟ ନିବାସିନଂ
ନିଶ୍ଚଳଂ ନିରତ ପ୍ରକାଶକନିର୍ମଳଂ ନିଜମୂଳକମ୍!
ପଶ୍ଚିମାନ୍ତର ଖେଳନଂ ନିଜ ସୁଦ୍ଧସଂଜମି ଗୋଚରଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୫,ଶ୍ଲୋ ॥ ହୃଦ୍‌ଗତଂ ବିମଳଂ ମନୋଜ୍ଞ ବିଭାସିତଂ ପରମାଣୁକଂ
ନୀଳ ମଧ୍ୟ ସୁନିଳ ସନ୍ନିଭ ମାଦିବିନ୍ଦୁ ନିଜାଶଂୁକମ୍!
ସୂକ୍ଷ୍ମକର୍ଣ୍ଣିକ ମଧ୍ୟମସ୍ଥିତ ବିଦ୍ୟୁଦାଦି ବିଭାସିତଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୬,ଶ୍ଲୋ ।। ପଞ୍ଚ ପଞ୍ଚ ହୃଷୀକ ଦେହ ମନଶ୍ଚ ତୁଷ୍କପରଷ୍ପରଂ
ପଞ୍ଚଭୂତସ କାମଷଟ୍କ ଶମୀର ଶବ୍ଦମୁ ଖେତରମ୍!
ପଞ୍ଚକୋଶଗୁଣତ୍ରୟାଦି ସମସ୍ତ ଧର୍ମ ବିଲକ୍ଷଣଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍!!

୭,ଶ୍ଲୋ ।। ପଞ୍ଚମୁଦ୍ର ସୁଲକ୍ଷ୍ୟଦର୍ଶନ ଭାବମାତ୍ର ନିରୁପଣଂ
ବିଦ୍ୟୁଦାଦି,ଧଗଦ୍ଧଗିଦ୍ୱ ରୁଚିର୍ବିନୋଦ ବିବର୍ଦ୍ଧନମ୍!
ଚିନ୍ମୁଖାନ୍ତର ବର୍ତ୍ତିନଂ ବିଲସଦ୍ୱିଲାସମ ମାୟକଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍!!

୮,ଶ୍ଲେ ।। ପଞ୍ଚବର୍ଣ୍ଣ ଶୁଚିର୍ବିଚିତ୍ର ମନେକ ବର୍ଣ୍ଣମ ରୂପକଂ
ଚନ୍ଦ୍ରସୂର୍ଯ୍ୟଚିଦଗ୍ନି ମଣ୍ଡଳମଣ୍ଡିତଂ ଘନଚିନ୍ମୟମ୍!
ଚିକ୍କଳା ପରିପୂର୍ଣ୍ଣମନ୍ତର ଚିସ୍ସମାଧି ନିରୀକ୍ଷଣଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍!!

୯,ଶ୍ଲୋ ।। ହଂସଚ୍ଚର ମଖଣ୍ଡନାଦ ମନେକ ବର୍ଣ୍ଣମ ରୂପକଂ
ଶବ୍ଦଜାଲମୟଂ ଚରାଚରଜନ୍ତୁଦେହ ନିବାସିନମ୍!
ଚକ୍ରରାଜ ମନାହତୋଦ୍ଭବମେକବର୍ଣ୍ଣ ମତଃ ପରଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

୧୦,ଶ୍ଲୋ ।। ଜନ୍ମ କର୍ମ ବିଲୀନକାରଣ ହେତୁଭୂତମ ଭୂତକଂ
ଜନ୍ମ କର୍ମ ନିବାରକଂ ରୁଚିପୂରକଂ ଭବତାରକମ୍!
ନାମରୂପ ବିବର୍ଜିତଂ ନିଜନାୟକଂ ଶୁଭଦାୟକଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ !!

**୧୧,**ଶ୍ଳୋ ॥ ତପ୍ତକାଂଚନ ଦୀପ୍ୟମାନ ମହୋଶୁମାତ୍ରମ ରୂପକଂ
ଚନ୍ଦ୍ରିକାନ୍ତରକୈରବ ମୁଜ୍ଜ୍ୱଳଂ ପରମାସ୍ୱଦମ୍ **!**
ନିଳନିରଦ ମଧ୍ୟମସ୍ଥିତି ବିଦ୍ୟୁଦାଦି ବିଭାସିତଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ **!!**

**୧୨,**ଶ୍ଳୋ ॥ ସ୍ଥୁଳସୂକ୍ଷ୍ମ ସକାରଣାନ୍ତର ଖେଳନଂ ପରିପାଳନଂ
ବିଶ୍ୱତୈଜସପ୍ରାଜ୍ଞ ଚେତ ସମନ୍ତରାତ୍ମା ନିଜାଶଂୁକମ୍ **!**
ସର୍ବକାରଣମିଶ୍ୱରଂ ନିଟରାଳନ୍ତକରାଳ ବିହାରକଂ
ପ୍ରାତରେବହି ମାନସାନ୍ତର୍ଭାବ ୟେଦ୍ଗୁରୁ ପାଦୁକାମ୍ **!!**

*****

# ଗୁରୁସ୍ତୋତ୍ର

**୧,**ଶ୍ଳୋ ॥ କଳତ୍ରଂ ଧନଂ ପୁତ୍ରପୌତ୍ରାଦି ସର୍ବଂ
ଗୃହଂ ବାନ୍ଧବା ସର୍ବମେ ତଦ୍ଧିଜାତଂ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ **!!**

**୨,**ଶ୍ଳୋ ॥ ଷଡଙ୍ଗାଦି ବେଦୋ ମୁଖେଶାସ୍ତ୍ର ବିଦ୍ୟା
କବିତ୍ୱାଦି ଗଦ୍ୟଂ ସୁପଦ୍ୟଂ କରୋତି
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ **!!**

୩,ଶ୍ଳୋ ॥ ବିଦେଶେଷୁ ମାନ୍ୟଃ ସ୍ୱଦେଶେଷୁ ଧନ୍ୟଃ
ସଦାଚାର ନିତ୍ୟ ସୁବୃତିନ୍ନଚାନ୍ୟଃ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୪,ଶ୍ଳୋ ॥ କ୍ଷମାମଣ୍ଡଳେ ଭୂପ ଭୂପାଳ ବୃନ୍ଦଂ
ସଦା ସେବ୍ୟତେ ଯସ୍ୟ ପାଦାରବିନ୍ଦଂ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୫,ଶ୍ଳୋ ॥ ସୁଭୋଗେ ନଯୋଗେ ନବାରାଜ୍ୟଭୋଗେ
ସକାନ୍ତା ମୁଖେନୈବ ବିତ୍ତେଷୁଯୁକ୍ତଃ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୬,ଶ୍ଳୋ ॥ ଯଶୋମେଗତଂ ଦିକ୍ଷୁଦାନ ପ୍ରତାପ
ଜଗଦ୍ୱସ୍ତଂ ସର୍ବଂ କରେ ଯତ୍ ପ୍ରସାଦାତ୍
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୭,ଶ୍ଳୋ ॥ ଅରଣ୍ୟେ ନିବାସେ ସ୍ୱଗେହେଚ କାର୍ଯ୍ୟେଃ
ନଦେହେ ମନୋ ବର୍ତ୍ତତେମେ ଅନାର୍ଯେ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୮,ଶ୍ଲୋ ।। ଅନର୍ହ୍ୟାଣି ରତ୍ନାନି ଯୁକ୍ତାନି ସମ୍ୟକ୍
ସମାଲିଙ୍ଗିତା କାମିନି ଯାମିନିଷୁ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

୯,ଶ୍ଲୋ ।। ଶରୀରଂ,ସୁରୂପଂ,ତଥାବାକଳତ୍ରଂ
ଯଶଶ୍ଚାରୁ ଚିତ୍ରଂ ଧନଂ ମେରୁତୁଲ୍ୟଂ
ଗୁରୋରଂଘ୍ରି ପଦ୍ମେ ମନଶ୍ଚେନ୍ନଲଗ୍ନଂ
ତତଃକିଂ ତତଃକିଂ ତତଃକିଂ ତତଃକିଂ !!

ଓଁ ହେ ବିଶ୍ୱରୂପଧାରୀ ! ମୂଢମାନଙ୍କୁ ଜ୍ଞାନୀ କରିବା ପାଇଁ ଜନ୍ମ ହୋଇଥିବା ହେ ସାକାର ରୂପ !! ହେ ଗୁରୁବର ! ତୁମକୁ ମୋର ମନସ୍ପୁର୍ବକ ବନ୍ଦନା ।

ଓଁ ମଙ୍ଗଳଂ ଗୁରୁ ଦେବାୟ ମହନୀୟ ପ୍ରବୋଧାତ୍ମନେ ସର୍ବଲୋକ ଶରଣ୍ୟୟା ସାଧୁରୂପାୟ ମଙ୍ଗଲମ୍
ଓଁ ତତ୍ ସତ୍

*****

ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।

*****

ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ

*****

ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।

## ହିନ୍ଦୁ ରକ୍ଷଣ! ହିନ୍ଦୁ ଭକ୍ଷଣ!!
## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ?
## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସଂପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତାଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତିଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ବି କରୁଛନ୍ତି, ତା'ଦ୍ୱାରା ଆଜି ଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତସିଦ୍ଧାନ୍ତ ହିନ୍ଦୁମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତା'ଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଲିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତରକୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତା'ଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ (ଇନ୍ଦୁ) ଜ୍ଞାନ ବେଦୀକା ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହିଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ  ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ –** ଏପର୍ଯ୍ୟନ୍ତ  ହିନ୍ଦୁମାନେ  କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି  ହିନ୍ଦୁଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?

**ସେମାନଙ୍କ ସମାଧାନ –** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମିଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ  ଏମିତି  କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ** – ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?

**ସେମାନଙ୍କ ସମାଧାନ** – ଆପଣମାନେ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ –** ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ

ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆୟିଯାଏ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖୁଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କ'ଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରୀତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ** – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କ'ଣ ତାହା ଅଛି !

**ଆମ ପ୍ରଶ୍ନ** – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୂର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର

ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତା'ର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ଆପଣଙ୍କୁ ସ୍ୱଚ୍ଛ ହିନ୍ଦୁ ବୋଲି କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ** - ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମକଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କ'ଣ କହିଛନ୍ତି ଆପଣ ହିଁ କହନ୍ତୁ ।

**ସେମାନଙ୍କ ସମାଧାନ** - ଆମେ ଏପର୍ଯ୍ୟନ୍ତ ବଭଗବଦ୍ଗୀତା କେବେ ପଢିନାହୁଁ । ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସଂପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ –** ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କ'ଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୁଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।

**ସେମାନଙ୍କ ସମାଧାନ** – ଆମ  ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କ'ଣ ଭୂଲ ନୁହେଁ ?

**ଆମ କଥା** – ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ହିଁ ନାହାନ୍ତି ବୋଲି କହୁନାହୁଁ ! ଦେବତାମାନଙ୍କର ଜଣେ ଅଧିପତି ଅଛି ସେ ହିଁ  ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କର ବୋଲି କହିଛୁ ।

**ସେମାନଙ୍କ ପ୍ରଶ୍ନ –** ଆପଣ ରାମଙ୍କ ନାଆଁ କହୁନାହାନ୍ତି, ଶିବଙ୍କ ନାଆଁ କହୁନାହାନ୍ତି କି ଗଣେଶଙ୍କ କଥା କହୁନାହାନ୍ତି । କାହା ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣଙ୍କୁ, ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ** – ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କ'ଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?

**ସେମାନଙ୍କ ସମାଧାନ** – ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ରଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା** – ଆମେ ଗୋଟିଏ ସିଧାପ୍ରଶ୍ନ ପଚାରୁଛୁ ତା'ର ସମାଧାନ କରନ୍ତୁ । ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କ'ଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂ'ହର ଅର୍ଥ ଅଛି ହେଲେ 'ଶିଂହ'ର କିଛି ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି 'ଇନ୍ଦୁ'ର ଅର୍ଥ ଅଛି ସିନା 'ହିନ୍ଦୁ'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ

ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ୧ଲକ୍ଷ ଟଙ୍କା ଦେବାକୁ ହେବ । ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

# ଇନ୍ଦୁ ଜ୍ଞାନ ବେଦୀକା

